# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୬/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, March 6/2025 Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 102 | ମୂଲ୍ୟ ₹୭/-



DSPL - 408



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସୁଭଦ୍ରା

କଥା ଦେଇ କଥା ରଖିଲେ ଆମ ସରକାର

ଉପ ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ
କରକମଳରେ

ଆଭାସି ମାଧ୍ୟମରେ

## ୨ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ

ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟରେ

## ୧୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

୬ ମାର୍ଚ୍ଚ ୨୦୨୫ | ଅପରାହ୍ନ ୧୨.୩୦ | ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷ



ଆଜି ସୁଦ୍ଧା
## ୧ କୋଟିରୁ
ଊର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ
## ୫,୦୦୦
କୋଟି ଟଙ୍କାରୁ ଊର୍ଦ୍ଧ୍ୱ
ସହାୟତା ରାଶି ପ୍ରଦାନ

OIPR-33001/13/0076/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮

# ବଲାଙ୍ଗୀରରେ ଜିଲାସ୍ତରୀୟ ନିଯୁକ୍ତି ମେଳା

ବଲାଙ୍ଗୀର,୫।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଲର୍କପାଲିସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବୁଧବାର ଜିଲାସ୍ତରୀୟ ନିଯୁକ୍ତି ମେଳା ୨୦୨୫ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଜିଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପାଳଜୀ ପାଣିଗ୍ରାହୀ, ଲୋକସଭା ଏମ୍‌ପିଙ୍କ ପ୍ରତିନିଧି ଦିନେଶ ଶର୍ମା ମଞ୍ଚାସୀନ ଥିଲେ। ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ କେଶବ ଚନ୍ଦ୍ର ପାଣିଗ୍ରାହୀ ଉଦ୍‌ଘାଟନୀ ସଭାର ସଭାପତିତ୍ୱ କରିଥିଲେ। ପ୍ରଥମେ ଅତିଥିମାନେ ନିଯୁକ୍ତି ମେଳାରେ ଲାଗିଥିବା ଷ୍ଟଲ ପରିଦର୍ଶନ କରି ନିଯୁକ୍ତିଦାତାଙ୍କ ସହିତ ଆଲୋଚନା କରିଥିଲେ। ସଭାରେ ଅତିଥିମାନେ ଯୁବପିଢ଼ିଙ୍କୁ କୁଶଳୀ ଓ ଦକ୍ଷ ହେବା ପାଇଁ ପରାମର୍ଶ ଦେଇଥିଲେ। ବଲାଙ୍ଗୀର ଜିଲାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାରଙ୍କୁ ଜଣାଇବେ ବୋଲି ମୁଖ୍ୟଅତିଥି ସିଂଦେଓ କହିଥିଲେ। ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୩୧ଟି ସରକାରୀ ଓ ବେସରକାରୀ ସଂସ୍ଥା ଉପସ୍ଥିତ ରହି ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀ ମନୋନୀତ କରିଥିଲେ। ଏହି ମେଳାରେ ୫ ଜଣ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। ମୁଖ୍ୟଅତିଥି ସିଂଦେଓ ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ମେଳାରେ ବଲାଙ୍ଗୀର ଜିଲା ଓ ଜିଲା ବାହାରୁ ୧୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରିଣୀ ପଦ୍ମିନୀ ସାହୁ, ଭରତ କୁମାର ଦାସ, କନିଷ୍ଠ ନିୟୋଜନ ଅଧିକାରୀ ଅନନ୍ୟା ମଲ୍ଲିକ, ଦୀପକ କୁମାର ସାମଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବଲାଙ୍ଗୀର ଜିଲାସ୍ତରୀୟ ନିଯୁକ୍ତି ମେଳାରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଗୁଣିଗାରେଡ଼ି ସନ୍ଦେହରେ ଜଣକୁ ହତ୍ୟା ଘଟଣା: ୫ ଅଭିଯୁକ୍ତ ଗିରଫ

ବଲାଙ୍ଗୀର,୫।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ଆଟଗାଁଠାରେ ଗୁଣିଗାରେଡି ସନ୍ଦେହରୁ ଶ୍ୟାମ ସୁନ୍ଦର ବାଗ ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯିବା ଘଟଣାରେ ବଲାଙ୍ଗୀର ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଟଗାଁର ଶରତ ରଣା, ତ୍ରିପୁରା ରଣା, ସୁଶୀଳ ରଣା, ବାଳଗୋପାଳ ରଣା ଏବଂ ରଞ୍ଜନ ରଣା। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, ଛୁରି, ଠେଙ୍ଗା, କଟୁରୀ ଜବତ କରିଛି। ବଲାଙ୍ଗୀର ଏସ୍‌ପି ଅଭିଳାଷ ଜି ପ୍ରେସ୍ ବିଜ୍ଞପ୍ତିରେ ଉପରୋକ୍ତ ସୂଚନା ଦେଇଛନ୍ତି।

### ଗଞ୍ଜେଇ ଜବତ: ୨ ଗିରଫ


ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ଦେଓଗାଁ,୫।୩ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ତୁଷୁରା ଛକ ନିକଟରେ ପୋଲିସ ଚଢାଉ କରି ଏକ କାର୍‌ରୁ ୩୯କେଜି ୬୧୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରିବା ସମୟରେ ଉକ୍ତ କାର୍‌କୁ ସନ୍ଦେହରେ ଅଟକ ରଖି ଯାଞ୍ଚ କରିବା ପରେ ପଛ ସିଟ୍‌ରେ ଗଞ୍ଜେଇ ରଖାଯାଇ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ଏହି ଘଟଣାରେ ପାଟଣାଗଡ ଥାନା ଅନ୍ତର୍ଗତ କେନବେଡା ଗାଁର ଭକ୍ତ ମହାନନ୍ଦ (୩୩) ଓ ବରଗଡ ଜିଲା ବୁଡେନ ଥାନା ଅନ୍ତର୍ଗତ କୁକୁରିମୁଣ୍ଡାର ଜୟନ୍ତ ସାହୁ (୪୦)। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ପାଟଣାଗଡ,୫।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଭଇଁଷା ଗ୍ରାମରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାଁର ମହିଳାମାନେ ଗାଁ ମୁଣ୍ଡରେ ଥିବା ପୋଖରୀ କୂଳରେ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରି ପୂର୍ଣ୍ଣ କଳସ ଧରି ସେଠାରୁ ଜଗନ୍ନାଥ ମନ୍ଦିରକୁ ଆଣିଥିଲେ। ଏହି ଅବସରରେ ପ୍ରତିଦିନ ଗାଁରେ ପୁରାଣ ପଠନ, ୫୬ ପ୍ରହର ନାମ ସଂକୀର୍ତ୍ତନ ହେବାର କାର୍ଯ୍ୟକ୍ରମ ରହିଛି।

### ଜନ୍ମଦିନରେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପରଲୋକ

ବଲାଙ୍ଗୀର,୫।୩(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସହର ଗାନ୍ଧୀନଗରପଡା ନିବାସୀ ଅବସରପ୍ରାପ୍ତ ପୋଲିସ ଅଧିକାରୀ ରଜନୀକାନ୍ତ ମିଶ୍ର (୬୪)ଙ୍କ ବୁଧବାର ପରଲୋକ ଘଟିଛି। ଆଜି ଥିଲା ତାଙ୍କ ଜନ୍ମଦିନ। ଏହି ଦିନ ତାଙ୍କର ପରଲୋକ ଘଟିଥିବାରୁ ଏହା ଏକ ସଂଯୋଗ ବୋଲି ଆଲୋଚନା ହୋଇଛି। ପ୍ରାୟ ୬ ମାସ ତଳେ ସେ ଯକୃତ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ସକାଳେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ବୁଦ୍ଧିଜୀବୀ, ବହୁ ପୋଲିସ ଅଧିକାରୀ, କର୍ମଚାରୀ ଏବଂ ଜନସାଧାରଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ମିଶ୍ର ବଲାଙ୍ଗୀର ଏସପି ଅଫିସରୁ ଏଏସଆଇ ଭାବେ ପଦୋନ୍ନତି ପାଇଁ ଅବସର ଗ୍ରହଣ କରିଥିଲେ। ସେ ଜଣେ ଜଣାଶୁଣା ଫୁଟବଲ ଖେଳାଳି, ସଙ୍ଗଠକ ଏବଂ ପରୋପକାରୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ଗାନ୍ଧୀନଗର ପଡା ଦୁର୍ଗାପୂଜା କମିଟିର ପ୍ରଥମ ସଭାପତି ଥିଲେ। ବଲାଙ୍ଗୀର ବିଭୁତିପଡା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ଜୟପ୍ରକାଶ ମିଶ୍ର ମୁଖାଗ୍ନି ଦେଇଥିଲେ।

# ନିର୍ମାଣାଧୀନ ପାଣି ଟାଙ୍କିରୁ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ

ପାଟଣାଗଡ/ଖପ୍ରାଖୋଲ,୫।୩
(ସଚ୍ଚିଦାନନ୍ଦ ମହାକୁର/ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ଲରମ୍ବା ଥାନା ଖୋଲାଗଡ ଗାଁ ମୁଣ୍ଡରେ ନିର୍ମାଣାଧୀନ ଏକ ପାଣି ଟାଙ୍କିରୁ ଜଣେ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଲରମ୍ବା ପୋଲିସ ଜବତ କରିଛି। ମୃତକ ହେଲେ ନୟାଗଡ ଜିଲା ଜାମୁପାଟଣା ଗାଁର ଦିଲୁ ପଲେଇ। ପ୍ରକାଶ ଯେ, ପାଟଣାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଖୋଲାଗଡ ଗାଁରେ ନୂତନ ଭାବରେ ଏକ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଛି। ଖପ୍ରାଖୋଲ ଥାନା ଅଞ୍ଚଳର ଜଣେ ଠିକାଦାରଙ୍କ ଦ୍ୱାରା ପାଣିଟାଙ୍କିର କାମ କରାଯାଉଥିବା ବେଳେ ନୟାଗଡ଼ ଜିଲା ଜାମୁପାଟଣା ଗ୍ରାମର ଶ୍ରମିକମାନେ ଏହି କାମରେ ନିୟୋଜିତ ଅଛନ୍ତି। ଶ୍ରମିକମାନଙ୍କ ଅଭିଯୋଗ ଅନୁସାରେ ଠିକାଦାର ଜଣକ ଯେଉଁ କାମ କରାଉଥିଲେ ସେ ବାବଦ ପୁରାଟଙ୍କା ନ ଦେଇ ଅଧାଟଙ୍କା ଦେଉଥିଲେ। ଏଥିସହ ଶ୍ରମିକମାନଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇ ଆସୁଥିଲେ। ମୃତ ଶ୍ରମିକ ଦିଲୁ ଙ୍କ ବାପା ପବନ ପଲେଇଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ରବିବାର ରାତିରେ ଘରୁ ବାହାରିବା ସମୟରେ ଘରେ ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକ ଥିବାରୁ ମଙ୍ଗଳବାର କିଛି ଟଙ୍କା ପଠାଇବେ ବୋଲି କହି ଆସିଥିଲେ। ଏଥିପାଇଁ ସେ ମଙ୍ଗଳବାର ଠିକାଦାରଙ୍କ ପାଖକୁ ଯାଇଥିଲେ। କିନ୍ତୁ ଠିକାଦାର ବକେୟା ଟଙ୍କା ଦେବା ବଦଳରେ ତାଙ୍କୁ ଗାଳିଗୁଲଜ କରିବା ସହ କାମରୁ ବାହାର କରି ଦେବା ପାଇଁ କୁଆଡେ ଧମକଚମକ ଦେଇଥିଲେ। ଯାହାକୁ ନେଇ ମାନସିକ ଭାରସାମ୍ୟ ହରାଇ ଦିଲୁ ରାତିରେ ଆତ୍ମହତ୍ୟା କରିଥାଇପାରେ ବୋଲି ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ନିରପେକ୍ଷ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପବନ ନିବେଦନ କରିଛନ୍ତି।

**ନିର୍ଯାତନା ସହି ନ ପାରି ଆତ୍ମହତ୍ୟା ଅଭିଯୋଗ**

# ବିଜେଡି ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ ପାଳିତ

ବଲାଙ୍ଗୀର,୫।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଜେଡ଼ି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନଠାରେ ପାଳିତ ହୋଇଥିଲା। ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଓଡିଶାର ଉନ୍ନତିରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଅବଦାନକୁ ବିଧାୟକ ସିଂଦେଓ ସ୍ମରଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲା ମହିଳା ବିଜେଡି ସଭାନେତ୍ରୀ ଦମୟନ୍ତୀ ବାଗ, ବିଜେଡି ନେତା ରାଜେନ୍ଦ୍ର ହୋତା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାଛଡା ସୁମନ ନନ୍ଦ, ଲକ୍ଷ୍ମଣ କୁମାର ମେହେର, ଉମା ସିଂ, ସୁଶୀଳ ଚାନ୍ଦ, କୈଳାସ ଚନ୍ଦ୍ର ମହାନ୍ତି, ନରସିଂହ ବାଗ, ଓମ୍‌କାର ନାୟକ, ବୁଲୁ ରାଉତରାୟ, ପାଣ୍ଡବ କୁମ୍ଭାର, ଗୁଞ୍ଜି ଖାନ, ବିଧୁଭୂଷଣ ତ୍ରିପାଠୀ, ଚନ୍ଦ୍ରମଣି ତ୍ରିପାଠୀ, ଗୁଲାପ ବାଗ,ଅନାଦି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଗଠିତ ବିଜୁ ଜନତା ଦଳ ସର୍ବଦା ଓଡ଼ିଶାବାସୀଙ୍କ ନିଷ୍ଠାପର ସେବା କରିବା ଦିଗରେ ବ୍ରତୀ ରହିବ ବୋଲି ଉପସ୍ଥିତ ବିଜେଡ଼ି କର୍ମକର୍ତ୍ତାମାନେ ଶପଥ ନେଇଥିଲେ।


ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବିଜେଡି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

# ତୁଷୁରାରେ ଜବରଦଖଲ ଉଚ୍ଛେଦ

ଗୁଡଭେଲା,୫।୩(ମନୋଜ କୁମାର ଜୈନ)

ପ୍ରାୟ ୨୫ ଦିନ ପରେ ବୁଧବାର ବଲାଙ୍ଗୀର ଜିଲାର ତୁଷୁରା ଏନଏସି ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ଜବରଦଖଲ ଉଚ୍ଛେଦ କରାଯାଇଛି। ସହରର ନୂତନ ଥାନାଠାରୁ ଅଗ୍ରସେନ ଭବନ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିଲା। କେତେଜଣ ଲୋକ ନୋଟିସ ପାଇ ନିର୍ମାଣ କରିଥିବା ବେଆଇନ ଘର ଭାଙ୍ଗି ଦେଇଥିଲେ। ରାସ୍ତା ପ୍ରଶସ୍ତିକରଣ ଓ ଡ୍ରେନ ନିର୍ମାଣ ପାଇଁ ଏହି ପଦକ୍ଷେପ ନିଆଯାଇଥିଲା। ତୁଷୁରା ତହସିଲଦାର ତଥା ଅତିରିକ୍ତ ଦାୟିତ୍ୱରେ ଥିବା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆରତ୍ରାଣ ଥାର୍ଟି, ଦେଓଗାଁ ଅତିରିକ୍ତ ତହସିଲଦାର ସୋମକେଶ ନାୟକ, ତୁଷୁରା ଥାନାଧିକାରୀ ମନୋଜ ପ୍ରଧାନଙ୍କ ସହ ଏନଏସି କର୍ମଚାରୀ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟ କରିଥିଲେ।

# ୧୫ ଶହ ମିଟର ଚୋରି ବିଦ୍ୟୁତ ତାର ଜବତ: ୪ ଗିରଫ


ଜବତ ସାମଗ୍ରୀ ଏବଂ ୪ ଅଭିଯୁକ୍ତ।

ଲୋଇସିଂହା,୫।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଚୁଙ୍ଗିଦାଦର ଅଞ୍ଚଳରୁ ଚୋରି ହୋଇଥିବା ୧୫ ଶହ ମିଟର ଆଲୁମିନିୟମ ବିଦ୍ୟୁତ ତାରକୁ ବୁଧବାର ପୋଲିସ ଜବତ କରିଛି। ଚୋରି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୋଇସିଂହା ଥାନା କନ୍ଦାବୁରୀ ଗ୍ରାମର କିଶୋରୀ ରଣା(୨୯), ରାଜୁ ଭୋଇ(୨୩), ମଣ୍ଟୁ ରଣା(୪୦) ଓ ନୀଳମାଧବ ଓରଫ ଶୁକ୍ରୁ ରଣା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ବ୍ୟବହାର କରୁଥିବା ୨ଟି ବାଇକ୍ ଓ ୩ଟି ମୋବାଇଲ ଜବତ ହୋଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି। ପୋଲିସ ସୂଚନାମତେ,ମଙ୍ଗଳବାର ରାତିରେ ଚୁଙ୍ଗିଦାଦର ଅଞ୍ଚଳରୁ ବିଦ୍ୟୁତ ତାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଦଫା ୩୦୩(୨)/୩(୫)ରେ ମାମଲା(୩୫।୨୫) ରୁଜୁ ହୋଇଛି।

# ବିଜୁ ବାବୁଙ୍କ ଜୟନ୍ତୀ ପାଳିତ

ଟିଟିଲାଗଡ଼,୫।୩(ଶରତ ମିଶ୍ର)

ଟିଟିଲାଗଡ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇଙ୍କ ନେତୃତ୍ୱରେ ଏନେଇ ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ସିଂଭୋଇ ଦଳର ଶତାଧିକ ନେତା ଓ କର୍ମୀଙ୍କ ଗହଣରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦଳ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ବିଜେଡ଼ି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସଭାରେ ସିଂଭୋଇ ବିଜୁ ବାବୁ କେବଳ ଓଡ଼ିଆଙ୍କ ପାଇଁ ନୁହେଁ ଦେଶ, ବିଦେଶ ପାଇଁ ଏକ ସର୍ବବିଦିତ ନେତା ଥିଲେ ବୋଲି କହିଥିଲେ। ଭିସି ମାଧ୍ୟମରେ ସଭାରେ ଯୋଡି ହୋଇ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ବିଜୁ ବାବୁଙ୍କ ଜୟନ୍ତୀ ପଞ୍ଚାୟତି ରାଜ ଦିବସ ଛୁଟି ବାତିଲ କରି ଅଲଗା ତାରିଖରେ ପଞ୍ଚାୟତ ଦିବସ ପାଳନ ଭାଜପାର ହୀନ ମାନସିକତା ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟା ଗୀତା ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୌର ଉପାଧ୍ୟକ୍ଷା ପୁଷ୍ପା ମଞ୍ଜରୀ ଜାଲ, ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭକ୍ତରାମ ମାଝି, ଅରୁଣ ମିଶ୍ର, ରାଜେଶ ପ୍ରଧାନ, ବିକାଶ ପାଣିଗ୍ରାହୀ, ତୁଳସୀ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭରତ ତାଣ୍ଡି, ପୂର୍ବତନ ନଗରପାଳ ଗୋବର୍ଦ୍ଧନ ନାଗ, ପୂର୍ବତନ ଉପ ନଗରପାଳ ଅଞ୍ଜନା ବର୍ମା, ବରିଷ୍ଠ ନେତା ଶ୍ୟାମ ପ୍ରସାଦ ଗରିଆ, ଅମିତ ରଥ, କାନନ ପଟ୍ଟନାୟକ, ପ୍ରକାଶ ମହାନନ୍ଦ, ଜଗଦୀଶ ମହାଲିଙ୍ଗ, ମାନସ ସାହୁ, ଶଶିକାନ୍ତ ବାରିକ, ସୁନିଲ ସାହୁ, କାଳି ଚରଣ ପନୁଆ, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ବିରର୍କେଲରେ ଗୋଷ୍ଠୀ ସଂଘର୍ଷ: ୫ ଆହତ

ଲୋଇସିଂହା,୫।୩(ସୁଶାନ୍ତ ବାରିକ)

ବୁଧବାର ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ବିରର୍କେଲ ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଘଟି ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ପରିବାରର ୩ ଭାଇ ରମାକାନ୍ତ ପଟେଲ, ଚୈତନ୍ୟ ପଟେଲ ଓ ରଞ୍ଜିତ ପଟେଲ ଗୁରୁତର ଅଛନ୍ତି। ପ୍ରତିପକ୍ଷର ରତ୍ନମଣି ପଟେଲ ଓ ଓମପ୍ରକାଶ ପଟେଲ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ପୋଲିସ ଉଦ୍ଧାର କରି ବଲାଙ୍ଗୀର ମେଡିକାଲରେ ଭର୍ତ୍ତି କରିଛି। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଲାଇଛି। ପ୍ରକାଶ ଯେ, ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ବିରର୍କେଲ ଗାଁଠାରୁ ୭ ଶହ ମିଟର ଦୂରରେ ଗ୍ରାମର ଟିକ୍ରାପଡା ବସ୍ତି ରହିଛି। ଉକ୍ତ ବସ୍ତିର ମହିଳମାନେ ସଂକ୍ରାନ୍ତି ଜାଗରଣ କରୁଛନ୍ତି। ଜାଗରଣ ଉଦ୍‌ଯାପନୀ ଅବସରରେ ବ୍ରତଧାରୀ ମହିଳାଙ୍କ ପକ୍ଷରୁ ଅଷ୍ଟମ ପ୍ରହର ନାମଯଜ୍ଞ ଆୟୋଜନ କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ୭ ତାରିଖରେ କଳସ ଅଧିବାସ ଓ ୮ ତାରିଖରେ ନାମଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ଟିକ୍ରାପଡା ଅଞ୍ଚଳବାସୀ ବୁଧବାର ନାମଯଜ୍ଞ ପାଇଁ ପ୍ରହରୀ ମଣ୍ଡପ ପ୍ରସ୍ତୁତି ଚଲାଇଥିଲେ। ତେବେ ଚାନ୍ଦାକୁ କେନ୍ଦ୍ର କରି ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇ ଗଣ୍ଡଗୋଳର ରୂପ ନେଇଥିଲା। ପ୍ରଦୀପ ପଟେଲଙ୍କ ଅଭିଯୋଗ ଅନୁଯାୟୀ, ଟିକ୍ରାପଡାବାସୀ ଆକ୍ରମଣ କରିବାରୁ ତାଙ୍କ ଭାଇ ରମାକାନ୍ତ,ଚୈତନ୍ୟ ଓ ରଞ୍ଜିତ ରକ୍ତାକ୍ତ ହୋଇ ଗୁରୁତର ହୋଇଛନ୍ତି। ପୋଲିସ ଗାଁରେ ପହଞ୍ଚି ଘଟଣାସ୍ଥଳରୁ ଧାରୁଆ ଅସ୍ତ୍ର ଜବତ କରିଛି।

**ଗୋଷ୍ଠୀ ସଂଘର୍ଷ ଘଟଣାରେ ୫ ଗିରଫ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବିରର୍କେଲ ଗ୍ରାମର ଟିକ୍ରାପଡ଼ା ଗୋଷ୍ଠୀ ସଂଘର୍ଷ ଘଟଣାରେ ୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଓମ ପ୍ରକାଶ ପଟେଲ, ଟିକେଶ୍ୱର ଓରଫ ସାର୍ଥକ ପଟେଲ, ରତ୍ନମଣି ପଟେଲ, ସଞ୍ଜୟ କୁମାର ପଟେଲ ଓ ଭବାନୀଶଙ୍କର ପଟେଲ।

# ଅର୍ଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଦେଓଗାଁ,୫।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ଅର୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୈଳାସ କର୍ଣ୍ଣଙ୍କ ସଭାପତିତ୍ୱରେ ତଥା ଗାଇବାହାଲ ହାଇସ୍କୁଲର ସହକାରୀ ଶିକ୍ଷକ ସଞ୍ଜୀବ କୁମାର ଷଡଙ୍ଗୀଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ କବିରାଜ ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଛବିଳ ମାଝୀ, ଉପ-ସଭାପତି କୌଶଲ୍ୟା ସାମଲ ଯୋଗଦେଇ ବାର୍ଷିକ ଉତ୍ସବ ଆୟୋଜନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ପାଇଁ ଏହି ଉତ୍ସବ ପାଳନ ଏକ ମାଧ୍ୟମ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ପର୍ଶୁରାମ ବାରିକ, ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତି ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ।

# ସହାୟତା ଅପେକ୍ଷାରେ ୩ ଅନାଥ ପିଲା

- ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି
- ବାସଗୃହ ଯୋଗାଇ ଦେବାକୁ ଦାବି

ଲାଠୋର,୫।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମର ତଳିପଡ଼ାରେ ରହୁଥିବା ଗୋଟିଏ ପରିବାରର ୩ ଅନାଥ ପିଲା ଅସହାୟ ଭାବେ ଦିନ କାଟୁଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନ ଥିବାରୁ ସେମାନେ ଭାଗ୍ୟକୁ ଆଦରି ପଡି ରହିଛନ୍ତି। ସେମାନେ ହେଲେ ସୋନିଆ ନାଗ(୧୭), ପ୍ରେମଶିଳା ନାଗ (୧୪) ଓ ଭୋଜରାଜ (୧୦)। ସେମାନଙ୍କ ମା' ସଙ୍ଗୀତାଙ୍କ ୨୦୧୯ରେ ମୃତ୍ୟୁ ଘଟିଥିଲା। ଏହାର ୨ ବର୍ଷ ପରେ ୨୦୨୧ରେ ବାପା ନେତ୍ରାନନ୍ଦ ନାଗ ଆରପାରିକୁ ଚାଲି ଯାଇଥିଲେ। ମା' ବାପାଙ୍କ ଦେହାନ୍ତ ପରେ ୩ ନାବାଳିକା ବାଳକ ଜେଜେ ମା' ଉର୍ମିଳା ନାଗ(୬୮)ଙ୍କ ପାଖରେ ରହୁଛନ୍ତି। ବୟସ ହୋଇ ଯାଇଥିବାରୁ ଉର୍ମିଳା କାମ କରି ତିନି ନାତୁଣୀ ନାତିଙ୍କୁ ଚଳାଇବା ଏବେ କଷ୍ଟକର ହୋଇପଡିଛି। ଫଳରେ ସୋନିଆ ୧୦ମ ଶ୍ରେଣୀ ପରେ ପାଠପଢା ଛାଡ଼ି ଦେଇଥିବା ବେଳେ ନିଜେ ଖଟି ଅଷ୍ଟମରେ ପଢୁଥିବା ଭଉଣୀ ପ୍ରେମଶିଳା ଏବଂ ୫ମ ଶ୍ରେଣୀରେ ପଢୁଥିବା ଭାଇ ଭୋଜରାଜଙ୍କ ପାଠପଢା ଖର୍ଚ୍ଚ ତୁଲାଉଛନ୍ତି। ଭଉଣୀ ଭାଇଙ୍କୁ ପାଠ ପଢାଇ ମଣିଷ କରିବା ପାଇଁ ନାବାଳିକା ସୋନିଆ ପର ଘରେ ମଜୁରି ଲାଗି ସପ୍ତାହକୁ ୫ ଶହରୁ ୭ ଶହ ଟଙ୍କା ରୋଜଗାର କରୁଛନ୍ତି। ସେ ଯାହା ରୋଜଗାର କରୁଛନ୍ତି ଭଉଣୀ ଭାଇଙ୍କ ପିଛାରେ ଖର୍ଚ୍ଚ ହେଉଛି। ଏଣେ ଘରେ ଦୁଇବେଳା ପେଟପୁରା ଖାଇବାକୁ ନାହିଁ। ଜେଜେ ମା'ଙ୍କ ଉପରେ ବୋଝ ହେବାକୁ ଚାହୁଁ ନ ଥିଲେ ମଧ୍ୟ ପରିସ୍ଥିତି ବାଧ୍ୟ କରୁଛି। ସରକାରୀ ସହାୟତା କହିଲେ ଜେଜେ ମା' ଏବଂ ଦୁଇ ଭଉଣୀଙ୍କ ନାମରେ ପଞ୍ଚାୟତରୁ ମାସକୁ ୧୫ କେଜି ଚାଉଳ ମିଳୁଛି। ଏହାଛଡା ଜେଜେ ମା'ଙ୍କ ଭତ୍ତା ବାବଦକୁ ଏକ ହଜାର ଟଙ୍କାକୁ ଛାଡ଼ି ଦେଲେ ଅନ୍ୟ କୌଣସି ସରକାରୀ ସହାୟତା ପ୍ରଦାନ କରାଯାଉ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳି ନ ଥିବାରୁ ବିପଦଶଙ୍କୁଳ ଅବସ୍ଥାରେ ମାଟି ଖପର ଘରେ ଜେଜେ ମା' ସହ ରହିବାକୁ ପଡୁଛି। ଉକ୍ତ ପରିବାରକୁ ଆବାସ ଯୋଜନାରେ ବାସଗୃହ ଓ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସକୁ ୩୫ କେଜି ଚାଉଳ ଯୋଗାଇ ଦେବାକୁ ୩ ପିଲା ଆକୁଳ ନିବେଦନ କରିଛନ୍ତି। ବଲାଙ୍ଗୀର ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେଇ ସଂପୃକ୍ତ ପରିବାରକୁ ସହାୟତାର ହାତ ବଢାଇବାକୁ ସାଧାରଣରେ ଦାବି ହେଉଛି।


ଜେଜେ ମା'ଙ୍କ ମାଟି ଖପର ଘର ସମ୍ମୁଖରେ ୩ ପିଲା।

**ବିଦେଶୀ ମଦ ଜବତ, ଜଣେ ଗିରଫ**

ସମ୍ବଲପୁର,(ପ୍ରମୋଦ ବହିଦାର):ସମ୍ବଲପୁର ଜିଲା ଠେଲକୋଲେଇ ଥାନା ଅନ୍ତର୍ଗତ ଡବରା ଗ୍ରାମରୁ ପୁଣି ବ୍ୟାପକ ପରିମାଣର ବିଦେଶୀ ମଦ ଜବତ କରିଛି ପୋଲିସ। ବୁଧବାର ସନ୍ଧ୍ୟାରେ ଠେଲକୋଲଇ ଥାନା ଆଇଆଇସି ବୁଲୁ ସ୍ୱାଇଁ ସଦଳବଳେ ଡେରବାର ବାଳକୃଷ୍ଣ ରୋହିଦାଶଙ୍କ ଘରେ ଚଢ଼ାଉ କରି ବିଭିନ୍ନ ବ୍ରାଣ୍ଡର ୪୮ ଲିଟର ବିଦେଶୀ ମଦ ଜବତ କରିଛନ୍ତି। ପୋଲିସ ବାଳକୃଷ୍ଣଙ୍କୁ ଗିରଫ କରିଛି। ଥାନାରେ ଏନେଇ ଏକ ମାମଲା(୭୫/୨୫)ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲଣ କରାଯିବ ବୋଲି ପୋଲି କହିଛି।

# ଆର୍ଥିକ ସ୍ୱାବଲମ୍ବୀ ହେବେ ମହିଳା

## ସମ୍ବଲପୁରରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

ସମ୍ବଲପୁର,୫।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡା ମଇଦାନରେ ବୁଧବାର ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ମହିଳା କିପରି ଦକ୍ଷ ଉଦ୍‌ଯୋଗୀ ହୋଇ ଅର୍ଥନୈତିକ କ୍ଷେତ୍ରରେ ସ୍ୱତନ୍ତ୍ରତା ହାସଲ କରିପାରିବେ ସେହି ଲକ୍ଷରେ ରାଜ୍ୟ ସରକାର ଏହି ମେଳାର ଆୟୋଜନ କରିଥିବା ଜିଲାପାଳ କହିଥିଲେ। ସମ୍ବଲପୁର ଜିଲାରେ ୨ ଲକ୍ଷ ୫୯ ହଜାର ୭୩୧ ଜଣ ସୁଭଦ୍ରା ଯୋଜନାରେ ଆବେଦନ କରିଥିବା ବେଳେ ୨ ଲକ୍ଷ ୨୭ ହଜାର ୭୬୦ ଜଣ ଉପକୃତ ହୋଇସାରିଥିବା ଏହି ଅବସରରେ ଜିଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ ସୂଚନା ଦେଇଥିଲେ । ଏହି ମେଳାରେ ଓଡ଼ିଶାର ବିଭିନ୍ନ ଜିଲାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ବୁଣାକାର, କାରିଗର ଓ ଶିଳ୍ପୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ, ହସ୍ତଶିଳ୍ପ ଓ କଳାକୃତି, ମିଲେଟ, ଅର୍ଗାନିକ ଉତ୍ପାଦ ଓ ପାରମ୍ପରିକ ସୁସ୍ୱାଦୁ ଖାଦ୍ୟ ଯଥା ଆରିସା ପିଠା, ମଣ୍ଡା ପିଠା, ବୁନ୍ଦି ଖଜା, କାକରା, ମାଲପୁଆ, ରସବରା, ବାର ଗୁଲିଆ, ଲସତଲା ପିଠା ଆଦିର ପ୍ରଦର୍ଶନୀ ଏବଂ ବିକ୍ରୟ କରାଯିବା ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ମେଳାରେ ପ୍ରତିଦିନ ସନ୍ଧ୍ୟାରେ ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ ବ୍ୟବସ୍ଥା କରାଯାଇଛି । ମିଶନ ଶକ୍ତି ଏବଂ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ସୁଭଦ୍ରା ଶକ୍ତି ମେଳା ମେଳାରେ ପ୍ରାୟ ୧୫୦ରୁ ଅଧିକ ଷ୍ଟଲର ବ୍ୟବସ୍ଥା ରହିଛି ।

ଉଦଘାଟନୀ ଉତ୍ସବରେ ଜିଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଜିଲା ପରିଷଦ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ସୁଭଦ୍ରା ଶକ୍ତି ମେଳାର ଲକ୍ଷ୍ୟ ବିଷୟରେ ଅବଗତ କରିଥିଲେ। ସମ୍ବଲପୁର ସହରାଞ୍ଚଳ ସିଡିପିଓ ମିନତି ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁଭଦ୍ରା ଶକ୍ତି ମେଳା ଉପଲକ୍ଷେ ପୂର୍ବାହ୍ନରେ ସମ୍ବଲପୁର ମହାନଗର ନିଗମ ଆନୁକୂଲ୍ୟରେ ସୁଭଦ୍ରା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ସୁଭଦ୍ରା ହିତାଧିକାରୀଙ୍କ ସହ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ସରୋଜିନୀ କୁଲ୍ଲୁ ଉପସ୍ଥିତ ରହି ଉକ୍ତ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା କଚେରୀ ସ୍ଥିତ ଶହୀଦସ୍ତମ୍ଭରୁ ବାହାରି ଗୋଲବଜାର ଛକ ଦେଇ ସମ୍ବଲପୁର ପୁରୁଣା ମ୍ୟୁନିସିପାଲଟି କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ସହକାରୀ ଆୟୁକ୍ତ କିରଣ ବେହେରା ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଏହି ସୁଭଦ୍ରା ଶକ୍ତି ମେଳା ଅସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବା କାର୍ଯ୍ୟକ୍ରମ ରହିଛି।


ସୁଭଦ୍ରା ଶକ୍ତି ମେଳାକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

# ସୁଭଦ୍ରା ସଚେତନତା ଶୁଭାରମ୍ଭ



କୁଚିଣ୍ଡାରେ ବାହାରିଥିବା ସୁଭଦ୍ରା ସଚେତନତା ଶୋଭାଯାତ୍ରା।

କୁଚିଣ୍ଡା,୫।୩(ବିରଞ୍ଚି ଦର୍ଗା)

ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ସମ୍ବଲପୁର ଜିଲା କୁଚିଣ୍ଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ବୁଧବାର କୁଚିଣ୍ଡାରେ ଏକ ସୁଭଦ୍ରା ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କୁଚିଣ୍ଡା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରାଜଶ୍ରୀ ପରିଡା, କୁଚିଣ୍ଡା ଏନଏସି ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, ମମତା ଯୋଜନା ପ୍ରଗତି ସହାୟକ ସୁଜିତ କୁମାର ବେହେରା ଏହାର ନେତୃତ୍ୱ ନେଇଥିଲେ। ସେମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ମହିଳା ସଶକ୍ତିକରଣରେ ସୁଭଦ୍ରା ଯୋଜନାର ଗୁରୁତ୍ୱ, ଆନ୍ତର୍ଜାତିକ ମହିଳା ଦିବସର ମହତ୍ତ୍ୱ, ଲିଙ୍ଗଗତ ସମାନତା, ସାମାଜିକ, ରାଜନୈତିକ ଓ ଆର୍ଥିକ କାର୍ଯ୍ୟକ୍ରମରେ ମହିଳାମାନଙ୍କ ସମ୍ପୃକ୍ତି ଓ ସହଭାଗିତା ଉପରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ସୁଭଦ୍ରା ହିତାଧିକାରୀ, କଲେଜ ଛାତ୍ରୀ, ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। କୁଚିଣ୍ଡା ବ୍ଲକର ୧୭ଟି ପଞ୍ଚାୟତରେ ମଧ ଅନୁରୂପଭାବେ ଏହି ସୁଭଦ୍ରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ୱାର୍ଡସଭ୍ୟ, ଆଇସିଡିଏସ ସୁପରଭାଇଜର ଏଥିରେ ସାମିଲ ହୋଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସଂକ୍ଷେପରେ

### ସୁଇଟ୍‌ରେ ରକ୍ତଦାନ ଶିବିର

ସମ୍ବଲପୁର,୫।୩(ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ତଥ୍ୟପ୍ରଯୁକ୍ତି ପ୍ରତିଷ୍ଠାନ (ସୁଇଟ) ସ୍ଥାପନା ଦିବସ ଉପଲକ୍ଷେ ଏପିଜେ ଅବଦୁଲ କଲାମ ଅଡିଟୋରିୟମରେ ବୁଧବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଭିମସାରରେ ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରକ୍ତଦାନ ସଂସ୍ଥା ତ୍ୟାଗ ସହଯୋଗରେ ଶିବିର ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀମାନଙ୍କ ଉତ୍ସାହପୂର୍ଣ୍ଣ ଭାଗୀଦାରୀ ଦେଖିବାକୁ ମିଳିଥିଲା । ସୁଇଟ ନିର୍ଦ୍ଦେଶକ ଡ. ସୁଦର୍ଶନ ଜେନା ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶକ ଜେନା ରକ୍ତଦାନର ଗୁରୁତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅକ୍ଳେଶ କୁମାର ଦାଉଡା, ଶାଶ୍ୱତ ଚିରନ୍ତନ ଏବଂ ଚରଣ ପୃଷ୍ଟି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ଶିବିରର ପରିଚାଳନା ଏବଂ ସଫଳତା ପାଇଁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ସତ୍ୟବ୍ରତ ରଥ, ଶକ୍ତି ସୌରଭ ରାଉତ, ସୁଭ୍ରନ୍ତ ନାୟକ, ସୁଭଜିତ ନାୟକ ଏବଂ ରିତେଶ ପଲେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଶିବିରରେ ୭୦ଜଣ ଛାତ୍ରୀଛାତ୍ର ରକ୍ତାଦାନ କରିଥିଲେ। ବୁର୍ଲା ରକ୍ତଭଣ୍ଡାର ଅଧିକାରୀ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ଡାକ୍ତର ସଞ୍ଜୟ ପଟ୍ଟନାୟକ, ଡାକ୍ତର ସନ୍ତୋଷ କାନୁନଗୋ, ବିରଞ୍ଚି ମହାପାତ୍ର, ପ୍ରଶାନ୍ତ ମହାନ୍ତି, ଲକ୍ଷ୍ମୀ ପ୍ରଧାନ, ମଣ୍ଟୁ ପ୍ରଧାନ, ବିଜିନ୍ଦର ସିଂ, ତପନ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ସଂଗୃହୀତ ରକ୍ତ ସିକିଲସେଲ ରୋଗୀ ଓ ଥାଲାସେମିଆ ରୋଗୀଙ୍କ ପାଇଁ ଦିଆଯିବ ବୋଲି ଆୟୋଜକମାନେ ସୂଚିତ କରିଛନ୍ତି।

### ସ୍ନିଗ୍ଧାରାଣୀ ଓଡ଼ିଶା ମହିଳା କୁସ୍ତି ଦଳ ମ୍ୟାନେଜର

ସମ୍ବଲପୁର, ୫।୩(ବି.ଶଙ୍କର)

ସମ୍ବଲପୁର ଜିଲର ପ୍ରଥମ ମହିଳା ଜାତୀୟ କୁସ୍ତି ଖେଳାଳି ସ୍ନିଗ୍ଧାରାଣୀ ଭାଜି ଓଡ଼ିଶା ମହିଳା କୁସ୍ତି ଦଳର ମ୍ୟାନେଜର ଚୟନ ହୋଇଛନ୍ତି । ମ୍ୟାନେଜର ଚୟନ ହେବା ପରେ ସେ ବୁଧବାର ଓଡ଼ିଶା କୁସ୍ତି ଦଳକୁ ନେଇ ଜାତୀୟ ଫେଡେରେଶନ କପ ଖେଳିବା ପାଇଁ ପଞ୍ଜାବ ଗସ୍ତ କରିଛନ୍ତି। ସମ୍ବଲପୁର ସଂଘ ସମ୍ପାଦକ ସୁବାଷ ଚନ୍ଦ୍ର ବେହେରା, ଡିଙ୍ଗର ମେହେର, ଲକ୍ଷ୍ମଣ କୁମାର ମେହେର, ସଞ୍ଜିବ ପଟ୍ଟନାୟକ, ପ୍ରଶିକ୍ଷକ ସମୀର ବିଶ୍ୱାଳ, ଦୀପେଶ ଦାଶ, ସୋନୁ ପ୍ରସାଦ ସୋନାର, ପ୍ରିୟଙ୍କା ମିତ୍ତଲ, ଗାୟତ୍ରୀ ମିଶ୍ର, ଦିବ୍ୟଲକ୍ଷ୍ମି ମାଝୀ, ଦାମୋଦର କର୍ମୀ, ଶାନ୍ତି ଦେବୀ ଗୋପ, ଦୀପାଞ୍ଜଳି ସାହୁ, ଆଶା ସାମଲ, ଅରୁଣ କୁମାର ଅଜାଡିୱାଲ, ସ୍ୱାଗତ କୁମାର ଘଡାଇ, ସୁବ୍ରତ ପଣ୍ଡା, ରାମଦାସ ପଣ୍ଡା ସ୍ନିଗ୍ଧାରାଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସମ୍ବଲପୁର କଚେରି ସ୍ଥିତ ସାଓଲିନ କୁଙ୍ଗ୍ଫୁ ଉଷୁ ଆସୋସିଏସନ ଦ୍ୱାରା ପରିଚାଳିତ ଜିଲା କୁସ୍ତି ଖେଳାଳି ପୁଷ୍ପାଞ୍ଜଳି ସାହୁ ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଏବଂ ଓଡିଶା କୁସ୍ତି ଦଳ ସହିତ ଜାତୀୟ ଫେଡେରେଶନ କପ ଖେଳିବା ପାଇ ସେ ମଧ ପଞ୍ଜାବ ଗସ୍ତ କରିଛନ୍ତି । ଚଳିତ ମାସ ୭ରୁ ୯ ତାରିଖ ପର୍ଯ୍ୟନ୍ତ ପଞ୍ଜାବ ସ୍ଥିତ ଲଭଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ପ୍ରତିଯୋଗୀତା ହେବ । ଏଥିରେ ଓଡ଼ିଶା ଦଳ ପ୍ରତିନିଧିତ୍ୱ କରିବ ।


ସ୍ନିଗ୍ଧାରାଣୀ ଭାଜି।

# ଶିକ୍ଷାସାଥୀଙ୍କୁ ପ୍ରମାଣପତ୍ର ପ୍ରଦାନ


ଶିକ୍ଷା ସାଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୫।୩(ବି.ଶଙ୍କର)

ସମ୍ବଲପୁର ସହର ସ୍ଥିତ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଶିକ୍ଷା ସାଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ସଭାରେ ପୁରାତନ ଛାତ୍ର ସଂସଦ ସଭାପତି ସୁଶାନ୍ତ ଦାଶ, ଆବାହକ ରମେଶ ଶାହା ଯୋଗଦେଇଥିଲେ। ଅତିଥିମାନଙ୍କ ଉପସ୍ଥିତିରେ ଶିକ୍ଷା ସାଥୀମାନଙ୍କୁ ତାଙ୍କର ଅବଦାନ ପାଇଁ ପ୍ରମାଣ ପତ୍ର ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜକ ଥିଲେ ସୁନୀତି ଧର । ଜ୍ଞାନେଶ୍ୱର କର, ଦୀପ୍ତିରାଣୀ ପଣ୍ଡା, ମଦନ ମୋହନ ମାଝୀ ଏବଂ ପ୍ରଦୀପ କୁମାର ସାହୁ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ସୁଜିତ ନାରାୟଣ ନାୟକ ଏବଂ ଭୋଳାନାଥ ବିଶୋଇ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରମାନେ ନିଜ ଶ୍ରେଣୀର କେତେଜଣ ଦୁର୍ବଳ ଛାତ୍ରୀଛାତ୍ରଙ୍କର ଶିକ୍ଷାସାଥୀ ହୋଇ ସହଯୋଗିତାର ଦୃଷ୍ଟାନ୍ତ ହୋଇପାରିଛନ୍ତି। ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମଲେଖା ପରେ କେତେକ ଛାତ୍ରୀଛାତ୍ର ଶ୍ରେଣୀ ଅନୁଯୋଗୀ ଶିକ୍ଷଣସ୍ତରରେ ନ ଥିଲେ । ସେହି ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀ ଉପଯୋଗୀ ଶିକ୍ଷଣସ୍ତରକୁ ଆଣିବା ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁମିତା ପତ୍ରୀ ଏବଂ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଆଲୋଚନା କରିଥିଲେ। ଶିକ୍ଷା ସାଥୀ ନାମରେ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଥିଲା। ଏହି ପ୍ରୟାସର ଉଦ୍ଦେଶ୍ୟ ଥିଲା ଦୁର୍ବଳ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ତାଙ୍କ ସାଙ୍ଗମାନଙ୍କର ସାହାଯ୍ୟରେ ପାଠପଢ଼ାରେ ଆଗକୁ ଆଣିବା । ସେଥିପାଇଁ ପ୍ରଥମେ ଏକ ପରୀକ୍ଷା କରାଯାଇଥିଲା । ଶ୍ରେଣୀଗୃହର ପ୍ରଦର୍ଶନକୁ ଲକ୍ଷ୍ୟ କରି କରି ଶିକ୍ଷାର୍ଥୀ ଏବଂ ଶିକ୍ଷା ସାଥୀ ଛାତ୍ରୀଛାତୀମାନଙ୍କୁ ଚୟନ କରାଯାଇଥିଲା। ସେମାନଙ୍କୁ ପ୍ରଧାନଶିକ୍ଷକ ଏବଂ ଶ୍ରେଣୀ ଶିକ୍ଷୟିତ୍ରୀଶିକ୍ଷକମାନେ ପରୀକ୍ଷା ଖାତା ଦେଖାଇଥିଲେ। ଏଥିସହ କେଉଁ ଶିକ୍ଷାର୍ଥୀଙ୍କୁ କିପରି ଓ କେଉଁ ବିଷୟରେ ସାହାଯ୍ୟ କରିବେ ସେନେଇ ମାର୍ଗଦର୍ଶନ କରିଥିଲେ। ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ଯେଉଁ ଆଗ୍ରହୀ ଛାତ୍ରୀଛାତ୍ର ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଲେ ନିଜ ସହପାଠୀଙ୍କୁ ପାଠପଢାରେ ସାହାଯ୍ୟ କରିବାକୁ ସେମାନେ ହେଲେ ଶିକ୍ଷାସାଥୀ। ସହ ଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଶ୍ରେଣୀଗୁଡିକରେ ସେମାନେ ସାଙ୍ଗମାନଙ୍କର ଦୁର୍ବଳତା ଥିବା ବିଷୟର ବୁଝିବାରେ ଏବଂ ଶିଖିବାରେ ସାହାଯ୍ୟ କରିଥିଲେ। ଫଳରେ ଦୁର୍ବଳ ଛାତ୍ରୀଛାତ୍ରମାନେ ସଙ୍କୋଚ ନକରି ଖୁସିରେ ଆଗକୁ ବଢି ପାରିଲେ ଏବଂ ସଫଳତା ହାସଲ କରିଛନ୍ତି।

# ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଦିଅ

ସମ୍ବଲପୁର, ୫।୩(ପ୍ରମୋଦ ବହିଦାର)

ଓଡ଼ିଆ ଜାତିର ସ୍ୱାଭିମାନ ବିଜୁପଟ୍ଟନାୟକଙ୍କ ୧୦୯ ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ସକାଳେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାନେଶ୍ୱର ବ୍ଲକ ବିଜେଡି ପକ୍ଷରୁ ବରଗାଁ କଲ୍ୟାଣ ମଣ୍ଡପରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରେଢ଼ାଖୋଲ ବିଧାୟକଙ୍କ ମାନେଶ୍ୱର ବ୍ଲକ ପ୍ରତିନିଧି ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ବର୍ତ୍ତମାନର ଭାଜପା ସରକାର ମାର୍ଚ୍ଚ ୫କୁ ପଞ୍ଚାୟତିରାଜ ଦିବସ ପାଳନ ନ କରି ବିଜୁ ବାବୁଙ୍କ ଭଳି ଜଣେ କିମ୍ବଦନ୍ତୀ ପୁରୁଷଙ୍କୁ ଅପମାନିତ କରିଛି ବୋଲି କହିଥିଲେ। ଏହାକୁ ନେଇ ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ଆନ୍ଦୋଳନ ହେବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ। ରାଜ୍ୟ ସରକାର ରାଜନୀତିର ଊର୍ଦ୍ଧ୍ୱକୁ ଯାଇ ଖୋଲା ହୃଦୟରେ ବିଜୁଙ୍କ ଜୟନ୍ତୀରେ ଯଦି ତାଙ୍କୁ ଭାରତରତ୍ନ ଦେବାକୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରନ୍ତି ତେବେ ସେହି ଜନନାୟକଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତପ୍ରକାଶ ପାଇଥିଲା। ଉତ୍ସବରେ ଡକରା ସରପଞ୍ଚ ସୌମ୍ୟରଞ୍ଜନ ପୂଝାରୀ, ନନ୍ଦଲାଲ ତ୍ରିପାଠୀ, ସାହାସପୁର ସମିତି ସଭ୍ୟା ଲିନା ମହାପାତ୍ର, ବିଭୂତି ପାଣିଗ୍ରାହୀ, ଗୋବିନ୍ଦ ପଟ୍ଟନାୟକ, ଦେବବ୍ରତ ବିଶ୍ୱାଳ, ଯଶୋବନ୍ତ ପ୍ରଧାନ, ରାଜୀବ ପଣ୍ଡା, ରାକେଶ ବେହେରା, ମଣ୍ଟୁ ଦନ୍ତା, ପିପିନ ନାୟକ, ଯଶୋବନ୍ତ ପ୍ରଧାନ, ପ୍ରଦୀପ ଦୀପ, ମିଳନ ଭୋଇ, ପିଙ୍କୁ ସେଠ୍, ଦୟାନିଧି ଭୋଇ, ଦେବାଶିଷ ପଟ୍ଟନାୟକ, ରମେଶ ବେହେରା, ତପନ ନାଥ, ଶ୍ରୀକାନ୍ତ ମନ୍ଦୋଦରୀ, ଶ୍ରୀକାନ୍ତ ବାଦି, ଅମୂଲ୍ଯ ସାହୁ, ଜଗଦୀଶ ଭୋରାସାଗର, ଲଡ୍ଡୁ ବହିଦାର, ସଞ୍ଜୀବ ପଣ୍ଡାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତି ଥିଲେ।

# ବିଜୁ ପଟ୍ଟନାୟକ ଓଡ଼ିଆ ସ୍ୱାଭିମାନର ପ୍ରତୀକ

ସମ୍ବଲପୁର,୫।୩(ବି.ଶଙ୍କର)

ବିଜୁ ପଟ୍ଟନାୟକ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ। ସମ୍ବଲପୁର ମହନଗର ନିଗମ ଅନ୍ତର୍ଗତ ରେମେଡ ଛକରେ ଆୟୋଜିତ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀରେ ଅତିଥିମାନେ ଏହି ମତ ରଖିଛନ୍ତି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଇଂ. ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଦଳୀୟ କାର୍ଯ୍ୟକର୍ତ୍ତା, ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଦିଲୀପ ଦାଶ, ସମ୍ପାଦକ ତାପସ ପଲେଇ, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁ, ଯୁବ ବିଜେଡି ଜିଲା ସମ୍ପାଦକ ଇଂ. ଦୀନେଶ ସେଠ, ବରିଷ୍ଠ ନେତା ନାସୀର ଖାଁ, ଭରତ ସୁନା, ଲିଙ୍ଗରାଜ ତ୍ରିପାଠୀ, ଇଂ. ନିଶିଥ ଆକାଶ, ରାଜେଶ ଗୁପ୍ତା, ବିନୋଦ ଟପ୍ପୋ, ଜୟନାରାୟଣ ନାଗ, ସୌରୀନାରାୟଣ ପାଣିଗ୍ରାହୀ, ଗୀତା ମୁଣ୍ଡା, ଲକ୍ଷ୍ମୀ ମୁଣ୍ଡା, ଯଶୋଦା ମୁଣ୍ଡା, ସାଇବନି ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜୁଙ୍କ ଦେଶପ୍ରେମର ପଟ୍ଟାନ୍ତର ନାହିଁ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନାକଟିଦେଉଳ,୫।୩(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତ ଗୌଡ଼ପଡା ହରିଜନ ସାହିସ୍ଥିତ ଚରମପାଣି ଯୁବକ ସଂଘର ବାର୍ଷିକ ଉତ୍ସବ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ଉପଦେଷ୍ଟା ଚନ୍ଦ୍ରମଣି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ମୁଖ୍ୟବକ୍ତା ପ୍ରଦୀପ ବିଶ୍ୱାଳ, ସମ୍ମାନିତ ଅତିଥି ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ସାହେବୀ ସରପଞ୍ଚ ରାମ ପ୍ରସାଦ ସାହୁ ଯୋଗଦେଇଥିଲେ। ଅତିଥିମାନେ ବିଜୁ ବାବୁଙ୍କ ଦେଶପ୍ରେମ, ସ୍ୱାଧୀନତା ଆନ୍ଦୋଳନରେ ତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସଂଘ ସମ୍ପାଦକ ଦେବରାଜ ଖୁରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପୂର୍ଣ୍ଣ ବାଦୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ମାନଗୋବିନ୍ଦ ବାଦୀ, ଟୁନା ବାଦୀ, ଗୋଲଖ ବାଦୀ, ରଞ୍ଜିତ ବାଦୀ, ଜଗା ବାଦୀ ଏବଂ ରବି ଦୀପଙ୍କ ସମେତ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

# ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବିଜୁଙ୍କ ସ୍ମୃତିଚାରଣ


ରେମେଡସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିଜେଡି କର୍ମକର୍ତ୍ତା।

ସମ୍ବଲପୁର,୫।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ରେମେଡ ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର ଓ ବିଜେଡି ନେତୃବର୍ଗ ମାଲ୍ୟାର୍ପଣ କରିଥଲେ। ହୀରାକୁଦ ଉପକଣ୍ଠ ଲରପଙ୍କ କଳ୍ପତରୁ ବାଲ୍ୟାଶ୍ରମଠାରେ ଦଳୀୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅନ୍ତେବାସୀଙ୍କୁ ଚପଲ ଏବଂ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ବରିଷ୍ଠ ନେତା ସଞ୍ଜୟ ବାବୁ, ବସନ୍ତ ମିଶ୍ର, ଗୋକୁଳ ମେହେର, ବେଣୁଧର ଦାସ, ସୁରୁବାବୁ ମେହେର, ସଞ୍ଜୀବ ଷଡ଼ଙ୍ଗୀ, ପ୍ରଦୋଷ ମହାନ୍ତି, ସୌରୀ ପାଣିଗ୍ରାହୀ, କୁଟୁ ପଟ୍ଟନାୟକ, ପ୍ରଫୁଲ୍ଲ ଦାସଙ୍କ ସମେତ ବହୁ ନେତୃମଣ୍ଡଳୀ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ରେଢାଖୋଲ ନିର୍ବାଚନ ମଣ୍ଡଳୀ ଯୁଜୁମୁରା ବ୍ଲକ ହାତୀବାରୀ ସ୍ୱାସ୍ଥ୍ୟ ନିବାସଠାରେ ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡାଙ୍କ ସଭାପତିତ୍ୱରେ ଏକ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଶୁଶିଲ ବେହେରା, ନନ୍ଦ ରଣଜିତ, ଘନଶ୍ୟାମ ସାହୁ, ପ୍ରଦୀପ ପରିଡା, ରାଧାକାନ୍ତ ସାହୁ, ଭକ୍ତବନ୍ଧୁ ଦାସ, ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

ଅନୁରୂପଭାବେ ହୀରାକୁଦ କଲୋନୀସ୍ଥିତ ନାରୀ ଜାଗରଣ କେନ୍ଦ୍ରରେ ବିଜୁ ଜୟନ୍ତୀ ପାଳନ କରାଯାଇଥିଲା। ପ୍ରମିଳା ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ଲକ୍ଷ୍ମୀ ନାରାୟଣ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୁ ବାବୁଙ୍କୁ ଜଣେ ବିରଳ ପ୍ରତିଭାର ଅଧିକାରୀ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ମୀନାକ୍ଷୀ ପୂଜାରୀ, ଅନ୍ୟତମ ଅତିଥି ରତ୍ନଭୂଷଣ ପୃଷେଠ ବିଜୁ ବାବୁ ଓଡ଼ିଆ ଅସ୍ମିତାର ପ୍ରତୀକ ଥିଲେ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଅମ୍ରୀତା ମିଶ୍ର, ପ୍ରଥମ ମୌସୁମୀ ବେହେରା, ଦ୍ୱିତୀୟ ଏବଂ ସଜଳ ବାଘ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

# ୨ ସମାନ୍ତରାଳ ସଭାକୁ ନେଇ ଚର୍ଚ୍ଚା

## କୁଚିଣ୍ଡାରେ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ

■ଭିନ୍ନ ସ୍ଥାନରେ ଜୟନ୍ତୀ ସଭାରେ ପ୍ରତିବନ୍ଧକ ନାହିଁ: ବିଜେଡି ନେତା

କୁଚିଣ୍ଡା,୫।୩(ବିରଞ୍ଚି ଦର୍ଗା)

ସମ୍ବଲପୁର ଜିଲା କୁଚିଣ୍ଡାରେ ବିଜେଡି ପକ୍ଷରୁ ୨ଟି ସ୍ଥାନରେ ସମାନ୍ତରାଳ ଭାବେ ହୋଇଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ସଭାକୁ ନେଇ ଚର୍ଚ୍ଚା ହୋଇଛି। କେନ୍ଦୁପତ୍ର ଶ୍ରମିକ ଭବନ ଜୟନ୍ତୀ ସଭାରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ସଭାପତିତ୍ୱ କରିଥିବା ବେଳେ କୁଣ୍ଡେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ହୋଇଥିବା ସଭାରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ ଅଧକ୍ଷତା କରିଥିଲେ। ଏହାକୁ ନେଇ ବିଜେଡିରେ ଥିବା ଗୋଷ୍ଠି କନ୍ଦଳ ବାରି ହୋଇପଡୁଥିବା ବେଳେ ଆମ ଭିତରେ କୌଣସି ମତପାର୍ଥକ୍ୟ ନାହିଁ। କୁଚିଣ୍ଡା ବ୍ଲକ ଓ କୁଚିଣ୍ଡା ଏନଏସି ପକ୍ଷରୁ ଭିନ୍ନ ସ୍ଥାନରେ ଜୟନ୍ତୀ ସଭା କରିବାରେ କୌଣସି ପ୍ରତିବନ୍ଧକ ନ ଥିବା ପୂର୍ବତନ ବିଧାୟକ ଛତ୍ରିଆ କହିଛନ୍ତି।

କେନ୍ଦୁପତ୍ର ଶ୍ରମିକ ଭବନଠାରେ ହୋଇଥିବା ସଭାକୁ ବ୍ଲକ ସଭାପତି ଅମୂଲ୍ୟ ମିଶ୍ର ପରିଚାଳନା କରିଥିଲେ। ଏଥିରେ କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଗଣେଶ ଅଗ୍ରୱାଲ, ଶ୍ରମିକ ନେତା ମହମ୍ମଦ ମୃତୁଜା, ଅଶୋକ ପରିଡା, ମନୋରଞ୍ଜନ ଭୋଇ, ଉଦୟ ପ୍ରତାପ ସିଂ, ଗଜେନ୍ଦ୍ର ଭୋଇ, ରଥି କିଷାନ, ଶ୍ରମିକ ନେତ୍ରୀ ପଦ୍ମାବତୀ କିଷାନ, ରଶ୍ମିକାନ୍ତ ସାମଲ, ଅଭିଳାଷ ଅଗ୍ରୱାଲ, ଗଗନ ଶର୍ମା, କୀର୍ତ୍ତନ ସେନାପତି, ସମିତି ସଭ୍ୟା ରଶ୍ମି କୁସୁମଙ୍କ ସମେତ ବହୁସଂଖ୍ୟକ ବିଜେଡି କର୍ମୀ ସାମିଲ ହୋଇଥିଲେ। ସେହିପରି କୁଣ୍ଡେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ ସଭାପତିତ୍ୱରେ ଆୟୋଜିତ ସଭାରେ କୁଚିଣ୍ଡା ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ନଗର ସଭାପତି ନବୀନ ହୋତା, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ଜମନକିରା ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, ବିଜେଡି ନେତ୍ରୀ ସ୍ନିଗ୍ଧା ପଟେଲ, ସଞ୍ଜୟ ବେହେରା, ଓକିଲ ସଂଘ ସଭାପତି ବରଦାନନ୍ଦ ଶର୍ମା, ଶୁଶିଲ ନାୟକ, କାର୍ତ୍ତିକ ମିସ୍ତ୍ରୀ, ଯୁଧିଷ୍ଠିର ପଧାନ, ସଞ୍ଜୟ ମିଶ୍ର, ବିକାଶ ପୃଷେଠ, ସରପଞ୍ଚ ମନ୍ଦାକିନୀ ନାଏକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ କର୍ମୀମାନେ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ଜୟନ୍ତୀ ସଭାରେ ପଞ୍ଚାୟତିରାଜ ଦିବସରେ ହେଉଥିବା ସରକାରୀ ଛୁଟିକୁ ବର୍ତ୍ତମାନର ରାଜ୍ୟ ସରକାର ବାତିଲ କରିଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ନାଏକ ଓ ଏନଏସି ଅଧ୍ୟକ୍ଷ ମହାନ୍ତିଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ବିଜୁ ପାଠାଗାରସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ କୁଚିଣ୍ଡା ଉପଖଣ୍ଡ ମେଡିକାଲର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। କେତେକ ବରିଷ୍ଠ କର୍ମୀ ଉଭୟ ସଭାରେ ଯୋଗଦେଇ ଉଭୟ ଗୋଷ୍ଠିରେ ସ୍ଥିତି ଜାହିର ପ୍ରୟାସ କରିଥିବା ଦେଖିବାକୁମିଳିଥିଲା। ଏ ସମ୍ପର୍କରେ ନଗର ସଭାପତି ନବୀନ ହୋତାଙ୍କୁ ପଚାରିବାରେ ବ୍ଲକ ଓ ଏନଏସି ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ଜୟନ୍ତୀ ସଭା ହୋଇଛି। କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ନେତା କର୍ମୀ ଉଭୟ ସଭାରେ ଯୋଗଦେବାରେ କୌଣସି ପ୍ରତିବନ୍ଧକ ନ ଥିବା ସେ କହିଛନ୍ତି।


ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ସହ ଅନ୍ୟମାନେ।


ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ସହ ଅନ୍ୟମାନେ।

# ବିଜୁବାବୁ ଜଣେ ଦୂରଦର୍ଶୀ ନେତା ଥିଲେ

**ସୋନପୁର,୫।୩(ମୃତ୍ୟୁଞ୍ଜୟ ଶତପଥୀ)**

ବିଜୁ ଜନତା ଦଳ ପକ୍ଷରୁ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ସହର ମଝିପଡା ସ୍ଥିତ ହନୁମାନ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ବିଜେଡି ଜିଲା ସଭାପତି ସରୋଜ କୁମାର କର୍ଣ୍ଣ ସଭାପତିତ୍ୱ କରିଥିଲେ। ସୋନପୁର ବିଧାୟକ ତଥା ବିଧାନସଭା ପବ୍ଲିକ୍ ଆକାଉଣ୍ଟସ୍ କମିଟି ଅଧ୍ୟକ୍ଷ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଜଣେ ଦୂରଦର୍ଶୀ ନେତା ଥିଲେ। ସେ ସ୍ୱାଧୀନତା ଆନ୍ଦୋଳନରେ ଜଡିତ ରହିବା ସହ ଓଡିଶାର ଉନ୍ନତି ପାଇଁ ସାରା ଜୀବନ କାମ କରିଥିଲେ। ୧୯୯୦ରୁ ୧୯୯୫ ବିଜୁ ପଟ୍ଟନାୟକଙ୍କ ଶାସନ କାଳରେ ଓଡିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ସହ ସେ ହିଁ ବାସ୍ତବ କ୍ଷେତ୍ରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ କରିଥିଲେ ବୋଲି କହିଥିଲେ। ବିଜେଡି ଜିଲା ସଭାପତି



ବିଧାୟକ ନିରଞ୍ଜନ ପୂଜାରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

କର୍ଣ୍ଣ କହିଥିଲେ ବିଜୁ ପଟ୍ଟନାୟକ ଜଣେ ସାଲିସବିହୀନ ରାଷ୍ଟ୍ରନୀତିଜ୍ଞ ଥିଲେ। ବାଲ୍ୟକାଳରୁ ସେ ସାହାସୀ ଓ ସ୍ୱାଭିମାନୀ ଥିଲେ। ସୋନପୁରକୁ ସେ ଜିଲାର ମାନ୍ୟତା ଦେଇଛନ୍ତି। ନୂତନ ଜିଲା ହେବା ପରେ ସୁବର୍ଣ୍ଣପୁରର ବିକାଶ ତ୍ୱରାନ୍ୱିତ ହୋଇଛି। ତେବେ ଜନ୍ମ ଜୟନ୍ତୀ ଅବସରରେ ସରକାରୀ ଛୁଟି ବାତିଲ ପ୍ରସଙ୍ଗ ବିଜୁ ବାବୁଙ୍କ ପ୍ରତି ଅସମ୍ମାନ ବୋଲି କର୍ଣ୍ଣ କହିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ବିଜେଡି ଜିଲା ଉପସଭାପତି କଇରୁ ସ୍ୱାଇଁ, ରମେଶ ପୂଜାରୀ, ଯୁବ ବିଜେଡି ଜିଲା ସଭାପତି ଅଶୋକ କୁମାର ନନ୍ଦ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସୋନପୁର ବ୍ଲକ ବିଜେଡି ସଭାପତି ଶଙ୍କର ପ୍ରସାଦ ସା, କରମଚାନ୍ଦ ମହାନ୍ତି, ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ ପ୍ରମୁଖ ଯୋଗଦାନ କରି ବିଜୁବାବୁ ଥିଲେ ଜଣେ ଯୋଗଜନ୍ମା ପୁରୁଷ। ପଡିଆରେ ଫୁଟବଲ ଖେଳିବାଠାରୁ ଆକାଶରେ ବିମାନ ଉଡାଇବା ପର୍ଯ୍ୟନ୍ତ ସବୁଥିରେ ସେ

## ସୁବର୍ଣ୍ଣପୁରରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ ସମାରୋହ

ଥିଲେ ସାହସୀ, ଧୁରନ୍ଦର ଓ ଦୁର୍ଦ୍ଧର୍ଷ। ସେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଦୀର୍ଘକାଳ ଧରି କ୍ଷମତାସୀନ ନ ଥିଲେ ସତ, ମାତ୍ର ଜଣେ ମହାନ ଜନନାୟକଭାବେ ଲୋକଙ୍କ ହୃଦୟ ଭିତରେ ସେ ଅଛନ୍ତି ଓ ରହିବେ ବୋଲି ମତପ୍ରକାଶ କରିଥିଲେ। ଜୟନ୍ତୀ ସମାରୋହରେ ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ନେତା ଅଭିମନ୍ୟୁ କୁଶଳ, ପ୍ରକାଶ ସାହୁ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ, ଶତ୍ରୁଘ୍ନ ପୃଷ୍ଟି, ପିୟୁଷ କୁମାର ପଣ୍ଡା ଓ ଶାଶ୍ୱତ କୁମାର ମିଶ୍ରଙ୍କ ସମେତ ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା, ଦଳୀୟ କାଉନସିଲର, ଜିଲା ପରିଷଦ ସଭ୍ୟ ଓ ଦଳ ସମର୍ଥିତ ସରପଞ୍ଚ, ସମିତି ସଭ୍ୟମାନେ ଯୋଗଦେଇଥିଲେ। ମାନଭଞ୍ଜନ ମିଶ୍ର ସଭା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବିଜୁ ପଟ୍ଟନାୟକ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା।

# ପୌରପରିଷଦ ଜମିରୁ ଜବରଦଖଲ ହଟିଲା

**ସୋନପୁର,୫।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ବ୍ଲକ ଛକ ନିକଟସ୍ଥ ଭେଣ୍ଡିଂ ଜୋନ୍ ସମ୍ମୁଖରୁ ବୁଧବାର ଜବରଦଖଲ ହଟିଛି। ଶ୍ରମିକମାନେ ନବନିର୍ମିତ ଅସ୍ଥାୟୀ ଘରକୁ ଭାଙ୍ଗିଛନ୍ତି। ଜବରଦଖଲକାରୀ ନିଜେ ଶ୍ରମିକ ଲଗାଇ ଅସ୍ଥାୟୀ ଘରକୁ ଭାଙ୍ଗିଥିବା ପୌର ପରିଷଦର ଜଣେ କର୍ମଚାରୀ କହିଛନ୍ତି। ଏହି ଘଟଣା ପରେ ଅଞ୍ଚଳବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଜଣେ ବିଜେଡି ନେତାଙ୍କ ଦ୍ୱାରା ତାରବାଡ ଦିଆଯାଇଥିବା ଉକ୍ତ ଜମି ଜବରଦଖଲ ହୋଇଥିଲା। ପରେ ସେ ଏକ ଅଜବେଷ୍ଟସ୍ ଘର ନିର୍ମାଣ କରିଥିଲେ। ପୌର ପ୍ରଶାସନ ଜାଣି ଚୁପ୍ ରହିଥିଲା। ଜବରଦଖଲ ହେଉଛି ପୌରପରିଷଦ ଜମି, ସାମିଲ ଅଛନ୍ତି ରାଜନେତା ଶୀର୍ଷକ ଖବର ୪ ତାରିଖ ମଙ୍ଗଳବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ନେଇ ସୁବର୍ଣ୍ଣପୁର ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଥିଲା। ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ଅନନ୍ୟା ଦାସ ଓ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ପୌରପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭାଜପା ନଗର ମଣ୍ଡଳ ପକ୍ଷରୁ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମଙ୍ଗଳବାର


ସୋନପୁର ବ୍ଲକ ଛକରେ ସରକାରୀ ଜମିରେ ନିର୍ମିତ ଘରକୁ ଶ୍ରମିକଙ୍କ ଦ୍ୱାରା ଭଙ୍ଗାଯାଉଛି।

ଭାଜପାର ଏକ ଟିମ୍ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ୍ ଆଲୋଚନା କରିଥିଲେ। ଆଇନ ଅନୁଯାୟୀ ଜବରଦଖଲ ହଟା ନ ଗଲେ ଭାଜପା ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲା। ଏଥିପାଇଁ ପୌର ପ୍ରଶାସନକୁ ଦଳ ୭ ଦିନର ମହଲତ ଦେଇଥିଲା। ପରିସ୍ଥିତି ଜଟିଳ ରୂପ ଧାରଣ କରିବା ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ଉକ୍ତି ଜମି ଚିହ୍ନଟ ପାଇଁ ନିର୍ବାହୀ ଅଧିକାରୀ ମାଝୀ ସୋନପୁର ତହସିଲଦାରଙ୍କୁ ଅନୁରୋଧ କରିଥିଲେ। ଅପରାହ୍ନରେ ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆ, ପୌର ନିର୍ବାହୀ ଅଧିକାରୀ ମାଝୀଙ୍କ ଉପସ୍ଥିତିରେ ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀମାନେ ଜମି ଚିହ୍ନଟ କରିଥିଲେ। ପୂର୍ବରୁ ତାରବାଡ ଦିଆଯାଇଥିବା ଜମି ପୌରପରିଷଦର। ଜବରଦଖଲ ଉଚ୍ଛେଦ ଦାୟିତ୍ୱ ମଧ୍ୟ ପୌର ପରିଷଦର ବୋଲି ତହସିଲ ଅଫିସ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ଚାରିଆଡୁ ଚାପ ବଢିବା ପରେ ଜବରଦଖଲକାରୀ ନିଜେ ବାଧ ହୋଇ ସରକାରୀ ଜମିରୁ ହଟି ଯାଇଥିବା ଜଣାପଡିଛି।

## ସଂକ୍ଷେପରେ

### ବୌଦ୍ଧରେ ନୂତନ ଆରକ୍ଷୀ ଅଧୀକ୍ଷକଙ୍କ ଯୋଗଦାନ

**ବୌଦ୍ଧ, ୫।୩(ଅଜିତ କୁମାର ବାରିକ)**

ବୌଦ୍ଧର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ରାହୁଲ ଗୋୟେଲ ବୁଧବାର ସନ୍ଧ୍ୟାରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ଗୋୟେଲ ପୂର୍ବରୁ କଟକରେ ରେଳ ବିଭାଗର ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡାଙ୍କୁ କଳାହାଣ୍ଡି ଜିଲାକୁ ବଦଳି ହେବା ପରେ ବୁଧବାର ନୂତନ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟେଲ ବୌଦ୍ଧର ନୂତନ ଆରକ୍ଷୀ ଅଧୀକ୍ଷକ ଭାବରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ନୂତନ ଏସ୍‌ପିଙ୍କ ଯୋଗଦାନ ପରେ ଜିଲାର ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ।

### ବିନିକାରେ ସୁଭଦ୍ରା ହିତାଧିକାରୀଙ୍କ ପଦଯାତ୍ରା

**ବିନିକା, ୫।୩ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳରେ ବୁଧବାର ପୂର୍ବାହ୍ନ ୧୧ଟାରେ ଭାଜପା ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲଙ୍କ ନେତୃତ୍ୱରେ ଶତାଧିକ ସୁଭଦ୍ରା ହିତାଧିକାରୀ ପଦଯାତ୍ରା କରିଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରିଥିବା ରାଲି ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗା ମନ୍ଦିର, ତହସିଲ ଅଫିସ ଛକ ଦେଇ ସହର ପରିକ୍ରମା କରିଥିଲା। ଭାଜପା ନେତା ପୂର୍ବତନ ନଗରପାଳ ଉସତ କର, ଭୁବନେଶ୍ୱର ପାତ୍ର, ପୂର୍ଣ୍ଣ ମେହେର, ଜୟଦେବ ହରି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

### ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ଅମରପାଲି,୫।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତର କଦଳୀପାଲିଠାରେ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ ବୁଧୁବାର କଳସ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ନିକଟସ୍ଥ ଦୈତାରୀ କଟାରେ ଗଙ୍ଗାମାତାଙ୍କୁ ଆବାହନ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ବହୁ ସଂଖ୍ୟକ ଯୁବତୀଯୁବକ,ମହିଳା ଓ ପୁରୁଷ ଜଳ ପୂର୍ଣ୍ଣ କଳସି ଧରି ନଗର ପରିକ୍ରମା କରିଥିଲେ। ପରେ ସମସ୍ତେ ନାମଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ଯଥାରିଞ୍ଚ ସାହୁ ଓ ବବିତା ସାହୁ, ସୁଦାମ ସାହୁ ଓ ସୁନନ୍ଦା ସାହୁ କାର୍ଯ୍ୟ ତୁଲାଇଥିଲେ। ନାମଯଜ୍ଞ ଶୁକ୍ରବାର ଯାଏ ଚାଲିବ। ୫୦ରୁ ଉର୍ଦ୍ଧ୍ୱ ବ୍ରତଧାରୀ ନିଷ୍ଠା ଓ କାଷ୍ଟ ସହିତ ବ୍ରତ ଧାରଣ କରୁଛନ୍ତି। ଗୁରୁବାର ସକାଳୁ ରୀତିନୀତି ଅନୁଯାୟୀ ଅଧିବାସ ଓ ନାମାରମ୍ଭ କାର୍ଯ୍ୟକ୍ରମ ରହିଛି। ନାମ ଯଜ୍ଞକୁ ଆକର୍ଷଣୀୟ କରିବା ପାଇଁ ତୋରଣ ଓ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି।

# ବୌଦ୍ଧରେ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ


ବିଜୁ ପଟ୍ଟନାୟକ ଛକରେ ଥିବା ପ୍ରତିମୂର୍ତ୍ତିରେ ଦଳୀୟ ନେତାମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

**ବୌଦ୍ଧ, ୫।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାର ଜନ୍ମଦାତା, ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜୟନ୍ତୀ ବୌଦ୍ଧ ଜିଲା ବିଜେଡି ପକ୍ଷରୁ ବୁଧବାର ପାଳିତ ହୋଇଛି। ଏହି ଅବସରରେ ସକାଳୁ ଜିଲା ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବୌଦ୍ଧ ସହରର ବିଜୁ ପଟ୍ଟନାୟକ ଛକଠାରେ ସ୍ଥାପିତ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅଶୋକ କୁମାର ସାହୁ, ସୁବୋଧ ପ୍ରଧାନ, ମନରଞ୍ଜନ ପୁରୋହିତ, ବିଦ୍ୟାଧର ସ୍ୱାଇଁ, ଜ୍ଞାନରଞ୍ଜନ ପଟ୍ଟନାୟକ, ଅରୁଣ ପ୍ରଧାନ, ସିତାଂଶୁ ମହାକୁଡ, ନିବାସ ଦାନି, କାଉନସିଲର ଓ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ନେତା ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସ୍ୱର୍ଗତ ବିଜୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଜୁବାବୁଙ୍କ ଜୟନ୍ତୀ ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ବାସଭବନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଦଳର ବରିଷ୍ଠ ନେତାମାନେ ବିଜୁବାବୁଙ୍କ ପାଇଁ ଆମେ ବୌଦ୍ଧ ଜିଲା ପାଇଛୁ , ତାଙ୍କ ପାଇଁ ପଞ୍ଚାୟତର ବିକାଶ ହୋଇଥିବା ନେଇ ମତବ୍ୟକ୍ତ କରିବା ସହ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ।

# ଚାରିଛକଠାରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ

**ହରଭଙ୍ଗା,୫।୩(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ଠାରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଛି। ଚାରିଛକ ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଳର ନେତାମାନେ ପୁଷ୍ପାମାଲ୍ୟ ଅର୍ପଣ କରିଥିଲେ। ଏହା ସହ ବିଜୁବାବୁଙ୍କ ପ୍ରତି ରାଜ୍ୟରେ ଥିବା ଭାଜପା ସରକାର ଚଳାଇଥିବା ହୀନ ରାଜନୀତିକୁ ନିନ୍ଦା କରିଥିଲେ। ଏହା ପରେ ଦଳ ପକ୍ଷରୁ ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷା ପ୍ରଭାସିନି ଦାସ, ବରିଷ୍ଠ ନେତା ରବିଚନ୍ଦ୍ର ପ୍ରଧାନ, ପ୍ରତିଭା ସାହୁ, ସୁଶାନ୍ତ ପ୍ରଧାନ,


ଚାରିଛକଠାରେ ବିଜୁବାବୁଙ୍କ ଜୟନ୍ତୀ ପାଳନରେ ଦଳୀୟ ନେତା।

ଅବକାଶ ସାହୁ, ସରପଞ୍ଚ ଅଶୋକ ସେଠି, ନିହାର ଘୋଷ, ଗୁରଡ ପ୍ରଧାନ, ଦିଲୀପ ସାହୁ, ଦିଲୀପ ପ୍ରଧାନ, ବସୁଦେବ ଦେହୁରୀ ପ୍ରମୁଖ ସାମିଲ ଥିଲେ।

# ରାସ୍ତା ତଳକୁ ଖସିଲା ଟ୍ରାକ୍ଟର: ଜଣେ ଶ୍ରମିକ ମୃତ

**ହରଭଙ୍ଗା,୫।୩(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ବାମଣ୍ଡା ନିକଟରେ ଏକ ଟ୍ରାକ୍ଟର ବୁଧବାର ଅପରାହ୍ନରେ ରାସ୍ତା ତଳକୁ ଖସି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଦୁଇଜଣ ଗୁରୁତର ହୋଇଥିବା ଜଣାପଡିଛି । ବୌଦ୍ଧରୁ ଏକ ଟ୍ରାକ୍ଟର କିଛି ଘର ତିଆରି ଜିନିଷ ଧରି ବୀରନରସିଂହପୁରକୁ ଫେରୁଥିବାବେଳେ ବାମଣ୍ଡା ନିକଟରେ ଜାତୀୟ ରାଜପଥ କଡରେ ଦିଆଯାଇଥିବା ଲୁହା ବାଡା ଭାଙ୍ଗି ତଳକୁ ଖସିପଡି ଓଲଟି ପଡିଥିଲା। ଟ୍ରାକ୍ଟରରେ ବସିଥିବା ବିରାମଚନ୍ଦ୍ରପୁରର ଶ୍ରମିକ ସୁଜିତ ପରିଡା (୩୨)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ବୀରନରସିଂହପୁର ଗ୍ରାମର ଶ୍ରମିକ ଶ୍ରୀକାନ୍ତ ରଣା ଓ ଖଜୁରୀପଡା ଗ୍ରାମର ଟ୍ରାକ୍ଟର ଚାଳକ ବଳକନ୍ଧ କହଁର ଗୁରୁତର ଆଘାତ ହୋଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକମାନେ ଗୁରୁତର ଆହତମାନଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ପଠାଇଥିଲେ। ଖବରପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରି ବୌଦ୍ଧ ମେଡିକାଲକୁ ପଠାଇଛି। ପ୍ରକାଶ ଥାଉକି, ଜାତୀୟ ରାଜପଥର ପୋଲଗୁଡିକ କେଉଁଠି ଉଚ୍ଚା ଥିବା ବେଳେ ଆଉ କେଉଁଠି ଦବି ଯାଇଥିବାରୁ ଦୁର୍ଘଟଣା ଘଟୁଥିବା ଅନୁମାନ କରାଯାଉଛି।

# ହରିହର ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା


କଳସ ଶୋଭାଯାତ୍ରାରେ ସଙ୍କୀର୍ତ୍ତନ ପରିବେଷଣ ।

**ଅମରପାଲି,୫।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚୌହାନପୁର(ମାଳିଦାଦର)ର ଅନନ୍ତ ବାସୁଦେବ କନ୍ୟାକୁମାରୀ ଯୋଗାଶ୍ରମ ପରିସରରେ ନବନିର୍ମିତ ହରିହର ମନ୍ଦିର ପ୍ରତିଷ୍ଠା ପାଇଁ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଏହାସହ ଶ୍ରୀରାମ ଚରିତ ମାନସର ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ନିକଟସ୍ଥ ମହାନଦୀରୁ କଳସ ପୂର୍ଣ୍ଣ ଜଳ ଆଣି ଯଜ୍ଞସ୍ଥଳୀରେ ସ୍ଥାପନ କରିଥିଲେ। ବୁଧବାର କଳସ ଯାତ୍ରା ସହିତ ନନ୍ଦିଘୋଷ ଆଧ୍ୟାତ୍ମିକ ପରିଷଦର ସଦସ୍ୟ ଡ.ଦିଲ୍ଲିପ ତ୍ରିପାଠୀ, ଡ.ଦ୍ୱିତୀକୃଷ୍ଣ ପଣ୍ଡା, ଯୁଗଳ କିଶୋର ମିଶ୍ର, ଶଙ୍କର ମେହେର, ମୀନକେତନ ମେହେର ତଥା ବ୍ୟାସ ଗାୟକ ସତ୍ୟ ନାରାୟଣ ଚାନ୍ଦଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ମୁଖ୍ୟ କର୍ତ୍ତାଭାବେ ଧୀରେନ୍ଦ୍ର ବାଘ ଓ ବୈଦେହୀ ବାଘ ରହଛନ୍ତି। ପାରାୟଣ କର୍ତ୍ତା ପ୍ରକାଶ ବାରିକ ଓ ବିକି ବାରିକ ଏବଂ ନାମଯଜ୍ଞ କର୍ତ୍ତାଭାବେ ବେଣୁଧର ପଧାନ ଓ ରାଧାରାଣୀ ପଧାନ କାର୍ଯ୍ୟ ନିର୍ବାହ କରୁଛନ୍ତି। ସାଧ୍ୱୀ ଉମା ଶଙ୍କରୀ ଚୈତନ୍ୟଙ୍କ ଦ୍ୱାରା ଆୟୋଜିତ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଭାବେ ସୁଶାନ୍ତ ପୁରୋହିତ, ବିଘ୍ନରାଜ ମିଶ୍ର, ଏବଂ ଉମାଶଙ୍କର ପଣ୍ଡା ପୂଜାର୍ଚ୍ଚନା କାର୍ଯ୍ୟ କରୁଛନ୍ତି। ପାରାୟଣ ବକ୍ତା ଓ କଣ୍ଠରତ୍ନ ଗାୟକ ଆଚାର୍ଯ୍ୟ ସଚ୍ଚିକାନ୍ତ ପଣ୍ଡାଙ୍କ ଦ୍ୱାରା ରାମାୟଣ ପାରାୟଣ କରାଯିବା କାର୍ଯ୍ୟକ୍ରମ ରହିଛି।

# କୃଷିଜାତ ଉତ୍ପାଦର କିଣାବିକା ନେଇ ଆଲୋଚନା



ଦକ୍ଷତା ବିକାଶ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

**ସୋନପୁର,୫।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାର କୃଷକ ଉତ୍ପାଦକ ସଙ୍ଗଠନ(ଏଫପିଓ) କର୍ମକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ସହାୟତାରେ ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଜିଲାର ୫ଟି ଏଫ୍‌ପିଓର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଓ ପ୍ରତି ଏଫ୍‌ପିଓରୁ ୩ଜଣ ଲେଖାଏ ବୋର୍ଡ ଅଫ ଡାଇରେକ୍ଟର(ବିଓଡି) ଯୋଗଦେଇଥିଲେ। ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷୀକେଶ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କୃଷିଜାତ ଉତ୍ପାଦକୁ କୃଷକ ଉତ୍ପାଦକ ଗୋଷ୍ଠିଙ୍କ ଜରିଆରେ କିଣାବିକା ଉପରେ ଦାସ ଆଲୋଚନା କରିଥିଲେ। ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ ଏଫପିଓ ଗଠନ ଓ ଏହାର ମୂଳ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଡିଡିଏମ ନାବାର୍ଡ ଡ. ବିଶ୍ୱସ୍ୱରୂପ ବେଦାନ୍ତ ଯୋଗଦାନ କରି ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବା ସହ କୃଷିଜାତ ଉତ୍ପାଦର ରାଜ୍ୟ ଓ ରାଜ୍ୟ ବାହାରେ ସିଧାସଳଖ କିଣାବିକା ଏବଂ ବ୍ୟବସାୟ ବୃଦ୍ଧି ସମ୍ପର୍କରେ ବୁଝାଇଥିଲେ। ବରଗଡ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପଣ୍ଡା ଉଦ୍ୟାନ କୃଷି କରୁଥିବା ଚାଷୀଙ୍କ ପାଇଁ ଏଫପିଓର

## ତାଲିମ ନେଲେ ବିଓଡି, ସିଇଓ

କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଫପିଓର ଗଭର୍ଣ୍ଣାନ୍ସ ସିଷ୍ଟମ ସମ୍ପର୍କରେ ବିକାଶ ପଲେଇ ଓ ଆକାଶ ସାହୁ ବୁଝାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଲୋପାମୁଦ୍ରା ରାୟ ଶିବିର ପରିଚାଳନା କରିଥିଲେ। ସୋନପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଲୁସି ପ୍ରିୟଦର୍ଶନୀ ପୂଜାହାରୀ ଧନ୍ୟବାଦ ପ୍ରଦାନ କରିଥିଲା ବେଳେ ବିନିକା ସହକାରୀ ଉଦ୍ୟାନ କୃଷି ଅଧିକାରୀ ତ୍ରିଦେବ ବଘାର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଫସଲ ସଂରକ୍ଷଣ ବୈଜ୍ଞାନିକ ଡ. ତ୍ରିନାଥ ଖଣ୍ଡାୟତରାଏ, ସୁପ୍ରଭା ସେଠୀ ଓ ତରଭା ସହକାରୀ ଉଦ୍ୟାନ କୃଷି ଅଧିକାରୀ ସାଲଗେ ଟୁଡୁ ମଞ୍ଚାସିନ ଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଶରତ କଲତା ଓ ସୁବାସ ବିଶ୍ୱାଳ ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ଛତିଶଗଡ଼କୁ ହରାଇ ଫାଓ କଟକ ସେମିଫାଇନାଲରେ



ଡିଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଦୃଶ୍ୟ।

**ବୌଦ୍ଧ, ୫।୩(ଅଜିତ କୁମାର ବାରିକ)**

## ଡିଏସ୍ କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଚତୁର୍ଥ ଦିନ

ବୌଦ୍ଧ ଜିଲା ଫୁଟବଲ୍ ଆସୋସିଏଶନ ଦ୍ୱାରା ଆୟୋଜିତ ଡିଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ବୁଧବାର ଚତୁର୍ଥ ଦିନ ଖେଳ ଫାଓ କଟକ ଓ ନ୍ୟୁ ସ୍ପୋର୍ଟିଂ କ୍ଲବ ଛତିଶଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ବହୁ ଚିତାକର୍ଷକ ହୋଇଥିବାବେଳେ ଖେଳର ପ୍ରଥମାର୍ଦ୍ଧରେ କଟକ ଦଳ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଦଳ ଆଉ ଗୋଟିଏ ଗୋଲ ଦେଇଥିଲା। ଫଳରେ ୨-୦ ଗୋଲରେ ବିଜୟୀ ହୋଇ ଫାଓ କଟକ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଖେଳରେ ଅତିଥି ଭାବେ ପୂର୍ବତନ ଭାଜପା ସଭାପତି ମାଗୁଣି ଗାଇଗୌରିଆ, ସର୍ବଭାରତୀୟ ଜଙ୍ଗଲ ଓ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଜଗବନ୍ଧୁ ପାତ୍ର, ଜିଲା ଫୁଟ୍‌ବଲ୍ ଆସୋସିଏଶନ ସମ୍ପାଦକ ଯୁଗଳ କିଶୋର ସାମଲ, ଆଇନଜୀବୀ ଆଶୁତୋଷ ଦାଶ ଏବଂ ପ୍ରଦେଶୀ ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ମୁଖ୍ୟରେଫରୀ ଭାବେ ତରୁଣ କୁମାର ବିଶ୍ୱାସ ପରିଚାଳନା କରିଥିବାବେଳେ ଲାଇନରେ ଦିଲ୍ଲୀପ କୁମାର ରାଉତ ଏବଂ ଶଶିକାନ୍ତ ଦାସିଆ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସଲିଳ ବେହେରା ଓ ମ୍ୟାଚ କମିଶନର ଭାବେ ଦୁର୍ଗା ମାଧବ ନାଏକ ଦାୟିତ୍ୱ ତୁଲାଇଥିଲେ। ଗୁରୁବାରଗ୍ରୁପ 'ବି'ର ଦ୍ୱିତୀୟ ଖେଳ ଏମ୍‌କେଏସସି ବକ୍ସର ବିହାର ଓ ସମ୍ବଲପୁର ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ ।

## ସଂକ୍ଷେପରେ

### ଇସ୍ପାତ ସହରରେ ବିଜୁବାବୁଙ୍କ ଜୟନ୍ତୀ

**ରାଉରକେଲା,୫ା୩(ସଙ୍ଗୀତା ଜେନା):** ପ୍ରବାଦ ପୁରୁଷ ବିଜୁବାବୁଙ୍କ ୧୦୯ତମ ଜୟନ୍ତୀରେ ରାଉରକେଲା ବିଜେଡି ପକ୍ଷରୁ ଭବ୍ୟକାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କ୍ରମରେ ଛେଣ୍ଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଆରଜିଏଚ୍‌ରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଆଧୁନିକ ଓଡ଼ିଶାର ନିର୍ମାତା ବିଜୁବାବୁଙ୍କ ଅତୁଳନୀୟ ଭୂମିକା ରହିଛି। ତାଙ୍କ ବଳିଷ୍ଠ ନେତୃତ୍ୱ ହିଁ ରାଜ୍ୟକୁ ଅଗ୍ରସର କରାଇବାରେ ସଫଳ ହୋଇଛି। ରାଜନୀତିରୁ ବହୁ ଊର୍ଦ୍ଧ୍ୱରେ ରାଜ୍ୟବାସୀଙ୍କ ହୃଦୟରେ ପହଞ୍ଚି ପାରିଛନ୍ତି ବିଜୁବାବୁ। ତାଙ୍କ ସରଳତାହିଁ ଓଡ଼ିଆ ଲୋକଙ୍କ ପରିଚୟ ହୋଇଯାଇଛି ବୋଲି ଉପସ୍ଥିତ ନେତୃମଣ୍ଡଳୀ ଆଲୋଚନା କରିଥିଲେ। ନଗର ସଭାପତି ଗଗନ ପଣ୍ଡା, ସୁଦାମ ଦାସ, ଆନନ୍ଦ ଚନ୍ଦ୍ର ମହାନ୍ତି, ସୁବାସ ସ୍ୱାଇଁ, ପ୍ରମୋଦ ଶର୍ମା, ବିକାଶ ଶୁକ୍ଲା, ବବିତା ସାହୁ, ଜ୍ୟୋତ୍ସାରାଣୀ ନାୟକ ସମେତ ଶତାଧିକ କର୍ମକର୍ତ୍ତା ଏଥିରେ ଯୋଗଦାନ କରିଥିଲେ।

### ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ ଦାବି

**ପଦ୍ମପୁର,୫ା୩(ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡର ୬ଟି ଯାକ ବ୍ଲକରେ ଗାଡି ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି। ଏଥିପାଇଁ ପଦ୍ମପୁରଠାରେ ଏକ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଦୀର୍ଘ ଦିନ ଦେବ ଦାବି ହୋଇଆସୁଛି। ବିଭିନ୍ନ ସମୟରେ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଝାରବନ୍ଧ, ପାଇକମାଳ ବ୍ଲକରୁ ବରଗଡ଼ ଯିବା ପାଇଁ ପ୍ରାୟ ୧୦୦ରୁ୧୫୦ କିଲୋମିଟର ଦୂର ପଡ଼ିଥାଏ। ଏହି ଉପଖଣ୍ଡର ଜନସାଧାରଣ ସାଧାରଣ ବାଇକଟିଏ କିଣିଲେ ପଞ୍ଜୀକରଣ ପାଇଁ ବରଗଡ଼କୁ ଦୌଡ଼ି ଥାନ୍ତି। ସେହିପରି ଲାଇସେନ୍ସ ପାଇଁ ଯାଉଥିବା ନୂଆ ଚାଳକ ବାରମ୍ବାର ଯାଇ ଦଲାଲ ହାବୁଡ଼ରେ ପଡି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପଦ୍ମପୁରଠାରୁ ବରଗଡ଼ ୮୦ କିଲୋମିଟର ପଡୁଥିବାରୁ ବିଭାଗ ପକ୍ଷରୁ ପଦ୍ମପୁର ଆସି ସବୁବେଳେ ଗାଡିମୋଟର ଯାଞ୍ଚ ହୋଇ ପାରୁନାହିଁ। ଯାହାକି ଭାରିଯାନଗୁଡ଼ିକ କ୍ଷମତାଠାରୁ ଅଧିକ ମାଲ ବୋଝେଇ କରି ରାଜସ୍ୱ ମଧ୍ୟ କ୍ଷତି କରୁଛନ୍ତି। ଏହି ଦୃଷ୍ଟିରୁ ପଦ୍ମପୁରଠାରେ ଏକ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ କରାଗଲେ ଜନସାଧାରଣ ଉପକୃତ ହେବା ସହିତ ରାଜସ୍ୱ ବୃଦ୍ଧି ପାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ସୀମାନ୍ତରେ ଆଇଇଡି ବ୍ଲାଷ୍ଟରେ ୩ ସୁରକ୍ଷାବଳ ଆହତ



**ରାଉରକେଲା,୫ା୩(ସଙ୍ଗୀତା ଜେନା):** ଓଡ଼ିଶା ଝାଡଖଣ୍ଡ ସୀମାନ୍ତ ଛୋଟନାଗପୁର ଅଞ୍ଚଳରେ ବୁଧବାର ସକାଳ ପ୍ରାୟ ୭ଟାରେ କୋମ୍ବିଂ ଅପରେସନ୍ ଚାଲୁଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଖାଯାଇଥିବା ଆଇଇଡ଼ି ବ୍ଲାଷ୍ଟରେ ୩ ଜଣ ସୁରକ୍ଷାବଳ ଆହତ ହୋଇଥିବା ସୂଚନା ମିଳିଛି। ଆହତମାନେ ହେଉଛନ୍ତି ସିଆରପିଏଫ୍ ୧୯୭ ବାଟାଲିୟନ୍‌ର ଜିଜେ ସାଇ, ବିଟି ରାଓ ଏବଂ କନେଷ୍ଟବଳ ଧର୍ମେନ୍ଦ୍ର କୁମାର। ସମ୍ପ୍ରତି ୩ ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ସିଆରପିଏଫ୍ ସୂଚନା ପ୍ରଦାନ କରିଛି। ସୂଚନାଯୋଗ୍ୟ, ଛୋଟନାଗପୁର ଥାନା ଅନ୍ତର୍ଗତ ବନଗ୍ରାମ ବାଲିବା ନିକଟରେ ଥିବା ଜଙ୍ଗଲଗୁଡ଼ିକରେ କୋମ୍ବିଂ ଅପରେସନ କରାଯାଉଥିଲା। ସେଠାରେ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଖଞ୍ଜାଯାଇଥିବା ଆଇଇଡ଼ି(ସ୍ପାଇକ ହୋଲ୍) ପ୍ରଭାବରେ ଆସିବା ପରେ ତାହା ବ୍ଲାଷ୍ଟ କରିଥିଲା। ତୁରନ୍ତ ଆହତମାନଙ୍କୁ ଝାଡଖଣ୍ଡ ରାଞ୍ଚି ହସପିଟାଲ ନିଆଯାଇଥିଲା।



ଶୋଭାଯାତ୍ରାରେ ମହିଳାମାନେ ସାମିଲ ହୋଇଛନ୍ତି।

## ସୁଭଦ୍ରା ସଚେତନତା ଶୋଭାଯାତ୍ରା

**ରାଉରକେଲା,୫ା୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ମହାନଗର ନିଗମ ଓ ଓଡିଶା ସରକାରଙ୍କ ସୁଭଦ୍ରା ଯୋଜନା ସୌଜନ୍ୟରେ ବୁଧବାର ସୁଭଦ୍ରା ସହିତ ସାମିଲ ହେବା, ଓଡିଶା ସମୃଦ୍ଧିର ମଙ୍ଗ ଧରିବା ଶୀର୍ଷକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ରାଉରକେଲା ଉଦିତନଗର ସ୍ଥିତ ଆମ୍ବେଦକର ଛକରୁ ବାହାରି ଉଦିତ ନଗର ଓ ସିଭିଲ ଟାଉନଶିପ ଅଞ୍ଚଳବ୍ୟାପୀ କରାଯିବା ସହ ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ ହେବା ନିମନ୍ତେ ସଚେତନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ରାଉରକେଲା ଉପାୟୁକ୍ତ ତରୁଣ କାନ୍ତଙ୍କ ସହିତ ରାଉରକେଲା ଶିଶୁ ସମନ୍ୱିତ ବିଭାଗୀୟ ଅଧିକାରୀଣି, ଶିଳ୍ପାଞ୍ଚଳ ଓ ସହରାଞ୍ଚଳର ସମସ୍ତ ଅଙ୍ଗନବାଡି କର୍ମୀଙ୍କ ସହିତ ସୁଭଦ୍ରା ଯୋଜନା ହିତାଧିକାରୀ ସାମିଲ ହୋଇଥିଲେ। ଏଥିସହିତ ଅଧିକାରୀମାନେ ସୁଭଦ୍ରା ଯୋଜନାର ଉପଦେୟତା ଓ ଓଡିଶା ସରକାର ମହିଳା ସମାଜର ଅଭ୍ୟୁଦୟ ନିମନ୍ତେ ପ୍ରଣିତ ସୁଭଦ୍ରାର ଆବଶ୍ୟକତା ବିଷୟରେ ଲୋକଙ୍କୁ ସମ୍ପୂର୍ଣ୍ଣ ପରାମର୍ଶ ପ୍ରଦାନ କରିଥିଲେ। ସକାଳ ୯ଟାରୁ ପୂର୍ବାହ୍ଣ ୧୦ଟା ଯାଏଁ ଶୋଭାଯାତ୍ରା ଚାଲିଥିଲା। ଶେଷରେ ଆରଏମ୍‌ସି ନିକଟସ୍ଥ ହନୁମାନ ମନ୍ଦିର ନିକଟରେ ଶୋଭାଯାତ୍ରା ଶେଷ ହୋଇଥିଲା। ଆସନ୍ତା ମହିଳା ଦିବସରେ ସୁଭଦ୍ରା ଯୋଜନା ନେଇ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଆରଏମସି ଉପାୟୁକ୍ତ ତରୁଣ କାନ୍ତ ସୂଚନା ଦେଇଥିଲେ।

## ଝିରପାଣିରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

**ରାଉରକେଲା, ୫ା୩(ବିପ୍ଲବରଞ୍ଜନ ଦାଶ)**

ବିଜୁ ପଟ୍ଟନାୟକ ଜୟନ୍ତୀ ଉପଲକ୍ଷେ ମା' ସର୍ବମଙ୍ଗଳା ଚାରିଟେବୁଲ ଟ୍ରଷ୍ଟ ଓ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଝିରପାଣି ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ମୁଖ୍ୟ ହରେକୃଷ୍ଣ ନାୟକଙ୍କ ଆବାହକତ୍ୱ ଓ ଗୌରୀ କୁମ୍ଭାରଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ବିଜେଡିର ବରିଷ୍ଠ ନେତା ଆର୍ତ୍ତ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ହାଲୁ ମୁଣ୍ଡାରୀ, ସମାଜସେବୀ ମିତ୍ରଭାନୁ ପଣ୍ଡା, ରାଜେନ୍ଦ୍ର ପଣ୍ଡା, କାର୍ତ୍ତିକ ରାଉତ, ବିଶ୍ୱଜିତ ରାଉତ, ସରପଞ୍ଚ ଏ ତିର୍କୀ, ସମିତି ସଭ୍ୟା ପ୍ରତିମା ପାତ୍ର, ସୁମତୀ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସିଡବ୍ଲ୍ୟୁଏସ ହସ୍ପିଟାଲର ଖାଦ୍ୟ ମାଗଦର୍ଶିକା ସି. ପୁଷ୍ପାକୁମାରୀ ଖାଦ୍ୟ ସମ୍ପର୍କୀତ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି ଶିବିରରେ ଆଖପାଖ ଅଞ୍ଚଳରୁ ପ୍ରାୟ ୨୭୩ ଜଣ ଜନସାଧାରଣ ଚକ୍ଷୁ, ବ୍ଲଡ ପ୍ରେସର, ମଧୁମେହ, ସ୍ୱାସ୍ଥ୍ୟ ସମସ୍ୟା ଆଦି ପରୀକ୍ଷା କରିଥିଲେ। ଏଥିରେ ନିଃଶୁଳ୍କ ଚଷମା ଓ ପରାମର୍ଶ ଯୋଗାଇ ଦିଆଯାଇଥିଲା। ହାଇଟେକ୍ ମେଡିକାଲ ତରଫରୁ ଡାକ୍ତର ଅର୍ଚ୍ଚନା ପଣ୍ଡା, ଡାକ୍ତର ଭବାନୀ ସାହୁ, ଡାକ୍ତର ଶିବପ୍ରସାଦ ଶତପଥୀ, ଡାକ୍ତର ସୋହେବ ରଜାକ, ହସ୍ପିଟାଲର ବରିଷ୍ଠ ଅଧିକାରୀ ଶୁଭାଶିଷ ତ୍ରିପାଠୀ,ସଞ୍ଜୁକ୍ତା ରଣମନ୍ଥନ ସିଂହ, ବେବି ସୋରେନ, ଜ୍ଞାନରଞ୍ଜନ ଦାସ, ଗୀତାଞ୍ଜଳି ପଣ୍ଡା, ଓମଶ୍ରୀ ଦାସ, ମମତା ଲାକ୍ରା, ଦୀପିକା ପାତ୍ର, ନଗେନ ଧଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଝିରପାଣି ସ୍କୁଲର ଶତାଧିକ ଛାତ୍ରୀଛାତ୍ର ସେମାନଙ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରାଇଥିଲେ। ମିତ୍ରଭାନୁ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ଆର୍‌ଏସ୍‌ପିରେ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଆରମ୍ଭ




ସୁରକ୍ଷା ଦିବସ ପାଳନ କରାଯାଉଛି।

**ରାଉରକେଲା,୫ା୩(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିରେ ମାର୍ଚ୍ଚ ୪ରେ ଜାତୀୟ ସୁରକ୍ଷା ଦିବସ ଉତ୍ସବ ପାଳନ ସହ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଆରମ୍ଭ ହୋଇଯାଇଛି। ଆରଏସପିର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଶିଳ୍ପ କୋଣାର୍କ ସ୍ମାରକୀ ପରିସରରେ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ। ଉତ୍ସବରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୂଦୀପ ପାଲଚୌଧୁରୀ ,ସିଜିଏମ କ୍ୱାଲିଟି ତଥା ଆକ୍ଟିଂ ଇଡି ୱାର୍କ୍ସ ଆର.କେ ପାତ୍ର, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, ବହୁ ସିଜିଏମ, ବିଭାଗ ମୁଖ୍ୟ, ବିଭାଗୀୟ ସୁରକ୍ଷା ଅଧିକାରୀ,ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ୱାର୍କସ ଅଞ୍ଚଳର ବହୁ ସଂଖ୍ୟକ କର୍ମଚାରୀ ଯୋଗ ଦେଇଥିଲେ।

ଉଲ୍ଲେଖନୀୟ ଯେ ଚଳିତବର୍ଷ ଏହି ସପ୍ତାହ ପାଳନର ବିଷୟବସ୍ତୁ ହେଉଛି ସୁରକ୍ଷା ଓ ସୁସ୍ଥତା ,ବିକଶିତ ଭାରତ ପାଇଁ ମହତ୍ୱପୂର୍ଣ୍ଣ। ଏ ଅବସରରେ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ,ସୁରକ୍ଷା ସ୍ୱବାସ ଗୃହରୁ ଆରମ୍ଭ। ଆମେ ଯେପରି ନିଜର ବାସଗୃହ ଯତ୍ନ ନେବା ଭଳି କାରଖାନାର ମଧ୍ୟ ଯତ୍ନ ନେବାକୁ ହେବ। ସମ୍ଭାବ୍ୟ ବିପଦ ଓ ସୁରକ୍ଷା ପ୍ରାବଧାନ ବିଷୟରେ ହୃଦୟଙ୍ଗମ କରିବା ନିମନ୍ତେ ସଚେତନତା ସୃଷ୍ଟି ଅପରିହାର୍ଯ୍ୟ। ସେ ସମସ୍ତଙ୍କୁ ସୁରକ୍ଷିତ ରହିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ମଧ୍ୟ ସୁରକ୍ଷିତ ରହିବାକୁ ଉତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଆରଏସପିର ସୁରକ୍ଷା ମାସ୍କଟ ଅଭେଦ୍ୟ ସହିତ କରମର୍ଦ୍ଦନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁ ସିଜିଏମ ଇଲେକ୍ଟ୍ରିକାଲ ଆର.କେ ମୁଦୁଲି,ଏନପିଏମ ଓ ଏସପିପି ବିଭାଗର ସିଜିଏମ ଆର.କେ ବିସାରେ ଏବଂ ଏସଏମଏସ-୧ ବିଭାଗର ସିଜିଏମ ଏସ କାର୍ଥା ଯଥାକ୍ରମେ ଓଡିଆ,ହିନ୍ଦୀ ଏବଂ ଇଂରାଜୀରେ ସୁରକ୍ଷା ଶପଥ ପାଠ କରିଥିଲେ। ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଆଶା କାର୍ଥା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କୁ ସୁରକ୍ଷା ବ୍ୟାଜ ମଧ୍ୟ ପିନ୍ଧା ଯାଇଥିଲା। ଏଥିପୂର୍ବରୁ ପୂର୍ବାହ୍ଣରେ ପାଲଚୌଧୁରୀ ପ୍ରକଳ୍ପ ବିଭାଗରେ ଅନୁଷ୍ଠିତ ଏକ ଉତ୍ସବରେ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ।

## ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ ଘଟଣାରେ ଜଣେ ମୃତ

**ବେଗୁନିଆ,୫ା୩(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମରେ ମଙ୍ଗଳବାର ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ ଘଟିଥିଲା। ଏଥିରେ ବାଣ ବେପାରୀ ଅଶୋକ ମଲ୍ଲିକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଗୁରୁତର ଆହତ ହୋଇଥିଲେ। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅଶୋକଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ଣରେ ଦେଉଳି ଗ୍ରାମରେ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ସ୍ଥାନୀୟ ଲୋକେ ଦେଖିବା ବେଳକୁ ଅଶୋକଙ୍କ ଘରେ ଚିତ୍କାର ଶୁଭୁଥିଲା। ବିସ୍ଫୋରଣ ଯୋଗୁ ଅଶୋକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଆହତ ହୋଇଥିଲେ। ଏହା ପରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ବେଗୁନିଆ ମେଡିକାଲ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ସେଠାରୁ ଖୋର୍ଦ୍ଧା ଏବଂ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ସକାଳ ପ୍ରାୟ ୯ଟାରେ ଚିକିତ୍ସାଧୀନ ଅବସ୍ଥାରେ ଅଶୋକଙ୍କ ମୃତ୍ୟୁ ଘଟିଥିଲା। ତେବେ ତାଙ୍କ ସ୍ତ୍ରୀ ସୁକାନ୍ତି ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଏବଂ ବେଗୁନିଆ ଥାନା ଅଞ୍ଚଳରେ ବେଆଇନ ବାଣ ପ୍ରସ୍ତୁତି ଓ କାରବାର ବୃଦ୍ଧି ପାଇବାରେ ଲାଗିଛି। ଗତ ୧୦ବର୍ଷ ମଧ୍ୟରେ ବାଣ ବିସ୍ଫୋରଣରେ ୯ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଜଣ ଆହତ ହୋଇଛନ୍ତି।

## ଅଙ୍ଗନଦୀ ଜଳସେଚନ ପ୍ରକଳ୍ପ ବିରୋଧରେ ପ୍ରତିବାଦ ସଭା

**ପଦ୍ମପୁର,୫ା୩(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସରେଇକେଲା ଗ୍ରାମବାସୀଙ୍କ ତରଫରୁ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଅଙ୍ଗନଦୀ ଜଳସେଚନ ପ୍ରକଳ୍ପ ବିରୋଧରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଗତ ମଙ୍ଗଳବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଳସମ୍ପଦ ବିଭାଗର ସମୀକ୍ଷା ବୈଠକରେ ରାଜ୍ୟର ୫ଟି ବୃହତ ଜଳସେଚନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବରଗଡ଼ ଜିଲାର ବୃହତ୍ ଅଙ୍ଗ ଜଳସେଚନ ପ୍ରକଳ୍ପ ରହିଛି। ବୁଡ଼ି ଅଞ୍ଚଳ ଅଧୀନରେ ଆସୁଥିବା ସରେଇକେଲା ଗ୍ରାମରେ ତୀବ୍ର ପ୍ରତିକ୍ରିୟା ସହ ବିରୋଧରେ ଗ୍ରାମବାସୀ ଏକ ପ୍ରତିବାଦ ସଭା କରିଥିଲେ। ଆଗାମୀ ଶୁକ୍ରବାର ପରବର୍ତ୍ତୀ ବୈଠକ ହୋଇ ପ୍ରକଳ୍ପ ବିରୋଧରେ ରଣନୀତି ପାଇଁ ନିଷ୍ପତ୍ତି ନିଆଯିବ। ବୈଠକରେ, ନିରଞ୍ଜନ ପ୍ରଧାନ,ବିକାଶ ସାହୁ,ତପନ ସାହୁ, ବେଦପ୍ରକାଶ ପଟେଲ, ସୁନୀଲ ପ୍ରଧାନ,ଟିଙ୍କୁନୁ ବରିହା, ସୁନ୍ଦର ସାହୁ, ତୀର୍ଥ ସାହୁ, ପ୍ରତାପ ସାହୁ, ବାବୁଲାଲ ବାରିକଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

## ଶ୍ରୀରାମନବମୀ ପାଇଁ ଶାନ୍ତି କମିଟି ବୈଠକ



ସିଭିକସେଣ୍ଟରରେ ପୋଲିସ ପ୍ରଶାସନ ସହ ବିଭିନ୍ନ ଆଖଡା କମିଟି ସଦସ୍ୟମାନେ।

**ରାଉରକେଲା,୫ା୩(ସଙ୍ଗୀତା ଜେନା)**

ଆସନ୍ତା ଏପ୍ରିଲ ୬ରେ ରାଉରକେଲାରେ ଶ୍ରୀରାମନବମୀ ଉତ୍ସବ ପାଳନ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଏକ ଶାନ୍ତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ସେକ୍ଟର--୧୯ ସିଭିକସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ପ୍ରଭାଶଙ୍କର ନାୟକ, ହରେକୃଷ୍ଣ ମାଝୀ, ରମାକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଖଡ଼ା ପ୍ରଦର୍ଶନୀ ସମୟ, ସାଉଣ୍ଡ ଏବଂ ଡିଜେ କଟକଣା, ଖଣ୍ଡା ପ୍ରଦର୍ଶନୀ ଏବଂ ଉଦିତନଗର ମୁଖ୍ୟରାସ୍ତାରେ ଶୋଭାଯାତ୍ରା ବ୍ୟବସ୍ଥାକୁ ନେଇ ଆଲୋଚନା କରାଯାଇଥିଲା। ଉକ୍ତ ଉତ୍ସବକୁ ଶାନ୍ତିଶୃଙ୍ଖଳାର ପାଳନ କରିବାକୁ ଏସ୍‌ପି ନିବେଦନ କରିଥିଲେ। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଆଖଡ଼ା କମିଟି ସଦସ୍ୟ ସାମିଲ ହୋଇଥିଲେ। ପରେ ଏମାନଙ୍କର ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଡିଏସ୍‌ପି ଯୋଗେଶ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଗୁଣିଗାରେଡ଼ି ସନ୍ଦେହରେ ଜଣକୁ ହତ୍ୟା ଘଟଣା: ୫ ଅଭିଯୁକ୍ତ ଗିରଫ

**ବଲାଙ୍ଗୀର,୫ା୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ଆଟଗାଁଠାରେ ଗୁଣିଗାରେଡି ସନ୍ଦେହରୁ ଶ୍ୟାମ ସୁନ୍ଦର ବାଗ ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯିବା ଘଟଣାରେ ବଲାଙ୍ଗୀର ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଟଗାଁର ଶରତ ରଣା, ତ୍ରିପୁରା ରଣା, ସୁଶୀଳ ରଣା, ବାଳଗୋପାଳ ରଣା ଏବଂ ରଞ୍ଜନ ରଣା। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, ଛୁରି, ଠେଙ୍ଗା, କଟୁରୀ ଜବତ କରିଛି। ବଲାଙ୍ଗୀର ଏସ୍‌ପି ଅଭିଳାଷ ଜି ପ୍ରେସ୍ ବିଜ୍ଞପ୍ତିରେ ଉପରୋକ୍ତ ସୂଚନା ଦେଇଛନ୍ତି।

## ବିଜୁବାବୁଙ୍କୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

**ରାଉରକେଲା,୫ା୩(ବିପ୍ଳବ ରଞ୍ଜନ ଦାଶ)**

ମହାନ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ଜୟନ୍ତୀ ଅବସରରେ ସହରର ଅନ୍ୟତମ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବୁଧବାର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ପୂର୍ବାହ୍ନରେ ମଞ୍ଚ ପକ୍ଷରୁ ସ୍ଥାନୀୟ ସେକ୍ଟର ୨ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମଞ୍ଚର ସଦସ୍ୟମାନେ ମାଲ୍ୟାର୍ପଣ କରିବା ସହ ବିଜୁବାବୁ ଅମର ରହେ ବୋଲି ଧ୍ୱନି ଦେଇଥିଲେ। ମଞ୍ଚର ସଭାପତି ଇଂ. ବିମଳ କୁମାର ବିଶିଙ୍କ ନେତୃତ୍ୱରେ ତଥା ସାଧାରଣ ସମ୍ପାଦକ ପିପି ରାୟଙ୍କ ଆବାହକତ୍ୱରେ ଉପେନ୍ଦ୍ର କୁମାର ନାୟକ, ଜଟାଧାରୀ ମାଝୀ, କୁଞ୍ଜବିହାରୀ ରାଉତ, ସସ୍ମିତା ପ୍ରଧାନ, ସୁବ୍ରତ କୁମାର ମଲ୍ଲିକ, ହାଡିବନ୍ଧୁ ମହାପାତ୍ର, ଭୀମ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ବିଜୁ ବାବୁ ଜଣେ ସାହାସୀ, ଜାତୀୟତାବାଦୀ, ବିପ୍ଳବୀ ନେତା ଭାବେ ଉଲ୍ଲେଖ କରିବା ସହ ନିଜର ଅଦମ୍ୟ ଦେଶପ୍ରେମ ପାଇଁ ସେ ସାରା ଓଡ଼ିଶାବାସୀଙ୍କ ହୃଦୟରେ ସ୍ଥାନ ପାଇପାରିଛନ୍ତି ବୋଲି କହିଥିଲେ।



ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିଜୁବାବୁଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

## ଆର୍‌ଏସ୍‌ପିରେ ମହିଳାଙ୍କ ଦ୍ୱାରା ଲିଙ୍ଗଗତ ବ୍ୟବଧାନ ଦୂର

**ରାଉରକେଲା, ୫ା୩(ବିପ୍ଳବ ରଞ୍ଜନ ଦାଶ)**

ବିବିଧ ଶିଳ୍ପ ସଂସ୍ଥାନରେ ମହିଳାମାନେ ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରୁଛନ୍ତି। ଏଭଳି ଭୂମିକାକୁ ଗ୍ରହଣ କରୁଛନ୍ତି, ଯାହା ଦିନେ ସେମାନଙ୍କ ପାଇଁ ଅପହଞ୍ଚ ମନେ ହେଉଥିଲା। ସେମାନେ ବିଭିନ୍ନ ଭୂମିକାରେ ଆହ୍ୱାନପୂର୍ଣ୍ଣ ଅଞ୍ଚଳରେ ନିଜର ପାରଦର୍ଶିତା ପ୍ରମାଣ କରୁଛନ୍ତି। ନିର୍ମାଣ କ୍ଷେତ୍ରରୁ କାରଖାନା ସପଫ୍ଲୋର ପର୍ଯ୍ୟନ୍ତ ସେମାନେ ଆହ୍ୱାନମୟ କ୍ଷେତ୍ରଗୁଡ଼ିକରେ ଉତ୍କର୍ଷତା ହାସଲ କରୁଛନ୍ତି, ଯାହାପାଇଁ ଶାରୀରିକ ଏବଂ ମାନସିକ ଶକ୍ତି ଆବଶ୍ୟକ ହୋଇଥାଏ। ଦୀର୍ଘ କାଳର ପୁରୁଷ ପ୍ରାଧାନ୍ୟ ଇସ୍ପାତ ଶିଳ୍ପ ମଧ୍ୟ ଏଥିରୁ ବାଦ୍ ଯାଇନାହିଁ। ଏଠାରେ ମଧ୍ୟ ମହିଳାମାନେ ଉତ୍ପାଦନ, ପରିଚାଳନା ଏବଂ ନବସୃଜନତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଉତ୍ତପ୍ତ, ଭାରି ପ୍ଲେଟ ଏବଂ ଯନ୍ତ୍ରପାତିଗୁଡିକର ସଞ୍ଚାଳନ ମଧ୍ୟରେ ତିନିଜଣ ପ୍ରଶଂସନୀୟ ମହିଳା କର୍ମଚାରୀ



ଆର୍‌ଏସ୍‌ପିରେ ମହିଳା କର୍ମଚାରୀ କାର୍ଯ୍ୟରତ ଅଛନ୍ତି।

ନୂତନ ପ୍ଲେଟ ମିଲର ଓସିଟି ମମତା ପାତ୍ର, ରୋଜନି କିଣ୍ଡୋ ଏବଂ ଅପରେଟର ପ୍ରୀତିଲତା କରାର, ଆରଏସପିର କୋଲ୍ଡ ପ୍ଲେଟ ଲେଭଲର ପଲ୍ପିଟରେ କାର୍ଯ୍ୟ ସଞ୍ଚାଳନ କରି ପ୍ରମାଣ କରୁଛନ୍ତି ଯେ,ଇସ୍ପାତ କେବଳ ଫର୍ଣ୍ଣେସରେ ତିଆରି ହୋଇ ନ ଥାଏ ବରଂ ଆକୁଣ୍ଠ ମନୋବଳରେ ନିର୍ମିତ ହୋଇଥାଏ। ମମତା ଏବଂ ରୋଜନି ମିଲ ଆରମ୍ଭରୁ ପୁଲ୍ପିଟ କମିଶନିଂଠାରୁ ଏଠାରେ କାର୍ଯ୍ୟ କରୁଛନ୍ତି, ଯେଉଁଠାରେ ଅସମତଳ ପ୍ଲେଟଗୁଡ଼ିକୁ ସିଦ୍ଧତା ପର୍ଯ୍ୟନ୍ତ ସମତଳ କରାଯାଏ। ପ୍ରୀତିଲତା ୨୦୧୯ ପରେ ଯୋଗ ଦେଇଥିଲେ, କିନ୍ତୁ ସେ ପ୍ରତିବନ୍ଧକ ଅତିକ୍ରମରେ ଅପରିଚିତ ନୁହଁନ୍ତି। ଏହି ଭୂମିକାରେ ପାଦ ଦେବା ପୂର୍ବରୁ ସେ ପ୍ଲେଟ ମିଲରେ ପ୍ରଥମ ମହିଳା କ୍ରେନ ଅପରେଟର ଥିଲେ। ଉଭୟ ଘର ଏବଂ କାର୍ଯ୍ୟକ୍ଷେତ୍ରରେ କାମର ସୂଚାରୁ ପରିଚାଳନା କରିବା ଏତେ ସହଜ ମଧ୍ୟ ନୁହେଁ ବୋଲି ମମତା ମତବ୍ୟକ୍ତ କରନ୍ତି। ଏପରି ଦିନ ଥିଲା ଯେତେବେଳ ସିଫ୍ଟ ଶେଷ କରି ଶିଶୁର ଯତ୍ନ ନେବା ପାଇଁ ଅଣନିଶ୍ୱାସୀ ଘରକୁ ଦୌଡି ଯାଉଥିଲି। କିନ୍ତୁ ଯେଉଁ କାମ କରେ ତାହାକୁ ଭଲ ପାଏ। କୋଭିଡ୍ ୧୯ ସମୟରେ ସବୁଠାରୁ କଷ୍ଟକର ଦିନ ଆସିଥିଲା ଯେତେବେଳେ ଗୋଟିଏ ସମୟରେ କେବଳ ଜଣେ ବ୍ୟକ୍ତିଙ୍କୁ ନିୟନ୍ତ୍ରଣ କକ୍ଷ ଭିତରକୁ ଅନୁମତି ଦିଆଯାଇଥିଲା। ଏକା ଥିଲି,ସବୁକିଛି ପରିଚାଳନା କରୁଥିଲି। ବେଳେବେଳେ ଦିନକୁ ୬୦ ପ୍ଲେଟ ଅପରେସନ ପର୍ଯ୍ୟନ୍ତ ବୋଲି ରୋଜନି କୁହନ୍ତି। ମହିଳାମାନେ ଯେକୌଣସି ସ୍ଥାନରେ ଉନ୍ନତି କରିପାରିବେ ଏକ ଇସ୍ପାତ କାରଖାନାର ହୃଦୟରେ ମଧ୍ୟ ଯେଉଁଠାରେ ଶକ୍ତି କେବଳ ଧାତୁରେ ନୁହେଁ ବରଂ ଦୃଢତାରେ ମପାଯାଏ।

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୬/୨୦୨୫ | Bhubaneswar, Thursday, March 6/2025 | ପୃଷ୍ଠା-୧




ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଭେଟେରାନ ସ୍ପୋର୍ଟ୍ସ ପର୍ସନ୍ସ ଆସୋସିଏଶନ ପକ୍ଷରୁ ବୁଧବାର କଟକ ଆନନ୍ଦ ଭବନ ନିକଟରେ ଆୟୋଜିତ ଗଣଦୌଡ଼ରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

# ଗୁଣି ଗାରେଡ଼ିକୁ ନେଇ ଗୋଷ୍ଠୀ ସଂଘର୍ଷ, ହତ୍ୟା

**ବଲାଙ୍ଗୀର/ ଗୁଡ୍‌ଭେଲା, ୫।୩ (ବୀରେନ୍ଦ୍ର କୁମାର ଝାଙ୍କର/ ମନୋଜ ଜୈନ)**

ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ଆଟଗାଁଠାରେ ମଙ୍ଗଳବାର ରାତିରେ ଗୁଣିଗାରେଡ଼ି ସନ୍ଦେହକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଶ୍ୟାମସୁନ୍ଦର ବାଗ (୪୫)। ପଡ଼ୋଶୀ ପରିବାରର



ମୃତ ଶ୍ୟାମସୁନ୍ଦର ବାଗ

ଲୋକମାନେ ଫାର୍ସାରେ ଆକ୍ରମଣ କରି ଶ୍ୟାମଙ୍କୁ କ୍ଷତାକ୍ତ କରିବା ପରେ ମୁଣ୍ଡକୁ ପଥରରେ ଛେଚି ଦେଇଛନ୍ତି। ସେହିପରି ଶ୍ୟାମସୁନ୍ଦରଙ୍କ ପରିବାର ଲୋକଙ୍କ ପକ୍ଷରୁ ପ୍ରତି ଆକ୍ରମଣ ହୋଇଥିଲା। ଏହି ଗୋଷ୍ଠୀ ସଂଘର୍ଷରେ ଉଭୟ ପରିବାରର ୪ ଜଣ ଆହତ ହୋଇଥିବାବେଳେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ବଲାଙ୍ଗୀର ଏସ୍‌ପି ☞ପୃଷ୍ଠା-୨

# ଆୟକର ଅଧିକାରୀଙ୍କୁ ଇ-ମେଲ୍ ଯାଞ୍ଚ କ୍ଷମତା

**ବର୍ତ୍ତମାନ ପ୍ରଚଳିତ ଆୟକର ଆଇନ, ୧୯୬୧ର ଧାରା ୧୩୨ ଅନୁସାରେ ଅଧିକାରୀମାନେ ଚଢ଼ାଉବେଳେ କୋଠା, ଜାହାଜ, ଯାନବାହନ, ବିମାନ ଆଦିକୁ ପ୍ରବେଶକରି ସେଠାରୁ ଦସ୍ତାବିଜ, ବ୍ୟାଙ୍କ ଆକାଉଣ୍ଟ, ଟଙ୍କା, ଅଳଙ୍କାର ଆଦି ଜବତ କରିଥାଆନ୍ତି। ଏପରି କି ସ୍ଥଳବିଶେଷରେ କୌଣସି କବାଟ, ବାକ୍ସ, ଲକର, ଆଲମିରାର ଚାବି ନ ପାଇଲେ କ୍ଲଜ୍ (ଆଇ)ରେ ପ୍ରଦତ୍ତ କ୍ଷମତାର ଉପଯୋଗକରି ସେଗୁଡ଼ିକର ତାଲା ଭାଙ୍ଗିଥାଆନ୍ତି। କିନ୍ତୁ ଆସନ୍ତା ବର୍ଷ ଏପ୍ରିଲରୁ ଲାଗୁ ହେବାକୁ ଥିବା ନୂଆ ଆୟକର (ଆଇଟି) ଆଇନ ଅନୁସାରେ ଅଧିକାରୀମାନେ ଲୋକଙ୍କ ଇ-ମେଲ୍ ଏବଂ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରିପାରିବେ। ନୂଆ ଆଇଟି ବିଲ୍‌ର କ୍ଲଜ୍ ୨୪୭ରେ ସେମାନଙ୍କୁ ଏଭଳି କ୍ଷମତା ପ୍ରଦାନର ପ୍ରସ୍ତାବ ରହିଛି। ତେବେ ଆଇଟି କର୍ତ୍ତୃପକ୍ଷ ଏହି କ୍ଷମତାର ଦୁରୁପଯୋଗ କରିପାରନ୍ତି, ଯଦ୍ଦ୍ୱାରା ଟିକସଦାତାଙ୍କ ପ୍ରିଭେସି ଉଲ୍ଲଂଘନ ହୋଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।**

**ନୂଆଦିଲ୍ଲୀ, ୫।୩(ଏଜେନ୍ସି)**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗତ ଫେବୃଆରୀ ୧୩ରେ ସଂସଦରେ ସଂଶୋଧିତ ଆୟକର ବିଲ୍, ୨୦୨୫ ଉପସ୍ଥାପନ କରିଥିଲେ। ଏହି ବିଲ୍‌ରେ ଟିକସଦାତାଙ୍କ ସୁବିଧା ପାଇଁ ଆୟକର ଆଇନକୁ ସରଳ କରାଯାଇଥିବା ସରକାର କହୁଛନ୍ତି। କିନ୍ତୁ ଏଥିରେ ଆଇଟି ଅଧିକାରୀମାନଙ୍କୁ ଏଭଳି ଏକ କ୍ଷମତା ପ୍ରଦାନ କରାଯାଇଛି, ଯଦ୍ଦ୍ୱାରା ଟିକସ ସମ୍ବନ୍ଧୀୟ

**ନୂଆ ଆୟକର ବିଲ୍‌ରେ ପ୍ରସ୍ତାବ**

ତଦନ୍ତବେଳେ ସେମାନେ ଟିକସଦାତାଙ୍କ ଇ-ମେଲ୍, ଟ୍ରେଡିଂ ଆକାଉଣ୍ଟ, ସୋସିଆଲ ମିଡିଆ ପ୍ରୋଫାଇଲ ଆଦି ଯାଞ୍ଚ କରିପାରିବେ। ସେଥିରୁ ସେମାନେ ଅନେକ ବ୍ୟକ୍ତିଗତ, ଅନ୍ତରଙ୍ଗ ଓ ସମ୍ବେଦନଶୀଳ ତଥ୍ୟ ହାସଲ କରିପାରିବେ। ଏଭଳି ସ୍ଥଳେ ୬ ଦଶନ୍ଧି ପୁରୁଣା ପ୍ରଚଳିତ ଢାଞ୍ଚା ଥାଉ ଥାଉ ଏଭଳି ବ୍ୟବସ୍ଥା କରାଯିବା ଉପରେ ପ୍ରଶ୍ନ ଉଠିଲାଣି। ତେଣୁ ଆଇନରେ ପରିଣତ ହେବା ପୂର୍ବରୁ ଉକ୍ତ ବିଧେୟକକୁ ଲୋକ ସଭାର ସିଲେକ୍ଟ କମିଟିକୁ ସମୀକ୍ଷା ପାଇଁ ପଠାଯାଇଛି।

ବର୍ତ୍ତମାନ ପ୍ରଚଳିତ ଆଇନ ଅନୁସାରେ ଆଇଟି ଅଧିକାରୀମାନେ ଲାପ୍‌ଟପ୍, ହାର୍ଡ ଡ୍ରାଇଭ୍, ଇ-ମେଲ୍ ଆଦି ଯାଞ୍ଚ ପାଇଁ ଅନୁମତି ନେଇଥାଆନ୍ତି। କିନ୍ତୁ ଏଥିରେ ଡିଜିଟାଲ ରେକର୍ଡ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ନ ଥିବାରୁ ☞ପୃଷ୍ଠା-୨

# ସୁନା ସ୍ମଗ୍‌ଲିଂ କରି ବନ୍ଧା ହେଲେ କନ୍ନଡ଼ ଅଭିନେତ୍ରୀ



ରାନ୍ୟା ରାଓ

**ବିମାନବନ୍ଦରରୁ ୧୪.୮ କିଲୋ, ଘରୁ ୨.୦୬ କୋଟି ଟଙ୍କାର ସୁନା ଜବତ**

**ବେଙ୍ଗାଲୁରୁ(କର୍ନାଟକ), ୫।୩**

ଦୁବାଇରୁ ସୁନା ସ୍ମଗ୍‌ଲିଂ କରି ଆଣୁଥିବାବେଳେ ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଗତ ସୋମବାର ଡାଇରେକ୍ଟୋରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ(ଡିଆରଆଇ) ହାତରେ ଧରାପଡ଼ି ଜେଲ ଯାଇଥିବା କନ୍ନଡ଼ ଅଭିନେତ୍ରୀ ରାନ୍ୟା ରାଓ(୩୨)ଙ୍କ ବେଙ୍ଗାଲୁରୁସ୍ଥିତ ଘରେ ବୁଧବାର ଚଢ଼ାଉ କରିଛି। ଚଢ଼ାଉ ସମୟରେ ଡିଆର୍‌ଆଇ ବ୍ୟାପକ ପରିମାଣର ସୁନା ଏବଂ ଟଙ୍କା ଜବତ କରିଛି, ଯାହାର ମୂଲ୍ୟ ଅନେକ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଅଭିନେତ୍ରୀ ରାନ୍ୟାଙ୍କ ବାପା ରାମଚନ୍ଦ୍ର ରାଓ ଜଣେ ☞ପୃଷ୍ଠା-୨

# କ୍ୟାବିନେଟ୍‌ରେ ଉପସ୍ଥାପନ ହେବ ତଦନ୍ତ କମିଶନ ରିପୋର୍ଟ

**କଟକ, ୫।୩(କାର୍ତ୍ତିକ ସାହୁ)**

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ମାମଲାରେ ରାଜ୍ୟ ସରକାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଚାବି ହଜିବା ଘଟଣାର ତଦନ୍ତ ରିପୋର୍ଟ କ୍ୟାବିନେଟ୍‌ରେ ଉପସ୍ଥାପନ ହେବ। ଏଥିପାଇଁ ହାଇକୋର୍ଟ ସମୟ ଦେବାକୁ ସତ୍ୟପାଠରେ ରାଜ୍ୟ ସରକାର ଆବେଦନ କରିଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କୁ ନେଇ

**ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା**

ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡିଛି।

ମାମଲାର ବିବରଣୀ ଅନୁସାରେ, ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କରୁଥିଲେ ଜଷ୍ଟିସ୍ ରଘୁବର ଦାସ କମିଶନ। କମିଶନ ତାଙ୍କର ☞ପୃଷ୍ଠା-୨






# ସ୍ୱପ୍ନରେ ସ୍ତ୍ରୀ ମୋ ରକ୍ତ ପିଉଥିଲେ

**ଲକ୍ଷ୍ନୌ, ୫।୩**

**ବିଳମ୍ବରେ ପହଞ୍ଚିବାକୁ ନେଇ କନ୍‌ଷ୍ଟେବଲଙ୍କ ସ୍ପଷ୍ଟୀକରଣ**

ଅଫିସରରେ ବିଳମ୍ବରେ ପହଞ୍ଚିବା ସମ୍ପର୍କରେ ଜଣେ କନ୍‌ଷ୍ଟେବଲ୍ ସ୍ପଷ୍ଟୀକରଣରେ ବିଚିତ୍ର ଉତ୍ତର ଦେଇଛନ୍ତି। ସ୍ୱପ୍ନରେ ସ୍ତ୍ରୀ ତାଙ୍କ ରକ୍ତ ପିଉଥିବା କାରଣରୁ ସେ ରାତିରେ ଶୋଇପାରି ନ ଥିଲେ ବୋଲି ଉତ୍ତରପ୍ରଦେଶ ଅର୍ଦ୍ଧସାମରିକ ବାହିନୀ ପ୍ରାଦେଶିକ ସଶସ୍ତ୍ର କନ୍‌ଷ୍ଟେବୁଲାରି (ପିଏସି)ର କନ୍‌ଷ୍ଟେବଲ୍ ସ୍ପଷ୍ଟୀକରଣରେ ଲେଖିଛନ୍ତି। ତାଙ୍କର ଏହି ପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିଭାଗ ପକ୍ଷରୁ ଉକ୍ତ ପତ୍ରର ପ୍ରାମାଣିକତାର ତଦନ୍ତ କରାଯାଇଛି।

ଠିକ୍ ସମୟରେ ନ ଆସିବା ଏବଂ କାର୍ଯ୍ୟରେ ଅବହେଳା ପାଇଁ କନ୍‌ଷ୍ଟେବଲ୍‌ଙ୍କୁ ଗତ ମାସ ୧୭ ତାରିଖରେ ନୋଟିସ ଜାରି କରାଯାଇ ସ୍ପଷ୍ଟୀକରଣ ମଗାଯାଇଥିଲା। ପିଏସି ୪୪ତମ ବାଟାଲିୟନ୍‌ର ଜି-ଗାର୍ଡ କମାଣ୍ଡର ମଧୁସୂଦନ ଶର୍ମା ଏହି ନୋଟିସ୍‌କୁ ଶୃଙ୍ଖଳାଗତ ଚେତାବନୀ ଭାବେ ଜାରି କରିଥିଲେ। ପୂର୍ବ ଦିନରୁ ନିର୍ଦ୍ଦେଶ ସତ୍ତ୍ୱେ ସେ କ'ଣ ପାଇଁ ବିଳମ୍ବ କରି ସକାଳ ୯ଟାରେ ପହଞ୍ଚିଲେ ବୋଲି ପ୍ରଶ୍ନ କରାଯାଇଥିଲା। ପୂର୍ବରୁ ସେ ବହୁ ସମୟରେ ବିଳମ୍ବରେ ଆସୁଥିବା, କାର୍ଯ୍ୟରେ ଅବହେଳା କରିବା ସହ ବିଶୃଙ୍ଖଳିତ ରହୁଥିବା ଏବଂ ନିଶାସକ୍ତ ଜଣାପଡୁଥିବାରୁ ପିଏସି ଭଳି ବାହିନୀରେ ଏହା ଗ୍ରହଣୀୟ ନୁହେଁ ବୋଲି କୁହାଯାଇଥିଲା। ଏଥିସହିତ ସେ କ'ଣ ପାଇଁ ଦାଢ଼ି କାଟି ନ ଥିଲେ ଓ ଠିକ୍ ଭାବେ ପୋଷାକ ପିନ୍ଧି ନ ଥିଲେ ବୋଲି ମଧ୍ୟ ସ୍ପଷ୍ଟୀକରଣ ମଗାଯାଇଥିଲା। କନ୍‌ଷ୍ଟେବଲ୍ ତାଙ୍କ ପତ୍ରରେ ବିଚିତ୍ର ଏବଂ ଆବେଗପୂର୍ଣ୍ଣ କାରଣ ଦର୍ଶାଇଛନ୍ତି। ସେ ଲେଖିଛନ୍ତି, ସ୍ତ୍ରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଆଦିବାସୀ ଓ ଭାରତୀୟ ସଂସ୍କୃତି








# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପୂର୍ବତନ ଲୋକ ସଭା ବାଚସ୍ପତି ରବି ରାୟଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଭଅଁରା ନିଜିଗଡ଼, ବନମାଳିପୁର, ସମୟ: ସକାଳ ୯ଟା ୩୦ ।
- ଗିରୀଶ ଚନ୍ଦ୍ର ପଟ୍ଟନାୟକ ଜନ୍ମ ଶତବାର୍ଷିକୀ କମିଟି ପକ୍ଷରୁ ଗିରୀଶ ଚନ୍ଦ୍ର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳନ, ସ୍ଥାନ: ରେଡ୍‌କ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବିଜେଇଏମ୍ ସ୍କୁଲ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସ୍କୁଲ ପରିସର, ବିଜେବି ନଗର, ସମୟ: ଅପରାହ୍ନ ୪ଟା ୩୦ ।
- ନିଖିଳ ଉତ୍କଳ ନାଟ୍ୟୋତ୍ସବ 'ଆରୋହଣ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା ।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## ଖୋର୍ଦ୍ଧା
- ଲବଣଗିରିରେ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଲବଣଗିରି ପାହାଡ଼, ଜଟଣୀ, ସମୟ: ସକାଳ ୮ଟା ।

## ବାଲେଶ୍ୱର
- ମା' ବୁଢ଼ାମଙ୍ଗଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ ଅବସରରେ ଘଟୋତ୍ତଳନ ଓ ଅଧିବାସ, ସ୍ଥାନ: ବାରାପାଳ, ରୂପସା, ସମୟ: ସକାଳ ୮ଟା ।
- ଦାଣ୍ଡ ମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଣିଆରି, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ।
- ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା ।
- ବାଲେଶ୍ୱର ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଦ୍ୱିତୀୟ ଦିବସ, ସ୍ଥାନ: ବାର୍ ହଲ୍ ନଂ. ୧, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୪ଟା ।

## ଭଦ୍ରକ
- ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: କୁଆଁସମଡ଼ିଆ ପ୍ରାଥମିକ ବିଦ୍ୟାଳୟ ପରିସର, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଥଣ୍ଡାପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ବଡ଼ମହିଷଗୋଠ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା ।

## ମୟୂରଭଞ୍ଜ
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣତ୍ରୀ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା ।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗରିପୋଷି,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା ।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା ବୁଢ଼େଶ୍ୱର ମହାଦେବଙ୍କ ମନ୍ଦିର, ଦେବଶୂଳ, ରାସଗୋବିନ୍ଦପୁର, ସମ

## ବ୍ରହ୍ମପୁର
- ଜିଲା ଭାଜପାର କେନ୍ଦ୍ର ଓ ରାଜ୍ୟ ବଜେଟ ସଂପର୍କିତ ଆଲୋଚନା ଚକ୍ର, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୪ଟା ।
- ଆସ୍କା ରୋଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର,ସମୟ: ଅପରାହ୍ନ ୪ଟା ୩୦ ।
- ବିଇଏମ୍‌ସିର ସ୍ୱତନ୍ତ୍ର ବୈଠକ,ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା ।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୨ୟ ଦିନ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦ ।

## ଗଞ୍ଜାମ
ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର କେଏସ୍‌ୟୁବି କଲେଜ, ସମୟ: ପୂର୍ବାହ୍ନ ୧୧ ଟା ।

## ଢେଙ୍କାନାଳ
- ଶ୍ରୀଶ୍ରୀ ଗ୍ରହରାଜ ଶନିଶ୍ଚରଙ୍କ ନୂତନ ମନ୍ଦିର ରତ୍ନମୁଦ ଉତ୍ସବ, ସ୍ଥାନ: କାମାକ୍ଷାନଗର ନୂଆବସଷ୍ଟାଣ୍ଡ କୁମ୍ଭାର ଶାଳ ନିକଟ, ସମୟ: ସକାଳ ୬ଟା ।
- ଶ୍ରୀ ଶ୍ରୀ ଚନ୍ଦ୍ରଚୁଡେଶ୍ୱର ବାବାଙ୍କ ୫ମ ବାର୍ଷିକ ଉତ୍ସବ, ସ୍ଥାନ: ସରାଙ୍ଗ ସୁବର୍ଣ୍ଣପୁର ପାଟଣା ସାହି ବୋଲବମ ପଡିଆ, ସମୟ: ସକାଳ ୭ ଟା ।
- ବିଜେଡ଼ି ପକ୍ଷରୁ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ସ୍ଥାନ: କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।
- କେନ୍ଦ୍ର ଓ ରାଜ୍ୟ ବଜେଟ୍ ଉପରେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା ।

## ଜଗତ୍‌ସିଂହପୁର
- ମା' ଦୁର୍ଗାଙ୍କ ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠା ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସତସଙ୍ଗ, ସ୍ଥାନ: ବଣିକସଂଘ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ ଟା ।

## କେନ୍ଦ୍ରାପଡ଼ା
- ଜଗତଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସଦେବଙ୍କ ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ଗହ୍ମାଶିଖର, ଡେରା, ରାଜନଗର, ସମୟ: ସକାଳ ୯ଟା ।

## ନୟାଗଡ଼
- ଭାପୁର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୫ମ ଦିବସରେ ଗ୍ରୁପ ବି ର ୨ୟ କ୍ୱାଟର ସେମି ଫାଇନାଲର ଜୟଦୁର୍ଗା କ୍ଲବ ଖୋର୍ଦ୍ଧା ବନାମ ଡିଟିଏ ଫୁଟବଲ କ୍ଲବ ଯାଜପୁର , ସ୍ଥାନ: ଭାପୁର ବ୍ଲକ ଭାପୁର ଖେଳ ପଡିଆ, ସମୟ:ଅପରାହ୍ନ ୩ଟା୩୦ ।
- ନୂଆଗାଁ ବ୍ଲକସ୍ତରୀୟ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ପଡିଆ, ସମୟ:ଅପରାହ୍ନ ୩।୩୦ ।
- ଲଡୁବାବାଙ୍କ ପୀଠରେ ଜାଗର ଯାତ୍ରାର ନବମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ଅପରାହ୍ନ ୪ଟା ।
- ନାଟ୍ୟଧାରା ପକ୍ଷରୁ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳାର ୫ମ ଦିବସର ନାଟକ ବିଶ୍ୱାସର ଆତ୍ମଲିପି, ସ୍ଥାନ:ପଠାଣି ସମାନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା ।

## ରାୟଗଡ଼ା
- ରାଧାକାନ୍ତଙ୍କ ନବୀନ ପ୍ରାସାଦ ପ୍ରତିଷ୍ଠା ଅବସରରେ ସୂର୍ଯ୍ୟ ପୂଜା, ରତ୍ନ କଳସ ପ୍ରତିଷ୍ଠା, ଦେବତା ପ୍ରବେଶ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନୀଗୁଡା ରାଧାକାନ୍ତ ମନ୍ଦିର ପରିସର, ଗୁଣପୁର, ସମୟ: ସକାଳ ୭ ଟା ।
- ଗଙ୍ଗାଦେବୀ ଠାକୁରାଣୀ ନୂତନ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଟିକିରି, ସମୟ: ସକାଳ ୭ଟା ।

## ନବରଙ୍ଗପୁର
- ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୭ଟା ।
- ବ୍ଲକ ବିଜେଡିର ପ୍ରତିବାଦ ସଭା, ସ୍ଥାନ: ଉମରକୋଟ ନୂତନ ବସ୍‌ଷ୍ଟାଣ୍ଡସ୍ଥିତ ଶିଶୁ ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ଟା ।
- ଡାବୁଗାଁ ବ୍ଲକ ବିଜେଡିର ପ୍ରତିବାଦ ସଭା, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ।

## କୋରାପୁଟ
- ବିଜେଡି ପକ୍ଷରୁ ପ୍ରତିବାଦ, ସ୍ଥାନ: ଦଶମନ୍ତପୁର କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର
- ଚବିଶ ପ୍ରହରିନାମଯଜ୍ଞ ଆରମ୍ଭ, ସ୍ଥାନ : କେନଘାଟି ଶ୍ରୀରାମ ବାଟିକା, ସମୟ : ସକାଳ ୮ଟା ।
- .ଜିଲା ପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ , ସମୟ : ସନ୍ଧ୍ୟା ୬ଟା ।
- .ସେଲିବ୍ରିଟି କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର
- ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର,ସମୟ: ସନ୍ଧ୍ୟା ୬ଟା ।

## ରାଉରକେଲା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ସନ୍ଥ ନିଙ୍କାରୀ ସତସଙ୍ଗ ଭବନ, ସମୟ: ସକାଳ ୯ଟା ।
- ନୂତନ ଅପରାଧିକ ନିୟମ ଓ ଅଧିକାର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଆଇଟି ବିଲଡ଼ିଂ, ସମୟ: ସନ୍ଧ୍ୟା ୫ଟା ୩୦ ।

## ସୁନ୍ଦରଗଡ଼
- ଜିଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତିର ସମ୍ମିଳନୀ, ସ୍ଥାନ: ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ନିକଟସ୍ଥ କଲ୍ୟାଣ ମଣ୍ଡପ,ସମୟ:ପୂର୍ବାହ୍ନ ୧୦ଟା ।
- ବଡ଼ଗାଁ ବ୍ଲକ ଭୋଇପାଲି ଗ୍ରାମରେ ନବରାତ୍ର କୀର୍ତ୍ତନ ଆରମ୍ଭ, ସ୍ଥାନ: କୀର୍ତ୍ତନ ମଣ୍ଡପ, ସମୟ: ସକାଳ ୭ ଟା ।

## ବରଗଡ଼
- ରାମାୟଣ ପାରାୟଣ କାର୍ଯ୍ୟକ୍ରମ,ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ,ସମୟ: ସକାଳ ୯ଟା ।
- ମାଁ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କନକବିରା, ଭଟଲି, ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି
- ଛାତ୍ରୀବୃତ୍ତି ପରୀକ୍ଷା ସମର୍ଥ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଶାସ୍ତ୍ରୀଜୀ ମହିଳା ବିଦ୍ୟାନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ।
- ବିଜୁ ବାବୁଙ୍କୁ ଅପମାନ ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ।

## ବୌଦ୍ଧ
- ଷୋହଳତମ ଅଲ ଇଣ୍ଡିଆ ଡିଏସ୍ କପ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ଅପରାହ୍ନ ୩ଟା ।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା ।
- ଡାଇମଣ୍ଡ ସର୍କସ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ ରୋଡ, ସମୟ: ଅପରାହ୍ନ ୧ଟା ।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦ ।

## ସୁବର୍ଣ୍ଣପୁର
- ଛପନ ପ୍ରହର ନମଯଜ୍ଞର ଚତୁର୍ଥ ଦିବସ, ସ୍ଥାନ: ଟିକିରାପଡା, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା ।
- ଅଷ୍ଟ ପ୍ରହର ନମଯଜ୍ଞର ଅଧିବାସ, ସ୍ଥାନ: କଦଳୀପାଲି,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା ।
- ହରିହର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ, ସ୍ଥାନ: ଚୌହାନପୁର, ବୀରମହାରାଜପୁର ବ୍ଲକ, ସମୟ:ସକାଳ ୮ଟା ।
- ରାମାୟଣ ପାରାୟଣର ତୃତୀୟ ଦିବସ ସ୍ଥାନ: ଟିକିରାପଡା,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ଟା ।
- ଭୀମଭୋଇଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପନା ଦାବିରେ ଧାରଣା, ସ୍ଥାନ: ସୋନପୁର ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୦ଟା ।
- ବିଜେଡିର ପ୍ରତିବାଦ ସଭା, ସ୍ଥାନ: ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରା, ସ୍ଥାନ: ଟିକିରାପଡ଼ା,ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା ।
- ବାଲ୍ମୀକି ରାମାୟଣ ପାରାୟଣ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା
- ୫୧କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ, ସ୍ଥାନ: ଖଡିଆଳ ବ୍ଲକ ଡୁକଲା ଗାଁ, ସମୟ: ଅପରାହ୍ନ ୫ଟା ।
- ମେଗା କ୍ରେଡିଟ ଆଉଟରିଚ କାର୍ଯ୍ୟକ୍ରମ, ସ୍ଥାନ: ନହୁମାନ ମନ୍ଦିର ପ୍ରାଙ୍ଗଣ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ଭେଲା ପଞ୍ଚାୟତ ବଘାମୁଣ୍ଡା ଗାଁ, ସମୟ: ପ୍ରାତଃ ୫ଟା ୧୮ ।

## ଝାରସୁଗୁଡ଼ା
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ସରବାହାଲ ମଣ୍ଡପ, ସମୟ: ସକାଳ ୮ଟା ।
- ୨୪ ପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପନ, ସ୍ଥାନ: ସାଲେଟିକ୍ରା, ସମୟ: ସକାଳ ୮ଟା ।
- ଅଂଶୁଘାତ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଣ୍ଡ୍ରି କମ୍ୟୁନିଟି ହଲ, ସମୟ: ସକାଳ ୮ଟା ।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।

# ୩୧ ସୁଦ୍ଧା ପିଏମ୍‌ଶ୍ରୀ ଲୋଗୋ, ସେଲ୍‌ଫି ପଏଣ୍ଟ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୫।୩(ସୁଚିସ୍ମିତା ସାହୁ)**

ରାଜ୍ୟରେ ସ୍କୁଲ ଶିକ୍ଷାକୁ ଏକ ନୂତନ ସ୍ତରକୁ ନେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପିଏମ୍‌ଶ୍ରୀ ଯୋଜନା ଅଧୀନରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ଆଗାମୀ ଦିନରେ ସ୍କୁଲଗୁଡ଼ିକରେ ସ୍କୁଲ ସିଗନେଜ, ସେଲଫି ପଏଣ୍ଟ, ପିଏମ୍‌ଶ୍ରୀ ଲୋଗୋ, ପରିଚୟପତ୍ର ପ୍ରଭୃତି ବ୍ୟବସ୍ଥା କରାଯିବ । ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଏହି କାର୍ଯ୍ୟ ସମାପନ କରିବାକୁ ସମସ୍ତ ଜିଲାପାଳ ତଥା ଅଧକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ବୁଧବାର ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକାରଣ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ ସ୍କୁଲଗୁଡ଼ିକରେ ସ୍କୁଲ ସିଗନେଜ, ସେଲଫି ପଏଣ୍ଟ, ପିଏମ୍‌ଶ୍ରୀ ଲୋଗୋ, ପରିଚୟପତ୍ର ପ୍ରଭୃତି କାର୍ଯ୍ୟକାରୀ କରିବା ନିମନ୍ତେ ଉଦ୍ଦିଷ୍ଟ ନମୁନା ପ୍ରଦାନ କରାଯାଇଛି । ଏନେଇ ଉଦ୍ଦିଷ୍ଟ ପାଣ୍ଠିର ଉପଯୁକ୍ତ ବ୍ୟବହାର ପୂର୍ବକ ସ୍କୁଲଗୁଡିକରେ ଏହି ସମସ୍ତ ବ୍ୟବସ୍ଥା କରାଇବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ବିଜ୍ଞପ୍ତିରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ସମସ୍ତ ଜିଲାପାଳ ତଥା ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ପ୍ରଥମ ପୃଷ୍ଠାରୁ...

## ସୁନା ସ୍ମଗ୍‌ଲିଂ କରି ବନ୍ଧା ...

ବରିଷ୍ଠ ପୋଲିସ ଅଧିକାରୀ । ସେ ପୋଲିସ ହାଉସିଂ କର୍ପୋରେଶନର ଡିଜିପି ଭାବେ କାର୍ଯ୍ୟରତ । ରାନ୍ୟା ବାପାଙ୍କ ପରିଚୟରେ ବହୁ ସମୟରେ ବିମାନବନ୍ଦରରୁ ବିନା ଚେକିଂରେ ବାହାରି ଆସିବାରେ ସମର୍ଥ ହୋଇଥାନ୍ତି ବୋଲି ଡିଆର୍‌ଆଇ ଜାଣିବାକୁ ପାଇଛି ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସୋମବାର ରାତିରେ ଦୁବାଇରୁ ଏମିରେଟ୍ସ ବିମାନରେ ଅଭିନେତ୍ରୀ ରାନ୍ୟା ସୁନା ସ୍ମଗ୍‌ଲିଂ କରି ଆଣୁଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା । ତେଣୁ ବେଙ୍ଗାଲୁରୁ ବିମାନ ବନ୍ଦରରେ ଡିଆର୍‌ଆଇର ୪ଜଣ ଅଧିକାରୀ ପହଞ୍ଚି ରାନ୍ୟାଙ୍କ ଆସିବାକୁ ଅପେକ୍ଷା କରିଥିଲେ । ରାନ୍ୟାଙ୍କ ବିମାନ ଆସି ପହଞ୍ଚିବାପରେ ତାଙ୍କୁ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ତାଙ୍କଠାରୁ ୧୪.୮ କିଲୋ ସୁନା ଜବତ କରାଯାଇଥିଲା । ସେ ତାଙ୍କ ପୋଷାକ ଏବଂ ପ୍ୟାଣ୍ଟ ବେଲ୍‌ଟରେ ସୁନା ବିସ୍କୁଟଗୁଡ଼ିକୁ ଲୁଚାଇ ଆଣୁଥିଲେ । ତାଙ୍କୁ ଗିରଫ କରାଯିବା ପରେ ବେଙ୍ଗାଲୁରୁସ୍ଥିତ ଡିଆର୍‌ଆଇ ମୁଖ୍ୟ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିଲା । ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ଅଭିନେତ୍ରୀ ରାନ୍ୟା ବାରମ୍ବାର ଦୁବାଇ ଗସ୍ତ କରୁଥିବାରୁ ତାଙ୍କ ଉପରେ ଡିଆର୍‌ଆଇର ସନ୍ଦେହ ବଢ଼ିଥିଲା । ଏପରି କି ଗତ ୧୫ ଦିନରେ ସେ ୪ଥର ଦୁବାଇ ଗସ୍ତ କରିଛନ୍ତି । ତାଙ୍କ ବାପା ବରିଷ୍ଠ ପୋଲିସ ଅଧିକାରୀ ହୋଇଥିବାରୁ ସେ ବିମାନରୁ ଓହ୍ଲାଇବା ପରେ ପୋଲିସ କର୍ମଚାରୀଙ୍କୁ ଡାକି ସେମାନଙ୍କ ମାଧ୍ୟମରେ ବିମାନବନ୍ଦରରୁ ବାହାରକୁ ସହଜରେ ଆସୁଥିବାରୁ କେହି କିଛି ଜାଣିପାରୁ ନ ଥିଲେ । ବୁଧବାର ସେ ଭଡ଼ାରେ ରହୁଥିବା ଲାଭେଲେ ରୋଡ୍‌ସ୍ଥିତ ଫ୍ଲାଟରେ ଚଢ଼ାଉ କରାଯାଇଥିଲା । ସେଠାରୁ ୨.୦୬କୋଟି ଟଙ୍କାର ସୁନା ଏବଂ ୨.୬୭କୋଟି ନଗଦ ଟଙ୍କା ଜବତ କରାଯାଇଛି । ସେ ଉକ୍ତ ଘରକୁ ମାସିକ ୪.୫ଲକ୍ଷଟଙ୍କାରେ ଭଡ଼ାରେ ରହୁଥିବା ଜଣାପଡ଼ିଛି । ଅପରପକ୍ଷରେ ରାନ୍ୟାଙ୍କ ବାପା ରାମଚନ୍ଦ୍ର ନିଜକୁ ଝିଅଠାରୁ ଦୂରେଇ ରଖିବାକୁ ଚାହିଁଛନ୍ତି । ପ୍ରାୟ ୪ମାସ ହେଲା ଝିଅର ବିବାହ ପରଠାରୁ ସେ ତାଙ୍କ ସହ ସମ୍ପର୍କରେ ନାହାନ୍ତି ବୋଲି ରାମଚନ୍ଦ୍ର କହିଛନ୍ତି । ପ୍ରକାଶ ଯେ, ଅଭିନେତ୍ରୀ ରାନ୍ୟା କନ୍ନଡ଼ ସୁପରଷ୍ଟାର ସୁଦୀପଙ୍କ ସହ ଫିଲ୍ମ ମାଣିକ୍ୟରେ କାର୍ଯ୍ୟ କରିଛନ୍ତି । ସେ ଏକାଧିକ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ମଧ୍ୟ କାର୍ଯ୍ୟ କରିଛନ୍ତି ।

## ଗୁଣି ଗାରେଡ଼ିକୁ ନେଇ ...

ଅଭିଲାଷ ଜି ବୁଧବାର ଆଟଗାଁରେ ପହଞ୍ଚି ତଦନ୍ତକୁ ନିରୀକ୍ଷଣ କରିଛନ୍ତି । ମିଳିଥିବା ସୂଚନା ମୁତାବକ, ଆଟଗାଁର ଯୁଗଧର ବାଗ ଏବଂ ଶ୍ରୀବତ୍ସ ରଣାଙ୍କ ପରିବାର ମଧ୍ୟରେ ଦୀର୍ଘଦିନରୁ ବିବାଦ ଲାଗି ରହିଥିଲା, ଯାହାକି ମଙ୍ଗଳବାର ରାତିରେ ଉଗ୍ରରୂପ ନେଇଥିଲା । ପଡ଼ୋଶୀ ବାଗ ପରିବାର ଗୁଣିଗାରେଡ଼ି କରୁଥିବାରୁ ରଣା ପରିବାର ସଦସ୍ୟ ଅସୁସ୍ଥ ହୋଇପଡୁଥିବା ସନ୍ଦେହ କରୁଥିଲେ । ଘଟଣା ଦିନ ରାତିରେ ଗୁଣିଗାରେଡିକୁ ନେଇ ଉଭୟ ପରିବାର ମୁହାଁମୁହିଁ ହୋଇଥିଲେ । ଶ୍ୟାମ ବାଗ ଏଭଳି ଅଭିଯୋଗକୁ ନେଇ କୁଆଡ଼େ ପ୍ରତିବାଦ କରିଥିଲେ । ଏହାପରେ ଯୁକ୍ତିତର୍କ ଏବଂ ମାରପିଟ ଆରମ୍ଭ ହୋଇଥିଲା । ଏହାପରେ ରଣା ପରିବାର ସଦସ୍ୟଙ୍କ ସଂଘବଦ୍ଧ ଆକ୍ରମଣରେ ଯୁଗଧରଙ୍କ ପୁଅ ଶ୍ୟାମଙ୍କ ମୃତ୍ୟୁ ଘଟିଥିଲା । ଏନେଇ ଶ୍ୟାମଙ୍କ ସ୍ତ୍ରୀ ଶୁଭକାନ୍ତି ଥାନାରେ ଅଭିଯୋଗ କରିଛନ୍ତି ।

ଏହି ଘଟଣାରେ ଶ୍ୟାମଙ୍କ ବାପା ଯୁଗଧର ଏବଂ ମା' ରାଧିକା ଆହତ ହୋଇଛନ୍ତି । ଅପରପକ୍ଷେ ରଣା ପରିବାରର ବାଳଗୋପାଳ ରଣା ଏବଂ ତାଙ୍କ ମା' ତ୍ରିପୁରା ରଣା ମଧ୍ୟ ଆହତ ହୋଇଛନ୍ତି । ଆହତ ୪ ଜଣଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଶ୍ୟାମଙ୍କ ସ୍ତ୍ରୀ ଶୁଭକାନ୍ତିଙ୍କ ଅଭିଯୋଗକ୍ରମେ ତୁଷରା ଥାନାରେ ଏକ ମାମଲା (୬୨/୨୫) ରୁଜୁ କରାଯାଇଛି । ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ଗଣମାଧ୍ୟମକୁ ଗୁଣିଗାରେଡ଼ି ସନ୍ଦେହରୁ ଏହି ହତ୍ୟାକାଣ୍ଡ ହୋଇଥିବା ସୂଚନା ଦେଇଛନ୍ତି । ତୁଷରା ଥାନା ପୋଲିସ ଟିମ୍ ହତ୍ୟାକାଣ୍ଡରେ ବ୍ୟବହୃତ ଫାର୍ସା ଏବଂ ମାରଣାସ୍ତ୍ର ଜବତ କରିଛି । ଶ୍ୟାମଙ୍କୁ ଫାର୍ସାରେ ଆକ୍ରମଣ କରିବା ପରେ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡ଼ିଛି । ସାଇଣ୍ଟିଫିକ୍ ଟିମ୍ ବୁଧବାର ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି । ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ତୁଷରା ଥାନାଧିକାରୀ ମନୋଜ ପ୍ରଧାନ ଏବଂ ଟିମ୍ ଘଟଣାର ତଦନ୍ତ ଜାରି ରଖିଛନ୍ତି ।

## ଆୟକର ଅଧିକାରୀଙ୍କୁ ...

ଏଭଳି ଦାବି ପାଇଁ ସେମାନଙ୍କୁ ଅନେକ ସମୟରେ ଆଇନଗତ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ ନୂଆ ବିଲ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ, ଟିକସ ଅଧିକାରୀମାନେ ଡିଜିଟାଲ ଆସେଟ୍ସର ପାସ୍‌ୱାର୍ଡ ମାଗିପାରିବେ । ଯଦି ଜଣେ ଟିକସଦାତା ତାହା ଦେବାକୁ ମନାକରନ୍ତି, ତେବେ ସେମାନେ ପାସ୍‌ୱାର୍ଡ ବାଇପାସ୍ କରିପାରିବେ । ଏପରି କି ଆକାଉଣ୍ଟର ସିକ୍ୟୁରିଟି ସେଟିଂସକୁ ନିଷ୍କ୍ରିୟ କରାଇ ତାକୁ ନିଜ ଆୟତ୍ତକୁ ନେବା ପରେ ପୁନଃ ସଚଳ କରାଇପାରିବେ । ୨୦୨୬ ଏପ୍ରିଲ ପହିଲାରୁ ଏହା ଲାଗୁ ହେଲେ ଜଣେ ବ୍ୟକ୍ତିଙ୍କ ଜନ୍ମତାରିଖ, ଜନ୍ମସ୍ଥାନ, ପରିବାର ସଦସ୍ୟ, ସମ୍ପର୍କୀୟ, ଚାଟିଂ ମେସେଜ୍ ଭଳି ଅନ୍ତରଙ୍ଗ ଓ ଗୋପନୀୟ ତଥ୍ୟ ହାସଲ କରିପାରିବେ । ନିକଟ ଅତୀତରେ ଅନେକ ସରକାରୀ ଯୋଜନାରେ ସଂଗୃହୀତ ହିତାଧିକାରୀଙ୍କ ଗୋପନୀୟ ତଥ୍ୟ ଡାର୍କୱେବ୍‌ରେ ଉପଲବ୍ଧ ହୋଇଥିବାର ଅନେକ ଦୃଷ୍ଟାନ୍ତ ରହିଛି । ତେଣୁ କମ୍ପ୍ୟୁଟର, ଲାପ୍‌ଟପ୍ ଓ ଭର୍ଚୁଆଲ ଡିଜିଟାଲ ସ୍ପେସ୍‌କୁ ଅବାଧ ଆକ୍ସେସ୍ କରାଯିବା ନେଇ ପ୍ରଦତ୍ତ କ୍ଷମତା ଉପରେ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି ।

**ଆଇଟି ଅଧିକାରୀଙ୍କୁ ଯାଞ୍ଚ କ୍ଷମତା**

୧. ଇ-ମେଲ୍ ସର୍ଭର
୨. ସୋସିଆଲ ମିଡିଆ ଆକାଉଣ୍ଟ
୩. ଅନ୍‌ଲାଇନ ନିବେଶ ଆକାଉଣ୍ଟ, ଟ୍ରେଡିଂ ଆକାଉଣ୍ଟ, ବ୍ୟାଙ୍କ ଆକାଉଣ୍ଟ
୪. କୌଣସି ସମ୍ପତ୍ତି ମାଲିକାନା ସମ୍ପର୍କିତ ତଥ୍ୟ ମହଜୁଦ ଥିବା ୱେବ୍‌ସାଇଟ୍
୫. ରିମୋଟ୍ ସର୍ଭର ବା କ୍ଲାଉଡ୍ ସର୍ଭର
୬. ଡିଜିଟାଲ ଆପ୍ଲିକେଶନ୍ ପ୍ଲାଟ୍‌ଫର୍ମ
୭. ଏଭଳି ବୈଶିଷ୍ଟ୍ୟ ସମ୍ବଳିତ ଅନ୍ୟ ସ୍ପେସ୍

ନଙ୍ଗିଆ ଆଣ୍ଡରସର୍ନ ଏଲ୍‌ଏଲ୍‌ପି ପାର୍ଟନର ତଥା ଆଇନ ବିଶାରଦ ବିଶ୍ୱାସ ପଞ୍ଜିଆର ରଏଟର୍ସକୁ କହିଛନ୍ତି, ୧୯୬୧ରେ ପ୍ରଣୀତ ଆଇନଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ । ନୂଆ ଆଇନରେ ଆଇଟି ଅଧିକାରୀମାନଙ୍କୁ ନିରଙ୍କୁଶ କ୍ଷମତା ପ୍ରଦାନ କରାଗଲେ ସେମାନେ ଟିକସଦାତାଙ୍କୁ ହଇରାଣ କରିପାରନ୍ତି । ଏପରି କି ଅନାବଶ୍ୟକ ଭାବେ ବ୍ୟକ୍ତିଗତ ଡେଟା ମଧ୍ୟ ହାତେଇପାରନ୍ତି । ସେହିପରି ଖୈତାନ ଆଣ୍ଡ୍ କୋ ପାର୍ଟନର ସଞ୍ଜୟ ସାଂଘଭି କହିଛନ୍ତି, ଟିକସ ଅଧିକାରୀମାନେ ପୂର୍ବରୁ ଡିଜିଟାଲ ଆକ୍ସେସ୍ ପାଇଁ ଅନୁରୋଧ କରୁଥିଲେ । କିନ୍ତୁ ନୂଆ ଆଇନ ସେମାନଙ୍କୁ ଏହି କାର୍ଯ୍ୟ ପାଇଁ ସ୍ୱତଃ କ୍ଷମତା ପ୍ରଦାନ କରିଛି । ନୂଆ ବିଲ୍‌ରେ ଗ୍ରେ ଏରିଆକୁ ହଟାଇ ଦିଆଯାଇଛି । ଫଳରେ ଟିକସଦାତା ସେମାନଙ୍କୁ ଏହିସବୁ ତଥ୍ୟ ହସ୍ତାନ୍ତର କରିବାକୁ ଆଇନତଃ ବାଧ୍ୟହେବେ ବୋଲି ସାଂଘଭି ଚିନ୍ତାବ୍ୟକ୍ତ କରିଛନ୍ତି ।

## ସ୍ୱପ୍ନରେ ସ୍ତ୍ରୀ ...

ଏହା ପରେ ସ୍ତ୍ରୀ ତାଙ୍କ ସ୍ୱପ୍ନରେ ଆସିଥିଲେ । ସେ ତାଙ୍କ ଛାତି ଉପରେ ବସି ମାରିଦେବା ଉଦ୍ଦେଶ୍ୟରେ ରକ୍ତ ପିଇବାକୁ ଉଦ୍ୟମ କରିଥିଲେ । ଏହି କାରଣରୁ କନ୍‌ଷ୍ଟେବଲ ଭୟରେ ସାରା ରାତି ଶୋଇପାରି ନ ଥିଲେ ଏବଂ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବାରେ ବିଫଳ ହୋଇଥିଲେ ବୋଲି ଲେଖିଛନ୍ତି । ସେ ଏବେ ଅବସାଦ ଏବଂ ଚିଡ଼ିଚିଡ଼ାପଣ ଯୋଗୁ ଚିକିତ୍ସାଧୀନ ଥିବା କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । କନ୍‌ଷ୍ଟେବଲ୍ ପିଏସି ୪୪ତମ ବାଟାଲିୟନ୍‌ର କମାଣ୍ଡରଙ୍କ ପାଖକୁ ଲେଖିଥିବା ଏହି ପତ୍ରକୁ ଅନେକ ଲକ୍ଷ ଲୋକ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି ।

## କ୍ୟାବିନେଟ୍‌ରେ ଉପସ୍ଥାପନ...

ତଦନ୍ତ ଶେଷକରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିସାରିଛନ୍ତି । ତେବେ ରତ୍ନଭଣ୍ଡାର ଚାବି ହଜିବା ଘଟଣା ରିପୋର୍ଟ ସାର୍ବଜନୀନ କରିବା ନିମନ୍ତେ ପୁରୀର ଦିଲୀପ ବରାଳ ହାଇକୋର୍ଟରେ ଆବେଦନ କରିଥିଲେ । ଏହି ଘଟଣାରେ କେଉଁମାନେ ସମ୍ପୃକ୍ତ, ଚାବି ହଜିବା ପରେ ପୁଣି ଚାବି କିପରି ମିଳିଲା, ଏନେଇ ରତ୍ନଭଣ୍ଡାରରେ ରତ୍ନ ସୁରକ୍ଷିତ ରହିଛି କି ନାହିଁ ସେସବୁ ବିଷୟରେ ଜାଣିବା ରାଜ୍ୟବାସୀଙ୍କର ହକ୍ ରହିଛି । ତେଣୁ ରାଜ୍ୟ ସରକାର ରଘୁବର ଦାସ କମିଶନଙ୍କ ତଦନ୍ତ ରିପୋର୍ଟ ସାର୍ବଜନୀନ କରିବା ନିମନ୍ତେ ହାଇକୋର୍ଟ ଆଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ପାରିବାରିକ ସମସ୍ୟା ସମାଧାନ ସଙ୍ଗକୁ ଆନୁଷ୍ଠାନିକ କାମ ସୁରୁଖୁରୁରେ ସମ୍ପନ୍ନ ହେବ । ଯାନ୍ତ୍ରିକ ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ । ଯୋଜନାରମ୍ଭ ସକାଶେ ବନ୍ଧୁବର୍ଗଙ୍କ ସହମତି ମନର ଉତ୍ସାହକୁ ଦ୍ୱିଗୁଣିତ କରିବ । ସଭାସମିତି, ସଂଗଠନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ପ୍ରତିବନ୍ଧକ ଦୂରେଇଯିବ ।

**ବୃଷ** — ପରିବାର ସଦସ୍ୟଙ୍କୁ ମନ ବୁଝିଲା ଭଳି କଥା କହି ଆପଣେଇ ନେବେ । କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରି ସଫଳତା ପାଇବେ । ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପଦସ୍ଥ ହେବେ । ବାଣିଜ୍ୟ କିମ୍ବା ନୂତନ ଯୋଜନାରମ୍ଭ ସକାଶେ ମୋଟାଅଙ୍କର ଅର୍ଥ ପାଇଁ ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି ।

**ମିଥୁନ** — ମନ ଭିତରର ଅକୁହା କଥାକୁ ଅନ୍ତରଙ୍ଗ ବନ୍ଧୁଙ୍କ ନିକଟରେ ପ୍ରକାଶ କରି ମନକୁ ହାଲୁକା କରିପାରନ୍ତି । ଆଲୋଚନାର ଶେଷ ପର୍ଯ୍ୟାୟରେ କୌଣସି ବ୍ୟକ୍ତିଙ୍କ ଦୁଷ୍ଟବୁଦ୍ଧିର ନିଷ୍ପତ୍ତି ପରିସ୍ଥିତିକୁ ଓଲଟପାଲଟ କରିଦେବ । ବ୍ୟବସାୟରେ ସମସ୍ୟା ହେତୁ ବନ୍ଧୁଙ୍କ ପରାମର୍ଶ ନେଇପାରନ୍ତି । ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାରୁ କାର୍ଯ୍ୟ ସାଧନ କରିବେ ।

**କର୍କଟ** — ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ଦୈନନ୍ଦିନର ଆବଶ୍ୟକତା ପୂରଣରେ ଅସୁବିଧା ରହିବ ନାହିଁ । ବୃତ୍ତି, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା, ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ । କୌଣସି ବ୍ୟକ୍ତିଙ୍କ କଥାକୁ ପ୍ରାଧାନ୍ୟ ଦେଇ କାମ କରିବା ପୂର୍ବରୁ ତାହାର ଭଲମନ୍ଦ ଦିଗକୁ ନଜର ଦେବା ଭଲ । ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ ।

**ସିଂହ** — ମନୋବଳ ଅତୁଟ ରହିଥିଲେ ମଧ୍ୟ ପାରିବାରିକ ଜଞ୍ଜାଳରେ ଅତିଷ୍ଠ ରହିବେ । କୌଣସି ବନ୍ଧୁ କଥାରେ ପ୍ରଭାବିତ ହୋଇ କିଛି ଭୁଲ୍ କାମ କରିପାରନ୍ତି । ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କଲେ ମଧ୍ୟ ଜିତାପଟ ଆପଣଙ୍କର ହେବ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିପାରନ୍ତି ।

**କନ୍ୟା** — ଦୈହିକ ଦୁର୍ବଳତା ହେତୁ ଅନ୍ୟମାନଙ୍କ ସାହାଯ୍ୟରେ କାମକୁ ପୂର୍ଣ୍ଣାଙ୍ଗ କରିବେ । କର୍ମକ୍ଷେତ୍ରସ୍ଥ ବିବାଦୀୟ ପରିସ୍ଥିତିରେ ମଧ୍ୟସ୍ଥତା କଲେ ସମାଲୋଚିତ ହେବେ । ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ । ଗୃହନିର୍ମାଣ, କର୍ମାରମ୍ଭ, ତଥା ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ । ସାହିତ୍ୟ, ଗବେଷଣା ପ୍ରଭୃତିରେ ସମ୍ମାନିତ ହେବେ ।

**ତୁଳା** — ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ସାମୟିକ ମାନସିକ ସ୍ଥିତି ଭଲ ଦିଗକୁ ଗତି କରିବ । ଅର୍ଥର ଅଭାବକୁ ଜଣେ ସହକର୍ମୀ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେବେ । ପିଲା ମାଡ଼ଗୋଳକୁ କେନ୍ଦ୍ର କରି ନିକଟ ସମ୍ପର୍କୀୟମାନଙ୍କ ସହ ତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ । ବନ୍ଧୁମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ ।

**ବିଛା** — ଅଭିଳାଷ ପୂରଣ ହେଲେ ମଧ୍ୟ ମାନସିକ ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ ରହିପାରେ । ସ୍ୱାସ୍ଥ୍ୟ ସମସ୍ୟା, ଅବହେଳିତ କାମ, ଭଲ ସମ୍ପର୍କଥିବା ବ୍ୟକ୍ତିଙ୍କ ଭୁଲ୍ ବୁଝାମଣାରୁ ଅସ୍ଥିରତା ସୃଷ୍ଟି ସୂଚନା ରହିଛି । ଲେଖା ପଢ଼ାରୁ, କଳା, ସାହିତ୍ୟ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବେ । କର୍ମକ୍ଷେତ୍ରରେ ଓ ପାରିବାରିକ ସ୍ତରରେ ସବୁ ଠିକ୍ ରହିବ ।

**ଧନୁ** — ବିଭିନ୍ନ କର୍ମଜଞ୍ଜାଳ ମଧ୍ୟରେ ମନ ଅଶାନ୍ତ ରହିବ କିନ୍ତୁ ଅନ୍ୟମାନଙ୍କ ସାହାଯ୍ୟର ପ୍ରତିଶ୍ରୁତିରୁ ମନ ହାଲୁକା ରହିପାରେ । ନିଜ ପରିସରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି । ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, କଳା, କ୍ରୀଡ଼ା ପାଇଁ ଦିନଟି ଭଲ । ଅନ୍ୟମାନଙ୍କ କଥାକୁ ବିଶ୍ୱାସ କରି ଅସୁବିଧାରେ ପଡ଼ିବେ ।

**ମକର** — ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିନେବେ । ସଭାସମିତିରେ ବୟସ୍କଙ୍କ ନିକଟରୁ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ । ଆର୍ଥିକ ଉନ୍ନତି, ବନ୍ଧୁଙ୍କ ସହ ଆଲୋଚନା, ପରୀକ୍ଷାରେ ପିଲାଙ୍କ ସଫଳତାଜନିତ ମନ ପ୍ରଫୁଲ୍ଲ ରହିବ । ସହକର୍ମୀଙ୍କ ଏକଜିଦିଆ କାର୍ଯ୍ୟକଳାପଜନିତ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ ।

**କୁମ୍ଭ** — ମନ ଚାହୁଁଥିବା ପ୍ରକାରେ କାମ ନ ହେବାରୁ ଅସନ୍ତୁଷ୍ଟ ରହିବେ । ଗତକାଲିର ବିବାଦୀୟ ଘଟଣାକୁ ନେଇ ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ । ଏଣେ କହିପାରୁ ନ ଥିବେ କିମ୍ବା ସହି ପାରୁ ନ ଥିବେ, ଏହି ପରିସ୍ଥିତିରୁ ମନ ଗୋଳମାଳିଆ ରହିବ । ଜମିଜମା, ଯାନବାହନ, ବ୍ୟବସାୟ ସମସ୍ୟା ଜଟିଳ ରହିବ ।

**ମୀନ** — ଦିନସାରା ମନ ଖୁସିରେ କାମ କରିବେ ଏବଂ ବନ୍ଧୁଙ୍କ ସହ ବିଭିନ୍ନ ବିଷୟରେ ଫଳପ୍ରଦ ଆଲୋଚନା କରିବେ । ଦୀର୍ଘଦିନର ପାରିବାରିକ ସମସ୍ୟା ସମାଧାନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ । ଟଙ୍କା ପଇସାକୁ କେନ୍ଦ୍ରକରି କୌଣସି ବ୍ୟକ୍ତି ସହ କଳହ ଲାଗିପାରେ । କେତେକ କ୍ଷେତ୍ରରେ ଅଜଣା ଭୟ ଓ ଆଶଙ୍କାଜନିତ ଆତଙ୍କିତ ହୋଇପାରନ୍ତି ।

ଆଜି ମାର୍ଚ୍ଚ ୬ ତାରିଖ, ଫାଲ୍‌ଗୁନ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ଗୁରୁବାର, ରାଶିନକ୍ଷତ୍ର-ରୋହିଣୀ/ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ନବବଧୂ ଯାତ୍ରା, ଗୃହାରମ୍ଭ, ଗୃହପ୍ରବେଶ, ଜଳାଶୟ ଖନନ ଓ ପ୍ରତିଷ୍ଠା, ଦେବତାଗଠନ ଓ ପ୍ରତିଷ୍ଠା ପାଇଁ ଶୁଭ ଦିନ । ସକାଳ ଘ.୦୬.୦୬ମି. ଗତେ ଘ.୦୭.୩୯ମି. ମଧ୍ୟେ, ଘ.୧୦.୪୭ମି. ଗତେ ଘ.୦୧.୦୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୧.୨୬ମି. ଗତେ ଘ.୦୨.୫୩ମି. ମଧ୍ୟେ ରାହୁ କାଳ ।




# ପୋଖରୀରେ ବୁଡ଼ି ୨ ନାବାଳକ ଛାତ୍ର ମୃତ

ମାର୍ଶାଘାଇ,୫।୩
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଖୁରୁଷିଆ ପଞ୍ଚାୟତ ବାନ୍ଧକୁଦ ଗ୍ରାମରେ ୨ ନାବାଳକ ଛାତ୍ରଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଏହି ଘଟଣା ସେହି ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି। ମୃତକ ହେଲେ ବାନ୍ଧକୁଦ ଗ୍ରାମର ସଞ୍ଜୟ ମହାପାତ୍ରଙ୍କ ପୁଅ ଦୁର୍ଗା ପ୍ରସାଦ(୧୩) ଓ ମନୋରଞ୍ଜନ ମହାପାତ୍ରଙ୍କ ପୁଅ ଦୀପାଂଶୁ (୧୩)। ଉଭୟେ ନିକଟସ୍ଥ ଖୁରୁଷିଆପାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର। ସବୁଦିନ ପରି ମଙ୍ଗଳବାର ସେମାନେ ସ୍କୁଲ ଛୁଟି ପରେ ଗ୍ରାମର ଜଣେ ସାର୍‌ଙ୍କ ପାଖକୁ ଟ୍ୟୁଶନ ହେବାକୁ ଯାଇଥିଲେ। ମାତ୍ର ରାତି ୧୦ଟା ପର୍ଯ୍ୟନ୍ତ ସେମାନେ ଘରକୁ ନ ଫେରିବାରୁ ଉଭୟଙ୍କ ପରିବାର ଲୋକେ ବ୍ୟସ୍ତ ହୋଇ ପଡ଼ିଥିଲେ। ଟ୍ୟୁଶନ ସାର୍‌ଙ୍କୁ ଫୋନ୍ କରିବାରୁ ସେମାନେ ଆଜି ପଢ଼ିବାକୁ ଆସି ନ ଥିଲେ ବୋଲି କହିଥିଲେ। କପିଳେଶ୍ୱରଙ୍କ ନିକଟରେ ଯଜ୍ଞ ହେଉଥିବାରୁ ପିଲାଦ୍ୱୟ ସେଠାକୁ ଯାଇଥିବେ ଭାବି ଉଭୟ ପରିବାର ଲୋକମାନେ ସେଠାକୁ ଯାଇ ଖୋଜାଖୋଜି କରିଥିଲେ। ହେଲେ ସେଠାରେ କାହାର ପତ୍ତା ମିଳି ନ ଥିଲା। ଶେଷରେ ପରିବାର ଲୋକଙ୍କ ସହ ଗ୍ରାମବାସୀ ଗାଁଠାରୁ ୨କିମି ଦୂରରେ ଥିବା ମା’ବ୍ରହ୍ମଣୀଙ୍କ ପୀଠକୁ ଖୋଜିବାକୁ ଯାଇଥିଲେ। ସେଠାରେ ସେମାନେ ଏକ ସାଇକେଲ ଓ ପଲିଥିନରେ ଥିବା ବହିଖାତା ପାଇଥିଲେ। ମାତ୍ର ପିଲାଦ୍ୱୟ ନ ଥିଲେ। ମା’ଙ୍କ ପୀଠ ପଛପାଖରେ ଥିବା ପୋଖରୀକୁ ଗ୍ରାମବାସୀ ଟର୍ଚ୍ଚ ମାରି ଦେଖିଲା ବେଳକୁ ୨ ପିଲା ପାଣିରେ ଭାସୁଥିଲେ। ଗ୍ରାମବାସୀ ପୋଖରୀରେ ପଶି ଉଭୟଙ୍କୁ କୂଳକୁ ଆଣିଥିଲେ। ହେଲେ ସେତେବେଳକୁ ଉଭୟଙ୍କ ମୃତ୍ୟୁ ଘଟିସାରିଥିଲା। ମାର୍ଶାଘାଇ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ପୋଲିସ ୨ ଅପମୃତ୍ୟୁ ମାମଲା(ନଂ. ୧/୨୫ ଓ ୨/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଅନୁମାନ କରାଯାଉଛି ନାବାଳକଦ୍ୱୟ ପୋଖରୀ କୂଳରେ ପହଞ୍ଚି କାଗଜରେ ଡଙ୍ଗା କରି ଭସାଉ ଥିଲେ। ଏହି ସମୟରେ ଜଣେ କେହି ପ୍ରଥମେ ପାଣିକୁ ଖସି ପଡ଼ିବାରୁ ଅନ୍ୟ ଜଣେ ତାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଶେଷରେ ଦୁହେଁ ଗଭୀର ଜଳକୁ ଚାଲିଯାଇଥିଲେ। ପହଁରା ଶିଖି ନ ଥିବାରୁ ଉଭୟ ବୁଡ଼ି ଯାଇଥିଲେ। ମା’ଙ୍କ ପୀଠ ନିଛାଟିଆ। ଲୋକଙ୍କ ଯାତାୟାତ ନ ଥିବାରୁ ଏହି ଘଟଣାକୁ କେହି ଜାଣିପାରି ନ ଥିଲେ। ମୃତ ଛାତ୍ରଦ୍ୱୟ ଉଭୟ ଦମ୍ପତିଙ୍କ ଜଣେ ଲେଖାଏ ପୁଅ ଥିଲେ ବୋଲି ଗ୍ରାମବାସୀ କହିଛନ୍ତି।

# କେନ୍ଦ୍ରାପଡ଼ା ଯିବାକୁ ସାରଥିଙ୍କୁ ସର୍ତ୍ତମୂଳକ ଅନୁମତି

## ଭାଇଙ୍କ ଅସୁସ୍ଥତା ଦର୍ଶାଇ ହାଇକୋର୍ଟରେ ଆବେଦନ କରିଥିଲେ

## ରାତିରେ ରହିପାରିବେ ନାହିଁ

କଟକ,୫।୩ (କାର୍ତ୍ତିକ ସାହୁ)

ସନ୍ତୋଷ ରାଉଳ ଓରଫ ସାରଥିଙ୍କୁ କେନ୍ଦ୍ରାପଡ଼ା ଯିବା ନିମନ୍ତେ ହାଇକୋର୍ଟ ସର୍ତ୍ତମୂଳକ ଅନୁମତି ବୁଧବାର ପ୍ରଦାନ କରିଛନ୍ତି। କର୍କଟରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ତାଙ୍କ ଭାଇଙ୍କୁ ସାକ୍ଷାତ କରିବା ପାଇଁ ସାରଥି ୨ ମାସରେ ଥରେ କେନ୍ଦ୍ରାପଡ଼ା ଯାଇପାରିବେ। ମାତ୍ର ବାରିମୂଳ ଆଶ୍ରମକୁ ଯାଇପାରିବେ ନାହିଁ। କେନ୍ଦ୍ରାପଡ଼ାରେ ରାତ୍ରିଯାପନ ମଧ କରିପାରିବେ ନାହିଁ। ଏବେ ସେ ରହୁଥିବା କଟକ କିମ୍ବା ଭୁବନେଶ୍ୱରରୁ ବାହାରି କେନ୍ଦ୍ରାପଡ଼ାରେ ସକାଳ ୫.୩୦ରେ ପହଞ୍ଚିବେ। ପୁଣି ସନ୍ଧ୍ୟା ୫.୩୦ ବେଳକୁ ସେଠାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଯିବା ପୂର୍ବରୁ ସେ ରହୁଥିବା ଅଞ୍ଚଳର ପୋଲିସ ଓ କେନ୍ଦ୍ରାପଡ଼ା ପୋଲିସକୁ ଅବଗତ କରାଇବେ। ଏଥିସହ ତାଙ୍କ ମାମଲା ଚାଲିଥିବା ନିମ୍ନକୋର୍ଟଙ୍କୁ ମଧ ଜଣାଇବେ। କୋର୍ଟ ଏ ସଂକ୍ରାନ୍ତରେ ବ୍ୟବସ୍ଥା କରିବେ। ଏଥିସହ ଜାମିନବେଳେ ୨୦୦ରୁ ଅଧିକ ଲୋକ ସମାଗମ ନ କରିବାକୁ ରହିଥିବା ସର୍ତ୍ତ କୋହଳ ନିମନ୍ତେ ସେ କରିଥିବା ଆବେଦନ ଉପରେ ହାଇକୋର୍ଟ ସ୍ପଷ୍ଟ ମନା କରିଦେଇଛନ୍ତି। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରାଙ୍କ ଜଣିକିଆ ପୀଠ ଆବେଦନର ଶୁଣାଣି କରି ଏପରି ଆଦେଶ ଦେବା ସହ ତାଙ୍କର ଜାମିନବେଳେ ରହିଥିବା ଅନ୍ୟାନ୍ୟ ସର୍ତ୍ତଗୁଡ଼ିକ କାଏମ ରଖିଛନ୍ତି।

ସୂଚନାନୁସାରେ, ସାରଥିଙ୍କ ବଡ଼ ଭାଇ ବିଜୟ ରାଉଳ କର୍କଟ ରୋଗରେ ପୀଡ଼ିତ ଥାଇ କେମୋ ଥେରାପି ଦ୍ୱାରା ଚିକିତ୍ସିତ ହେଉଛନ୍ତି। ଭାଇଙ୍କ ଏଭଳି ଅବସ୍ଥାରେ ତାଙ୍କୁ ସାକ୍ଷାତ କରିବା ନିମନ୍ତେ ଅନୁମତି ଦେବାକୁ ସାରଥି ୨ ମାସ ତଳେ ହାଇକୋର୍ଟରେ ଆବେଦନ କରିଥିବା ନେଇ ତାଙ୍କ ମାମଲା ପରିଚାଳନା କରୁଥିବା ଆଇନଜୀବୀ ମାନସ ଚାନ୍ଦ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସାରଥିଙ୍କ ଜାମିନବେଳେ ସେ ବାରିମୂଳ ଆଶ୍ରମ ଯାଇପାରିବେ ନାହିଁ, ସତ୍‌ସଙ୍ଗ କରିପାରିବେ ନାହିଁ ବୋଲି ହାଇକୋର୍ଟଙ୍କ ସର୍ତ୍ତ ରହିଥିଲା। ସତ୍‌ସଙ୍ଗ କରିବା ନେଇ ପରବର୍ତ୍ତୀ ସମୟରେ ଆବେଦନ କରାଯାଇଥିଲା। ତାହାକୁ କୋର୍ଟ ବିଚାର କରି ୨୦୦ ପର୍ଯ୍ୟନ୍ତ ଲୋକ ଏକାଠି ହେବାକୁ ଅନୁମତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ସେ ସମ୍ପୃକ୍ତ ଅଞ୍ଚଳରେ କୌଣସି ସତ୍‌ସଙ୍ଗ କରିନାହାନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବା ସେ ସେତେବେଳେ କୋର୍ଟଙ୍କୁ ଅବଗତ କରିଥିଲେ। ତାହାକୁ ହାଇକୋର୍ଟ ଗୁରୁତର ସହ ଗ୍ରହଣ କରି ତଦନୁଯାୟୀ ଆଦେଶ ପ୍ରଦାନ କରିଥିବା ଜଣାଯାଇଛି।

## ୪୦ ଡିଗ୍ରୀ ଟପିବ ତାତି

ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନାହିଁ, ମାତ୍ର ପରବର୍ତ୍ତୀ ୨ଦିନରେ ତାପମାତ୍ରା ୪୦ ଡିଗ୍ରୀ ଟପିବ। ସେହିପରି ଆସନ୍ତା ୪ରୁ ୫ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବୁଧବାର ବୌଦ୍ଧରେ ଦିନ ତାପମାତ୍ରା ସର୍ବାଧିକ ୩୮.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ମାଲକାନଗିରିରେ ୩୭.୫, ଅନୁଗୋଳ ୩୭.୧, ଝାରସୁଗୁଡ଼ା ୩୬.୨, ଭୁବନେଶ୍ୱର ୩୫ ଓ କଟକରେ ୩୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଗୁଣପୁର,୫।୩
(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଗୁଲାସାହିରେ ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଜବତ ହୋଇଛି। ମୃତକଙ୍କ ନାମ କରାଳ ରାଜୁ (୩୮) ବୋଲି ଜଣାପଡ଼ିଛି। କରାଳଙ୍କ ବେକ ଧାରୁଆ ଅସ୍ତ୍ରରେ କଟିଥିବା ନେଇ ସମ୍ପର୍କୀୟମାନେ ଥାନାରେ ଅଭିଯୋଗ କରଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପାରିବାରିକ ଅଶାନ୍ତି ଯୋଗୁ କରାଳ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତ ପରେ ସନ୍ଦେହ କରୁଛି। ମୃତକଙ୍କ ବଡଭାଇ କେ. ଦିଲୀପଙ୍କ କହିବା ଅନୁଯାୟୀ, ତାଙ୍କ ଭାଇ କେ. ରାଜୁ ବିବାହିତ ଏବଂ ତାଙ୍କର ୨ ପୁଅ ଅଛନ୍ତି। ତେବେ ରାଜୁଙ୍କ ସ୍ତ୍ରୀ ଓ ପୁଅ ବିଶାଖାପାଟଣାରେ ରହୁଛନ୍ତି। ମୃତ ରାଜୁ ଗୁଣପୁରରେ ତାଙ୍କ ମା’ବାପାଙ୍କ ପାଖରେ ରହୁଥିଲେ। ପାରିବାରିକ କଳହ ଯୋଗୁ ବୁଧବାର ସକାଳୁ ଧାରୁଆ ଅସ୍ତ୍ରରେ ଦିଲୀପ ନିଜ ବେକ କାଟି ଆତ୍ମହତ୍ୟା କରିଥିବା ଅଭିଯୋଗ କରିଛନ୍ତି।

# ଗଛରେ ପିଟିହୋଇ କେନାଲକୁ ଖସିଲା ବାଇକ୍, ୨ ଛାତ୍ର ମୃତ

## ଜଣେ ଦେଇପାରିଲେନି ଶେଷ ଦିନର ମାଟ୍ରିକ୍ ପରୀକ୍ଷା

ବ୍ରହ୍ମପୁର,୫।୩(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ପାଣ୍ଡିଆଖୋଲି ନିକଟରେ ମଙ୍ଗଳବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଗଛରେ ଧକ୍କା ହୋଇ କେନାଲରେ ପଶିଯିବାରୁ ୨ ଛାତ୍ରଙ୍କ ଜୀବନ ଯାଇଛି। ସେମାନେ ରେହିଗାଁ ପଞ୍ଚାୟତ ପାଣ୍ଡିଆଖୋଲି ଗ୍ରାମର ରବୀନ୍ଦ୍ର ଗୌଡଙ୍କ ପୁଅ କ୍ଷମାପ୍ରସାଦ ଗୌଡ (୧୫) ଓ ସୁଶାନ୍ତ ସେଠୀଙ୍କ ପୁଅ ପ୍ରୀତମ ସେଠୀ (୧୪)। କ୍ଷମାପ୍ରସାଦ ମାଟ୍ରିକ୍ ପରୀକ୍ଷା ଦେଉଥିବା ବେଳେ ତାଙ୍କର ଗୁରୁବାର ଶେଷ ଦିନର ପରୀକ୍ଷା ବାକି ଥିଲା। ସେହିପରି ପ୍ରୀତମ ନବମ ଶ୍ରେଣୀ ଛାତ୍ର ଥିଲେ। ପିଲାଙ୍କୁ ପାଠ ପଢ଼ାଇ ଉଚ୍ଚଶିକ୍ଷିତ କରିବା ପାଇଁ ମା’ବାପା ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଚୂରମାର ହୋଇଯାଇଛି। ବୁଧବାର ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ସେମାନଙ୍କ ଜୁଇ ଜଳିଛି।

ପ୍ରକାଶ ଯେ, କ୍ଷମାପ୍ରସାଦ ମଙ୍ଗଳବାର ପରୀକ୍ଷା ଦେଇ ଆସି ଘରେ ଥିଲେ। ରାତି ପ୍ରାୟ ୯ଟାରେ ସେ ତାଙ୍କ ପିଉସୀ ପୁଅଙ୍କଠାରୁ ପଲ୍‌ସର ବାଇକ୍ ଆଣି ପ୍ରୀତମଙ୍କୁ ବସାଇ ବୁଲିବାକୁ ବାହାରିଥଲେ। ଗାଁର ଆଉ ୨ ଜଣ ନାବାଳକ ଏକ୍ସେଲ ଗାଡିରେ ସେମାନଙ୍କ ସହ ଯାଇଥିଲେ।

କ୍ଷମାପ୍ରସାଦ ଗାଁ ନିକଟ ଦେଇ ଯାଇଥବା ରଷିକୁଲ୍ୟା ନଦୀର ଗାର୍ଡୱାଲ ବିହୀନ ମୁଖ୍ୟ କେନାଲ ସେତୁ ଅତିକ୍ରମ କରୁଥିବାବେଳେ ଗଛରେ ପିଟିହୋଇ ପ୍ରାୟ ୨୫ ଫୁଟ ତଳକୁ କେନାଲରେ ଖସି ପଡିଥିଲେ। ଗ୍ରାମବାସୀ ଏହା ଶୁଣିବା ପରେ ମୁମୂର୍ଷୁ ଅବସ୍ଥାରେ ଥିବା କ୍ଷମାପ୍ରସାଦ ଓ ପ୍ରୀତମଙ୍କୁ ଉଦ୍ଧାର କରି ବଡ ମେଡିକାଲ ନେଇଥିଲେ। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ସଦର ଥାନା ପୋଲିସ କେନାଲ ଭିତରେ ପଡିଥିବା ବାଇକ୍‌କୁ ଜବତ କରିଥିଲା। ମେଡିକାଲରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଥିଲା। ଏ ନେଇ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
| --- | --- | --- |
| LAYOUT DESIGNERS (ADVERTISEMENT) | ▸ Candidate should have expertise in Ad Layout & Designing of pages for print media.<br>▸ Minimum 3 years + experience in print media.<br>▸ Proficiency in InDesign, Photoshop, MS Office & CorelDRAW is a must.<br>▸ Well-versed in Odia, English & Hindi typing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ଓସିପିଏଲ୍‌ର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

- ଡିଏଭି ସ୍କୁଲରେ ମାଗଣାରେ ପଢ଼ିବେ ପିଲା
- ଇନ୍‌ଡୋର ଷ୍ଟାଡିୟମରେ ରହିଛି ସମସ୍ତ ବ୍ୟବସ୍ଥା
- ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳିବ ଅତ୍ୟାଧୁନିକ ଚିକିତ୍ସା ସୁବିଧା

ଭୁବନେଶ୍ୱର,୫।୩
(ଅନୁରାଧା ମହାରଣା)

ଓଡ଼ିଶା କୋଲ ଆଣ୍ଡ ପାୱାର୍ ଲିମିଟେଡ୍ (ଓସିପିଏଲ୍)ର ବିଭିନ୍ନ ପ୍ରକଳ୍ପକୁ ବୁଧବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ଘାଟନ କରିଛନ୍ତି। ଏହିଅବସରରେ ମନୋହରପୁର ଖଣିସ୍ଥିତ ଓସିପିଏଲ୍ ଡିଏଭି ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅତ୍ୟାଧୁନିକ ବ୍ୟବସ୍ଥା ଥିବା ଇଣ୍ଡୋର୍ ଷ୍ଟାଡିୟମ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ବିଧାୟକ ଯୋଗେଶ କୁମାର ସିଂ ଏବଂ ପୂର୍ବତନ ବିଧାୟିକା କୁସୁମ ଟେଟେ ପ୍ରମୁଖ ଉପସ୍ଥିତ ଥିଲେ। ୧୧ କୋଟି ଟଙ୍କା ବିନିଯୋଗରେ ୨୨ ହଜାର ବର୍ଗଫୁଟ ପରିଧିରେ ଉକ୍ତ ଶୀତତାପ ନିୟନ୍ତ୍ରିତ ଷ୍ଟାଡିୟମ ନିର୍ମିତ ହୋଇଥିବାବେଳେ ସମସ୍ତ ପ୍ରକାର ଇଣ୍ଡୋର କ୍ରୀଡ଼ା ସୁବିଧା ରହିଛି। ଷ୍ଟାଡିୟମଟି ସ୍ଥାନୀୟ କ୍ରୀଡ଼ାବିତ୍‌ମାନଙ୍କୁ ଅଭ୍ୟାସ ଏବଂ ଅତ୍ୟାଧୁନିକ କ୍ରୀଡ଼ା ପରୀକ୍ଷଣ ପାଇଁ ସାହାଯ୍ୟ କରିବ। ମନୋହରପୁରସ୍ଥିତ ଓସିପିଏଲ୍ ଡିଏଭି ସ୍କୁଲରେ ନିକଟସ୍ଥ ଗ୍ରାମଗୁଡ଼ିକର ବିଦ୍ୟାର୍ଥୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷା ପ୍ରଦାନ କରାଯିବ। ଏହି ସ୍କୁଲରେ ପ୍ରାରମ୍ଭିକ ଭାବେ ୧ମରୁ ୩ୟ ଶ୍ରେଣୀ ଏବଂ କିଛି ବର୍ଷ ପରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯିବ। ମନୋହରପୁର ଅଞ୍ଚଳରେ ଇଂଲିଶ୍ ମାଧ୍ୟମ ବିଦ୍ୟାଳୟ ନ ଥିବାରୁ ଏହି ସ୍କୁଲ ମେଧାବୀ ଏବଂ ଗୁଣବତ୍ତା ଶିକ୍ଷା ପ୍ରଦାନ କରିବାରେ ସହାୟକ ହେବ। ଓସିପିଏଲ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଖପାଖର ଗ୍ରାମବାସୀଙ୍କୁ ମାଗଣା ଔଷଧ ପ୍ରଦାନ କରାଯିବ। ଏଠାରେ ଅତ୍ୟାଧୁନିକ ପଦ୍ଧତିରେ ରୋଗୀଙ୍କୁ ପରୀକ୍ଷା କରିବାର ସୁବିଧା ରହିଛି। ଏଠାରେ ଥିବା ଟେଲିମେଡିସିନ ବ୍ୟବସ୍ଥା ମାଧ୍ୟମରେ ରୋଗୀଙ୍କୁ ରାଜ୍ୟର ପ୍ରଖ୍ୟାତ ଡାକ୍ତରମାନଙ୍କ ସହ ପରାମର୍ଶ କରି ଚିକିତ୍ସା ପ୍ରଦାନ କରାଯାଇପାରିବ ଏବଂ ଓସିପିଏଲ୍ ଏଥିନିମନ୍ତେ ଆବଶ୍ୟକ ସମସ୍ତ ଖର୍ଚ୍ଚ ବହନ କରିବ। ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓସିପିଏଲ୍ ଏକ ନୂତନ କୋଇଲା ଖଣି ଅକ୍ତିଆର କରିବାକୁ ଯାଉଛି। କାର୍ଯ୍ୟକ୍ରମରେ ଓସିପିଏଲ୍‌ର ସିଇଓ ଗଗନ ବିହାରୀ ସ୍ୱାଇଁ, ଓପିଜିସିଏସ୍‌ର ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ ଏବଂ ଓପିଜିସିଏଲର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଡିଏଭି ସ୍କୁଲର ପୂର୍ବାଞ୍ଚଳ ମୁଖ୍ୟ ଡ. କେ.ସି. ଶତପଥୀ, ରାଉରକେଲା ଡିଏଭି ସ୍କୁଲର ମୁଖ୍ୟ ଏଲ୍. ଏନ୍. ପ୍ରଧାନ ଏବଂ ଡିଏଭି ସ୍କୁଲ ଝାରସୁଗୁଡ଼ାର ମୁଖ୍ୟ ପ୍ରଶାନ୍ତ ପଣ୍ଡା ଯୋଗଦେଇଥିଲେ। ମନୋହରପୁର ଅଞ୍ଚଳର ଉନ୍ନତି ପାଇଁ ଓସିପିଏଲ୍ ୨୦୧୬ ମସିହାରୁ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛି।


ଇନ୍‌ଡୋର ଷ୍ଟାଡିୟମକୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ଘାଟନ କରୁଛନ୍ତି।

# ଆଜି ସୁଭଦ୍ରା ପ୍ରଥମ କିସ୍ତି ୫ମ ପର୍ଯ୍ୟାୟ ଟଙ୍କା

- ପ୍ରତି ଘର ବୁଲି ହିତାଧିକାରୀଙ୍କୁ ଚିହ୍ନଟ କରାଯିବ
- ରାଖୀପୂର୍ଣ୍ଣିମାରେ ଏକାଥରେ ପାଇବେ ୩ କିସ୍ତି

ଭୁବନେଶ୍ୱର,୫।୩
(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଅର୍ଥରାଶି ପାଇବା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୧ କୋଟି ୮ ଲକ୍ଷ ମହିଳା ଆବେଦନ କରିସାରିଛନ୍ତି। ଗୁରୁବାର ପଞ୍ଚମ ପର୍ଯ୍ୟାୟରେ ପ୍ରାୟ ୧ ଲକ୍ଷ ୭୦ ହଜାର ମହିଳାଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯିବ। ଉକ୍ତଦିନ ହିତାଧିକାରୀଙ୍କ ସଂଖ୍ୟା ୧ କୋଟି ଟପିବ। ସର୍ଭେ ପରେ ଅବଶିଷ୍ଟ ହିତାଧିକାରୀଙ୍କୁ ଆସନ୍ତା ରାଖୀ ପୂର୍ଣ୍ଣିମାରେ ଏକ ସଙ୍ଗେ ୩ଟି କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ସୁଭଦ୍ରା ଯୋଜନାରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଘର ଘର ବୁଲି ହିତାଧିକାରୀଙ୍କୁ ଚିହ୍ନଟ କରାଯିବ। ମାର୍ଚ୍ଚ ୩୧ ତାରିଖରେ ଆବେଦନ ପ୍ରକ୍ରିୟାକୁ ବନ୍ଦ ରଖି ସର୍ଭେ କରିବା ପାଇଁ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଅଧିକାରୀମାନେ ଦ୍ୱାରକୁ ଦ୍ୱାର ଯାଇ ୱାନ ଟୁ ୱାନ ସର୍ଭେ କରିବେ।

# ସହରାଞ୍ଚଳ ବିକାଶ ପାଇଁ ରଣନୀତି ପ୍ରସ୍ତୁତ ଉପରେ ଗୁରୁତ୍ୱ


ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଏବଂ ଅନ୍ୟମାନେ।

ଭୁବନେଶ୍ୱର,୫।୩
(ଅନୁରାଧା ମହାରଣା)

ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ବୁଧବାର ଅଟଳ ନେଟୱର୍କ ଫର୍ ନଲେଜ, ଅର୍ବାନାଇଜେଶନ ଆଣ୍ଡ ରିଫର୍ମସ (ଏଏନ୍‌କେୟୁଆର୍) ସଂକ୍ରାନ୍ତ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ଅଧିକାରୀ, ସହର ବିଶେଷଜ୍ଞ ଏବଂ ସହଭାଗୀ ସଙ୍ଗଠନମାନଙ୍କୁ ଏକାଠି କରି ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ଓଡ଼ିଶାର ସହରାଞ୍ଚଳ ବିକାଶ ତ୍ୱରାନ୍ୱିତ ନିମନ୍ତେ ରଣନୀତି ପ୍ରସ୍ତୁତ କରିବା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣ, ସ୍ମାର୍ଟ ଶାସନ ଏବଂ ଗୋଷ୍ଠୀ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ବଦଳିବ ସରକାରୀ ବିଦ୍ୟାଳୟର ରଙ୍ଗ

ଭୁବନେଶ୍ୱର,୫।୩ (ସୁଚିସ୍ମିତା ସାହୁ)

ଖୁବ୍‌ଶୀଘ୍ର ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକର ରଙ୍ଗ ବଦଳିବ। ପୂର୍ବ ସରକାରଙ୍କ ସମୟରେ ସରକାରୀ ବିଦ୍ୟାଳୟଗୁଡ଼ିକର ରଙ୍ଗ ସବୁଜ ଥିବାବେଳେ ଏବେ ଏହାକୁ ଗେରୁଆ ରଙ୍ଗ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ସ୍କୁଲ ସମେତ ସମସ୍ତ ସରକାରୀ ବିଦ୍ୟାଳୟର ନିର୍ମାଣ, ମରାମତି ଏବଂ ନବୀକରଣ କାର୍ଯ୍ୟ ସହିତ ଅନୁମୋଦିତ ଗେରୁଆ ରଙ୍ଗ କୋଡ୍ ଗ୍ରହଣ କରିବା ପାଇଁ ସମ୍ପୃକ୍ତ କ୍ଷେତ୍ର ଅଧିକାରୀଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଜାରିକରିବାକୁ ଅନୁରୋଧ କରାଯାଇଛି।






ପ୍ରତ୍ୟେକ ଭାଷା ହେଉଛି–ତାକୁ କହୁଥିବା ଲୋକମାନଙ୍କର ଆତ୍ମାର ଶକ୍ତି ଓ ଚିହ୍ନ। ତେଣୁ ପ୍ରତ୍ୟେକ ଭାଷା ନିଜର ବିଶିଷ୍ଟ ଚିତ୍ତବୃତ୍ତି, ଚିନ୍ତାବୃତ୍ତି ଓ ଜୀବନ ସହିତ ବ୍ୟବହାର କରିବାର ଭଙ୍ଗୀ, ଜ୍ଞାନ ଓ ଅଭିଜ୍ଞତାକୁ ବିକଶିତ କରନ୍ତି। ... ଗୋଟିଏ ଜାତି, ବଂଶ ବା ଜନସାଧାରଣ ଯଦି ତା'ର ମାତୃଭାଷାକୁ ହରାଏ– ତେବେ ସେ ତା'ର ସମ୍ପୂର୍ଣ୍ଣ ଜୀବନ ବା ପ୍ରକୃତ ଜୀବନକୁ ବଞ୍ଚି ପାରିବ ନାହିଁ। –ଶ୍ରୀଅରବିନ୍ଦ



# ଆଦିବାସୀ ଓ ଭାରତୀୟ ସଂସ୍କୃତି



ଦେବଦତ୍ତ ପଟ୍ଟନାୟକ

ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ସବୁବେଳେ ସ୍ୱାଧୀନ ଭାବେ ଜୀବନଯାପନ କରିଆସିଛନ୍ତି। ସେମାନେ ପରିବେଶ ଉପଯୋଗୀ ଚାଷ ଏବଂ ପଶୁପାଳନ କରନ୍ତି। ବେଳେବେଳେ ଜଙ୍ଗଲଜାତ ସାମଗ୍ରୀକୁ ନେଇ ବଜାରରେ ବିକ୍ରି କରନ୍ତି। ତେବେ ଅତୀତରେ ଯେଉଁ ରାଜାମାନେ ଜଙ୍ଗଲରେ ଚାଷଜମି ବା ଜଙ୍ଗଲ ମଧ୍ୟ ଦେଇ ବାଣିଜ୍ୟ ପଥ ନିର୍ମାଣ କରୁଥିଲେ, ସେମାନଙ୍କ ସହ ଆଦିବାସୀମାନେ ଯୁଦ୍ଧ କରୁଥିଲେ। ଭିଲ୍‌ମାନେ ମୋଗଲ ସେନାକୁ ପରାସ୍ତ କରିଥିଲେ ଏବଂ ବିର୍ସା ମୁଣ୍ଡା ସର୍ବପ୍ରଥମେ ବ୍ରିଟିଶ୍ ଶାସନ ବିରୋଧରେ ବିଦ୍ରୋହର ସ୍ୱର ଉଠାଇଥିଲେ। ଆଦିବାସୀମାନେ ସାଧାରଣତଃ ଟିକସ ଦେବାକୁ ମନା କରୁଥିଲେ ବି ବିଭିନ୍ନ ଗୋଷ୍ଠୀ ସହ ବାଣିଜ୍ୟ କରିବାକୁ ପସନ୍ଦ କରୁଥିଲେ। ବେଳେବେଳେ ରାଜାଙ୍କ ସେନାରେ ଯୋଗ ଦେଉଥିଲେ। ସେମାନେ ବି ବନବାସୀ, ଅଟବିକ (ବନ ଲୋକ) ଓ ଗିରିଜନ ଭାବେ ଜଣାଶୁଣା। କେତେକ ନିର୍ଦ୍ଦିଷ୍ଟ ଆଦିବାସୀଙ୍କ ପାଇଁ ନିଶାଦ କିମ୍ବା କିରାତ ଶବ୍ଦ ବ୍ୟବହାର କରାଯାଏ। ମହାଭାରତରେ ଆମେ ଏକଲବ୍ୟକୁ ବିରୋଧ କରିଛୁ, ଯିଏ ଥିଲେ ଜଣେ ନିଶାଦ। ଶିବ ଜଣେ କିରାତ ରୂପରେ ଅର୍ଜୁନଙ୍କ ସହ ଯୁଦ୍ଧ କରିଛନ୍ତି। ବିଶ୍ୱାସ କରାଯାଏ, ରାମାୟଣର ବାନର ଏବଂ ଅସୁରମାନେ ଥିଲେ ଜଙ୍ଗଲ ଓ ପାହାଡ଼ୀ ମଣିଷ। ଏହି ଦୁଇ କାବ୍ୟ କାହାଣୀରେ ପରିପୂର୍ଣ୍ଣ, ଯେଉଁଥିରେ ରାଜା ଓ ସନ୍ନ୍ୟାସୀମାନେ ଯକ୍ଷ ଓ ରାକ୍ଷସ ମହିଳାଙ୍କୁ ବିବାହ କରିଥିବା କଥା କୁହାଯାଇଛି। କୃଷ୍ଣଙ୍କ ସ୍ତ୍ରୀ ଜାମ୍ବବତୀ ଥିଲେ ଭାଲୁର ଝିଅ। ତେବେ ଆଦିବାସୀଙ୍କ ପାଇଁ ଏହିସବୁ କାହାଣୀ ସମ୍ପୂର୍ଣ୍ଣ କାଳ୍ପନିକ ଏବଂ ସେମାନେ ଯଜ୍ଞ ତଥା ରୀତିନୀତି ଆଧାରିତ ଆର୍ଯ୍ୟଙ୍କ ଜୀବନଶୈଳୀକୁ ଗ୍ରହଣ କରି ନ ଥିଲା। ଭାଗବତ ପୁରାଣରେ କୁହାଯାଇଛି, ଯେତେବେଳେ ଲୋଭୀ ରାଜା ବେଣଙ୍କୁ ହତ୍ୟା କରାଗଲା, ସେତେବେଳେ ତାଙ୍କ ଶରୀରରୁ ଦୁଇଟି ଜୀବ ସୃଷ୍ଟି ହୋଇଥିଲେ ; ନିଶାଦ ଜଙ୍ଗଲରେ ରହିବାକୁ ପସନ୍ଦ କରିଥିବାବେଳେ ପୃଥୁ ଚାଷ କରିବାକୁ ଚାହିଁଥିଲେ।

ଭାରତରେ ଆରାବଳି, ନୀଳଗିରି, ହିମାଚଳ, ଉତ୍ତରାଞ୍ଚଳ, ପୂର୍ବାଞ୍ଚଳ ପର୍ବତ ତଥା ତରାଇ ଜଙ୍ଗଲ ଏବଂ କେନ୍ଦ୍ର ଭାରତର ସମତଳ ଅଞ୍ଚଳରେ ପ୍ରାୟ ୭୦୦ ସମ୍ପ୍ରଦାୟର ଆଦିବାସୀ ରହୁଛନ୍ତି, ଯାହା ଦେଶର ମୋଟ ଜନସଂଖ୍ୟାର ପାଖାପାଖି ୧୦ ପ୍ରତିଶତ। ବଞ୍ଜାରା ଆଦିବାସୀ ଯାଯାବର ଗୋଷ୍ଠୀର। ଭିଲ୍ ଓ ଗୋଣ୍ଡା ବିନ୍ଧ୍ୟର ସବୁଆଡ଼େ ରହୁଛନ୍ତି। ହିମାଚଳର ପାର୍ବତ୍ୟାଞ୍ଚଳରେ କିନ୍ନାଉରମାନେ ରୁହନ୍ତି। ଉତ୍ତର ଭାରତରେ ଖାସି ଓ ଗାରୋ ଭଳି ଅନେକ ଆଦିବାସୀ ଅଛନ୍ତି। ହେଲେ ନାଗା ଗୋଟିଏ ଗୋଷ୍ଠୀର ଆଦିବାସୀଙ୍କୁ ସୂଚିତ କରେ ନାହିଁ। ପାହାଡ଼ିଆ ଅଞ୍ଚଳରେ ରହୁଥିବା ଆଦିବାସୀମାନଙ୍କ ପାଇଁ ସମତଳ ଅଞ୍ଚଳରେ ଏହି ଶବ୍ଦ ବ୍ୟବହାର ହୋଇଥାଏ। ସେମାନେ ସ୍ୱଳ୍ପ ବସ୍ତ୍ର ପରିଧାନ କରିବା ସହ କାନ ଫୋଡ଼ନ୍ତି। ଦେଖିବାକୁ ଗଲେ କୃଷିକୁ ଫେରିଥିବା ଅନେକ ଯାଯାବର ଗୋଷ୍ଠୀର ଆଦିବାସୀଙ୍କ ମଧ୍ୟରୁ ପାଖାପାଖି ୧୦% ବିପଦରେ ଅଛନ୍ତି, ଯେଉଁମାନଙ୍କ



ସଂସ୍କୃତି ଏବେ ବିପଦରେ। ସେମାନଙ୍କୁ ପର୍ଟିକୁଲାର ଭଲନରେବଲ ଟ୍ରାଇବାଲ ଗ୍ରୁପ୍ (ପିଭିଟିଜି) ବା ନିଶ୍ଚିତ ବିପଦରେ ଥିବା ଆଦିବାସୀ ଗୋଷ୍ଠୀରେ ରଖାଯାଇଛି। ଆନୁବଂଶିକ ବିଷୟକୁ ବିଚାରକୁ ନେଲେ ଜଣାଯାଏ ଯେ, ସେମାନଙ୍କଠାରେ ଆଫ୍ରିକାରୁ ଆସିଥିବା ଆଦି ମାନବଙ୍କ ଜିନ୍ ଅଛି। କେବଳ ଦକ୍ଷିଣରେ ରହୁଥିବା ଆଦିବାସୀଙ୍କଠାରେ ହରପ୍ପା ସଭ୍ୟତାର ଲୋକଙ୍କ ଜିନ୍ ମିଳେ। ଯେଉଁମାନେ ଉତ୍ତରରେ ଅଛନ୍ତି, ସେମାନଙ୍କଠାରେ ଆର୍ଯ୍ୟଙ୍କ ଜିନ୍ ଏବଂ ଯେଉଁମାନେ କେନ୍ଦ୍ର ଏସିଆରେ ରହୁଛନ୍ତି, ସେମାନଙ୍କଠାରେ ଦକ୍ଷିଣ–ପୂର୍ବ ଏସିଆ ଲୋକଙ୍କ ଜିନ୍ ଥିବା ଦେଖିବାକୁ ମିଳେ। ଏହା ବ୍ୟତୀତ ଉତ୍ତର–ପୂର୍ବରେ ବସବାସ କରୁଥିବା ଆଦିବାସୀଙ୍କଠାରେ ତିବ୍ବତ–ବର୍ମିଜ୍ ଜିନ୍ ଅଛି।

ଆଜକୁ ୧୨,୦୦୦ ବର୍ଷ ପୂର୍ବେ ଆଦିବାସୀମାନେ ଛାଡ଼ିଯାଇଥିବା ଅସ୍ତିତ୍ୱର ଚିହ୍ନ ଭୀମବେଟକା ଗୁମ୍ଫାର କାନ୍ଥ ଚିତ୍ର ଓ ଭାରତର ପଶ୍ଚିମ ଉପକୂଳରେ ଥିବା ପ୍ରସ୍ତର କଳାରୁ ମିଳିଥାଏ। ୪୫୦୦ ବର୍ଷ ପୂର୍ବର ହରପ୍ପା ସଭ୍ୟତାର ସିଲ୍ ବା ମୋହରରେ ପୁରୁଷ ଓ ମହିଳାମାନେ ଜଙ୍ଗଲୀ ଜୀବଙ୍କ ଶିଙ୍ଗ ମୁଣ୍ଡରେ ଲଗାଇବା ଦେଖିବାକୁ ମିଳେ। କେନ୍ଦ୍ର ଭାରତର ମାରିଆ ଆଦିବାସୀ ବି ଏଭଳି ଶିଙ୍ଗ ଲଗାନ୍ତି। ବିଦ୍ୱାନ୍‌ମାନେ ଉଲ୍ଲେଖ କରନ୍ତି, ଆଦିବାସୀଙ୍କର ନିଜସ୍ୱ ପୁରାଣ ଓ ରାଶି ନକ୍ଷତ୍ରର କାହାଣୀ ଅଛି। ଏଥିରୁ ବୁଝାପଡ଼େ, ସେମାନେ ମୁଖ୍ୟଧାରାର ଭାରତୀୟଙ୍କ ତୁଳନାରେ ଭିନ୍ନ ଜୀବନ ବଞ୍ଚନ୍ତି। ଉଦାହରଣ ସ୍ୱରୂପ, ହିନ୍ଦୁମାନେ କୃତ୍ତିକା ନକ୍ଷତ୍ରମଣ୍ଡଳକୁ ଦିବ୍ୟ ଦେବୀଙ୍କ ଗୋଷ୍ଠୀ ବୋଲି ବିଚାର କରୁଥିବାବେଳେ ବଞ୍ଜାରାମାନେ ଏହାକୁ ରତ୍ନଗୁଚ୍ଛ ଭାବେ ଦେଖନ୍ତି। କୋକୁମାନେ କୁକୁଡ଼ା ମାଂସ ଭାବେ, ୱାର୍ଲିମାନେ ବିବାହ ଉତ୍ସବର ବାଜାବାଲା ଓ ବତି ଭାବେ ଦେଖନ୍ତି। ନିକୋବରିମାନେ ଏହାକୁ ପୂର୍ବପୁରୁଷ ଏବଂ ଗୋଣ୍ଡମାନେ ପକ୍ଷୀଦଳଙ୍କୁ ପଥର ଫିଙ୍ଗାଯାଉଥିବା ମନେକରନ୍ତି। ଭାରତରେ ଅନେକ ମନ୍ଦିର ଅଛି, ଯାହା ସ୍ୱାଧୀନଚେତା ଆଦିବାସୀ ଓ କୃଷିକୁ ନିୟନ୍ତ୍ରଣ କରିବା ପାଇଁ ମନ୍ଦିର ପ୍ରତିଷ୍ଠା କରିଥିବା ରାଜାମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ପ୍ରକାଶ କରେ। ଓଡ଼ିଶାର ଜଗନ୍ନାଥ ମନ୍ଦିରର ସମ୍ପର୍କ ସ୍ଥାନୀୟ ଆଦିବାସୀଙ୍କ ସହ ରହିଛି, ଯେଉଁମାନେ ହେଉଛନ୍ତି ପ୍ରକୃତ ନୀଳମାଧବ ମୂର୍ତ୍ତିର ପୂଜକ। ଚେଞ୍ଚୁ ଆଦିବାସୀ ଝିଅ ଆନ୍ଧ୍ରପ୍ରଦେଶର ନରସିଂହାଙ୍କୁ ବିବାହ କରିଛନ୍ତି। ତାମିଲନାଡୁର ମୁରୁଗାନ୍‌ଙ୍କ ବଧୂମାନଙ୍କ ମଧ୍ୟରେ ବି ଜଣେ ଆଦିବାସୀ ଝିଅ ଭାଲି ଅଛି।

ଆଦିବାସୀମାନେ ଅଲଗା ହୋଇ ରହିବା ଯୋଗୁ ସେମାନେ ସେମାନଙ୍କ ବିଶ୍ୱାସ ଓ ପରମ୍ପରାଗୁଡ଼ିକୁ ବଜାୟ ରଖିପାରିଛନ୍ତି, ଯାହା ବିବାହ ପରମ୍ପରାରେ ସ୍ପଷ୍ଟ ହୁଏ। ବଣ୍ଡା ମହିଳାମାନେ କମ୍ ବୟସର ପୁରୁଷଙ୍କୁ ବିବାହ କରନ୍ତି, ଯିଏକି ବାର୍ଦ୍ଧକ୍ୟାବସ୍ଥାରେ ମହିଳାଙ୍କର ଯତ୍ନ ନେଇପାରିବ। ନୀଳଗିରିର ତୋଡା ଏବଂ ହିମାଚଳର କନ୍ନାଉର ପରମ୍ପରାରେ ସମ୍ପତ୍ତି ଭାଗ ନ ହେବା ପାଇଁ ଜଣେ ମହିଳା ଏକାଧିକ ପୁରୁଷଙ୍କୁ ବିବାହ କରେ। କେନ୍ଦ୍ର ଭାରତର ଭିଲ୍‌ମାନଙ୍କ କ୍ଷେତ୍ରରେ କନ୍ୟା ପାଇଁ ବରକୁ ମୂଲ୍ୟ ଦେବାକୁ ହୋଇଥାଏ। ବଇଗା ସମ୍ପ୍ରଦାୟରେ କନ୍ୟାର ମୂଲ୍ୟ ନ ଦେବା ଯାଏ ତାଙ୍କ ଘରେ ବର ବା ଜ୍ୱାଇଁ ରହିଥାନ୍ତି। ମେଘାଳୟର ଗାରୋ ଆଦିବାସୀମାନେ ବରଙ୍କୁ ଅପହରଣ କରନ୍ତି। ଯଦି ସେ ଖସି ଦୌଡ଼ି ପଳାଏ, ତେବେ ତାଙ୍କୁ ଝିଅକୁ ବିବାହ କରିବା ଲାଗି ଅନୁମତି ମିଳେ। ପୁରୁଷ ଓ ମହିଳାମାନେ କାହାକୁ ନ ଜଣାଇ ଗୁପ୍ତରେ ବିବାହ କରିବାକୁ ଗୋଣ୍ଡମାନେ ଉତ୍ସାହିତ କରନ୍ତି। ମୁରିଆ ସମ୍ପ୍ରଦାୟ ପୁଅ ଓ ଝିଅଙ୍କୁ ଜୀବନସାଥୀ ଚୟନ କରିବା ପୂର୍ବରୁ ଘୋଟୁଲ (ଯୁବକଙ୍କ ଡରମିଟୋରି)ରେ ରହିବାକୁ ଅନୁମତି ଦେଇଥାଏ।

କେନ୍ଦ୍ର ଭାରତର ଆଦିବାସୀମାନେ ଲୁହା ଯନ୍ତ୍ରପାତି ପ୍ରଥମେ ତିଆରି କରିଥିଲେ। ରାଜସ୍ଥାନର ଆଦିବାସୀମାନେ ରୁପା ଓ ତମ୍ବା ଗହଣା ତିଆରି ପାଇଁ ପ୍ରସିଦ୍ଧ। ବଞ୍ଜାରା ଏକଦା ସାମଗ୍ରୀ ପରିବହନ ପାଇଁ ଜଣାଶୁଣା ଥିଲେ। ମହାଭାରତରେ ବର୍ଣ୍ଣିତ ୱାର୍ଲି ଏବଂ କେନ୍ଦ୍ର ଭାରତର ଗୋଣ୍ଡମାନେ ନିଆରା ଚିତ୍ରକଳା ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି। ଗୁଜରାଟର ଡାଙ୍ଗ୍‌ମାନେ ବାଉଁଶବୁଣା କାମରେ ପାରଙ୍ଗମ ଏବଂ ନାଗାମାନେ ଟାଟୁରେ ନିପୁଣ। ସୂତା, ଉଲ୍ ଓ ସିଲ୍କରେ ପୋଷାକ ବୁଣିବାରେ ଉତ୍ତର–ପୂର୍ବାଞ୍ଚଳ ଆଦିବାସୀମାନେ ଧୁରନ୍ଧର। ଏହାବାଦ୍ ସବୁ ଗୋଷ୍ଠୀର ଆଦିବାସୀ ଜଙ୍ଗଲ ସଂରକ୍ଷଣ ଏବଂ ବନ୍ୟ ପ୍ରାଣୀ ଓ ଉଦ୍ଭିଦଙ୍କ ସୁରକ୍ଷା କରିଥା'ନ୍ତି।

ଆଦିବାସୀମାନଙ୍କୁ ସ୍କୁଲରେ ହିନ୍ଦୀ ଓ ଇଂଲିଶ୍‌ରେ ପଢ଼ାଯାଉଛି, ଯାହା ସେମାନଙ୍କ ମୂଳଭାଷା ନୁହେଁ। ଏଣୁ ସେମାନଙ୍କ ପାରମ୍ପରିକ ସଂସ୍କୃତିଠାରୁ ସେମାନେ ଧୀରେ ଧୀରେ ଦୂରେଇ ଯାଇ ଆଧୁନିକତାର ମୁଖ୍ୟ ଧାରାରେ ସାମିଲ ହେଉଛନ୍ତି ଓ ସହରରେ ରହିବାକୁ ପସନ୍ଦ କରୁଛନ୍ତି ; ଶିଳ୍ପ, ସେନା ଓ ସରକାରରେ ରହୁଛନ୍ତି। ଅନେକେ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ଖ୍ରୀଷ୍ଟ କିମ୍ବା ଇସ୍‌ଲାମ ଧର୍ମ ଗ୍ରହଣ କରିବା ଯୋଗୁ ଆଦିବାସୀ ଦେବଦେବୀଙ୍କୁ ପୂଜା କରିବାରୁ ବଞ୍ଚିତ ହୋଇଛନ୍ତି। କେତେକେ ଦାବି କରନ୍ତି ଯେ, ସନାତନ ଧର୍ମରେ ଆଦିବାସୀ ଅଛନ୍ତି। ଆଦିବାସୀଙ୍କର ନିଜସ୍ୱ ଦେବତା, ରୀତିନୀତି ଏବଂ ପରମ୍ପରା ଥିବାରୁ ଅନ୍ୟମାନେ ଏହାକୁ ଗ୍ରହଣ କରନ୍ତି ନାହିଁ। ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଅନେକେ ଯୁକ୍ତି କରନ୍ତି ଯେ, ବନ, ଉପବନ ଓ ପବିତ୍ର ପୁଷ୍କରିଣୀ ପୂଜାକୁ ଆଧାର କରି ତିଷ୍ଠି ରହିଥିବା ଆଦିବାସୀଙ୍କ ଧର୍ମୀୟ ବିଶ୍ୱାସ ଶରଣବାଦକୁ ଗୁରୁତ୍ୱ ଦେବା ଦରକାର, ଯାହା ସେମାନଙ୍କ ଅସ୍ତିତ୍ୱକୁ ନିଶ୍ଚିତ କରିବ। ଯଦି ଆଦିବାସୀମାନେ ସେମାନଙ୍କ ରୀତିନୀତି, ବିବାହ ଏବଂ ଖାଦ୍ୟାଭ୍ୟାସଠାରୁ ଦୂରେଇ ଯିବେ, ତେବେ ସେମାନଙ୍କ ସଂସ୍କୃତିର ବିଲୋପ ଘଟିବ।

–devduttofficial@gmail.com

## ଏଇ ଭାରତରେ

ମାଛ ଧରି ପରିବାର ପ୍ରତିପୋଷଣ କରିବା ସହ ଗଛ ଲଗାଇ ଜୈବ ବିବିଧତାର ସୁରକ୍ଷା କରୁଛନ୍ତି କଣ୍ଡଲ ରଞ୍ଜନ। କେରଳର କନ୍ନୁର ଜିଲାରେ କଣ୍ଡଲଙ୍କ ଘର। ତାଙ୍କୁ ଏବେ ବୟସ ୫୮। ମାଲାୟାଲମ ଶବ୍ଦ କଣ୍ଡଲର ଅର୍ଥ ହେଉଛି ମ୍ୟାନ୍‌ଗ୍ରୋଭ। ତାଙ୍କ ନାମକରଣ ଏଭଳି କରାଯାଇଛି ସତ, କିନ୍ତୁ ତାଙ୍କ କାମ ତାହାର ଯଥାର୍ଥତା ପ୍ରତିପାଦନ କରୁଛି। କାରଣ ସେ ପାଖାୟାଣ୍ଡି ନଦୀ ତଟରେ ମ୍ୟାନଗ୍ରୋଭର ସୁରକ୍ଷାରେ ଲାଗିଛନ୍ତି। ସେ ନଦୀତଟ ଅଞ୍ଚଳରେ ମ୍ୟାନ୍‌ଗ୍ରୋଭ ଗଛ ଲଗାଉଛନ୍ତି। ଏବେ ସୁଦ୍ଧା ସେ ଦେଢ଼ ଲକ୍ଷ ଗଛ ଲଗାଇ ସାରିଲେଣି। କେବଳ ଏତିକି ନୁହେଁ, ସେ ତାଙ୍କ ଘରେ ଏକ ନର୍ସରି କରିଛନ୍ତି, ଯେଉଁଠି ବିଭିନ୍ନ କିସମର ୨୫ ହଜାର ଚାରାଗଛ ଅଛି। ସେ ନଦୀରେ ମାଛ ମାରିବା ସମୟରେ ମ୍ୟାନଗ୍ରୋଭ କ୍ଷୟ ହୋଇ ଯାଉଥିବା ଲକ୍ଷ୍ୟ କରିଥିଲେ। ବିଶେଷକରି ଲୋକେ ଧାନଚାଷ କରିବା ପାଇଁ ଏହାକୁ ବେଶି ନଷ୍ଟ କରୁଥିବା ଜାଣି ଏହାକୁ ବନ୍ଦ କରିବାକୁ ପଦକ୍ଷେପ ନେଇଥିଲେ। ପରେ ନଷ୍ଟ ହୋଇଯାଇଥିବା ଜଙ୍ଗଲକୁ ଫେରାଇ ଆଣିବା ଲାଗି ସେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରିଥିଲେ। ସେ କେବଳ ବୃକ୍ଷରୋପଣ କରିବା ସହ ଏହାର ସୁରକ୍ଷା ମଧ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୬ ମାର୍ଚ୍ଚ ୧୯୭୬

- ମଦର ଟେରସା ଓ ମହାମହୋପାଧ୍ୟାୟ ଗୋପୀନାଥ କବିରାଜଙ୍କୁ ବିଶ୍ୱଭାରତୀର ସର୍ବୋଚ୍ଚ ଉପାଧି 'ଦେଶିକୋତ୍ତମ' ପ୍ରଦାନ।
- ଭାରତ ଓ ତୁର୍କୀ ମଧ୍ୟରେ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ନିମନ୍ତେ ଏକ ଚୁକ୍ତି ସ୍ୱାକ୍ଷରିତ।
- ବାଂଲାଦେଶର ନାଗରିକମାନେ 'ବଙ୍ଗାଳୀ' ପରିବର୍ତ୍ତେ 'ବାଂଲାଦେଶୀ' ରୂପେ ପରିଚିତ ହେବେ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 9 | | | | | |
| | | 6 | | | 1 | | | 5 |
| | 3 | | | | | | 2 | |
| 8 | | | | 4 | | | | |
| | | | | 5 | 8 | 4 | | 3 |
| | | 2 | | | | | 1 | |
| | | | | | | | 7 | 4 |
| | | 7 | 5 | | | 1 | 9 | |
| | | | | 6 | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 1 | 4 | 7 | 3 | 2 | 6 | 9 |
| 3 | 7 | 4 | 6 | 9 | 2 | 5 | 1 | 8 |
| 2 | 6 | 9 | 8 | 5 | 1 | 3 | 4 | 7 |
| 5 | 2 | 7 | 1 | 8 | 9 | 4 | 3 | 6 |
| 4 | 3 | 8 | 2 | 6 | 7 | 1 | 9 | 5 |
| 9 | 1 | 6 | 5 | 3 | 4 | 7 | 8 | 2 |
| 6 | 4 | 2 | 7 | 1 | 8 | 9 | 5 | 3 |
| 7 | 8 | 3 | 9 | 4 | 5 | 6 | 2 | 1 |
| 1 | 9 | 5 | 3 | 2 | 6 | 8 | 7 | 4 |

ଗତକାଲିର ଉତ୍ତର

# ଟ୍ରମ୍ପଙ୍କ ନାଲିଆଖି ଅନ୍ତରାଳେ



ହରେକୃଷ୍ଣ ପଣ୍ଡା

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାସନ ଗାଦିକୁ ଦଖଲକଲା ପରେ ତାଙ୍କର ପାରମ୍ପରିକ ନୀତିକୁ ଦୋହରାଇଛନ୍ତି। ଧମକ ଓ ନାଲିଆଖି ଦେଖାଇବା ପୁରୁଣା ଅଭ୍ୟାସ ସେ ଭୁଲି ନ ଥିବା ଜଣାପଡୁଛି। ବିଶ୍ୱବାସୀଙ୍କୁ ସେ ଆଶ୍ୱାସନା ଦେବାକୁ ଯାଇ ୩ ନାବରେ ଗୋଡ଼ ଦେବା ଭଳି ଲାଗୁଛି। ଅବଶ୍ୟ ତାଙ୍କର କିଛି ପୂର୍ବ ଅନୁଭୂତି ରହିଛି, କିନ୍ତୁ ତାହାକୁ ପ୍ରଗତି ପଥରେ ବିନିଯୋଗ ନ କରି ନିଜ ସ୍ୱାର୍ଥରକ୍ଷା ନିମନ୍ତେ ଉଦ୍ୟମ ଆରମ୍ଭ କରୁଥିବା ସ୍ପଷ୍ଟ ଜଣାପଡୁଛି। ବିଶ୍ୱ ନେତୃତ୍ୱ ନେବା ପାଇଁ ତାଙ୍କର ସାମର୍ଥ୍ୟ ଓ ସମର୍ଥନ ନ ଥିବା ବେଳେ ସେ ସେକ୍ଷେତ୍ରରୁ ଓହରିଆସିଥିବା ବିଶ୍ୱବାସୀ ଜାଣି ନ ପାରନ୍ତୁ ସେଥିପାଇଁ ଏକ ଛଳନାତ୍ମକ ରଣନୀତି ଆପଣେଇଥିବା ଦେଖାଯାଉଛି। ସେ ଏଥର ନିଜ ଦେଶ ପାଇଁ କିଛି କାର୍ଯ୍ୟକ୍ରମ ହାତକୁ ନେଇ ତା'ର ସଫଳ ରୂପାୟନ ପାଇଁ ପ୍ରାଣପଣେ ଧାଉଁଥିବା ଜଣାପଡୁଛି। ଅପରପକ୍ଷରେ ଭାରତକୁ ତା'ର ମିତ୍ରରାଷ୍ଟ୍ର କହି ଭାରତର ଅନ୍ତର୍ଜାତୀୟ ସଂଘୀୟ ନୀତିକୁ ମଧ୍ୟ ଭଣ୍ଡୁର କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।

ଟ୍ରମ୍ପ ପୁଣି ଥରେ ଭାରତ ସମେତ ବ୍ରିକ୍ସ ରାଷ୍ଟ୍ରଙ୍କୁ ନାଲି ଆଖି ଦେଖାଇଛନ୍ତି। ସେ ବହୁ ପୂର୍ବରୁ ଜାଣିଥିଲେ ଯେ ଭାରତର ନେତୃତ୍ୱରେ ବ୍ରିକ୍ସ ରାଷ୍ଟ୍ର ଆମେରିକୀୟ ଡଲାର ବଦଳାଇବାକୁ ୫ ବର୍ଷ ଧରି ଚେଷ୍ଟା ଚଳାଇଛନ୍ତି। ଫଳରେ ଆମେରିକାର ବହୁ କ୍ଷତିଗ୍ରସ୍ତ ହେବ। ସେଥିପାଇଁ ସେ ପୂର୍ବରୁ ତାଙ୍କ ଏଜେଣ୍ଡା ପ୍ରସ୍ତୁତ କରିଥିଲେ ଯେ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ପ୍ରଥମେ ତାଙ୍କ ଡଲାରକୁ ସୁରକ୍ଷା ଦେବେ। ସେଥିପାଇଁ ସେ ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ କରିଛନ୍ତି ଯେ ବ୍ରିକ୍ସ ରାଷ୍ଟ୍ର ଡଲାରରୁ ଦୂରେଇ ନ ଗଲେ ଆମେରିକା ସହ ସେମାନେ କରୁଥିବା ବ୍ୟବସାୟ ଉପରେ ଅତି କମ୍‌ରେ ୧୦୦% ଶୁଳ୍କ ଲଗାଯିବ। ଆହୁରି ମଧ୍ୟ କହିଛନ୍ତି, ବିଶ୍ୱ ବାଣିଜ୍ୟରେ ଡଲାରର ଭୂମିକା ହ୍ରାସ କରିବା ପାଇଁ ଚିନ୍ତା କରୁଥିବା ଦେଶ ଭାରି ଶୁଳ୍କର ସମ୍ମୁଖୀନ ହେବାକୁ ପଡ଼ିବ। ଦଶଟି ଦେଶକୁ ନେଇ ଗଠିତ ବ୍ରିକ୍ସ ଏକ ଆନ୍ତଃ ସରକାରୀ ସଙ୍ଗଠନ, ଯେଉଁଥିରେ ବ୍ରାଜିଲ, ରୁଷିଆ, ଭାରତ, ଚାଇନା, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ ଏବଂ ସଂଯୁକ୍ତ ଆରବ ଦେଶଗୁଡିକ ରହିଛନ୍ତି। ଏହା ପୂର୍ବରୁ ସେ ବ୍ରିକ୍ସ ରାଷ୍ଟ୍ରଙ୍କୁ ଡଲାରକୁ ଏକ ନୂତନ ମୁଦ୍ରା ସହ ବଦଳାଇବା ପ୍ରୟାସ ବିରୋଧରେ ଚେତାବନୀ ଦେଇଥିଲେ। ଖାଲି ସେତିକି ନୁହେଁ, ଟ୍ରମ୍ପ ମଧ୍ୟ ଏହି ଦେଶଗୁଡ଼ିକରୁ ଏଥିପାଇଁ ପ୍ରତିଶ୍ରୁତି ଦାବି କରିଛନ୍ତି। ଟ୍ରମ୍ପଙ୍କର ଏହି ଧମକକୁ କୌଣସି ବ୍ରିକ୍ସ ରାଷ୍ଟ୍ର ଗୁରୁତ୍ୱ ଦେଇନାହାନ୍ତି। ଏହାହିଁ ଆମେରିକା ରାଷ୍ଟ୍ରପତିଙ୍କର ମୁଣ୍ଡ ବ୍ୟଥାର କାରଣ ହୋଇପଡ଼ିଛି। ତାଙ୍କୁ ସମର୍ଥନ କରି ଡାଭୋସ୍‌ରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମରେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଡେପୁଟି ପରିଚାଳନା ନିର୍ଦ୍ଦେଶକ ଗୀତା ଗୋପୀନାଥ ଭାରତକୁ କହିବା ସହ ପ୍ରଶ୍ନ ଉଠାଇଛନ୍ତି। ଭାରତର ସେ ଯେମିତି ଜଣେ ବଡ଼ ହିତାକାଂକ୍ଷୀ ବୋଲି ନିଜକୁ ପ୍ରତିପାଦିତକରି ଭାରତକୁ ଛନ୍ଦିବା ପାଇଁ ଚାହିଁଛନ୍ତି। କେବଳ ନିଜ ସ୍ୱାର୍ଥ ପାଇଁ କିଛି



ଶୁଳ୍କ ହ୍ରାସ କରିବା ଆବଶ୍ୟକ,କାରଣ ଏହା ଭାରତ ପାଇଁ ବିଶ୍ୱ ଯୋଗାଣ ଶୃଙ୍ଖଳରେ ନିଜକୁ ଯୋଡ଼ିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ବୋଲି ସେ ଦର୍ଶାଇଛନ୍ତି। ଏଥିପାଇଁ ଆମେରିକା ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ସଂସ୍ଥା ଭାରତକୁ ପାଲରେ ପକାଇବାକୁ ଲାଗିଛନ୍ତି। ଆହୁରି ମଧ୍ୟ ଆମେରିକା ରାଷ୍ଟ୍ରପତି ଇତିମଧ୍ୟରେ ଆରବ ଗୋଷ୍ଠୀକୁ ନିଜ ସପକ୍ଷରେ ଆଣିବା ପାଇଁ ରୁଷିଆ–ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟାଇ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ପ୍ରିୟଭାଜନ ହେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀ ମଧ୍ୟରେ ଫାଟ ସୃଷ୍ଟିକରି ଭାରତର ଅର୍ଥନୈତିକ ଅଭିଯାନକୁ ଭଣ୍ଡୁରକରିବା ଲକ୍ଷ୍ୟରେ ଟ୍ରମ୍ପ ରହିଛନ୍ତି। ସେ ଗାଜା ଯୁଦ୍ଧବିରତି ଓ ଶାନ୍ତି ପ୍ରତିଷ୍ଠା ପାଇଁ ଏବେ ଛଦ୍ମବେଶ ଧରିବାକୁ ବାଧ୍ୟ ହୋଇଛନ୍ତି। ମୁସଲମାନ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ନିଜର ବିଶ୍ୱାସ ସ୍ଥାପନ ପାଇଁ ସେ ଏକ ସମ୍ମିଳନୀ କରାଇ ଆତଙ୍କବାଦର ବିଲୋପ ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି ତା'ର ମୂଳ କାରଣ ହେଉଛି ଅନ୍ତର୍ଜାତୀୟ ନେତୃତ୍ୱକୁ ବଳବତ୍ତର କରିବା। ଆରବ ରାଷ୍ଟ୍ରଗୁଡ଼ିକରୁ ନିଜର ସମର୍ଥନ ହାସଲ କରିବା।

ଚାଇନାକୁ ମଧ୍ୟ ବାଣିଜ୍ୟିକ ପ୍ରଲୋଭନରେ ଆମେରିକା ପ୍ରଲୋଭିତ କରି ଚାଲିଛି। କିନ୍ତୁ ଚାଇନା ଏଥିରେ ଭୁଲୁନାହିଁ। ବରଂ ଚାଇନା କିପରି ଲାଭବାନ୍ ହେବ ସେହି ବାଟ ଖୋଜୁଛି। ଭାରତ ବିକଳ୍ପର ମୂଲ୍ୟାଙ୍କନ କରୁଛି। ଭାରତ ଆମେରିକାଠାରୁ ଯେତିକି ଆମଦାନୀ କରୁଛି ତା'ଠାରୁ ଅଧିକ ପରିମାଣର ରପ୍ତାନି କରୁଛି। ତେଣୁ ଏହାକୁ ସଙ୍କୁଚିତ କରିବା ପାଇଁ ଟ୍ରମ୍ପ ପ୍ରଶାସନ ଗ୍ରହଣ କରିପାରୁ ନ ଥିବା ଯେକୌଣସି ପଦକ୍ଷେପକୁ ପ୍ରତିହତ କରିବା ପାଇଁ ଭାରତର ବରିଷ୍ଠ ଅଧିକାରୀ ବିଭିନ୍ନ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ଥିବା ସୂଚନା ଦେଇଛନ୍ତି। ୨୦୨୪ ମସିହାରେ ବାଣିଜ୍ୟିକ କାରବାର କ୍ଷେତ୍ରରେ ଆମେରିକା ଭାରତର ବଡ଼ ବାଣିଜ୍ୟ ସହଯୋଗୀ ଥିଲା। ଏହା କିପରି ବଜାୟ ରଖିହେବ ତାହା ଭାରତ ଚିନ୍ତା କରୁଥିଲେ ହେଁ ଏଥିସହ ଆମେରିକା–ଚାଇନା ବାଣିଜ୍ୟ ଯୁଦ୍ଧରୁ ଲାଭ ଉଠାଇବା ପାଇଁ ଭାରତ ସରକାର ଯୋଜନା କରୁଛନ୍ତି।

ଟ୍ରମ୍ପ ନିଜ ସପକ୍ଷରେ ଯାହା ଭାବୁଛନ୍ତି ତାହା ବ୍ରିକ୍ସ ରାଷ୍ଟ୍ର ପକ୍ଷେ ଆଦୌ ସମ୍ଭବପର ନୁହେଁ। କାରଣ ଡଲାରର ମୂଲ୍ୟ ଯେପରି ବଢ଼ି ବଢ଼ି ଚାଲିଛି, ଅନ୍ୟ ଦେଶର ଅର୍ଥନୀତି ସେହି ପରିମାଣରେ ଭୁଶୁଡ଼ି ଚାଲିଛି। ବିଶ୍ୱ ଅର୍ଥନୀତିରେ ଡଲାରକୁ ମୁଖ୍ୟ ଆୟୁଧକରି ଚାଲିଲେ ବିକାଶଶୀଳ ରାଷ୍ଟ୍ରଗୁଡିକ ଆଗକୁ ଯାଇପାରିବେ ନାହିଁ। ଫଳରେ ଆମେରିକା ଏକାଙ୍ଗ ଚକ୍ରବର୍ତ୍ତୀ ହୋଇ ଚାଲିବ। ଦୀର୍ଘଦିନରୁ ଚାଲିଥିବା ବାଣିଜ୍ୟିକ ଯୁଦ୍ଧର ଅବସାନ ଟ୍ରମ୍ପଙ୍କ ଶୁଳ୍କ ବୃଦ୍ଧି ଯୋଗୁ ସମ୍ଭବ ହୋଇପାରିବ ନାହିଁ। କିନ୍ତୁ ବ୍ରିକ୍ସର ୧୦ଟି ରାଷ୍ଟ୍ର ବର୍ତ୍ତମାନ ଏକଜୁଟ ହେବାର ବେଳ ଆସିଛି। ସବୁ ରାଷ୍ଟ୍ର ମିଳିତ ଭାବେ ଏହି ବାଣିଜ୍ୟିକ ଯୁଦ୍ଧରେ ମୁଣ୍ଡ ନ ନୁଆଁଇ ସାମ୍ନା କରିବାର ଆବଶ୍ୟକତା ରହିଛି। ଆମେରିକା ଏବେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକୁ ଦେଉଥିବା ଉପଦେଶ ପ୍ରଥମେ ପାଳନ କରିବା ଆବଶ୍ୟକ। ଏଥିପାଇଁ ଚାଇନା ଓ ରୁଷିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମାନେ ପରସ୍ପର ନିଜର ଲାଭ ଉଠାଇବାକୁ ଯାଇ ଆମେରିକାର ଧମକକୁ ଗୁରୁତ୍ୱ ଦେଲେ ଏସିଆ ମହାଦେଶ ଗରିବରୁ ଗରିବ ହୋଇଯିବ ସିନା, କିନ୍ତୁ ଏମାନେ କିଛି ଲାଭ ଉଠାଇପାରିବେ ନାହିଁ। ବାସ୍ତବରେ ଦେଖିବାକୁ ଗଲେ ଡଲାରର ବିକଳ୍ପ ଚିନ୍ତା ନିହାତି ଆବଶ୍ୟକ।

ସୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

# ଅଳିଆ ବିସର୍ଜନ



ରବିନ୍ ଖଣ୍ଡାୟତରାୟ

କୁଆଖାଇ ନଦୀ ପୋଲ ଉପରେ କାର୍ ଅଟକାଇ ଜଣେ ବାବୁ ଓହ୍ଲାଇଲେ ଆଉ ପଛ ଡିକିରୁ ମୁହଁବନ୍ଧା ହୋଇଥିବା ପଲିଥିନ୍ ଜରି ପୁଡ଼ାଟିଏ କାଢ଼ି ସିଧା ପାଣି ଭିତରକୁ ଫୋପାଡ଼ିଦେଇ ନିଜ ବାଟରେ ଚାଲିଗଲେ। ଥରେ ବିଚାରକଲେ ନାହିଁ କି ଏହା ଅଳିଆ ଗଦା ନୁହେଁ। ପୁଣ୍ୟ ପବିତ୍ର ଗଙ୍ଗାମାତାର ଏକ ଧାର। ତାଙ୍କ ପଛରେ ସେହି ପୋଲକୁ ପାରି ହେଉଥିବା ବେଳେ ମୋ ମନରେ କିନ୍ତୁ ଅନେକ ଭାବାନ୍ତର ସୃଷ୍ଟି ହୋଇଥିଲା। ମୁଁ ଶତପ୍ରତିଶତ ନିଶ୍ଚିତ ଥିଲି କି ସେସବୁ କୌଣସି ପୂଜା ପରର ଅଳିଆ। ଏକା ସେ ବାବୁ ନୁହନ୍ତି, ଆମେ ସମସ୍ତେ ଊଣା ଅଧିକେ ଏମିତି କାର୍ଯ୍ୟ କରିଥାଉ। ପୂଜା ସରିବା ପରେ ବାଲି, ଦରପୋଡ଼ା କାଠ, ପାଉଁଶ, ଫୁଲ, ଫଳଚୋପା ଏପରିକି ପଲିଥିନ୍ ଜରି ଆଉ ଥର୍ମୋକୁଲ୍ ଠୋଲାକୁ ପାଣିରେ ପକାଇବା ଆମ ଅଭ୍ୟାସ। ଥରେ ଭାବିଲେ ! ପୂଜା ପୂର୍ବରୁ ଆମେ ଜାଗାଟିକୁ ପରିଷ୍କାର କରିବା ପାଇଁ ଯେଉଁ ପାଣି ବ୍ୟବହାର କଲେ, ପୂଜା ଆରମ୍ଭରେ ପୁରୋହିତ ଯେଉଁ ପାଣି ଛିଞ୍ଚି ଆମକୁ ପବିତ୍ର କରାଇଲେ ଆଉ ପୂଜା ସରିଗଲା ପରେ ଆମେ ସେହି ପାଣିରେ ଅଳିଆ ବିସର୍ଜନକରି ତାକୁ ଅପବିତ୍ର କରିଦେଲେ ! ପୂଜା ସମୟରେ ଜଳାଧାର ନିକଟରେ କଳସ ବୁଡ଼ାଠାରୁ ଆରମ୍ଭକରି ଘଟ ବିସର୍ଜନ ପର୍ଯ୍ୟନ୍ତ ଭିଡ଼ଲାଗିଥାଏ। ଆଉ ପୂଜା ସାରି ଅଳିଆକୁ ଯଥାସ୍ଥାନରେ ବିସର୍ଜନ ନ କରି ଏଠିସେଠି ପକାଇଦେଉ। ଯାହା ପୁଣି ପରବର୍ତ୍ତୀ ସମୟରେ ପାଣି ସ୍ରୋତରେ ମିଶି ଜଳ ପ୍ରଦୂଷଣର କାରଣ ହୋଇଥାଏ। ସେହିପରି ପାଣି ଟୋପାଏ ବିନା ଜୀବନ, ଜୀବିକା ସବୁ ହାହାକାର। ସେଥିପାଇଁ ତା'ର ଅନ୍ୟ ନାମ ଜୀବନ। ସବୁ ଖାଇ ପାଣିରେ ହାତ ଧୋଇହେବ, ହେଲେ ପାଣିକୁ ଖାଇଦେଲେ ଅର୍ଥାତ୍ ବିଷାକ୍ତ କରିଦେଲେ ବଞ୍ଚିବା ଯେ ଅସମ୍ଭବ ହୋଇଯିବ, ଏକଥା ଆମେ ସମସ୍ତେ ଜାଣୁ ! ତଥାପି ଚୁପ୍ ଆଉ ପ୍ରତିକ୍ରିୟାଶୂନ୍ୟ। ନଦୀ, ସାଗର ଜଳରେ ବିଷର ପ୍ରଭାବ, ଭୂତଳ ଜଳସ୍ତର ହ୍ରାସ ଆଦିକୁ ନେଇ ଅନେକ ତଥ୍ୟ ସମ୍ବଳିତ ଖବରମାନ ବହୁ ସମୟରେ ଖବରକାଗଜ ପୃଷ୍ଠାମଣ୍ଡନ କରୁଛି।

ଅନ୍ୟ ପ୍ରାଣୀମାନେ ଧରାବକ୍ଷରୁ ଅଳିଆ ସଫାହେବାରେ ସହାୟକ ହେଉଥିବା ବେଳେ ମଣିଷ ଅଳିଆଗଦା କରିବାରେ ବ୍ୟସ୍ତ। ସବୁବେଳେ ଆବଶ୍ୟକ ଥିବା ଯାଏ ଆଦର ଆଉ ସ୍ୱାର୍ଥ ସରିଗଲେ ହତାଦର କରିବା ମଣିଷ ପ୍ରକୃତି। ସୁନ୍ଦର ପ୍ୟାକ୍ ଜିନିଷକୁ ଅତି ଯତ୍ନରେ ରଖିଥିବେ ବ୍ୟବହାର ନ ହେବାଯାଏ, ଆଉ ଯେତେବେଳେ ସେ ଖୋଳରୁ ବାହାରିଯିବ ସେ ଖୋଳକୁ ଯଥାସ୍ଥାନରେ ନ ପକାଇ ଯିଏ ଯେଉଁଠି ପାଇବେ ପକାଇଦେବେ। ଦେଖାଯାଇଛି ଏମିତି କିଛି ଟାଣ ଖୋଳ ବା ଟିଣଡବାରେ ମୁହଁ ପୂରାଇ ପଶୁମାନେ ହଇରାଣ ହେଉଛନ୍ତି। ସେମିତି ରାସ୍ତାରେ ଯିବାବେଳେ, ପାର୍କରେ ଚାଲିବା ବେଳେ ଆଉ ଯାନିଯାତ୍ରା, ମହୋତ୍ସବ ସରିବା ପରେ ବେପରୁଆ ଭାବେ ଏଣେତେଣେ ଅନେକ ଅଳିଆ ପଡ଼ିଥିବ, ଯାହାକୁ ଖାଇ ପଶୁପକ୍ଷୀ ରୋଗଣା ହେବାର ଦୃଷ୍ଟାନ୍ତ ରହିଛି। ଏମିତି କି ଡ୍ରେନ୍‌ରେ ଅଳିଆ ପକାଇବା ଅନେକଙ୍କର ଅଭ୍ୟାସ। ଯେତେ ଗୀତ ଶୁଣେଇଲେ, ବୁଝେଇଲେ କିଛି ପ୍ରଭାବ ନାହିଁ। ସବୁଜ ପାହାଡ଼କୁ ଫଟେଇ ହଟେଇ ଆମେ ଅଳିଆ ପାହାଡ଼ ସୃଷ୍ଟି କରିଚାଲିଛେ। ପ୍ରକୃତିର ଭାରସାମ୍ୟ, ନୀତିନିୟମକୁ ଉଲ୍ଲଂଘନ କରିଚାଲିଛେ, କଷ୍ଟ ଆମେ ଭୋଗିବା ନାହିଁ ତ ଆଉ କିଏ ଭୋଗିବ ? ଏହାର ପ୍ରତିକାର କରିବା ତ ବଞ୍ଚିବା ଅନ୍ୟଥା ଜୀବନ ଧାରଣକରିବା କଷ୍ଟକର ହୋଇଯିବ।

ମାନସିକ ସ୍ୱଚ୍ଛତା ପାଇଁ ମଇଳା ମୁକ୍ତ ମନ ଆଉ ଆବିଳତା ଶୂନ୍ୟ ହୃଦୟର ଆବଶ୍ୟକତା ଅଛି। ଆମେ କେବଳ ଘରବାରି, ଦାଣ୍ଡଦୁଆର ପରିଷ୍କାରକରି ଅଳିଆ ଫିଙ୍ଗିଦେଉ, କିନ୍ତୁ ଶାନ୍ତିର ରାସ୍ତା, ସୁଖର ମାର୍ଗ ସଫା କରୁନାହୁଁ। ଅଥଚ ସୁଖଶାନ୍ତି ଖୋଜୁ ଆଉ ନ ପାଇବାର ଅଭିଯୋଗ କରୁ। ଭଲଭାବରେ ଆମେ ଜାଣୁ ଉଦ୍ୟମ ବିନା କାର୍ଯ୍ୟ ସିଦ୍ଧି ଅସମ୍ଭବ। ତଥାପି ଉଦ୍ୟମ କରିବା, କିନ୍ତୁ ଫଳକୁ ଆଶା ନ କର। କାରଣ ତାହା ପୁଣି ଦୁଃଖର କାରଣ ହୋଇଯିବ। ସଂସାରର ପଥରେ ଯାତ୍ରା ଏତେ ସହଜ ନୁହେଁ, ସରଳ ବି ନୁହେଁ। ମସୃଣ ପଥରେ ମୁନିଆ ଗୋଡ଼ି ପାଦରେ ଫୁଟିପାରେ ! ବାଲିବନ୍ଧରେ ଧୂଳିଝଡ଼ ଆଖିକୁ ବନ୍ଦ କରିଦେଇପାରେ ! ଲୋଭ, ମୋହ, ଛଳନା, ପ୍ରତାରଣା ପରି ବନ୍ଧୁବାନ୍ଧବ ମନକୁ ଆକ୍ରାନ୍ତ କରିପାରନ୍ତି ! ତଥାପି ଚାଲିବାକୁ ହେବ। ଏ ଦୁନିଆରେ ଉତ୍ତମ ଭାବରେ ଜୀବନ ଜିଇଁବା କଠୋର ତପସ୍ୟା ଅପେକ୍ଷା ଅଧିକ କଷ୍ଟକର। କୋମଳ, ନମ୍ର ଆଚାର ବ୍ୟବହାର ହିଁ ଶୁଦ୍ଧ ଗଙ୍ଗାଜଳ। ସେଥିରେ ଭିତରର ଅଳିଆ ସବୁକୁ ବିସର୍ଜନ କରିଦେଲେ ମନ ନିର୍ମଳ ହୋଇଯିବ।

ପୁରୁଣାଗଡ଼, ଜଗତ୍‌ସିଂହପୁର
ମୋ:୯୭୭୬୬୯୨୨୦୭

## ପାଠକ ଶ୍ରେଷ୍ଠ ବିଚାରକ

### ଚିନ୍ତା କରିବାକୁ କେହି ନାହିଁ

ମହାଶୟ,

ପୁରୀ ବଡ଼ ଡାକ୍ତରଖାନା ବହିର୍ବିଭାଗ ଓ ଅନ୍ତଃ ବିଭାଗରେ ଜଣେ ନକଲି ଡିଗ୍ରୀଧାରୀ ବ୍ୟକ୍ତି ଡାକ୍ତର ପରି ବେଶଧରି ବୁଲିବା ଭଳି ଘଟଣା ସମସ୍ତଙ୍କୁ ହତଚକିତ କରିଦେଇଥିଲା । ହେଲେ ଏବେ ଦେଖାଯାଉଛି ସମସ୍ତ ଚିକିତ୍ସାଳୟମାନଙ୍କରେ ସରକାର ଆୟୁଷ ଡାକ୍ତର ନିଯୁକ୍ତି କରି ରୋଗୀସେବା ପ୍ରତି ଯତ୍ନବାନ ଓ ସଜାଗ ଅଛନ୍ତି। ଫଳରେ ଏଲୋପାଥିକ୍, ହୋମିଓପାଥିକ, ଆୟୁର୍ବେଦିକ ଓ ଯୋଗ ଚିକିତ୍ସା (ନେଚରପାଥିକ) ଡାକ୍ତର ଆସୀନ ହୋଇଥିବା ଦେଖିବାକୁ ମିଳୁଛି। ମାତ୍ର ବିଡ଼ମ୍ବନା ଏହି ଯେ, ଏଲୋପାଥିକି ଔଷଧ ଜ୍ଞାନ ନ ଥାଇ ହୋମିଓ, ଆର୍ଯ୍ୟୁବେଦ, ନେଚରପାଥିକ୍ ଚିକିତ୍ସକମାନେ ଏଲୋପାଥିକ୍ ଔଷଧ ଲେଖିବାରୁ ରୋଗୀ ଅବସ୍ଥା କ'ଣ ହେଉଛି ଏ କଥା ଚିନ୍ତା କରିବାକୁ କେହି ନାହାନ୍ତି। ତେଣୁ ସାଧାରଣ ଓଡ଼ିଆ ଭାଷାରେ ଏପରି ଜ୍ଞାନଶୂନ୍ୟ ଡାକ୍ତର ମାନଙ୍କଠାରୁ ଔଷଧ ସେବନ କରିବା ବିପଜ୍ଜନକ। ଏହାକୁ 'ମାଙ୍କଡ଼ ହାତରେ ଶାଳଗ୍ରାମ ନଚେଇ ନଚେଇ ନିଏ ପ୍ରାଣ' ପରି ରୋଗୀ ଓ ରୋଗୀଙ୍କ ଆତ୍ମୀୟମାନେ ମନେକରନ୍ତି ।

–ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କି ଅଭିସାରେ ଅନ୍ଧ ଆଜି
ଅଙ୍ଗେ ଭରେ ଗନ୍ଧ ରାଜି
ଅଧରେ ତବ ପଲାଶ–ରାଗ ରଞ୍ଜଇ
ଦଶନ ମୂଳେ କୁନ୍ଦହାସ ଗଞ୍ଜଇ।
–(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପଞ୍ଚାୟତିରାଜ ଦିବସ ତାରିଖ ପରିବର୍ତ୍ତନ ନେଇ ଥମୁନି ରାଜନୀତି



ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳନ ଅବସରରେ ବୁଧବାର ଶଙ୍ଖଭବନଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

- ତାରିଖ ବଦଳାଇବା ପଛରେ କ'ଣ ରହସ୍ୟ ରହିଛି: ନବୀନ
- ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବେ ସରକାର: ମୁଖ୍ୟମନ୍ତ୍ରୀ
- ତାଙ୍କ କାର୍ଯ୍ୟକ୍ରମ ଲାଗି ସରକାର ସମ୍ମାନଜନକ ବ୍ୟବସ୍ଥା କରିବେ: ମନମୋହନ
- ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ
- ବିଧାନସଭା, ଜୟଦେବ ଭବନ କାର୍ଯ୍ୟକ୍ରମରେ ଯୋଗଦେଲେନି ନବୀନ

**ଭୁବନେଶ୍ୱର, ୫।୩(ସୁନିତ୍ ମିଶ୍ର)**

ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ପୂର୍ବରୁ ମାର୍ଚ୍ଚ ୫ ତଥା ବିଜୁ ଜୟନ୍ତୀକୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଏହିଦିନକୁ ସରକାରୀ ଛୁଟି କରାଯାଇଆସୁଥିଲା। ହେଲେ ଭାଜପା ସରକାର ପଞ୍ଚାୟତିରାଜ ଦିବସ ଏପ୍ରିଲ ୨୪ରେ ପାଳନ କରିବାକୁ ଘୋଷଣା କରିଛନ୍ତି। ଏହାସହ ମାର୍ଚ୍ଚ ୫କୁ ସରକାରୀ ଛୁଟିଦିନରୁ ବାତିଲ କରିଛନ୍ତି। ଏହାକୁ ନେଇ ବିଜେଡି ଓ ଭାଜପା ନେତା ପରସ୍ପର ବିରୋଧରେ ଆକ୍ଷେପ ପ୍ରତି ଆକ୍ଷେପ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳ ପକ୍ଷରୁ ଆୟୋଜିତ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ଭାଜପା ସରକାରକୁ ଟାର୍ଗେଟ କରିଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ପାଲଟା ବିଜେଡିକୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ବିଧାନସଭାଠାରେ ଆୟୋଜିତ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ନବୀନ ଯୋଗ ଦେଇନାହାନ୍ତି। ସେହିପରି ରାଜ୍ୟ ସରକାର ଜୟଦେବ ଭବନଠାରେ ଆୟୋଜନ କରିଥିବା ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଥିଲା। ସେଥିରେ ମଧ୍ୟ ନବୀନ ସାମିଲ ହୋଇ ନ ଥିବାରୁ କାର୍ଯ୍ୟକ୍ରମରେ ବସିବା ଲାଗି ତାଙ୍କ ପଡ଼ିଥିବା ଚେୟାରକୁ ମଧ୍ୟ କାଢ଼ି ନିଆଯାଇଛି। ଏଭଳି ସ୍ଥିତିରେ ଗୁରୁବାର ଏହି ପ୍ରସଙ୍ଗକୁ ନେଇ ବିଜେଡି ରାଜ୍ୟବ୍ୟାପୀ ପ୍ରତିବାଦ କରିବାକୁ ଘୋଷଣା କରିସାରିଛି।

ଅନ୍ୟପଟେ ବିଜୁ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ବିକାଶ ସହ ଲୋକଙ୍କୁ ସଶକ୍ତ କରିବାରେ ତାଙ୍କ ଅବଦାନ ଅବିସ୍ମରଣୀୟ। ଜରୁରିକାଳୀନ ପରିସ୍ଥିତିର ବିରୋଧ ସହ ଗଣତାନ୍ତ୍ରିକ ଆଦର୍ଶ ପ୍ରତି ସେ ପ୍ରତିବଦ୍ଧ ଥିଲେ ବୋଲି ଉଲ୍ଲେଖ କରିଛନ୍ତି।

ବିଜେଡି ପକ୍ଷରୁ ବୁଧବାର ପ୍ରଥମେ ଫରେଷ୍ଟ ପାର୍କ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଶଙ୍ଖ ଭବନଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେଇ ନବୀନ ପଟ୍ଟନାୟକ ଭାଜପାକୁ ଟାର୍ଗେଟକରି କହିଛନ୍ତି, ବିଜୁବାବୁ ସାଢେ ୪କୋଟି ଓଡ଼ିଆଙ୍କ ବିଶ୍ୱାସର ସ୍ତମ୍ଭ ଥିଲେ। ତାଙ୍କ କାମ ପାଇଁ ଓଡ଼ିଆ ଜାତି ସବୁବେଳେ ଗର୍ବ କରିଆସୁଛି। ଦୁର୍ଭାଗ୍ୟର ବିଷୟ ଶାସନକୁ ଆସିବାର ଠିକ୍ ପରେ ପରେ ଭାଜପା ସରକାର ବିଜୁ କ୍ରୀଡ଼ା ପୁରସ୍କାରର ନାମ ବଦଳାଇବାକୁ ଚେଷ୍ଟାକଲେ। ପ୍ରବଳ ଜନ ପ୍ରତିକ୍ରିୟା ପରେ ଏହି ନିଷ୍ପତ୍ତିରୁ ଓହରିଲେ। ଏବେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯାଉଛି। ଏହି ଘଟଣାରେ କୌଣସି ଦୋଷୀଙ୍କୁ ଧରାଯାଉ ନାହିଁ। ୧୯୯୩ରୁ ମାର୍ଚ୍ଚ ୫ରେ ବିଜୁବାବୁଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ ହେଉଥିଲା। ଏବେ ଏହା ବଦଳାଇବା ପଛର ରହସ୍ୟ କ'ଣ କୁହନ୍ତୁ। ଏହା ବିଜୁବାବୁଙ୍କ ଲିଗାସିକୁ ହଟାଇବାକୁ ଏକ ଉଦ୍ୟମ କି ବୋଲି ପ୍ରଶ୍ନ କରିଛନ୍ତି। ଏବେ ବିମାନବନ୍ଦର ନାଁ ମଧ୍ୟ ପରିବର୍ତ୍ତନ କରିବା ଲାଗି ଭାଜପା ସରକାର ଚେଷ୍ଟା କରୁଛନ୍ତି। ସରକାର ଆସିବ, ଯିବ କିନ୍ତୁ ବିଜୁବାବୁ ସବୁଦିନ ଲାଗି ଲୋକଙ୍କ ହୃଦୟରେ ରହିବେ ବୋଲି ନବୀନ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ବିଜୁବାବୁଙ୍କ ପାଇଁ ଯାହା କାର୍ଯ୍ୟକ୍ରମ ହେବା କଥା ସେଥିରେ କିଛି କମ୍ ହେବ ନାହିଁ। ତାଙ୍କ କାର୍ଯ୍ୟକ୍ରମ ଲାଗି ରାଜ୍ୟ ସରକାର ସମ୍ମାନଜନକ ବ୍ୟବସ୍ଥା କରିବେ। ଇତିହାସକୁ ଭାଜପା ସମୀକ୍ଷାକରେ, ତାକୁ ବଦଳାଇବାକୁ କେବେ ଚେଷ୍ଟା କରିନାହୁଁ। ଭାଜପା ୯ ମାସର ସରକାର କରିଛି ଆଗକୁ ଆମ ଅଭିଜ୍ଞତା ବଢ଼ିବ। ଗଣତନ୍ତ୍ର ଓ ପଞ୍ଚାୟତିରାଜ ବ୍ୟବସ୍ଥାକୁ ହତ୍ୟାକରି ବିଜେଡି ଯେଉଁ ପାପ କରିଥିଲା ଏବେ ତା'ର ପ୍ରାୟଶ୍ଚିତ୍ତ କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆଧୁନିକ ଓଡ଼ିଶା ଗଠନ କରିବା ଲାଗି ବିଜୁବାବୁ ଯେଉଁସବୁ ପଦକ୍ଷେପ ନେଇଥିଲେ ଆଜିର ଦିନରେ ମଧ୍ୟ ତାହା ନିଆଯାଇପାରିନାହିଁ। ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ଲାଗି ଭାଜପା ସରକାର କେବେହେଲେ ଦ୍ୱିଧା କରିବେ ନାହିଁ ବୋଲି ମୋହନ କହିଛନ୍ତି।

ଏଭଳି ସ୍ଥିତିରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଲୋକମାନଙ୍କ ମନରୁ ବିଜୁ ପଟ୍ଟନାୟକଙ୍କ ନାଁକୁ ଉଡ଼େଇ ଦେବା ଲାଗି ଭାଜପା ଯେଉଁ ଚେଷ୍ଟା କରିଛି ତାହା କେବେହେଲେ ସଫଳ ହେବ ନାହିଁ। ବିଜୁ ପଟ୍ଟନାୟକଙ୍କ କଥା ଚିନ୍ତାକଲେ ବହୁ କଥା ମନକୁ ଆସିବ ବୋଲି ସେ କହିଛନ୍ତି।

# ଆସନ୍ତା ପଞ୍ଚାୟତ ନିର୍ବାଚନରେ ୬୦୦ ଜିଲା ପରିଷଦ ଆସନ ଦଖଲ ଲକ୍ଷ୍ୟ ରହିଛି: ଭକ୍ତ

**ଭୁବନେଶ୍ୱର, ୫।୩(ସୁନିତ୍ ମିଶ୍ର)**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଏକ ରାଜ୍ୟସ୍ତରୀୟ ଚିନ୍ତନ ଶିବିର ବୁଧବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୭ରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ରଣକୌଶଳ ପ୍ରସ୍ତୁତି ସମ୍ପର୍କରେ ଏହି ଶିବିରରେ ଆଲୋଚନାର ବିଷୟ ଥିଲା। ସଙ୍ଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଚିନ୍ତନ ଶିବିରକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନକରି କହିଛନ୍ତି, କଂଗ୍ରେସ ଆସନ୍ତା ପଞ୍ଚାୟତ ନିର୍ବାଚନରେ ୧ ନମ୍ବର ଦଳ ହେବ। ରାଜ୍ୟରେ ଦଳ ସର୍ବନିମ୍ନ ୬୦୦ଟି ଜିଲା ପରିଷଦ ଆସନ ଦଖଲ କରିବାର ଲକ୍ଷ୍ୟ ରଖିଛି। ସେଥିପାଇଁ ତୃଣମୂଳ ସ୍ତରରେ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ୍, ଜିଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ସଙ୍ଗଠନ ଓ ସଂଘର୍ଷ ପାଇଁ ସେ ଆହ୍ୱାନ ଦେଇଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ ପଞ୍ଚାୟତ ବ୍ୟବସ୍ଥାର ଲକ୍ଷ୍ୟ କିପରି ପଥଭ୍ରଷ୍ଟ ହୋଇଛି ତା'ର ଅବତାରଣା କରିବା ସହ କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିରେ ଦଳର ବହୁ ବରିଷ୍ଠ ନେତା ଯୋଗଦେଇଥିଲେ । ଉଦ୍‌ଘାଟନୀ ଅଧିବେଶନ ପରେ ୩୦ ଜିଲାର ପ୍ରତିନିଧିମାନେ ଆଲୋଚନାରେ ଭାଗନେଇଥିଲେ। ଜିଲା, ବ୍ଲକ୍ ଓ ଜୋନ୍‌ସ୍ତରରେ ସର୍ବୋଦୟ ସଂକଳ୍ପ ଶିବିର ଚଳିତ ବର୍ଷ ଶେଷ ସୁଦ୍ଧା ଆୟୋଜନ ହେବ। ସେହି ଶିବିର ମାଧ୍ୟମରେ ସଙ୍ଗଠନକୁ ବିସ୍ତାରିତ କରିବା ସହ ନୂଆ ସାଥୀଙ୍କୁ ସଙ୍ଗଠନ ସହ ଜଡ଼ିତ କରିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଆଲୋଚନା କରାଯାଇଛି।

## ବିଧାୟକ, ମନ୍ତ୍ରୀଙ୍କ ଅପେକ୍ଷା କର୍ମୀଙ୍କ ଦାୟିତ୍ୱ ଅଧିକ: ସୂର୍ଯ୍ୟବଂଶୀ

**ଧାମନଗର,୫।୩(ଦେବେନ୍ଦ୍ର ଆନ୍ଦିଆ)**

ଲୋକଙ୍କ ସରକାରଙ୍କ ଯୋଜନାର ସଫଳତା ପାଇଁ ବିଧାୟକ, ଏମ୍‌ପି, ମନ୍ତ୍ରୀଙ୍କ ଅପେକ୍ଷା ଦଳୀୟ କର୍ମୀଙ୍କ ଦାୟିତ୍ୱ ଅଧିକ ବୋଲି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଭଦ୍ରକ ଜିଲା ଧାମନଗର ଗ୍ରାମୀଣ ମଣ୍ଡଳ ଅଧୀନ ଗୋବିନ୍ଦପୁରଠାରେ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ଭାଜପାର କର୍ମୀ ସମାବେଶରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ଅବସରରେ ଏହା କହିଥିଲେ। ସରକାର ଭଦ୍ରକ ଜିଲାର ବିକାଶ ପାଇଁ ଦେଇଥିବା ପ୍ରତିଶ୍ରୁତି ଏବେ ବାସ୍ତବ ରୂପ ନେଉଛି ବୋଲି ସେ ପ୍ରକାଶ କରିଥିଲେ।

# ବିଜୁ ଜୟନ୍ତୀରେ ପଦ୍ମ ଧରିଲେ ୩ ବ୍ଲକ ଅଧ୍ୟକ୍ଷ

**ଭବାନୀପାଟଣା,୫।୩(ଉତ୍ତମ କୁମାର ଦାଶ)**




କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଟାଉନହଲରେ ବୁଧବାର ଭାଜପାର ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ତଥା ଜିଲା ପ୍ରଭାରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଲୋକ ସଭା ସାଂସଦ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ରମେଶ ମାଝୀ, ଅନିରୁଦ୍ଧ ପ୍ରଧାନ, ରାଷ୍ଟ୍ରୀୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପ ଜ୍ୟୋତି ମୁଣ୍ଡ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚଳିତ ଜନକଲ୍ୟାଣ ବଜେଟକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରୀ ଖୁଣ୍ଟିଆ ଆହ୍ୱାନ ଦେଇଥିଲେ। ମଞ୍ଚକୁ ଜିଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଜିଲାର ୪୧ଟି ମଣ୍ଡଳର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ପରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶଙ୍ଖ ଛାଡି ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଓ ଥୁଆମୂଳ ରାମପୁର ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ ପ୍ରମୁଖ ପଦ୍ମ ଧରିଥିଲେ। ସେହିପରି ଜିଲାର ଗୋଲାମୁଣ୍ଡା, ଜୟପାଟଣା, କେସିଙ୍ଗା, ଭବାନୀପାଟଣା, କଲମପୁର ଆଦି ବ୍ଲକର ବିଜେଡି ସମର୍ଥିତ ୪୨ ଜଣ ସମିତିସଭ୍ୟ, ୧୨ ସରପଞ୍ଚ ଓ ୨୦ ୱାର୍ଡ ସଦସ୍ୟ ଭାଜପାରେ ସାମିଲ ହୋଇଥିଲେ। ବିଜୁ ଜୟନ୍ତୀରେ ଜିଲାର ୩ ବ୍ଲକ ଅଧ୍ୟକ୍ଷଙ୍କ ସମେତ ସମିତିସଭ୍ୟ, ସରପଞ୍ଚ ଓ ୱାର୍ଡମେମ୍ବର ଭାଜପାରେ ସାମିଲ ହେବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ସିଓଏନ୍)/ରାଉରକେଲା-୭୬୯୦୧୩, ଦକ୍ଷିଣ ପୂର୍ବ ରେଳପଥ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି : କ୍ର.ସଂ.: ୧; ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୬-ଟେଣ୍ଡର-ଇଏଲ୍-ସିଓଏନ୍-ସିକେପି-୨୪-୨୫; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଚକ୍ରଧରପୁର ମଣ୍ଡଳରେ ଡୁମେତ୍ରା-ବିସ୍ରା ମଧ୍ୟରେ ୨୫କେଭି ଓଏଚଇର ଯୋଗାଣ, ଉତ୍ଥାନ, ପରୀକ୍ଷଣ ଏବଂ କମିଶନିଂ; ମୂଲ୍ୟ: ₹୩,୪୫,୨୨,୭୩୭.୦୦; ବିଡ୍ ଅମାନତ: ₹୩,୨୨,୬୦୦.୦୦; ସମାପ୍ତି ଅବଧି: ୧୨ (ବାର) ମାସ । ଧାର୍ଯ୍ୟ ତାରିଖ: ୦୨।୦୪।୨୦୨୫ରିଖ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି "। (PR-1202)

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 31-SBP-TRD-OT-2024-25, ତା.01.03.2025ରିଖ

କାର୍ଯ୍ୟର ନାମ : "DS ବ୍ୟବସ୍ଥା ସହିତ ଟିଟିଲାଗଡ଼ (TIG) ଷ୍ଟେସନର ସିକିର (SFK) ଏଣ୍ଡ ଠାରେ R/1 ରେ 80Mର ସଣ୍ଟିଙ୍ଗ ନେକ୍ (Shunting Neck)ର ବ୍ୟବସ୍ଥା ଏବଂ 12871/72 ଏକ୍ସପ୍ରେସ୍‌ର ରେକ୍‌କୁ ଟିଟିଲାଗଡ଼ (TIG) ରେ ରଖିବା ପାଇଁ R/7ର 550M ଲମ୍ବ ନିମନ୍ତେ ସମ୍ବଲପୁର (SBP) ଏଣ୍ଡରେ ବର୍ତ୍ତମାନର ସଣ୍ଟିଙ୍ଗ ନେକ୍‌ର ସମ୍ପ୍ରସାରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।

ଆନୁମାନିକ ମୂଲ୍ୟ : ₹ 1,62,08,655.19, EMD : ₹2,31,100/-, ଶେଷ ହେବା ଅବଧି: 09 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.03.2025ରିଖ 1530 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-1041/P/24-25

यूनाइटेड इंडिया इंश्युरेन्स कं.लिमिटेड
**UNITED INDIA INSURANCE CO. LTD.**
REGIONAL OFFICE BHUBNANESWAR, OCHC BUILDING, 5TH FLOOR, KHARAVELA NAGAR, UNIT-III, BHUBANESWAR-751001, PH: 0674-2391138
IRDA REGN. NO.545 CIN. U93090TN1938GOI000108

**PUBLIC NOTICE: MERGER / RELOCATION OF OFFICES**

This is for the information of general public that as part of our Company's business consolidation plans, our valuable clients of the following offices that are located in the State of Odisha will now be serviced by our other offices w.e.f. 07/05/2025. Clients will continue to enjoy uninterrupted services from the nearest or new location given belowas well as online:

| EXISTING OFFICE (OFFICE NAME & ADDRESS) | FUTURE SERVICING OFFICE (OFFICE NAME, ADDRESS & CONTACT NO.) |
|---|---|
| MO Banpur, Plot No.: 274/915, IB Road, Balugaon, Khordha, Odisha - 752030 | DO 1 BHUBANESWAR, Plot No.: 161(P), 2nd Floor, South of Kalinga Stadium, Next to the World Mall, Bhubaneswar – 751012, E-mail :260100@uiic.co.in Contact Person: Mr. Kranti Prakash Sai, SDM, Mobile No.: 9789816439 |

Bhubaneswar, Date: 05.03.2025 Sd/- Chief Regional Manager

**PUBLIC NOTICE**

This is for information to all that **Barrister Ranjit Mohanty Trust (BRM Trust)** proposed to sale its landed property situated in **Mouza: Pubasasan, Plot No.-1744 & 1746, Area A1.10 decimal**. If any person / organisation has any Due / Objection / Claim are requested to contact us in the below mentioned address **within 15 days** of this Notice.

**Contact Person:**
**Sarendra Puhan**, Plot No.-116, Madhukunj, Mastercanteen, Station Square, Bhubaneswar-751001, Phone:7008390931, E-mail: puhan1@rediffmail.com

Notice under Order-5, Rule-20 CPC
**In the Court of Senior Civil Judge, Rourkela**
Civil Suit No. 40 of 2020
**State Bank of India .... Plaintiff**
**versus**
**Mr. Sameer Choudhury and another .... Defendants**

To,
**1.Mr.Sameer Choudhury, S/o. Srl Priyanath Choudhury**
**2.Mr. Sanjay Choudhury, S/o. Sri Priyanath Choudhury**
Both are resident of Sector-C, Bondamunda D Cabin, PO-Bondamunda-770032, PS-Bondamunda, Dist. Sundargarh, Odisha

Whereas the State Bank of India, RASMEC, At - Sector- 17, Rourkela has Instituted a suit against you for realisation of **Rs. 5,85,738/- (Rupees Five Lakh Eighty Five Thousand Seven Hundred Thirty Eight)** only + pendentilite and future interest @9.65% per annum with monthly rests and cost of the suit.

You are hereby summoned to appear in this court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such questions on the **26th day of 2025 at 10.30 A.M**. to answer the claim and you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter claim and where you rely on any other document whether in your possession or power or not as evidence in support of your defence or claim for set off or counter claim you shall enter such documents in a list to be annexed to the written statement.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this day of **20th day of December, 2024.**

Senior Civil Judge
Rourkela

**OFFICE OF THE SUPERINTENDING ENGINEER**
**PUBLIC WORK DEPARTMENT, BILASPUR CIRCLE**
**BILASPUR, CHHATTISGARH**

निविदा निरस्तीकरण सूचना

इस कार्यालय के निविदा आमंत्रण सूचना क्रमांक 303 दिनांक 24.12.2024 को अपरिहार्य कारणवश निरस्त किया जाता है।

अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

G-242505715/2

Notice under Order-5, Rule-20 CPC
**In the Court of Senior Civil Judge, Rourkela**
Civil Suit No. 07 of 2020
**State Bank of India .... Plaintiff**
**versus**
**Mr. Bibhuti Bhusan Gochhayat .... Defendant**

To,
**Mr. Bibhuti Bhusan Gochhayat**, S/o. Sri Babaji Gochhayat, permanent resident of Gundaripada, PO-Khotirapada, Dist: Balasore, Odisha and at present residing at Jail Road, Industrial Estate, Near Archena Pattern Shop, Rourkela, PO- Rourkela-769004, PS-Raghunathpalli, Munsif- Panposh, Dist. Sundargarh, Odisha.

Whereas the State Bank of India, RASMEC, At - Sector- 17, Rourkela has Instituted a stilt against you for realisation of **Rs. 4,09,427/- (Rupees Four Lakh Nine Thousand Four Hundred Twenty Seven)** only + pendentilite and future interest @9.75% per month with monthly rests and cost of the suit. You are hereby summoned to appear In this court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such questions on the **20th day of March, 2025 at 10.30 A.M**. to answer the claim and you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter claim and where you rely on any other document whether in your possession or power or not as evidence in support of your defence or claim for set off or counter claim you shall enter such documents in a list to be annexed to the written statement.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this day of **10th day of December, 2024**.

Senior Civil Judge
Rourkela

**Government of Jharkhand**
**Urban Development And Housing Department**
**Dhanbad Municipal Corporation, Dhanbad**

**e-Procurement Tender Notice No. DMC/37/2024-25**
Reference No. : DMC/37/2024-25 Date : 05.03.2025

| क्रम सं० | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/37/2024-25/01 | Construction of Bitumenous Road from Naya More via Denobili School via Sijua Area Office to Sijua Stadium under DMC, Dhanbad | 9660600.00 | 2 % of BOQ | 10000.00 | 180 दिन |
| 2 | DMC/37/2024-25/02 | Construction of Bitumenous Road from Rajkiya Madhya Vidyalaya Kusunda to Mahesh Kirana Store Jalan Factory via Kharikabandh Harijan Basti and from Near Jalan Factory gate to Near Kusunda Durga Mandir via Gondudih Thana in ward no. 14 under DMC, Dhanbad. | 14935400.00 | 2 % of BOQ | 10000.00 | 180 दिन |
| 3 | DMC/37/2024-25/03 | Construction of Bitumenous Road from Rahmatganj (Yunus Shop) to Ansar Nagar Khawajanur house and Bharat Chowk to Kumhar Patti to Das Tola via Mangru Hotel under DMC, Dhanbad | 10761200.00 | 2 % of BOQ | 10000.00 | 180 दिन |
| 4 | DMC/37/2024-25/04 | Renovation of Bitumenous Road from Polytechnic more to Bypass Road via Patel Chowk, Patel Chowk to Ara More under DMC, Dhanbad | 9028900.00 | 2 % of BOQ | 10000.00 | 180 दिन |

Date of Publication of Tender on website :- 10.03.2025 At 03.00 PM
Online Last Date / Time for receiving of bids :- 26.03.2025 (Online) till 03:00 PM
Date of Bid Opening :- From 27.03.2025 at 03:00 PM (Online)
NOTE:- (i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-Executive Engineer,
Dhanbad Municipal Corporation, Dhanbad

PR 347853 (Urban Development and Housing)24-25*D

इंडियन बैंक Indian Bank — इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪, zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| କାଣ୍ଟନମେଣ୍ଟ ଶାଖା, କଟକ / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ୨) ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ୩) ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, କଟକ, ଓଡ଼ିଶା, ପିନ୍-୭୫୩୦୦୧ | ୦୧.୦୩.୨୦୨୫ ସୁଦ୍ଧା ଟ.୧୧,୯୯,୮୮୩/- ଏବଂ ସେବାବଦ ସୁଧ | ୨୩.୧୨.୨୦୨୪ / ୦୧.୦୩.୨୦୨୫ | ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ ଏବଂ ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ ଡିସିମିଲି ଏବଂ ମ୍ୟୁଟେସନ୍ ଖାତା ନଂ.: ୩୨୧-ଡ଼ି୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ ଡିସିମିଲି ୧/୨ କଡି (ସମୁଦାୟ କ୍ଷେତ୍ର: ଏକର୦.୦୧୫ ଡିସିମିଲି ଏବଂ ୧/୨ କଡି), ପ୍ରକାର: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ. ୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍‌ଆର୍‌ଓ: କଟକ, ଜିଲ୍ଲା: କଟକ, ପିନ୍-୭୫୩୦୦୧, ଓଡ଼ିଶା, ଉଭୟ ପ୍ଲଟ୍‌କୁ ଗୋଟିଏ ଜମି ଭାବରେ ବିବେଚନା କରାଯାଉଛି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସରୋଜ କୁମାର ଦାସ, ଦକ୍ଷିଣ: ରବିନ୍ଦ୍ର ସାହୁ, ପୂର୍ବ: ଅଲେଖ ସାହୁ, ପଶ୍ଚିମ: ରାସ୍ତା |

ତାରିଖ: ୦୫.୦୩.୨୦୨୫
ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

**ଇନିଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ**
ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର-୭୫୧୦୧୦
ଫୋନ:(୦୬୭୪) ୨୫୮୯୨୪୧, ମୋବାଇଲ:୯୪୩୭୫୭୪୪୬୫
(ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରାଳୟ ଦ୍ୱାରା ପ୍ରତିଷ୍ଠିତ)
NCHMCT

**ହୋଟେଲ ମ୍ୟାନେଜମେଣ୍ଟ ପାଇଁ ଜାତୀୟ ପରିଷଦ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଏନସିଏଚଏମ ଜେଇଇ)-୨୦୨୫**

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ପଦ୍ଧତିରେ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ନ୍ୟାସନାଲ କାଉନସିଲ ଫର ହୋଟେଲ ମ୍ୟାନେଜମେଂଟ ଆଣ୍ଡ କ୍ୟାଟରିଂ ଟେକ୍ନୋଲୋଜି (ଏନସିଏଚଏମ ଆଣ୍ଡ ସିଟି) ହୋଟେଲ ମ୍ୟାନେଜମେଂଟ ପ୍ରତିଷ୍ଠାନ (ଆଇଏଚଏମ) ରେ ବି.ଏସସି (ହସପିଟାଲିଟି ଓ ହୋଟେଲ ଆଡମିନିଷ୍ଟ୍ରେସନ) ପାଠ୍ୟକ୍ରମରେ ନାମ ଲେଖା ଲାଗି ନ୍ୟାସନାଲ କାଉନସିଲ ଫର ହୋଟେଲ ମ୍ୟାନେଜମେଂଟ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଏନସିଏଚଏମ ଜେଇଇ-୨୦୨୫)ପରୀକ୍ଷା ପରିଚାଳନା କରିବ ।

ଏନସିଏଚଏମ ଜେଇଇ-୨୦୨୫ର କାର୍ଯ୍ୟସୂଚୀ ନିମ୍ନ ପ୍ରକାର:

| | |
|---|---|
| ପରୀକ୍ଷା ତାରିଖ | ୨୭.୦୪.୨୦୨୫ (ରବିବାର) |
| ସମୟ | ପୂର୍ବାହ୍ନ ୧୧.୦୦ ଘ. ଠାରୁ ଅପରାହ୍ନ ୦୨.୦୦ଘ. |
| ଅନଲାଇନ ଆବେଦନ ଦାଖଲ ତାରିଖ | ୧୬.୧୨.୨୦୨୪ ଠାରୁ ୧୫.୦୩.୨୦୨୫ (୦୫.୦୦ଘ. ପର୍ଯ୍ୟନ୍ତ) |
| ସଫଳତା ପୂର୍ବକ ଫି ପଇଠ କରିବା ଶେଷ ତାରିଖ | ୧୫.୦୩.୨୦୨୫ର (୧୧.୫୦ଘ. ପର୍ଯ୍ୟନ୍ତ) |
| ଆବେଦନ ଫର୍ମର ଅନଲାଇନରେ ସଂଶୋଧନ କରାଯିବା ତାରିଖ | ୧୭.୦୩.୨୦୨୫ ଠାରୁ ୨୦.୦୩.୨୦୨୫ |

ଯୋଗ୍ୟତା, ସ୍କିମ/ ଅବଧି/ ସମୟ/ମାଧ୍ୟମ/ ପରୀକ୍ଷା ଫି, ଆସନ ସଂଖ୍ୟା, ଆସନ ସଂରକ୍ଷଣ, ପରୀକ୍ଷା ସହର, ପ୍ରମୁଖ ତାରିଖ, ନାମଲେଖା ପ୍ରଣାଳୀ ଇତ୍ୟାଦି ଓ ପରୀକ୍ଷା ସଂପର୍କରେ ଜାଣିବା ଲାଗି **https://exams.nta.ac.in/NCHM/** ରେ ସୂଚନା ପୁସ୍ତିକାକୁ ଦେଖିବା ଆବଶ୍ୟକ ।

ଯେଉଁ ପ୍ରାର୍ଥୀ ଏହି ପରୀକ୍ଷାରେ ଭାଗ ନେବାକୁ ଚାହୁଁଛନ୍ତି ସେମାନେ ଇନିଷ୍ଟିଚ୍ୟୁଟର ୱେବସାଇଟ ଓ ଏନଟିଏ ୱେବସାଇଟରେ ପ୍ରକାଶିତ ସୂଚନା ବୁଲେଟିନ ଏବଂ ପ୍ରସ୍ପେକ୍ଟସକୁ ଇନିଷ୍ଟିଚ୍ୟୁଟର ୱେବସାଇଟରୁ ଦେଖିବା ସହ ଉପରୋକ୍ତ ନିର୍ଦ୍ଧାରିତ ତାରଖ ସୁଦ୍ଧା କେବଳ **https://exams.nta.ac.in/NCHM/** ରେ ଆବେଦନ କରିବା ଆବଶ୍ୟକ । ପରୀକ୍ଷା ପାଇଁ ଫିକୁ ମଧ୍ୟ ଡେବିଟ/କ୍ରେଡିଟ କାର୍ଡ ବା ଇଂଟରନେଟ ବ୍ୟାଙ୍କିଙ୍ଗ ବ୍ୟବହାର କରି ପେମେଂଟ ଗେଟୱେ ଜରୀଆରେ ଅନଲାଇନରେ ପୈଠ କରିବା ଉଚିତ ।

ଏନସିଏଚଏମ ଜେଇଇ-୨୦୨୫ରେ ଆବେଦନ ସମୟରେ ଯଦି ପ୍ରାର୍ଥୀ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସେ ୦୧୧-୪୦୭୫୯୦୦୦/ ୦୧୧-୬୯୨୨୭୭୦୦ ଫୋନ ନମ୍ବରରେ ଯୋଗାଯୋଗ କରିପାରିବେ କିମ୍ବା ଇ-ମେଲ **nchm@nta.ac.in** ରେ ଯୋଗାଯୋଗ କରି ଏନସିଏଚଏମ ଜେଇଇ-୨୦୨୫ ଉପରେ ଅଧିକ ବିବରଣୀ ପାଇପାରିବେ। ପ୍ରାର୍ଥୀମାନେ ସଂପ୍ରତିକ ସୂଚନାର ଅପଡେଟ ପାଇବା ଲାଗି ଏନଟିଏର ବିଭାଗୀୟ ୱେବସାଇଟ **www.nta.ac.in** ଏବଂ **https://exams.nta.ac.in/NCHM/** ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।

ସ୍ୱା /- ନିର୍ଦ୍ଦେଶକ (ପରୀକ୍ଷା), ଏନଟିଏ

**ଅଧିକ ବିବରଣୀ ପାଇଁ : 9437574465 / 7653063865**
**ୱେବସାଇଟ୍: www.nta.ac.in, www.ihmbbs.org**

# ୧୯୭୧ ଜନଗଣନା ଆଧାରରେ ଡିଲିମିଟେଶନ ହେଉ

## ସର୍ବଦଳୀୟ ବୈଠକରେ ସଂକଳ୍ପନାମା



ଚେନ୍ନାଇସ୍ଥିତ ସଚିବାଳୟରେ ବୁଧବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ (ମଝି)। ନିକଟରେ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ଓ ଅନ୍ୟ ନେତାମାନେ।

**ଚେନ୍ନାଇ(ପି.ଟି.)/ ନୂଆଦିଲ୍ଲୀ(ରଏଟର୍ସ),୫।୩**

୨୦୧୧ ପରଠୁ ଦେଶରେ ଜନଗଣନା ହୋଇନାହିଁ। କେନ୍ଦ୍ର ସରକାର ସେହି ଜନଗଣନା ଆଧାରରେ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ ଯୋଜନା କରିଥିବାବେଳେ ଦକ୍ଷିଣ ଭାରତର ରାଜନୈତିକ ଦଳଗୁଡ଼ିକ ଏହା ପରିବର୍ତ୍ତେ ୧୯୭୧ ଜନସଂଖ୍ୟା ଭିତ୍ତିରେ ଡିଲିମିଟେଶନ୍ କରାଇବା ପାଇଁ ବୁଧବାର ପ୍ରସ୍ତାବ ଦେଇଛନ୍ତି। ଦକ୍ଷିଣ ଭାରତର ସବୁଠୁ ଧନୀ ଅଥଚ କମ୍ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କେନ୍ଦ୍ରର ହିନ୍ଦୀ ଲଦାଯିବା ଅଭିଯାନକୁ ମଧ୍ୟ ଦୃଢ଼ ବିରୋଧ କରାଯାଇଛି।

ଡିଏମ୍‌କେ ସୁପ୍ରିମୋ ଷ୍ଟାଲିନ୍‌ଙ୍କ ଦ୍ୱାରା ଆହୁତ ସର୍ବଦଳୀୟ ବୈଠକରେ ଉପସ୍ଥାପିତ ପ୍ରସ୍ତାବକୁ କଂଗ୍ରେସ ସମେତ ୫ ଦକ୍ଷିଣ ଭାରତୀୟ ରାଜ୍ୟର ୧ ଡଜନରୁ ଊର୍ଦ୍ଧ୍ୱ ଦଳ ସମର୍ଥନ କରିଛନ୍ତି। ଏହି ରାଜ୍ୟଗୁଡ଼ିକ ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖି ଆର୍ଥିକ କ୍ଷେତ୍ରରେ ଉତ୍ତର ଭାରତୀୟ ରାଜ୍ୟ ତୁଳନାରେ ଅଧିକ ବିକଶିତ ହୋଇପାରିଛନ୍ତି। ବୈଠକରେ ସଂକଳ୍ପନାମା ଉପସ୍ଥାପନ କରି ଷ୍ଟାଲିନ୍ କହିଛନ୍ତି, ତଥାକଥିତ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ୧୯୭୧ ଜନସଂଖ୍ୟା ଆଧାରରେ କରାଯାଉ। ଏହାକୁ ପରବର୍ତ୍ତୀ ୩୦ ବର୍ଷ ଅର୍ଥାତ୍ ୨୦୫୬ ପର୍ଯ୍ୟନ୍ତ ବଳବତ୍ତର ରଖାଯାଉ। ୧୯୭୧ ସେନ୍‌ସସ୍ ଅନୁଯାୟୀ ଶେଷଥର ସୀମା ପୁନଃ ନିର୍ଦ୍ଧାରଣ କରାଯାଇଥିଲା, ଯାହା ବଳରେ ଲୋକ ସଭାରେ ୫୪୩ ଆସନ ସୃଷ୍ଟି ପାଇଁ ବ୍ୟବସ୍ଥା ହୋଇଥିଲା। ବର୍ତ୍ତମାନ ସମାନୁପାତିକ ପ୍ରତିନିଧିତ୍ୱର ବ୍ୟବସ୍ଥା ଲାଗି ଏକ ସୂତ୍ର ନ ବାହାରିବା ଯାଏ ସ୍ଥିତାବସ୍ଥା ବଜାୟ ରଖିବାକୁ ଦକ୍ଷିଣର ନେତାମାନେ ଚାହୁଁଛନ୍ତି।

ଡିଏମ୍‌କେ ମୁଖପାତ୍ର ସର୍ବାନନ ଆନ୍ନାଦୁରାଇ କହିଛନ୍ତି, ଆମେ ଡିଲିମିଟେଶନ୍‌କୁ ବିରୋଧ କରୁନାହୁଁ। କିନ୍ତୁ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ରାଜ୍ୟଗୁଡ଼ିକୁ ଏହାଦ୍ୱାରା ଦଣ୍ଡିତ କରା ନ ଯାଉ। ଯଦି ଏମ୍‌ପିଙ୍କ ସଂଖ୍ୟା ବୃଦ୍ଧିପାଇବ ତେବେ ଆନୁପାତିକ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ପାଇଁ ସମ୍ବିଧାନ ସଂଶୋଧନ କରାଯାଉ ବୋଲି ସଂକଳ୍ପନାମାରେ ଦାବି କରାଯାଇଛି। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ସ୍ୱରକୁ ମୋଦି ସରକାର ଚପାଇଦିଅନ୍ତୁ ନାହିଁ। ଏହି ସଂକଳ୍ପନାମାକୁ ୧୫ରୁ ଊର୍ଦ୍ଧ୍ୱ ଦଳ ସମର୍ଥନ କରିଥିବା ଆନ୍ନାଦୁରାଇ ସୂଚନା ଦେଇଛନ୍ତି। ସେହିପରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ହିନ୍ଦୀ ଲଦିଦିଆଯିବା ଭଳି ଯୋଜନାକୁ ମଧ୍ୟ ନେତାମାନେ ବିରୋଧ କରିଛନ୍ତି। ପ୍ରସ୍ତାବକୁ କଂଗ୍ରେସ ଏବଂ ଏଆଇଏଡିଏମ୍‌କେ ସମର୍ଥନ କରିଥିବାବେଳେ ଭାଜପା ଏବଂ ତାମିଲ ମାନିଲା କଂଗ୍ରେସ (ଏମ୍) ବର୍ଜନ କରିଥିଲେ। ତାମିଲନାଡୁରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏହି ସର୍ବଦଳୀୟ ବୈଠକ ଡକାଯାଇଥିବା ଦୁଇଦଳ ଅଭିଯୋଗ ଆଣିଛନ୍ତି।

➡ କେନ୍ଦ୍ର ଉତ୍ତର-ଦକ୍ଷିଣକୁ ନେଇ ବିଭାଜନବାଦୀ ନୀତି ଆପଣାଇଥିବା ନେଇ ଗତ ସପ୍ତାହରେ ଷ୍ଟାଲିନ୍ ଅଭିଯୋଗ ଆଣିଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହାକୁ ଖଣ୍ଡନ କରି କହିଥିଲେ, ତାମିଲନାଡୁ ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକୁ ଗୋଟିଏ ବି ଆସନ ହରାଇବାକୁ ପଡ଼ିବନାହିଁ।

➡ ଦେଶର ସର୍ବାଧିକ ଜନସଂଖ୍ୟା ବହୁଳ ରାଜ୍ୟ ଉତ୍ତର ପ୍ରଦେଶରେ ଭାଜପା କ୍ଷମତାସୀନ ଥିବାବେଳେ ପଡ଼ୋଶୀ ବିହାରରେ ଏନ୍‌ଡିଏ ସରକାର ଚାଲିଛି। ଏହି ୨ ରାଜ୍ୟରେ ଦେଶର ୨୬% ଲୋକ ବସବାସ କରୁଥିବାବେଳେ ଉଭୟ ରାଜ୍ୟ ଅନ୍ୟତମ ଗରିବ ପ୍ରଦେଶ ଭାବେ ପରିଚିତ।

### ଇଣ୍ଡିଆକୁ 'ହିଣ୍ଡିଆ' କରିବାକୁ ଉଦ୍ୟମ ହେଉଛି: କମଲ ହାସନ

ଦେଶର ଅଣହିନ୍ଦୀ ରାଜ୍ୟଗୁଡ଼ିକରେ ହିନ୍ଦୀ ଭାଷାକୁ ଜୋର୍ ଜବରଦସ୍ତ ଲଦି ଦିଆଯାଇ ଇଣ୍ଡିଆକୁ 'ହିଣ୍ଡିଆ'ରେ ପରିଣତ କରିବାକୁ ଉଦ୍ୟମ ହେଉଛି। କେନ୍ଦ୍ର ସରକାର ସବୁ ରାଜ୍ୟକୁ ହିନ୍ଦୀ କହିବାକୁ ବାଧ କରାଇ ନିର୍ବାଚନରେ ସଂଖ୍ୟାଗରିଷ୍ଠତା ସହ ଜିତିବାକୁ ଚାହୁଁଛନ୍ତି। ଆମ ସ୍ୱପ୍ନ ଇଣ୍ଡିଆ ହୋଇଥିବାବେଳେ ସେମାନଙ୍କ ସ୍ୱପ୍ନ ହିଣ୍ଡିଆ ବୋଲି ମକ୍କଲ ନିଧି ମିଆମ୍ ନେତା କମଲ ହାସନ ସମାଲୋଚନା କରିଛନ୍ତି।



### ଦକ୍ଷିଣ ଭାରତର ଅଭିଯୋଗ

ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଅଭିଯୋଗ ଆଣିଛନ୍ତି, କେନ୍ଦ୍ରର ମୋଦି ସରକାର ଅତୀତରେ ସଂଘୀୟ ପାଣ୍ଠି ବଣ୍ଟନ, ଅନୁଦାନ ଆବଣ୍ଟନ ଆଦିରେ ଭେଦଭାବପୂର୍ଣ୍ଣ ଆଚରଣ କରିଛନ୍ତି। ସେହିପରି ଜଳସେଚନ ପ୍ରକଳ୍ପ ଏବଂ ମରୁଡ଼ି ପାଇଁ ସ୍ୱତନ୍ତ୍ର ପାଣ୍ଠି ଯୋଗାଣକୁ ମଧ୍ୟ ଅନୁମତି ଦେଇନାହାନ୍ତି। ସମ୍ବିଧାନ ଅନୁସାରେ ଭାରତରେ ପ୍ରତି ୧୦ ବର୍ଷରେ ଜାତୀୟ ଜନଗଣନା ପରେ ଥରେ ସୀମା ପୁନଃ ନିର୍ଦ୍ଧାରଣ କରାଯିବା ଉଚିତ। କିନ୍ତୁ କୋଭିଡ୍ ମହାମାରୀ ଯୋଗୁ ଦେଶରେ ୨୦୨୧ ଜନଗଣନା କରାଯାଇପାରିନାହିଁ। ବାରମ୍ବାର ଦାବି ସତ୍ତ୍ୱେ ମୋଦି ସରକାର ୧୪୦ କୋଟି ଜନସଂଖ୍ୟାର ଗଣନା ଆରମ୍ଭ କରିନାହାନ୍ତି। ୨୦୧୧ ଜନଗଣନା ଅନୁଯାୟୀ ଦେଶରେ ୧୨୧ କୋଟି ଲୋକ ଥିଲେ। କିନ୍ତୁ ୧୯୭୦ ଦଶକରୁ ଲୋକ ସଭା ଆସନ ସଂଖ୍ୟା ୫୪୩ରେ ଅପରିବର୍ତ୍ତିତ ରହିଛି। ଗତବର୍ଷ ଉଦ୍‌ଘାଟିତ ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ୮୮୮ ସଦସ୍ୟଙ୍କ ପାଇଁ ବସିବା ବ୍ୟବସ୍ଥା ରହିଛି।

## ସଂକ୍ଷେପରେ

### ଏଲ୍‌ଏଚ୍‌ଡିସି କାର୍ଯ୍ୟକ୍ରମରେ ଜେନେରିକ୍ ପ୍ରାଣୀ ଔଷଧ ମିଳିବ

**କ୍ୟାବିନେଟ୍ ମଞ୍ଜୁରୀ**

**ନୂଆଦିଲ୍ଲୀ,୫।୩**

ପ୍ରାଣୀଧନ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ(ଏଲ୍‌ଏଚ୍‌ଡିସି) କାର୍ଯ୍ୟକ୍ରମ ଜରିଆରେ କୃଷକମାନଙ୍କୁ ଉଚ୍ଚମାନର ତଥା ଶସ୍ତା ଜେନେରିକ୍ ପ୍ରାଣୀ ଔଷଧ ଯୋଗାଇ ଦିଆଯିବ। ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷ ପାଇଁ ଏହି କାର୍ଯ୍ୟକ୍ରମ ବାବଦରେ ୩,୮୮୦ କୋଟି ଟଙ୍କା କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁର କରିଛନ୍ତି। ଯୋଜନାର ପଶୁ ଔଷଧି ବିଭାଗରେ ଉଚ୍ଚ ମାନର ଔଷଧ ଯୋଗାଇ ଦିଆଯିବ ବୋଲି କ୍ୟାବିନେଟ ବୈଠକ ଶେଷରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହା ଜନଔଷଧି ଯୋଜନା ଭଳି। ପିଏମ୍ କିଷାନ ସମୃଦ୍ଧି କେନ୍ଦ୍ର ଏବଂ ସମବାୟ ସଂସ୍ଥାଗୁଡ଼ିକରେ ଏହି ଔଷଧ ମିଳିବ।

### ମଣିପୁରରେ ୫.୭ ତୀବ୍ରତାର ଭୂକମ୍ପ

**ଇମ୍ଫାଲ,୫।୩**

ମଣିପୁରରେ ବୁଧବାର ପୂର୍ବାହ୍ନ ୧୧ଟା ୬ ମିନିଟ୍ ସିମୟରେ ଲଗାତାର ୨ଟି ଭୂକମ୍ପ ଅନୁଭୂତ ହୋଇଛି। ଗୋଟିଏର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୫.୭ ରହିଥିଲା। ଏହାର ପ୍ରଭାବରେ ସମଗ୍ର ଉତ୍ତରପୂର୍ବାଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ଇମ୍ଫାଲ ଇଷ୍ଟ ଜିଲାର ୟାଇରିପୋକ୍‌ଠାରୁ ୪୪ କିଲୋମିଟର ପୂର୍ବରେ ଓ ୧୧୦ କିଲୋମିଟର ଗଭୀରରେ ବୋଲି ଶିଲଂର ଆଞ୍ଚଳିକ ଭୂକମ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଦ୍ୱିତୀୟ ଭୂକମ୍ପ ମଧ୍ୟାହ୍ନ ୧୨ଟା ୨୦ ମିନିଟ୍‌ରେ କାମଜୋଙ୍ଗ ଜିଲାରେ ହୋଇଥିଲା ଓ ଏହାର ତୀବ୍ରତା ୪.୧ ଥିଲା। ଭୂକମ୍ପ ଫଳରେ ମଣିପୁରର ଅନେକ ବିଲ୍ଡିଂରେ ଫାଟ ସୃଷ୍ଟି ହୋଇଛି।

### ଦିଲ୍ଲୀ ରେଳଷ୍ଟେଶନ ଦଳାଚକଟା: ୫ ବରିଷ୍ଠ ଅଧିକାରୀଙ୍କୁ ବଦଳି

**ନୂଆଦିଲ୍ଲୀ,୫।୩**

ପ୍ରୟାଗରାଜ କୁମ୍ଭମେଳାକୁ ଯିବା ଲାଗି ଗତ ମାସ ୧୭ରେ ନୂଆଦିଲ୍ଲୀ ରେଳଷ୍ଟେଶନରେ ପ୍ରବଳ ଭିଡ଼ ଯୋଗୁ ଦଳାଚକଟା ଘଟି ୧୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଦିଲ୍ଲୀ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଡିଆର୍‌ଏମ୍), ଅତିରିକ୍ତ ଡିଆର୍‌ଏମ୍, ରେଲ୍‌ୱେ ସୁରକ୍ଷା ବଳର ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନରଙ୍କ ସମେତ ୫ ବରିଷ୍ଠ ଅଧିକାରୀଙ୍କୁ ମଙ୍ଗଳବାର ବଦଳି କରାଯାଇଛି। ସେମାନେ କର୍ତ୍ତବ୍ୟରେ ଅବହେଳା କରିଥିବା ମନ୍ତ୍ରଣାଳୟ ଜାଣିବାକୁ ପାଇଥିଲା। ଡିଆର୍‌ଏମ୍ ସୁଖୱିନ୍ଦର ସିଂ, ଏଡିଆର୍‌ଏମ୍ ବିକ୍ରମ ସିଂ ରାଣା, ଷ୍ଟେଶନ ନିର୍ଦ୍ଦେଶକ ମହେଶ ଯାଦବ, ବରିଷ୍ଠ ଡିଭିଜନାଲ କମର୍ସିଆଲ ମ୍ୟାନେଜର (ଯାତ୍ରୀ ସେବା) ଆନନ୍ଦ ମୋହନ ଏବଂ ନୂଆଦିଲ୍ଲୀ ରେଳଷ୍ଟେଶନର ଆର୍‌ପିଏଫ୍ ଏସିଏସ୍ ମହେଶଚାନ୍ଦ ସାଇନିଙ୍କୁ ବଦଳି କରାଯାଇଛି।

### ଚାଇନା ପ୍ରତିରକ୍ଷା ବଜେଟ ୨୪୯ ବିଲିୟନ ଡଲାର

**ଭାରତର ୩ ଗୁଣା**

**ବେଜିଂ,୫।୩(ପି.ଟି.)**

ଚାଇନା ଚଳିତ ବର୍ଷ ପାଇଁ ତା'ର ଜାତୀୟ ପ୍ରତିରକ୍ଷା ବଜେଟକୁ ୭.୨ ପ୍ରତିଶତ ବଢ଼ାଇଛି। ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ୍ ବୁଧବାର ପାର୍ଲାମେଣ୍ଟ (ନ୍ୟାଶନାଲ ପିପିଲ୍ସ କଂଗ୍ରେସ)ରେ ଉପସ୍ଥାପନ କରିଥିବା ବଜେଟରେ ପ୍ରତିରକ୍ଷା ବାବଦରେ ମୋଟ ୨୪୯ ବିଲିୟନ ଡଲାର (୨୧,୬୭,୩୯୦.୬୨ କୋଟି ଟଙ୍କା) ବ୍ୟୟବରାଦ କରାଯାଇଛି। ଏହା ଭାରତର ପ୍ରତିରକ୍ଷା ବଜେଟ ତୁଳନାରେ ୩ ଗୁଣ ଅଧିକ। ଭାରତ ଚଳିତ ବର୍ଷ ପାଇଁ ୬,୮୧,୨୧୦ କୋଟି ଟଙ୍କା ବ୍ୟୟ ବରାଦ କରିଛି। ଚାଇନା ସଶସ୍ତ୍ର ବଳର ଆଧୁନିକୀକରଣ, ଯୁଦ୍ଧଜାହାଜଗୁଡ଼ିକର ବିକାଶ ଏବଂ ନୂଆ ପିଢ଼ିର ଲଢୁଆ ବିମାନ ବିକଶିତ ଲକ୍ଷ୍ୟରେ ବଜେଟ ବଢ଼ାଇଛି। ଗତବର୍ଷ ମଧ୍ୟ ଚାଇନା ପ୍ରତିରକ୍ଷା ବଜେଟ ୭.୨ ପ୍ରତିଶତ ବଢ଼ାଇ ୨୩୨ ବିଲିୟନ ଡଲାର କରିଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆମେରିକା ପରେ ଚାଇନା ଦ୍ୱିତୀୟ ସର୍ବାଧିକ ବ୍ୟୟ କରିଥାଏ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରସ୍ତାବିତ ପ୍ରତିରକ୍ଷା ବଜେଟ ପରିମାଣ ୮୯୦ ବିଲିୟନ ଡଲାରରୁ ଅଧିକ ବୋଲି ଜଣାପଡ଼ିଛି। ଆମେରିକା ସହ ବାଣିଜ୍ୟ ଯୁଦ୍ଧ ଏବଂ ସ୍ଥିର ଘରୋଇ ଉପଯୋଗ ଯୋଗୁ ମାନ୍ଦାବସ୍ଥା ସହ ସଂଘର୍ଷ କରୁଥିବା ଚାଇନା ଚଳିତ ବର୍ଷ ୫ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛି।

### ୟୁପିଆଇ ଜରିଆରେ ଇପିଏଫ୍ ଉଠାଣ ଖୁବ୍‌ଶୀଘ୍ର

**ଏନ୍‌ପିସିଆଇ ସହ ଆଲୋଚନା ଚାଲିଛି**

**ନୂଆଦିଲ୍ଲୀ,୫।୩**

ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ୟୁପିଆଇ) ଜରିଆରେ କର୍ମଚାରୀ ଭବିଷ୍ୟ ନିଧି (ପିପିଏଫ୍) ଟଙ୍କା ଉଠାଇବା ଲାଗି ସରକାର ଯୋଜନା କରୁଛନ୍ତି। ଏହାଦ୍ୱାର ଇପିଏଫ୍ ସଦସ୍ୟମାନେ ତୁରନ୍ତ ସେମାନଙ୍କ ପାଣ୍ଠି ପରିମାଣ ଜାଣିବା ସହ ଏହାକୁ ଉଠାଇପାରିବେ। ୟୁପିଆଇ ଏବଂ ଏଟିଏମ୍ ଜରିଆରେ ଇପିଏଫ୍ ଟଙ୍କା ଉଠାଣ ପାଇଁ ଇପିଏଫ୍‌ଓ କର୍ତ୍ତୃପକ୍ଷ ଏନ୍‌ପିସିଆଇ (ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ) ସହ ଆଲୋଚନା ଚଳାଇଛନ୍ତି। ଆଗାମୀ ମେ' କିମ୍ବା ଜୁନ୍‌ରେ ଏହା କାର୍ଯ୍ୟକାରୀ ହେବା ଆଶା କରାଯାଉଛି। ଅନେକ ସମୟରେ କ୍ଲେମ୍ ଖାରଜ ହେଉଥିବାରୁ କର୍ମଚାରୀମାନେ ଇପିଏଫ୍ ଜମା ଉଠାଇବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ୨୦୨୪ରେ ପ୍ରକାଶିତ ଇପିଏଫ୍ ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୩ରେ ପ୍ରତି ୩ଟି ଇପଏଫ୍ ଚୂଡ଼ାନ୍ତ ସେଟେଲ୍‌ମେଣ୍ଟ କ୍ଲେମ୍‌ରୁ ଗୋଟିଏ ଖାରଜ ହେଉଥିଲା। ଜମା ଉଠାଣକୁ ସହଜ ଓ ତ୍ୱରିତ୍ କରିବା ଲାଗି ସରକାର ୟୁପିଆଇ ଜରିଆରେ ଉଠାଣ କରିବାକୁ ଯୋଜନା କରିଛନ୍ତି। ନୂଆ ବ୍ୟବସ୍ଥାରେ ଇପିଏଫ୍ ସଦସ୍ୟମାନେ ଗୁଗଲ୍ ପେ, ଫୋନ୍‌ପେ ଏବଂ ପେଟିଏମ୍ ଭଳି ୟୁପିଆଇ ପ୍ଲାଟ୍‌ଫର୍ମ ବ୍ୟବହାର କରି ଇପିଏଫ୍ ଟଙ୍କା ଉଠାଇପାରିବେ।

# ଏପ୍ରିଲ ୨ରୁ ଭାରତୀୟ ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କ ଲଗାଇବ ଆମେରିକା

**ନ୍ୟୁୟର୍କ/ୱାଶିଂଟନ,୫।୩(ପି.ଟି.)**

ଭାରତ, ଚାଇନା ସମେତ ଅନ୍ୟ ଦେଶଗୁଡ଼ିକ ଲଗାଉଥିବା ଅତ୍ୟଧିକ ଶୁଳ୍କକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ବୋଲି କହିବା ସହ ସମାଲୋଚନା କରିଛନ୍ତି। ଏପ୍ରିଲ ୨ରୁ ଭାରତ ଓ ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କ (ରେସିପ୍ରୋକାଲ୍ ଟାରିଫ୍) ଲାଗୁ କରାଯିବ ବୋଲି ସେ ଘୋଷଣା କରିଛନ୍ତି।

ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧିତ କରି ଟ୍ରମ୍ପ୍ ଭାରତ, ଚାଇନା ଏବଂ ଅନ୍ୟ କେତେକ ଦେଶର ସାମଗ୍ରୀ ଉପରେ ରେସିପ୍ରୋକାଲ୍ ଟାରିଫ୍ ଆସନ୍ତା ମାସରୁ ଲାଗୁ କରିବାକୁ ଯାଉଥିବା କହିଛନ୍ତି। ଅନ୍ୟ ଦେଶଗୁଡ଼ିକ ଆମଠାରୁ ଆମଦାନୀ କରୁଥିବା ସାମଗ୍ରୀ ଉପରେ ବହୁ ଦଶନ୍ଧି ଧରି ଟାରିଫ୍ ଲଗାଇଆସୁଥିଲେ। ଅନ୍ୟ ଦେଶର ସାମଗ୍ରୀ ଉପରେ ଟାରିଫ ଲଗାଇବା ଲାଗି ଏବେ ଆମ ପାଳି ଆସିଛି। ୟୁରୋପୀୟ ସଂଘ, ଚାଇନା, ବ୍ରାଜିଲ, ଭାରତ, ମେକ୍ସିକୋ, କାନାଡା ଏବଂ ଆହୁରି ଅନେକ ଦେଶ ଆମ ତୁଳନାରେ ଯଥେଷ୍ଟ ଅଧିକ ଶୁଳ୍କ ଲଗାଉଥିଲେ। ଏହା ଅତ୍ୟନ୍ତ ଅନୁଚିତ କାର୍ଯ୍ୟ ବୋଲି ଟ୍ରମ୍ପ୍ କହିଛନ୍ତି। ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବା ପରେ ଏହା ଥିଲା ଆମେରିକା କଂଗ୍ରେସକୁ ଟ୍ରମ୍ପ୍‌ଙ୍କ ପ୍ରଥମ ଉଦ୍‌ବୋଧନ। ଗତ ମାସରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇଥିବାବେଳେ ଟ୍ରମ୍ପ୍ ଖୁବ୍‌ଶୀଘ୍ର ପାରସ୍ପରିକ ଶୁଳ୍କ ଲଗାଇବା କଥା କହିଥିଲେ। ଭାରତ ଏହି ଟାରିଫ୍‌ରୁ ବାଦ୍ ପଡ଼ିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଥିଲେ। ଆମ ସାମଗ୍ରୀ ଉପରେ ଚାଇନାର ହାରାହାରି ଟାରିଫ୍ ଆମେ ଲଗାଉଥିବା ଶୁଳ୍କ ତୁଳନାରେ ଦୁଇଗୁଣ। ଦକ୍ଷିଣ କୋରିଆର ଟାରିଫ୍ ୪ ଗୁଣ ଅଧିକ। ପ୍ରାୟ ପ୍ରତ୍ୟେକ ଦେଶ ଆମଠାରୁ ବହୁ ଦଶନ୍ଧି ହେଲା ଟାରିଫ୍ ସଂଗ୍ରହ କରିଆସୁଛନ୍ତି। ଏଭଳି କାର୍ଯ୍ୟ ଆଉ ହେବାକୁ ଦିଆଯିବ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି।



ଡୋନାଲ୍ଡ ଟ୍ରମ୍ପ୍

# ଆମେରିକା ଯୁଦ୍ଧ ଚାହୁଁଥିଲେ ଆମେ ଲଢ଼ିବାକୁ ପ୍ରସ୍ତୁତ

**ଟାରିଫ୍‌କୁ ନେଇ ଟ୍ରମ୍ପ୍‌ଙ୍କୁ ଚାଇନାର ବାର୍ତ୍ତା**

**ବେଜିଂ,୫।୩**

ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆମେରିକା ଏପ୍ରିଲ ୨ରୁ ପାରସ୍ପରିକ ଶୁଳ୍କ ଲଗାଇବ ବୋଲି ଏହାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିବା ପରେ ବେଜିଂ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକାରେ ଥିବା ଚାଇନା ଦୂତାବାସ କହିଛି, ଆମେରିକା ଚାହୁଁଥିବା ଯେକୌଣସି ପ୍ରକାର ଯୁଦ୍ଧ ଶେଷ ପର୍ଯ୍ୟନ୍ତ ଲଢ଼ିବାକୁ ଆମେ ପ୍ରସ୍ତୁତ ଅଛୁ। ଆମେରିକା ଯଦି ଯୁଦ୍ଧ ଚାହେଁ, ତାହା ଟାରିଫ୍ ଯୁଦ୍ଧ ହେଉ କି ବାଣିଜ୍ୟ ଯୁଦ୍ଧ କିମ୍ବା ଅନ୍ୟ ଯେକୌଣସି ପ୍ରକାର ଯୁଦ୍ଧ ଆମେ ଲଢ଼ିବାକୁ ପ୍ରସ୍ତୁତ ବୋଲି ଚାଇନା ଦୂତାବାସର ସରକାରୀ ହ୍ୟାଣ୍ଡଲ୍ ଏକ୍ସ'ରେ ପୋଷ୍ଟ କରିଛି। ଆମେରିକା ଯଦି ବାସ୍ତବରେ ଫେଣ୍ଟାନିଲ୍ ପ୍ରସଙ୍ଗର ସମାଧାନ ଚାହୁଁଥାଏ, ତେବେ ଚାଇନା ସହ ପରାମର୍ଶ କରିବା ସହ ପରସ୍ପରକୁ ସମାନ ଭାବେ ଦେଖିବା ଠିକ୍ ହେବ। ଯୁଦ୍ଧ ଚାହିଁଲେ ଆମେ ଶେଷ ପର୍ଯ୍ୟନ୍ତ ଲଢ଼ିବାକୁ ପ୍ରସ୍ତୁତ। ଚାଇନା ଆମଦାନୀ ଉପରେ ଆମେରିକା ଟାରିଫ୍ ବଢ଼ାଇବା ପାଇଁ ଫେଣ୍ଟାନିଲ୍ ଇସ୍ୟୁ ଏକ ଦୁର୍ବଳ ବାହାନା ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଦେଶର ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ଚାଇନାର ପ୍ରତିକାର ବ୍ୟବସ୍ଥା ସମ୍ପୂର୍ଣ୍ଣ ବୈଧ ଏବଂ ଜରୁରୀ ବୋଲି ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି।

# ଅବୁ ଆଜ୍‌ମୀ ବିଧାନସଭାରୁ ନିଲମ୍ବିତ

**ଔରଙ୍ଗଜେବ୍‌ଙ୍କୁ ପ୍ରଶଂସା ମହଙ୍ଗା ପଡ଼ିଲା**

**ମୁମ୍ବାଇ,୫।୩(ପି.ଟି.)**

ମୋଗଲ ସମ୍ରାଟ ଔରଙ୍ଗଜେବ୍‌ଙ୍କୁ ପ୍ରଶଂସା କରିବା ମହାରାଷ୍ଟ୍ରର ସମାଜବାଦୀ ପାର୍ଟି ବିଧାୟକ ଅବୁ ଆସିମ୍ ଆଜ୍‌ମୀଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କୁ ମାର୍ଚ୍ଚ ୨୬ ଚଳିତ ବଜେଟ ଅଧିବେଶନ ଶେଷ ପର୍ଯ୍ୟନ୍ତ ବିଧାନସଭାରୁ ନିଲମ୍ବନ କରାଯାଇଛି। ସେ ନିଜ ମନ୍ତବ୍ୟ ଫେରାଇନେବା ସତ୍ତ୍ୱେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଅନ୍ୟାୟ ବୋଲି ଆଜ୍‌ମୀ କହିଛନ୍ତି। ଅନ୍ୟପକ୍ଷରେ ମୋଗଲ ସମ୍ରାଟଙ୍କୁ ପ୍ରଶଂସା କରିଥିବା ଆଜ୍‌ମୀଙ୍କୁ ସମାଜବାଦୀ ପାର୍ଟି ବହିଷ୍କାର କରୁ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦାବି କରିଛନ୍ତି।

ଆଜ୍‌ମୀଙ୍କୁ ଗୃହରୁ ନିଲମ୍ବନ କରିବା ନିମନ୍ତେ ମହାରାଷ୍ଟ୍ର ମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ ପ୍ରସ୍ତାବ ଆଣିଥିଲେ। ଔରଙ୍ଗଜେବ୍‌ଙ୍କୁ ପ୍ରଶଂସା କରିବା ଛତ୍ରପତି ଶିବାଜୀ ମହାରାଜ ଏବଂ ତାଙ୍କ ପୁଅ ସମ୍ଭାଜୀ ମହାରାଜଙ୍କ ପ୍ରତି ଅପମାନ ବୋଲି ଶାସକ ଦଳର ସଦସ୍ୟମାନେ କହିଥିଲେ। ଧ୍ୱନିମତରେ ପ୍ରସ୍ତାବ ଗୃହୀତ ହୋଇଥିଲା।



ସୂଚନାଯୋଗ୍ୟ, ଆଜ୍‌ମୀ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ଔରଙ୍ଗଜେବ୍‌ଙ୍କ ଶାସନ କାଳରେ ଭାରତର ସୀମା ଆଫଗାନିସ୍ତାନରୁ ବର୍ମା (ମ୍ୟାନ୍‌ମାର) ଯାଏ ଥିଲା। ଆମ ଜିଡିପି ବିଶ୍ୱ ଜିଡିପିର ୨୪% ରହିଥିଲା ଏବଂ ଭାରତକୁ ଗୋଲ୍ଡେନ୍ ସ୍ପାରୋ କୁହାଯାଉଥିଲା। ସମ୍ଭାଜୀଙ୍କ ସହ ଔରଙ୍ଗଜେବ୍‌ଙ୍କ ଯୁଦ୍ଧ ରାଜନୈତିକ ଥିଲା। ତାଙ୍କର ଏହି ମନ୍ତବ୍ୟକୁ ନେଇ ମଙ୍ଗଳବାର ଗୃହରେ ହଟ୍ଟଗୋଳ ହେବା ସହ ଶାସକ ପକ୍ଷ ତାଙ୍କ ନିଲମ୍ବନ ସହ ଦେଶଦ୍ରୋହ ମାମଲା ରୁଜୁ ଦାବି କରିଥିଲେ।

### ରୁଷିଆ ଶାନ୍ତି ଚାହୁଁଛି, ୟୁକ୍ରେନ୍ ବୁଝାମଣା ପାଇଁ ରାଜି: ଟ୍ରମ୍ପ୍

**ନ୍ୟୁୟର୍କ/ୱାଶିଂଟନ,୫।୩(ପି.ଟି.)**

ରୁଷିଆ ଶାନ୍ତି ପାଇଁ ପ୍ରସ୍ତୁତ ଥିବାର ଦୃଢ଼ ସଙ୍କେତ ଦେଇଛି। ସେହିପରି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ବୁଝାମଣା ଟେବୁଲ୍‌କୁ ଆସିବା ଲାଗି ପ୍ରସ୍ତୁତ ଥିବା ପତ୍ର ଲେଖି ଜଣାଇଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଖଣିଜ ପଦାର୍ଥ ଏବଂ ସୁରକ୍ଷା ଉପରେ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ଜେଲେନ୍‌ସ୍କି ରାଜିଥିବା ଟ୍ରମ୍ପ୍ ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି। ସେ ଆହୁରି କହିଛନ୍ତି, ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟାଇବାକୁ ସେ ମଧ୍ୟ ଅକ୍ଲାନ୍ତ ଉଦ୍ୟମ ଚଳାଇଛନ୍ତି। ୩ ବର୍ଷ ଧରି ଲାଗିରହିଥିବା ଯୁଦ୍ଧରେ ଅନେକ ଲକ୍ଷ ୟୁକ୍ରେନୀୟ ଏବଂ ରୁଷୀୟ ଅକାରଣରେ ପ୍ରାଣ ହରାଇଛନ୍ତି ବା ଆହତ ହୋଇଛନ୍ତି। ଯଥାଶୀଘ୍ର ସମ୍ଭବ ଦୀର୍ଘମିଆଦୀ ଶାନ୍ତି ପାଇଁ ଆଲୋଚନା ଟେବୁଲକୁ ଆସିବା ଲାଗି ୟୁକ୍ରେନ୍ ପ୍ରସ୍ତୁତ ଥିବା ଜେଲେନ୍‌ସ୍କି ଟ୍ରମ୍ପ୍‌ଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

# ଫିଲ୍ମ ଛାଡ଼ିଲେ କିଆରା



**ମୁମ୍ବାଇ**

ଅଭିନେତ୍ରୀ କିଆରା ଆଡ଼ଭାନୀ ଫିଲ୍ମ ଛାଡ଼ିଛନ୍ତି। ପ୍ରକୃତରେ କହିବାକୁ ଗଲେ କିଆରା ଫିଲ୍ମ ଦୁନିଆ ପୂରା ଛାଡ଼ି ନାହାନ୍ତି। କିଛିଦିନ ପାଇଁ ଛାଡ଼ିଛନ୍ତି। କାରଣ ତାଙ୍କ ଜୀବନ ଏବେ ଖୁସିରେ ପରିପୂର୍ଣ୍ଣ। ନିକଟରେ ଅଭିନେତ୍ରୀ ଗର୍ଭବତୀ ଥିବାର ଖବର ଗଣମାଧ୍ୟମ ଏବଂ ପ୍ରଶଂସକଙ୍କ ସହ ଶେୟାର କରିଥିଲେ। ଆଜିକାଲି ସେ 'ଟକ୍ସିକ' ଏବଂ 'ୱାର-୨' ଫିଲ୍ମର ମଧ୍ୟ ଶୁଟିଂ କରୁଛନ୍ତି। କିନ୍ତୁ କିଆରା କୌଣସି ବଡ଼ ଫ୍ରାଞ୍ଚାଇଜ ଫିଲ୍ମର ଅଂଶ ନୁହନ୍ତି। ସେ ଫିଲ୍ମରୁ ନିଜକୁ ଦୂରେଇ ରଖିଛନ୍ତି।

କିଆରା ଡନ୍-୩ ଫିଲ୍ମରୁ ନିଜକୁ ଦୂରେଇ ରଖିଛନ୍ତି। ଫରହାନ ଅଖ୍‌ତର ଏହି ଫିଲ୍ମ ନିର୍ମାଣ କରୁଛନ୍ତି। ଏହି ଫିଲ୍ମରେ ରଣବୀର ସିଂ ମୁଖ୍ୟ ଭୂମିକାରେ ରହିବେ। କିଆରା ଏବେ ତାଙ୍କ ପ୍ରେଗନାନ୍ସି ଉପରେ ଧ୍ୟାନ ଦେବାକୁ ଚାହୁଁଛନ୍ତି। ସ୍ୱାମୀ ତଥା ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଆଜିକାଲି କିଆରାଙ୍କର ଭଲ ଯତ୍ନ ନେଉଛନ୍ତି।

କିଆରା 'ଡନ୍-୩' ଫିଲ୍ମ ଛାଡ଼ିବା ପରେ ଏହାର ନିର୍ମାତା ଏବେ ନୂଆ ନାୟିକା ଖୋଜିବା ଆରମ୍ଭ କରିଛନ୍ତି। ଫିଲ୍ମରେ କିଆରାଙ୍କ ସ୍ଥାନ ନେଇ ରଣବୀର ସିଂଙ୍କ ବିପକ୍ଷରେ କେଉଁ ନାୟିକାଙ୍କୁ କାଷ୍ଟ କରାଯିବ ତାହା କିଛିଦିନ ମଧ୍ୟରେ ଜଣାପଡ଼ିବ। ଏହି ଫିଲ୍ମରେ ବିକ୍ରାନ୍ତ ମେସି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି।

'ଡନ୍' ସିରିଜର ଫିଲ୍ମଗୁଡ଼ିକୁ ଦର୍ଶକ ବହୁତ ପସନ୍ଦ କରିଛନ୍ତି। ଯଦି ଆମେ ଡନ୍ ସିରିଜର ଫିଲ୍ମ ବିଷୟରେ କଥା ହେବା, ତେବେ ଶାହରୁଖ ଖାନ୍ ପ୍ରଥମ ଦୁଇଟି ଭାଗରେ ଡନ୍ ଭୂମିକାରେ ଅଭିନୟ କରିଥିଲେ। ଏବେ ରଣବୀର ସିଂ 'ଡନ୍ -୩'ରେ ଡନ୍ ଭୂମିକାରେ ନଜର ଆସିବେ। ରଣବୀରଙ୍କୁ ସୋସିଆଲ ମିଡିଆରେ ମଧ୍ୟ ଟ୍ରୋଲ କରାଯାଇଥିଲା କାରଣ ସେ କହୁଥିଲେ ଯେ, ସେ ଶାହରୁଖଙ୍କ ପରି ଡନ୍ ଭୂମିକାରେ ଅଭିନୟ କରିପାରିବେ ନାହିଁ।

# ଅଲରାଉଣ୍ଡର ସାୟମୀ


ସାୟମୀ

ସାୟମୀ ଖେର ଇତି ମଧ୍ୟରେ ତେଲୁଗୁ, ମରାଠୀ ଏବଂ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି। ତାଙ୍କ ଅଭିନୀତ 'ଜାଟ୍' ଏବେ ରିଲିଜ ଅପେକ୍ଷାରେ ରହିଛି। ଏଥିରେ ସେ ସନି ଦେଓଲଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ଏହି ଫିଲ୍ମ ବିଷୟରେ ସାୟମୀ କହନ୍ତି, ''ଅବଶ୍ୟ ଏକଥା ସତ ଯେ ଏ ପର୍ଯ୍ୟନ୍ତ ମୁଁ ଯେତୋଟି ହିନ୍ଦୀ ସିନେମାରେ ଅଭିନୟ କରିଛି ସେଗୁଡିକ ମଧ୍ୟରୁ ଗୋଟିଏ ହେଲେ ହିଟ୍ ସାବ୍ୟସ୍ତ ହୋଇନାହିଁ। ଏବେ ରିଲିଜ ଅପେକ୍ଷାରେ ଥିବା 'ଜାଟ୍'କୁ ନେଇ ଅନେକ ଆଶା ରହିଛି। ମୋତେ ଯେଉଁ ଭୂମିକା ମିଳେ ତାହାକୁ ମୁଁ ଦ ବେଷ୍ଟ ଦେବାକୁ ଶତ ପ୍ରତିଶତ ଚେଷ୍ଟା କରେ। ମୋ ଅଭିନୀତ ହିନ୍ଦୀ ସିନେମା ଦର୍ଶକାଦୃତ ହୋଇପାରୁନି, ଏ ନେଇ ନିଶ୍ଚୟ ମନ ଦୁଃଖ ହେଉଛି। ହେଲେ କ'ଣ କରିବି ? ଏସବୁ ଦର୍ଶକଙ୍କ ଉପରେ ହିଁ ନିର୍ଭର କରେ। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହାକୁ ତୁଲାଇବାର ଦକ୍ଷତା ରହିଛି।'' ସାୟମୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ତେଲୁଗୁ ଫିଲ୍ମ 'ରେ'। ସେ ଅଭିନୟ କରିଥିବା ପ୍ରଥମ ହିନ୍ଦୀ ସିନେମା 'ମିର୍ଜା' ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ପୁରସ୍କାର ମିଳିଥିଲେ ମଧ୍ୟ ତାହା ତାଙ୍କର ହିନ୍ଦୀ କ୍ୟାରିୟର ପାଇଁ ସହାୟକ ହୋଇପାରି ନ ଥିଲା।

## ଅତୀତରୁ

–ପୌରାଣିକ କାହାଣୀକୁ ଆଧାର କରି ନିର୍ମିତ ଓଡ଼ିଆ ସିନେମା 'ମଥୁରା ବିଜୟ'ର ଗୀତଗୁଡିକ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ଶ୍ରୀକାନ୍ତ ନନ୍ଦ, ରୂପଲେଖା, ଅନୀତା ଦାସ, ଦୀପା ସାହୁ, ଶରତ ପୂଜାରୀ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

–ଓଡ଼ିଆ ସିନେମା 'ନୀଳମାଧବ'ର ନିର୍ଦ୍ଦେଶନ ଦେଇଥିଲେ ଜଗନ୍ନାଥ ପ୍ରସାଦ ଭଗତ। ରଘୁ ମିଶ୍ର, ମମତା ପ୍ରତିହାରୀ, ଜୟୀ , ଗଡି ପ୍ରମୁଖ କଳାକାରଙ୍କୁ ଏହି ଫିଲ୍ମରେ ଦେଖିବାକୁ ମିଳିଥିଲା।

–'ଅଗ୍ନି ପରୀକ୍ଷା' ଫିଲ୍ମର ନାୟକ ଶ୍ରୀରାମ ପଣ୍ଡା ସାଜିଥିବା ବେଳେ ନାୟିକା ଭୂମିକାରେ ଅଭିନୟ କରିଥିଲେ ମହାଶ୍ୱେତା ରାୟ। ଫିଲ୍ମଟିକୁ ପ୍ରଯୋଜନା କରିଥିଲେ ରାମ ଅବତାର ଜଲାନ୍।

–କବିରାଜ ବିଶ୍ୱନାଥ ମିଶ୍ରଙ୍କ ପ୍ରଯୋଜିତ 'ତପସ୍ୟା'ର ନିର୍ଦ୍ଦେଶନା ଦେଇଥିଲେ ନଗେନ ରାୟ। ଶରତ ପୂଜାରୀ, ଅନୀତା ଦାସ, ଉତ୍ତମ ମହାନ୍ତି ଏବଂ ଦୀପା ସାହୁ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

## ଅଲ୍ଲୀ ବଜରଙ୍ଗୱାଲି



ପ୍ରଯୋଜକ-କମ୍-ଅଭିନେତା ସୋହମ ସିଂ ଏବେ ଏକ ନୂଆ ପ୍ରୋଜେକ୍ଟକୁ ନେଇ ବ୍ୟସ୍ତ ଅଛନ୍ତି। ଏହି ସିନେମାଟିର ଟାଇଟଲ ରହିଛି 'ଅଲ୍ଲୀ ବଜରଙ୍ଗବାଲି'। ଏକ ଭିନ୍ନ ଧରଣର କାହାଣୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଉଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବେ ସୋହମ। ଏ ନେଇ ସେ କହନ୍ତି, ''ଏହି ବିଗ୍ ବଜେଟ୍ ଫିଲ୍ମରେ ଦର୍ଶକ କେବଳ ଆକ୍ସନ ହିଁ ଆକ୍ସନର ମଜା ନେବେ। ତା'ସହ ଫ୍ୟାମିଲିଡ୍ରାମା ମଧ୍ୟ ରହିଛି। ଏହାର କାହାଣୀ ଚୟନ କରିବାକୁ ମୋତେ କମ୍ ପରିଶ୍ରମ କରିବାକୁ ପଡିନାହିଁ। ଚଳିତ ମାସରେ ଏହାର ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି।'' ଫିଲ୍ମଟିର କାଷ୍ଟିଂ କାମ ଚାଲୁ ରହିଛି। ଏହାପୂର୍ବରୁ ସୋହମ 'ଅଜାତଶତ୍ରୁ', 'ଆଇ ଲଭ୍ ୟୁ ପ୍ରିୟା' ଏବଂ 'ରାଉଡି ରାଜା'ରେ ଅଭିନୟ କରିସାରିଛନ୍ତି। ବର୍ତ୍ତମାନ ତାଙ୍କର ହାର୍ଟ ଟୁ ହାର୍ଟ ତରଙ୍ଗ ଟିଭିରେ ପ୍ରସାରିତ ହେବା ସହ ଦର୍ଶକାଦୃତ ହେବାରେ ଲାଗିଛି। ତେବେ ଏହି ନୂଆ ସିନେମାରେ କି ମସଲା ରହିଛି ତାହା ରିଲିଜ ହେଲେ ହିଁ ଜଣାପଡ଼ିବ।

# ମନେରହିବେ ସର୍ବୋତ୍ତମ ଉତ୍ତମ

ଶ୍ରଦ୍ଧାଞ୍ଜଳି


ଉତ୍ତମ ମହାନ୍ତି

କଳା ଈଶ୍ୱରଦତ୍ତ। ଦିନେ ଅଭିନୟ କରିବେ ଆଉ ଏ କ୍ଷେତ୍ରରେ ସମସ୍ତଙ୍କ ପାଇଁ ଏକ ଆଦର୍ଶ ପାଲଟି ଯିବେ ତାହା କେବେ ଚିନ୍ତା କରି ନ ଥିଲେ ନିକଟରେ ପରଲୋକଗତ ତଥା ଓଡ଼ିଆ ସିନେମା ଜଗତର ବିଶିଷ୍ଟ ଅଭିନେତା ଉତ୍ତମ ମହାନ୍ତି। ଦୀର୍ଘ ୪୦ ବର୍ଷ ଧରି ସେ ଓଡ଼ିଆ ସିନେମା ସହ ଜଡିତ ଥିଲେ। ସତରେ 'ସର୍ବୋତ୍ତମ ଉତ୍ତମ'। ତାଙ୍କୁ କାହା ସହ ତୁଳନା କରିବା କଷ୍ଟକର। ୧୯୭୭ରେ ବିଶିଷ୍ଟ ନିର୍ଦ୍ଦେଶକ ସାଧୁ ମେହେର ତାଙ୍କୁ ପ୍ରଥମେ ବଡ ପରଦାରେ ଅଭିନୟ କରିବାର ସୁଯୋଗ ଦେଇଥିଲେ। ଚଳଚ୍ଚିତ୍ରଟି ଥିଲା 'ଅଭିମାନ'। ଆଉ ତା'ପରେ ସେ ଗୋଟିଏ ପରେ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରି ଓଡ଼ିଶାବାସୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି।

ଉତ୍ତମ ମହାନ୍ତିଙ୍କ ସହ ମୁଁ ପ୍ରତ୍ୟକ୍ଷ ଭାବରେ ଜଡିତ ଥିଲି। ବସନ୍ତ ନାୟକଙ୍କ 'ଦଣ୍ଡା ବାଲୁଙ୍ଗା' କଟକର ରିଂ ରୋଡ୍‌ରେ ଶୁଟିଂ ହେଉଥାଏ। ହଠାତ୍ ମୋ ଉପରେ ତାଙ୍କର ଆଖି ପଡିଗଲା। 'ଆରେ ଦିଲୀପ, ଆସ, ସାଙ୍ଗ ହୋଇ ଖାଇବା'। ଏକ ରିକ୍ସାରେ ବସି ସେ ଯିବେ–ଏହି ଶର୍ତ୍ତକୁ ସେ ଏକାଥରେ ଓକେ କରିଥିଲେ।

ଆଉ ଏକ ଘଟଣା। ସେ ସମୟର ବିଶିଷ୍ଟ ନିର୍ଦ୍ଦେଶକ ନିତାଇ ପାଲିତ ତାଙ୍କର 'ରଘୁ ଅରକ୍ଷିତ' ଫିଲ୍ମରେ ଉତ୍ତମଙ୍କୁ ନେବାର ଯୋଜନା ଥିଲା। କିନ୍ତୁ ସାମାନ୍ୟ ଭୁଲ ବୁଝାମଣା ପାଇଁ ନିତାଇଦା' ତାଙ୍କ ସ୍ଥାନରେ ବାଣୀବିହାରରେ ପଢୁଥିବା ଅମରେଶ ଦାସଙ୍କୁ ନେଇଥିଲେ। ଏକଥା ଜାଣିବା ପରେ ସେ ଆଉ ନିଜର ଭାବପ୍ରବଣତାକୁ ରୋକି ନ ପାରି କାନ୍ଦି ପକାଇଥିଲେ। ସେଦିନ ଲିଙ୍ଗରାଜ ହୋଟେଲରେ ସେଠାରେ ଉପସ୍ଥିତ ଦୁଃଖିରାମ ସ୍ୱାଇଁ ଏବଂ ମୁଁ ତାଙ୍କୁ ବୁଝାଇଥିଲୁ ଯେ ଅଭିନୟ ଜୀବନରେ ଏମିତି ଅନେକ ଘଟଣା ଘଟିଥାଏ। ତାକୁ ସାମନା କରି ଆଗକୁ ଯିବାକୁ ପଡିବ।

ଉତ୍ତମଙ୍କୁ ଜଣେ ସଫଳ ନାୟକ କରିବା ପଛରେ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ମହମ୍ମଦ ମହସୀନ, ରାଜୁ ମିଶ୍ର, ସୂର୍ଯ୍ୟ ମିଶ୍ର, ଗୋବିନ୍ଦ ତେଜ, ଶିଶିର ମିଶ୍ର, ରବି କିନ୍ନାଗୀ ଏବଂ ହର ପଟ୍ଟନାୟକ ଆଦିଙ୍କ ଅବଦାନକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ଏକଦା ଉତ୍ତମ ସିନେକ୍ରିଟିକ ପୁରସ୍କାର ଉତ୍ସବରେ ଉପସ୍ଥିତ ଥାଆନ୍ତି। ଓଡ଼ିଆ ସିନେମା 'ଲଳିତା'ର ନାୟିକା ଉମା ଗୋଏଙ୍କାଙ୍କୁ ଯେତେବେଳେ ପୁରସ୍କାର ପାଇଁ ଡକାଗଲା, ସେତେବେଳେ ଉତ୍ତମ ତାଙ୍କ ସ୍ଥାନରୁ ଉଠି ପରିଣତ ବୟସରେ ପହଞ୍ଚିଥିବା ଉମାଙ୍କ ହାତ ଧରି ମଞ୍ଚ ଉପରକୁ ନେଇ ଯାଇଥିଲେ। ଅନ୍ୟପକ୍ଷରେ ତାଙ୍କ ପରି ବିଶିଷ୍ଟ ଅଭିନେତାଙ୍କୁ 'ପଦ୍ମ' ପୁରସ୍କାର ମଧ୍ୟ ମିଳିଲା ନାହିଁ। ସବୁଠାରୁ ବଡ କଥା ହେଲା ଯେ ଜଣେ ପ୍ରଯୋଜକ ଯଦି ଅସୁବିଧାରେ ପଡିଛି ତେବେ ସେ ତାଙ୍କୁ କେବେ ଅସହଯୋଗ କରୁ ନ ଥିଲେ। ତାଙ୍କର ପାର୍ଥିବ ଶରୀର ସିନା ସତ୍ୟନଗର ଶ୍ମଶାନରେ ପଞ୍ଚଭୂତରେ ବିଲୀନ ହୋଇଗଲା, ହେଲେ ସେ ସବୁଦିନ ଆମ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିବେ। ତାଙ୍କର ଧର୍ମପତ୍ନୀ ଅପରାଜିତା, ପୁତ୍ର ବାବୁସାନ ଏବଂ ପରିବାରବର୍ଗଙ୍କୁ ପ୍ରଭୁ ଜଗନ୍ନାଥ ସବୁବେଳେ ସହାୟ ହୁଅନ୍ତୁ ଏବଂ ଉତ୍ତମଙ୍କ ଆତ୍ମା ଶାନ୍ତିରେ ରହୁ–ଏତିକି ପ୍ରାର୍ଥନା।

*–ଦିଲୀପ ହାଲି, ଭୁବନେଶ୍ୱର*
*ମୋ : ୯୮୬୧୦୦୯୨୫୨*

ଛୋଟ ପରଦା

## ତୁମ ବିନା

ଜୀ ସାର୍ଥକର ଅନ୍ୟତମ ଲୋକପ୍ରିୟ ଧାରାବାହିକ 'ତୁମ ବିନା'ରେ ଆସୁଛି ନୂଆ ମୋଡ। ଗତିଶୀଳ କାହାଣୀ ଅନୁସାରେ ନକଲି ଗର୍ଭପାତ ରିପୋର୍ଟ ଅକ୍ଷୟଙ୍କୁ ଚୁପ ରହିବାକୁ ବାଧ୍ୟ କରେ। ଏଭଳି ଘଟଣା ଲକ୍ଷ୍ମୀଙ୍କୁ ଖୁବ କଷ୍ଟ ଦିଏ। ଆଉ ଏସବୁ ରିଚାର ସୁଚିନ୍ତିତ ଯୋଜନା ଅନୁସାରେ ହିଁ ହୁଏ। ଅନ୍ୟପକ୍ଷରେ ଲକ୍ଷ୍ମୀ ଘରୁ ବାହାରି ଯିବାକୁ ନିଷ୍ପତ୍ତି ନିଅନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀଙ୍କ ପ୍ରତି ପ୍ରେମ ଏବଂ ତାଙ୍କ ମାଆଙ୍କ ଚାପ ମଧ୍ୟରେ ଭାଙ୍ଗି ପଡ଼ିଥିବା ଅକ୍ଷୟ ଶେଷରେ ବାଧ୍ୟ ହୋଇ ଲକ୍ଷ୍ମୀଙ୍କୁ ଛାଡି ଦିଅନ୍ତି। ହେଲେ ରିଚାର ନକଲି ଡିଏନଏ ରିପୋର୍ଟର ତଦନ୍ତ କରିବା ପାଇଁ ଅକ୍ଷୟ ନିଷ୍ପତ୍ତି ନିଅନ୍ତି। ଏହି ସମୟରେ ସଂଯୁକ୍ତା ରିଚା ପାଇଁ ଏକ ବେବି ସାୱରର ଆୟୋଜନ କରନ୍ତି ଓ ଲକ୍ଷ୍ମୀଙ୍କୁ ଅପମାନିତ କରିବାକୁ ଜାଣିଶୁଣି ନିମନ୍ତ୍ରଣ କରିଥାନ୍ତି । ତେବେ କାହାଣୀରେ ଆଗକୁ କ'ଣ ଘଟିବ ? ଅକ୍ଷୟ କ'ଣ ଲକ୍ଷ୍ମୀଙ୍କୁ ପୁଣି ଆପଣାଇବେ ? ଏସବୁ ରହସ୍ୟ ଉପରୁ କେବେ ଉଠିବ ପରଦା ? ଏହାର ପ୍ରସାରଣ ସମୟ ରହିଛି ସୋମବାରରୁ ଶନିବାର ରାତ୍ର ୮ଟା।


ପୁଣ୍ୟଶ୍ୱେତା

# ଶାଶୁ ନୁହେଁ ସେ ସୁନାମୀ ଝଡ଼

ଓଡ଼ିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ଚ୍ୟାନେଲରେ ଚଳିତ ମାସ ୯ ତାରିଖ ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ନୂଆ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ଶାଶୁ ନୁହେଁ ସେ ସୁନାମୀ ଝଡ଼'। ଏହି ଫିଲ୍ମର କାହାଣୀର ମୁଖ୍ୟ ହେଉଛନ୍ତି କୋକିଳା। ନିଜର କଠୋର ଓ ଅବିଶ୍ୱାସ ଶାସନ ତଳେ କୋକିଳାଙ୍କ ତିନି ପୁଅ ଅଜୟ, ବିଜୟ ଓ ସଞ୍ଜୟ। ତିନି ବୋହୂ ହେଉଛନ୍ତି ଅନୀତା, କବିତା ଓ ସ୍ମିତା। ସଞ୍ଜୟଙ୍କ ଜୀବନରେ ଏମିତି ଏକ ମୋଡ ଆସେ ଯେବେ ତାଙ୍କର ସ୍ମିତା ସହିତ ଦେଖାହୁଏ। ସ୍ମିତା ଜଣେ ଉତ୍ସାହୀ ଓ ମହତ୍ତ୍ୱାକାଂକ୍ଷୀ ଝିଅ ଯିଏ ସବୁବେଳେ ସମାଜର ମଙ୍ଗଳକାମନା ଚିନ୍ତା କରିଥାନ୍ତି। କିନ୍ତୁ କୋକିଳାଙ୍କ ସହ ତାଙ୍କ ଦେଖା ହେବା ଦ୍ୱାରା ପରିବାରରେ ଉତ୍ତେଜନା ସୃଷ୍ଟି ହୁଏ। ସମୟ ସହିତ କାହାଣୀ ନିଏ ନୂଆ ମୋଡ। ଜଣେ ସାଧୁ ସ୍ମିତାଙ୍କୁ ନିଜର ଇଚ୍ଛା ପୂରଣ କରୁଥିବା ଏକ ଶକ୍ତି ଦିଅନ୍ତି। ହେଲେ ଏହାର ପ୍ରଭାବ କ'ଣ ହେବ ? ଶାଶୁଙ୍କ ପରିବର୍ତ୍ତନ ହେବ କି ? ଏସବୁ ପ୍ରଶ୍ନଗୁଡିକର ଉତ୍ତର ସିନେମାଟିକୁ ଦେଖିଲେ ହିଁ ଜାଣିପାରିବେ। ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଙ୍କିତ ଓ ମିତାଲି। ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି କ୍ଷୀରୋଦ ପଟ୍ଟନାୟକ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ମନୋଜ ସିହ୍ନା। କାହାଣୀ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା ଏବଂ ମାନସ ମଲ୍ଲିକ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରଶାନ୍ତ ପାଢୀ। କଣ୍ଠଦାନ କରିଛନ୍ତି ସ୍ୱୟଂ ପାଢ଼ୀ, ଅନ୍ତରା ଏବଂ ଅର୍ପିତା।


ମିତାଲି–ପ୍ରିୟମ୍ବଦା


ଦିଶା

# ଦୃଢ଼ମନା ଦିଶା

ଦିଶା ପଟାନି ଇତି ମଧ୍ୟରେ ବେଶ୍ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି। ହେଲେ ତାଙ୍କୁ କୁଆଡେ ମନ ପସନ୍ଦର ଭୂମିକାଟିଏ ମିଳିଲା ନାହିଁ। ତେଣୁ ଏ ନେଇ ସେ ଟିକେ ମନ ଉଣା କରିଛନ୍ତି। ହେଲେ ନିଜ ଉପରେ ଦୃଢ଼ ବିଶ୍ୱାସ ମଧ୍ୟ ରଖିଛନ୍ତି। ଦିନେ ନା ଦିନେ ତାଙ୍କୁ ଏଭଳି କେତୋଟି ରୋଲ୍ ମିଳିବ ଯାହାକୁ ଆଧାର କରି ସେ ନିଜକୁ ଜଣେ ଆଗଧାଡିର ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିବେ। ଦିଶାଙ୍କର ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା ତେଲୁଗୁ ଫିଲ୍ମ 'ଲୋଫର' (୨୦୧୫)ରୁ। 'ଏମ.ଏସ.ଧୋନି : ଦ ଅନଟୋଲ୍ଡ ଷ୍ଟୋରି' ଥିଲା ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା। ଉତ୍ତର ପ୍ରଦେଶର ବରେଲୀରେ ଜନ୍ମିତା ଦିଶା ନିଜ କ୍ୟାରିୟର ବିଷୟରେ କହନ୍ତି, 'ଗତ ୧୦ ବର୍ଷ ମଧ୍ୟରେ ମୁଁ ଯେତୋଟି ଫିଲ୍ମରେ ଆକ୍ଟିଂ କରିଛି ସେଥିରୁ ଆତ୍ମତୃପ୍ତି ମିଳିଛି–ଏକଥା ସତ, ହେଲେ ମୋ ମନଲାଖି ଭୂମିକାଟିଏ ଏ ଯାଏଁ ମିଳିଲା ନାହିଁ। ଆଶା ରଖିଛି ଦିନେ ମୋର ଏହି ଆଶା ନିଶ୍ଚୟ ପୂରଣ ହେବ। ବାସ୍, ସେ ପର୍ଯ୍ୟନ୍ତ କେବଳ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ହିଁ ପଡିବ। ଏପର୍ଯ୍ୟନ୍ତ ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି–'ୱେଲକମ୍ ଟୁ ନ୍ୟୁୟର୍କ', 'ବାଗୀ ୨', 'ଭାରତ', 'ମଲଙ୍ଗ', 'ଏକ୍ ଭିଲେନ୍ ରିର୍ଟନସ', 'ୟୋଦ୍ଧା' ଏବଂ 'କଲ୍‌କି ୨୮୯୮ ଏଡି'। ତାଙ୍କ ଅଭିନୀତ 'ୱେଲକମ୍ ଟୁ ଜଙ୍ଗଲ' ଚଳିତ ବର୍ଷ ରିଲିଜ ହେବାର ଯୋଜନା ରହିଛି। ତେବେ ଦିଶାଙ୍କ ମନଲାଖି ଭୂମିକାଟିଏ ତାଙ୍କୁ କେବେ ମିଳୁଛି ତାହା ଦେଖିବାକୁ ବାକି ରହିଲା।

# ସଲ୍ଲୁଙ୍କ ପ୍ରଶଂସାରେ କାଜଲ

କାଜଲ ଅଗ୍ରୱାଲଙ୍କ ମୁହଁରେ ଏବେ ସଲମାନ ଖାଁ ଓରଫ ସଲ୍ଲୁଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଅସଲ କଥା ହେଲା, ବହୁ ଚର୍ଚ୍ଚିତ ହିନ୍ଦୀ ସିନେମା 'ସିକନ୍ଦର'ରେ ସଲମାନଙ୍କ ସହ ସେ ଅଭିନୟ କରୁଛନ୍ତି। ଏହି ବିଗ୍ ବଜେଟ୍ ଫିଲ୍ମଟି ଚଳିତ ବର୍ଷ ଇଦ୍‌ରେ ପରଦା ଉପରକୁ ଆସିବ। ଆକ୍ସନରେ ଭରପୂର ଉକ୍ତ ସିନେମାଟି ବକ୍ସ ଅଫିସରେ ରେକର୍ଡ କରିବ ବୋଲି କେତେକ ସିନେ ସମୀକ୍ଷକ ପୂର୍ବାନୁମାନ କରିଛନ୍ତି। ଅନ୍ୟପକ୍ଷରେ ଚିତ୍ରଟିକୁ ନେଇ ବେଶ୍ ଆଶା ବାନ୍ଧି ବସିଛନ୍ତି କାଜଲ। ଏ ନେଇ କାଜଲ କହନ୍ତି, ''ଏହି ଫିଲ୍ମର କାହାଣୀ ଯେତେବେଳେ ମୁଁ ଶୁଣିଲି, ସେତେବେଳଠାରୁ ମୋ ମନରେ ଗୋଟିଏ କଥା ଉଙ୍କି ମାରିଥିଲା ଯେ, ଏହା ନିଶ୍ଚୟ ଦର୍ଶକାଦୃତ ହେବ। ସଲମାନଙ୍କ ସହ ପ୍ରଥମ ଥର ପାଇଁ ମୁଁ ଅଭିନୟ କରିଛି। ସେ ଜଣେ କୋଅପରେଟିଭ ଆକ୍ଟର। ତାଙ୍କ ଆକ୍ଟିଂକୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ଗତ କିଛି ବର୍ଷ ହେଲା ତାଙ୍କ ସହ ଅଭିନୟ କରିବାକୁ ଆଶା ରଖିଥିଲି। ଯାହାହେଉ ତାହା ଶେଷରେ ପୂରଣ ହୋଇଛି। ଏ ନେଇ ସଲମାନଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।'' 'ସିକନ୍ଦର' ଫିଲ୍ମର ପ୍ରଯୋଜନା କରିଛନ୍ତି ସାଜିଦ ନାଦିୱାଦୱାଲା ଏବଂ ମନୁଜ ମିତ୍ର। ଏହାର ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ଏ.ଆର. ମୁରୁଗୋଡସ। ଏଥିରେ ରଶ୍ମିକା ମାନ୍ଦାନା, ପ୍ରତୀକ ବବର ଏବଂ ଶରମନ ଜୋଶୀ ପ୍ରମୁଖଙ୍କୁ ମଧ୍ୟ ଦେଖିବାକୁ ମିଳିବ।


କାଜଲ

# ଫେରିଛି ରେ ହୋଲି

ରଙ୍ଗର ପର୍ବ ହୋଲି। ଏହାକୁ ନେଇ ପ୍ରେମୀଯୁଗଳଙ୍କ ଆଖିରେ ଆଖିଏ ସ୍ୱପ୍ନ। ପ୍ରେମିକା ଦେହରେ ରଙ୍ଗ ବୋଳି ପ୍ରେମିକ ଚାଲିଯିବା ପରେ କ'ଣ ଘଟୁଛି ? ପ୍ରେମିକର ରଙ୍ଗରେ ରଙ୍ଗିନ ହେବା ପରେ ଆହୁରି କିଛି ଆଶା ରଖିଛି ପ୍ରେମିକା। ସେଥିପାଇଁ ସେ କହୁଛି 'ମୋ ଦେହରେ ରଙ୍ଗ ବୋଳି ଚାଲି ଯିବା ପରେ ମୋ ହୋଲି ଯେମିତି ଅଧୁରା ରହିଯାଉଛି। କିନ୍ତୁ ଏଥର ହୋଲିରେ ପ୍ରେମରେ ରଙ୍ଗରେ ଦୁହେଁ ଭିଜିବାକୁ ପଣ କରିଛନ୍ତି। ହଁ, ଏଭଳି ଏକ ବିଷୟବସ୍ତୁକୁ ଆଧାର କରି ଚଳିତ ହୋଲି ପାଇଁ ପ୍ରସ୍ତୁତ ହୋଇଛି ଏକ ମ୍ୟୁଜିକ୍ ଆଲବମ୍ 'ଫେରିଛି ରେ ହୋଲି'। ସାଗର ଦାସଙ୍କ ରଚିତ ଗୀତକୁ ସ୍ୱର ଦେଇଛନ୍ତି ଶାଶ୍ୱତ ଆଚାର୍ଯ୍ୟ। କଣ୍ଠଦାନ କରିଛନ୍ତି ଅମୀମା ପଣ୍ଡା ଏବଂ ମନ୍ମୟୀ ଏମ.ଏସ.। ସନୋଜ ଏବଂ ଡ୍ୟାନ୍ସ କୁଇନ୍ ଜୟା ବିଶ୍ୱାସଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି। ଖାସ୍ କଥା ହେଲା ଜୟା ଏହାର କୋରିଓଗ୍ରାଫି କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ରୁଦ୍ରାଂଶ ପ୍ରଡକ୍ସନ ବ୍ୟାନରରେ ଏହି ଆଲବମ୍‌ଟିର ପ୍ରଯୋଜନା କରିଛନ୍ତି ଆରପି ଏଣ୍ଟରଟେନମେଣ୍ଟ। ଏହାର କ୍ରିଏଟିଭ ହେଡ ଅଛନ୍ତି ସାରଦା ପ୍ରସନ୍ନ ସ୍ୱାଇଁ।


ସନୋଜ–ଜୟା

# ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କୁ ହତ୍ୟା

■ ୩ ମାସ ତଳେ ଜେଲରୁ ଜାମିନରେ ଆସିଥିଲେ

■ ପାରିବାରିକ ଶତ୍ରୁତାରୁ ଦାଦାଙ୍କୁ ଖଣ୍ଡାରେ ହାଣିଲେ ପୁତୁରା



ହତ୍ୟାକାଣ୍ଡସ୍ଥଳରେ ପୋଲିସ ତଦନ୍ତ କରୁଛି।

**ଖଲ୍ଲିକୋଟ,୫।୩(ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କୁ ବୁଧବାର ଘର ସମ୍ମୁଖରେ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ପାରିବାରିକ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାଯାଇଛି। ମୃତକ ହେଲେ ହରିପୁର ଗ୍ରାମର ରବୀନ୍ଦ୍ର ଦାସ। ତାଙ୍କ ନାମରେ ଖଲ୍ଲିକୋଟ ଥାନାରେ ଏକାଧିକ ମାମଲା ରହିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି।

ନାଏବ ସରପଞ୍ଚ ମିନତି କୁମାରୀ ଦାସଙ୍କ ସ୍ୱାମୀ ରବୀନ୍ଦ୍ର ଗାଁରେ ବେଆଇନ ମଦ ବ୍ୟବସାୟ କରୁଥିବା ବେଳେ ନିଜ ପୁତୁରାମାନଙ୍କ ସହିତ ବ୍ୟବସାୟିକ ଶତ୍ରୁତା ଆରମ୍ଭ ହୋଇଥିଲା। ଗତ ନଭେମ୍ବର ମାସରେ ପୁତୁରାମାନଙ୍କ ଉପରେ ବୋମାମାଡ଼ କରିଥିବା ଅଭିଯୋଗରେ ରବୀନ୍ଦ୍ର ଜେଲ ଯାଇଥିଲେ। ୩ ମାସ ତଳେ ଜାମିନରେ ଆସିବା ପରେ ସ୍ତ୍ରୀଙ୍କ ସହ କଞ୍ଚଣାରେ ରହୁଥିଲେ। ମଙ୍ଗଳବାର ସ୍ୱାମୀ, ସ୍ତ୍ରୀ କମଳାପଦର ଗ୍ରାମକୁ ଏକ ଭୋଜିରେ ଯୋଗ ଦେବା ପାଇଁ ଆସିଥିଲେ। ସେମାନେ ରାତିରେ ଆଉ କଞ୍ଚଣା ନ ଫେରି ହରିପୁରରେ ନିଜ ଘରେ ରହିଯାଇଥିଲେ। ବୁଧବାର ସକାଳୁ ରବୀନ୍ଦ୍ର ଘରୁ ବାହାରିବା ମାତ୍ରେ ୨ ସହଯୋଗୀଙ୍କ ସହ ମିଶି ଦୁଇ ପୁତୁରା ସଂଘବଦ୍ଧ ଭାବେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ରବୀନ୍ଦ୍ରଙ୍କ ମୁଣ୍ଡରେ ବାରମ୍ବାର ଖଣ୍ଡା ଚୋଟ ପଡିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଆକ୍ରମଣକାରୀମାନେ ବୋମାମାଡ଼ କରି ରବୀନ୍ଦ୍ରଙ୍କ ବୁଲେଟ ଓ ମୋବାଇଲ ଫୋନ ଲୁଟି ନେଇ ଚମ୍ପଟ ମାରିଥିବା ସ୍ତ୍ରୀ ମିନତି ଅଭିଯୋଗ କରିଛନ୍ତି। ଖବରପାଇ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ଥାନା ଏସଆଇ ଦେବଦତ୍ତ ପ୍ରିୟଦର୍ଶୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏସଡିପିଓ ଘଡେଇ କହିଛନ୍ତି ଯେ, ପାରିବାରିକ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ତଦନ୍ତ ଚାଲିଛି। ତଦନ୍ତ ପରେ କେଉଁ କାରଣ ଯୋଗୁ ରବୀନ୍ଦ୍ରଙ୍କୁ ହତ୍ୟା କରାଗଲା ତାହା ସ୍ପଷ୍ଟ ହେବ ଏବଂ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ଏସଡିପିଓ କହିଛନ୍ତି। ଏ ନେଇ ନଂ.୧୮୧/୨୫ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଦୋଷୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

### ନାବାଳିକା ବଳାତ୍କାର ମାମଲା

**କେନ୍ଦୁଝର,୫।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଏହାର ବିଚାରକରି ଦୋଷୀଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୁକ୍ତ ହେଲେ ସଦର ଥାନା ଅଧୀନ ନୂଆଗାଁ ଗ୍ରାମର କୁନୁ ଓରଫ ଜଗନ୍ନାଥ ମୁଣ୍ଡା(୨୦)। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଅକ୍ଟୋବର ୪ରେ ଅଭିଯୁକ୍ତ ପୀଡ଼ିତାଙ୍କ ଘରକୁ ଯାଇ ଯାତ୍ରା ଦେଖାଇବା ପାଇଁ କହି ଝୁମ୍ପୁରାକୁ ନେଇଥିଲେ। ବାଟରେ ଏକ ନିଛାଟିଆ ସ୍ଥାନରେ ନାବାଳିକାଙ୍କୁ ସେ ବଳାତ୍କାର କରିଥିବା ନେଇ ପୀଡ଼ିତାଙ୍କ ମାଆ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୪୦୨/୨୦୨୨) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ।

## ଶାଶୁଙ୍କୁ ଆଜୀବନ ଜେଲ

### ଯୌତୁକ ଦାବିରେ ବଧୂହତ୍ୟା ମାମଲା

**କେନ୍ଦୁଝର,୫।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଏଡିଜେ କୋର୍ଟରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମମିତା ଦାସ ଏହାର ବିଚାରକରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରାଯାଇଛି । ଅଭିଯୁକ୍ତ ହେଲେ କେନ୍ଦୁଝର ସଦର ଥାନା ଅନ୍ତର୍ଗତ କାଠବାଉଁଶୂଳୀ ଗୋପାଳ ସାହିର ସାଇବାଣୀ ବାରିକ (୫୫)।

ମାମଲାର ବିବରଣୀ ଅନୁଯାୟୀ, ବାମେବାରୀ ଥାନା ଅଧୀନ ବସନ୍ତପୁର ଗ୍ରାମର ଯୋଗେନ୍ଦ୍ର ମହାକୁଡ଼ଙ୍କ ଝିଅ ସୁସ୍ମିତାଙ୍କୁ ୯ ବର୍ଷ ତଳେ ସଦର ଥାନା ଅନ୍ତର୍ଗତ କାଠବାଉଁଶୂଳୀ (ଗୋପାଳସାହି)ର ସୁରଥ ବାରିକ ବୈଦିକ ରୀତିରେ ବିବାହ କରିଥିଲେ। କିନ୍ତୁ ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ସୁସ୍ମିତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଘଟଣା ଦିନ ସୁସ୍ମିତାଙ୍କୁ ଶାଶୁ ସାଇବାଣୀ କିରୋସିନ ଢାଳି ପୋଡ଼ିଦେଇଥିଲେ। ଚିତ୍କାର ଶୁଣି ଗାଁ ଲୋକେ ସୁସ୍ମିତାଙ୍କୁ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତିକରିବା ସହ ତାଙ୍କ ବାପଘର ଲୋକଙ୍କୁ ଖବର ଦେଇଥିଲେ। ସୁସ୍ମିତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ମେଡିକାଲ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ୮।୨।୨୦୨୧ରେ ସୁସ୍ମିତା ବାପା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଶାଶୁ ସାଇବାଣୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ପ୍ରଫୁଲ୍ଲ କୁମାର ପାତ୍ର କେଶ ପରିଚାଳନା କରୁଥିଲେ।

# ୨ ନାବାଳିକା ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

■ ଶିକ୍ଷୟିତ୍ରୀ,ଶିକ୍ଷକ ଥାନାରେ ଅଟକ

■ ପୋଲିସର ତଦନ୍ତ ଜାରି

**ରାଜକନିକା,୫।୩(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଧୀନ ଏକ ସ୍କୁଲର ୨ଜଣ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଶନିବାର ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଭାବକମାନେ ସମ୍ପୃକ୍ତ ଶିକ୍ଷକଙ୍କୁ ଟଣାଓଟରା କରିବା ସହ ପୋଲିସ ଜିମା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଶିକ୍ଷକ କୈଳାସ ଚନ୍ଦ୍ର ସାହୁ ଓ ଶିକ୍ଷୟିତ୍ରୀ ଫୁଲମଣୀ ମୁର୍ମୁଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ପୋଲିସ ଦଫା ୬୫(୨)/୭୫, ୬୭/ ୧୧୫(୨), ୩୫୧(୨)(୩) ୩୫୧(୩)(୫), ୬ ପୋକ୍‌ସୋ ଆକ୍ଟ ବିଏନ୍‌ଏସ୍‌ରେ ଏକ ମାମଲା (ନଂ.୧୧୫/୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ ସୂଚନା ଦେଇଛନ୍ତି। ଉଭୟ ଛାତ୍ରୀଙ୍କ ମା’ ଅଭିଯୋଗରେ ଦର୍ଶାଇଛନ୍ତି,ଶିକ୍ଷକ ସାହୁ ଉଭୟ ଛାତ୍ରୀଙ୍କୁ ନେଇ ଏକ ଘରେ ଅସଦାଚରଣ କରିଥିଲେ। ଏହି ଘଟଣାରେ ଶିକ୍ଷୟିତ୍ରୀ ଫୁଲମଣୀ ମୁର୍ମୁ ସହାୟତା କରିବା ସହ ଛାତ୍ରୀଙ୍କୁ ଅଶ୍ଳୀଳ ଭିଡିଓ ଦେଖାଉଥିଲେ। ଏପରି କି ଏହି ଘଟଣାକୁ ଘରେ କହିଲେ ହତ୍ୟା ଧମକ ଦେଇଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶିକ୍ଷକ ସାହୁ କହିଛନ୍ତି,ପିଲାମାନଙ୍କୁ ତାଗିଦ କଲେ ଏପରି ଦଣ୍ଡ ମିଳେ। ମୋ ବିରୋଧରେ ହୋଇଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ ।

# ଦ୍ୱିତୀୟ ଦିନରେ ରାଜା ଚକ୍ରଙ୍କ ଘରେ ଚଢ଼ାଉ ଜାରି, ୨୦୦ ବେନାମୀ ଆକାଉଣ୍ଟ ଠାବ

### ୫୦ କୋଟି ହେରଫେର ମାମଲା

**ଭୁବନେଶ୍ୱର,୫।୩(ସତ୍ୟଜିତ୍ ରାଉତ)**





ରାଜା ଚକ୍ର(ବାମ), ଜବତ ଗାଡ଼ି।

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ପ୍ରାୟ ୫୦କୋଟି ଟଙ୍କା ହେର୍‌ଫେର୍ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ କେନ୍ଦୁଝରର ବିଜେଡି ନେତା ସୌମ୍ୟ ଓରଫ ରାଜା ଚକ୍ରଙ୍କ ଘରେ ଚଢ଼ାଉ ଜାରି ରହିଛି। ବୁଧବାର ଦ୍ୱିତୀୟ ଦିନରେ ରାଜାଙ୍କ ୬ଟି ସ୍ଥାନରେ ଯାଞ୍ଚ ଚାଲିଥିବା ସୂଚନା ମିଳିଛି। କେନ୍ଦୁଝର, କୋଇଡ଼ା, ଧାମରା, ଗୋପାଳପୁର ଆଦି ସ୍ଥାନରେ ଇଓଡବ୍ଲ୍ୟୁ ଅଧିକାରୀମାନେ ମିଳିତ ଭାବେ ଖୋଳତାଡ଼ କରୁଛନ୍ତି। ତେବେ ଇଓଡବ୍ଲ୍ୟୁ ଦୁଇଦିନର ଯାଞ୍ଚରେ ଏକାଧିକ ଲୋକଙ୍କୁ ପଚରାଉଚରା କରିବା ସହ ମାମଲା ସମ୍ବନ୍ଧୀୟ ବହୁ ଦସ୍ତାବିଜ୍ ଜବତ କରିଛି। ତେବେ ବଡ଼କଥା ହେଲା ରାଜାଙ୍କ ୨୦୦ଟି ବେନାମୀ ଆକାଉଣ୍ଟ ମଧ୍ୟ ଇଓଡବ୍ଲ୍ୟୁ ଟିମ୍ ଠାବ କରିଛି। ଏହି ଆକାଉଣ୍ଟଗୁଡ଼ିକରେ ବ୍ୟାପକ ଟଙ୍କା କାରବାର ହୋଇଥିବା ଜଣାପଡିଛି। ସେହିପରି ରାଜାଙ୍କ ୨୦ଟି ମାଲବାହୀ ଗାଡ଼ି ମଧ୍ୟ ଇଓଡବ୍ଲ୍ୟୁ ପକ୍ଷରୁ ଜବତ କରାଯାଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଏହି ମାମଲାରେ ଇଓଡବ୍ଲ୍ୟୁ ଗତ ଫେବୃଆରୀ ୮ରେ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋଅପରେଟିଭ ଲିମିଟେଡର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ ଗିରଫ କରିଥିଲା। ତଦନ୍ତ ସମୟରେ ଏହି ଠକେଇ ଲିଙ୍କ୍‌ରେ ରାଜାଙ୍କ ସମେତ ଅନେକ ପ୍ରଭାବଶାଳୀ ଲୋକଙ୍କ ସମ୍ପୃକ୍ତି ଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇ ଅଧିକ ଛାନଭିନ୍ ଚଳାଇଛି। ସୋମବାର ରାଜା ଚକ୍ରଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଡାକି ଇଓଡବ୍ଲ୍ୟୁ ଜେରା କରିଥିଲା। ସେପଟେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଆୟକର ଟିମ୍ ଇଓଡବ୍ଲ୍ୟୁଠାରୁ ତଥ୍ୟ ନେଇ ଖୋଳାତାଡ଼ କରୁଛି।

# ଚୋର ହାତରେ ବାଇକ୍, ମାଲିକଙ୍କୁ ଚାଲାଣ

### ବାଇକ୍ ଧରି ପାରୁନି, ହେଲେ ଚାଲାଣ କାଟୁଛି ପୋଲିସ

**ସମ୍ବଲପୁର,୫।୩(ଭବାନୀ ଶଙ୍କର ଭୋଇ)**



Transport Department Odisha
Office Name: JHARSUGUDA
Challan Date: 19-02-2025 22:32:05
Vehicle Class: M-Cycle/Scooter(2WN)
Challan no: OR63172250219223205
Vehicle no: OR15R8171
Engine no / Motor No: HA11EDB9L*****
Owner's Name: M******D I*******A K**N
Violator Contact No: *******272
Driver's name: M******D I*******A K**N
Father's name: A*******A K**N
DL no.: No DL
Place of incident: SARBAHAL FATAK
Document Impounded: No Document Impounded
Witness name: 1. RINA EKKA,SUJATA SUNANI,REENA MERY SURIN,JYOTI BARLA,M MEHER,S R ROUTRAY(OMVD CONSTABLES)
Offences Charged with: 1: 194(D) Driving without helmet ( 194(D) )[Fine - 1000]
Penalty specified against above offences charged (in numerals and words): 1000/-
Rupees: One Thousand Rupees only
Remarks: Unified Command Control Room,E-Detection Cell,DPO,Jharsuguda
The temporary authorization of impounded document shall be valid till (date) ........ or till the validity of the original document, whichever is earlier
For Online Payment
https://echallan.parivahan.gov.in/index/accused-challan
Signature / Name and signature of Officer: ANINDITA MOHARATHA (anindita@echallan.in) Traffic Inspector
(Bond under sec 213(5)(e) of Motor Vehicles Act,1988)

ହେଲ୍‌ମେଟ ପିନ୍ଧି ନ ଥିବାରୁ ସରବାହାଲରେ କଟାଯାଇଥିବା ଇ- ଚାଲାଣ।

ସମ୍ବଲପୁର ସୁନାପାଲି ନିବାସୀ ମହମ୍ମଦ ଇନାୟତୁଲା ଓରଫ ମୁନା ଖାନଙ୍କ ବାଇକ(ନଂ.ଓଆର ୧୫ ଆର ୮୧୭୧) ୨୦୨୪ ଫେବୃଆରୀ ୧୯ରେ ଚୋରି ହୋଇଯାଇଥିଲା। ବାଇକ ଚୋରି ନେଇ ସେ ଧନୁପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ପୋଲିସ ଚୋରି ବାଇକ ଉଦ୍ଧାର କରିପାରିନାହିଁ କି ଚୋର ମଧ୍ୟ ଧରାପଡ଼ିନାହିଁ। ବର୍ଷେରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିବାରୁ ମୁନା ବାଇକ ଫେରି ପାଇବା ନେଇ କୌଣସି ଆଶା ରଖି ନ ଥିଲେ। ତେବେ ୨୦୨୫ ଫେବୃଆରୀ ୧୯ରେ ହେଲମେଟ ନ ପିନ୍ଧି ଗାଡି ଚଳାଉଥିବା କାରଣରୁ ତାଙ୍କ ମୋବାଇଲକୁ ୧ ହଜାରେ ଟଙ୍କାର ଫାଇନ କଟାଯାଇଥିବା ନେଇ ଏକ ମେସେଜ ଆସିଥିଲା। ଉକ୍ତ ଦିନ ପୂର୍ବାହ୍ନ ୧୦ଟା ୩୨ରେ ସରବାହାଲଠାରେ ଝାରସୁଗୁଡ଼ା ପୋଲିସ ପକ୍ଷରୁ ଇ-ଚାଲାଣ କଟାଯାଇଥିବା ଦେଖି ସେ ଚକିତ ହୋଇଥିଲେ। ଏ ନେଇ ସେ ଧନୁପାଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅନ୍ୟପକ୍ଷରେ ତାଙ୍କ ଘର ନିକଟରୁ ବାଇକ ଚୋରି ପରେ ମୁନା ଧନୁପାଲି ଥାନାରେ ଏତଲା ଦେଇଥିଲେ। ବାଇକ ଚୋରିର ୩ ମାସ ପରେ ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଗତ ଡିସେମ୍ବରରେ ଆଉ ବାଇକ ମିଳିବାର ସମ୍ଭାବନା ନ ଥିବାରୁ କେସ ପ୍ରତ୍ୟାହାର କରିନେବା ପାଇଁ ଏସ୍‌ଡିଜେଏମ କୋର୍ଟରୁ ତାଙ୍କ ନିକଟକୁ ଫୋନ ଆସିଥିଲା। ଅନନ୍ୟୋପାୟ ହୋଇ ଡିସେମ୍ବର ମାସରେ ବାଇକ ମାଲିକ କେସ୍‌କୁ ପ୍ରତ୍ୟାହାର କରି ନେଇଥିଲେ। ଏବେ କିନ୍ତୁ ଚାଲାଣ କଟିବା ପରେ ବାଇକ୍ ଝାରସୁଗୁଡାରେ କେହି ବ୍ୟବହାର କରୁଥିବା ନେଇ ସ୍ପଷ୍ଟ ଜଣାପଡୁଛି। ତେବେ ପୋଲିସ ତତ୍ପରତା ଦେଖାଇଥିଲେ ଚୋରି ବାଇକ ଫେରି ପାଇ ଥାଆନ୍ତେ ବୋଲି ମୁନା ଖାନ କହିଛନ୍ତି। ଅନ୍ୟପକ୍ଷରେ ଧନୁପାଲି ପୋଲିସ ଅନୁସାରେ ବାଇକ ଚୋରି କେସ୍ ପ୍ରତ୍ୟାହାର ହୋଇ ସାରିଥିବାରୁ ଏବେ ସମ୍ପୃକ୍ତ ବାଇକ୍ ଚୋରି ହେବା ନେଇ ଥାନାରେ କୌଣସି ମାମଲା ନାହିଁ। ଏହି ପରିସ୍ଥିତିରେ ଆଗକୁ କ’ଣ କରିବେ ସେ ନେଇ ଆଇନଜୀବୀଙ୍କ ପରାମର୍ଶ ନେଉଥିବା ବାଇକ ମାଲିକ ମୁନା ଖାନ କହିଛନ୍ତି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଙ୍କିଲେ ଧୋବ ଲୁଗା ଛିଡ଼ିଯିବ**
**ପାଳ ଦଉଡ଼ିଆ ଘଇତା ଥାଇ କିସ କରିବ ?**

ଲୁଗା ଏତେ ପତଳା ବା ପୁରୁଣା ହୋଇଗଲାଣି ଯେ ସାମାନ୍ୟ ଛିଙ୍କିଦେଲେ ବି ଛିଡ଼ିଯାଉଛି। ଉତ୍କଟ ଦାରିଦ୍ରାବସ୍ଥା। ସ୍ୱାମୀ ଯେବେ ଅଯୋଗ୍ୟ ଅପାରଗ ହୁଏ ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲିଯାଏ। ଘରର ଅଭାବ ପୂରଣ କରିବା କଷ୍ଟସାଧ୍ୟ ହୋଇଯାଏ। ସ୍ୱାମୀର ଅଯୋଗ୍ୟ ପଣକୁ ଧିକ୍କାର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛିଲୋ ରଙ୍କୁଣି ମୁଣ୍ଡରେ ଉକୁଣି**
**ପୋଖରୀ ମାଟି ଦହଲା**
**ତୋର ସଙ୍ଗେ ଯାହା ପୀରତି କରିବି**
**ଛେଳି ରଖିବାର ଭଲା !**

ଯାହାର ଆଚାର ବିଚାର ତଥା ହାବଭାବ ଭଲ ଲାଗି ନ ଥାଏ ତା’ଠାରୁ ମନ ସ୍ୱତଃପ୍ରବୃତ୍ତ ଛାଡ଼ିଯାଇଥାଏ। ଏପରିସ୍ଥଳେ ଉକ୍ତ ବ୍ୟକ୍ତି ସହ ସମ୍ପର୍କ ରଖିବା କାଠିକର ପାଠ ହୋଇଯାଇଥାଏ। ପ୍ରେମକୁ ପ୍ରତ୍ୟାଖ୍ୟାନ କରିବା ବା ପୀରତି ପ୍ରତି ଛେଉଲ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସ୍ତ୍ରୀଙ୍କୁ ମାଡ଼ମାରି ସ୍ୱାମୀ ଗିରଫ

**ଭୁବନେଶ୍ୱର,୫।୩(ସୂର୍ଯ୍ୟକାନ୍ତ ବେହେରା)**

ସ୍ତ୍ରୀଙ୍କୁ ମାଡ଼ମାରିବା ସ୍ୱାମୀଙ୍କୁ ମହଙ୍ଗା ପଡ଼ିଛି। ମାଡ଼ ଓ ନିର୍ଯାତନା ଅସହ୍ୟ ହେବାରୁ ସ୍ୱାମୀଙ୍କ ବିରୋରେ ସ୍ତ୍ରୀ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ସ୍ୱାମୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ୟୁନିଟ-୮ ନାରାୟଣ ବସ୍ତିର ପ୍ରହ୍ଲାଦ ନାୟକ। ଅଭିଯୁକ୍ତ ଜଣକ ପୂର୍ବରୁ ମଧ୍ୟ ରଣପୁର ଥାନାର ଏକ ମାମଲାରେ ଜଡ଼ିତ ଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ, ପୀଡ଼ିତା ରଞ୍ଜୁ ନାହାକ ପ୍ରହ୍ଲାଦଙ୍କୁ ୧୭ବର୍ଷ ତଳେ ବିବାହ କରିଥିଲେ। ଉଭୟଙ୍କ ଦୁଇ ପୁତ୍ର ସନ୍ତାନ ଅଛନ୍ତି। କୌଣସି ଏକ ବ୍ୟକ୍ତିଗତ ସମସ୍ୟାକୁ କେନ୍ଦ୍ର କରି ଉଭୟ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଭାବେ ଝଗଡ଼ା ହେଉଥିଲା। ଝଗଡ଼ା ବେଳେ ଅଭିଯୁକ୍ତ ଦୁଇପୁଅଙ୍କ ସମୁଖରେ ରଞ୍ଜୁଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମଧ୍ୟ ମାରୁଥିଲେ। ଏନେଇ ରଞ୍ଜୁ ବାଧ ହୋଇ ଥାନାରେ ଦ୍ୱାରସ୍ଥ ହୋଇଥିଲେ।

## ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ

■ ନାବାଳିକା ୮ ମାସର ଗର୍ଭବତୀ

■ ଅଭିଯୋଗ ପରେ ଥାନାରେ ନାବାଳକ

**ସାବରଙ୍ଗ,୫।୩(କାଳିପଦ ରାୟ)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ନାୟକାଣିଡିହୀ ଥାନା ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ହୋଇଛନ୍ତି। ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିବା ଅଭିଯୋଗରେ ଜଣେ ନାବାଳକଙ୍କୁ ପୋଲିସ ହେପାଜତକୁ ନେଇଛି। ନାବାଳିକା ଜଣକ ୮ ମାସର ଗର୍ଭବତୀ ହେବା ପରେ ଘଟଣା ପଦାକୁ ଆସିଥିଲା। ନାବାଳିକାଙ୍କ ମା’ ଏନେଇ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୭/୨୫) ରୁଜୁ କରି ଘଟଣାର ତଦନ୍ତ କରିଛି। ନାବାଳିକାଙ୍କ ଡାକ୍ତରୀମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ଘଟଣାରେ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ନାବାଳକଙ୍କ ଡାକ୍ତରୀମାଇନା କରାଯାଇଥିବା ବେଳେ ଗୁରୁବାର ତାଙ୍କୁ ଭଦ୍ରକ ମାଜିଷ୍ଟ୍ରେଟଙ୍କ ପାଖରେ ହାଜର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମହେଶ୍ୱର ପ୍ରଧାନ କହିଛନ୍ତି।

# ସିବିଆଇ ଜାଲରେ ଶ୍ରମିକ ଠିକାଦାର, ବ୍ୟବସାୟୀ




ପରମାଣପୁରସ୍ଥିତ ଯୋଗାଣ ବିଭାଗ ଠିକାଦାରଙ୍କ ଘର ସମ୍ମୁଖରେ ସିବିଆଇ ଟିମ୍।



ଯୋଗାଣ ବିଭାଗ ଠିକାଦାରଙ୍କ ଘର।

■ ଠିକାଦାରଙ୍କ ପୁଅକୁ ଉଠାଇନେଲା ସିବିଆଇ

■ ଅତାବିରାରେ କକା, ପୁତୁରାଙ୍କ ଘରେ ଚଢ଼ାଉ

**ବରଗଡ଼/ସରଣ୍ଡା,୫।୩(ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରାରେ ବୁଧବାର ସକାଳ ୮ଟାରେ ସିବିଆଇ ଚଢ଼ାଉ କରିଛି। ସିବିଆଇର ୧୦ ଜଣିଆ ୨ଟିମ୍ ଏଠାକୁ ପହଞ୍ଚି ନିକଟସ୍ଥ ପରମାଣପୁର ଗ୍ରାମର ଖାଦ୍ୟ ଓ ଯୋଗାଣ ବିଭାଗର ଶ୍ରମିକ ଠିକାଦାର ଜି. ସତ୍ୟନାରାୟଣ ଏବଂ ଅତାବିରାର ବ୍ୟବସାୟୀ ଜି. ନରସିଂହ ମୂର୍ତ୍ତିଙ୍କ ଘରେ ଚଢ଼ାଉ ଜାରି ରଖିଛନ୍ତି। ସତ୍ୟନାରାୟଣ ଏବଂ ନରସିଂହ ମୂର୍ତ୍ତି ସମ୍ପର୍କରେ ପୁତୁରା ଏବଂ କାକା। କେଉଁ କାରଣ ନେଇ କକା, ପୁତୁରା ଘରେ ଏହି ଚଢ଼ାଉ ଚାଲିଛି ତାହା ଏ ଯାଏ ସ୍ପଷ୍ଟ ହୋଇ ନ ଥିବା ବେଳେ ବେଆଇନ ଅର୍ଥ କାରବାରରେ କେତେବେଳେ ବଡ଼ବଡ଼ିଆ ଅଧିକାରୀଙ୍କ ସମ୍ପୃକ୍ତି ଏବଂ ରାଜନୈତିକ ଲିଙ୍କ୍ ରହିଥିବା ସୂଚନା ପାଇ ସିବିଆଇ ଏହି ଚଢ଼ାଉ କରିଥିବା ସାଧାରଣରେ ଆଲୋଚନା ହେଉଛି।

ସକାଳ ପ୍ରାୟ ୮ଟାରେ ସିବିଆଇର ୨ଟିମ୍ ୨ଟି କାର୍‌ରେ ପ୍ରଥମେ ପରମାଣପୁର ଆନ୍ଧ୍ରପଡ଼ାରେ ରହିଥିବା ସତ୍ୟନାରାୟଣଙ୍କ ଘରେ ପହଞ୍ଚିଥିଲେ। ସେଠାରେ ତାଙ୍କ ଘରେ ତନାଘନା କରିବା ସହିତ ସତ୍ୟନାରାୟଣଙ୍କ ପୁଅ ଜି. ଉମା ମହେଶଙ୍କୁ ସିବିଆଇର ଏକ ଟିମ୍ କାର୍ ଯୋଗେ ଗୌଡ଼ଟିକ୍ରାରେ ରହିଥିବା ତାଙ୍କ ଧାନ ବିହନ ଡିପୋକୁ ଉଠାଇ ନେଇଥିଲେ। ସେଠାରେ ସେହି ଟିମ୍ ତାଙ୍କୁ ପଚରାଉଚରା କରିଥିବାବେଳେ ଅନ୍ୟ ଟିମ୍ ସତ୍ୟନାରାୟଣଙ୍କ ଘରେ ଉପସ୍ଥିତ ରହି ତନାଘନା ଚଳାଇଥିଲେ। ତାଙ୍କ ଘରୁ ବିଭିନ୍ନ କାଗଜାତ ଜବତ କରିବା ସହିତ ତାଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ଆକଳନ କରିଥିଲେ।

ପରେ ସିବିଆଇ ଟିମ୍ ଅତାବିରା ଶାନ୍ତିପଡ଼ାସ୍ଥିତ ସତ୍ୟନାରାୟଣଙ୍କ କକା ନରସିଂହ ମୂର୍ତ୍ତିଙ୍କ ବାସଭବନକୁ ପହଞ୍ଚିଥିଲେ। ଚଢ଼ାଉ ସମୟରେ ନରସିଂହ ମୂର୍ତ୍ତି ଅନୁପସ୍ଥିତ ଥିବାବେଳେ ସିବିଆଇ ଟିମ୍ ସେଠାରେ ତାଙ୍କ ଏକ ଘରକୁ ସିଲ୍ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ପଚାରିବାରୁ ସିବିଆଇ ପକ୍ଷରୁ କୌଣସି ସୂଚନା ମିଳି ନ ଥିବା ବେଳେ ଚଢ଼ାଉ ଜାରି ରହିଛି। ଚଢ଼ାଉ ସରିବା ପରେ ସିବିଆଇ ଅଧିକାରୀମାନେ ସୂଚନା ଦେବା ପରେ କାରଣ ଜଣାପଡ଼ିବ।

## ସଂକ୍ଷେପରେ

### ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ ଦାବି

**ପଦ୍ମପୁର,୫।୩(ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡର ୬ଟି ଯାକ ବ୍ଲକରେ ଗାଡି ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି। ଏଥିପାଇଁ ପଦ୍ମପୁରଠାରେ ଏକ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଦୀର୍ଘ ଦିନ ଦେବ ଦାବି ହୋଇଆସୁଛି। ବିଭିନ୍ନ ସମୟରେ ପ୍ରତିଶ୍ରୁତି ମିଳିଥିଲେ ମଧ ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଝାରବନ୍ଧ, ପାଇକମାଳ ବ୍ଲକରୁ ବରଗଡ଼ ଯିବା ପାଇଁ ପ୍ରାୟ ୧୦୦ରୁ୧୫୦ କିଲୋମିଟର ଦୂର ପଡ଼ିଥାଏ। ଏହି ଉପଖଣ୍ଡର ଜନସାଧାରଣ ସାଧାରଣ ବାଇକଟିଏ କିଣିଲେ ପଞ୍ଜୀକରଣ ପାଇଁ ବରଗଡ଼କୁ ଦୌଡ଼ି ଥାନ୍ତି। ସେହିପରି ଲାଇସେନ୍ସ ପାଇଁ ଯାଉଥିବା ନୂଆ ଚାଳକ ବାରମ୍ବାର ଯାଇ ଦଲାଲ ହାବୁଡ଼ରେ ପଡି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପଦ୍ମପୁରଠାରୁ ବରଗଡ଼ ୮୦ କିଲୋମିଟର ପଡୁଥିବାରୁ ବିଭାଗ ପକ୍ଷରୁ ପଦ୍ମପୁର ଆସି ସବୁବେଳେ ଗାଡିମୋଟର ଯାଞ୍ଚ ହୋଇ ପାରୁନାହିଁ। ଯାହାକିଭାରିଯାନଗୁଡ଼ିକ କ୍ଷମତାଠାରୁ ଅଧିକ ମାଲ ବୋଝେଇ କରି ରାଜସ୍ୱ ମଧ କ୍ଷତି କରୁଛନ୍ତି। ଏହି ଦୃଷ୍ଟିରୁ ପଦ୍ମପୁରଠାରେ ଏକ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ଥାପନ କରାଗଲେ ଜନସାଧାରଣ ଉପକୃତ ହେବା ସହିତ ରାଜସ୍ୱ ବୃଦ୍ଧି ପାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ବୀରମହାରାଜପୁରରେ ବିଜୁ ଜୟନ୍ତୀ

**ଅମରପାଲି,୫।୩(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ବୁଧବାର ପାଳିତ ହୋଇଯାଇଛି। ବୀରମହାରାଜପୁର ବସ୍‌ଷ୍ଟାଣ୍ଡ ନିକଟସ୍ଥ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳ ତରଫରୁ ମାଲ୍ୟାର୍ପଣ କରାଯାଇଥିଲା । ରାଜ୍ୟ ସରକାର ଙ୍କ ଦ୍ୱାରା ପଞ୍ଚାୟତ ରାଜ ଦିବସ ପାଳନ ତାରିଖ ପରିବର୍ତ୍ତନ କରିଥିବାର ଦଳ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ବିଜେଡି ଉପସଭାପତି କିଶୋର ହୋତା, ଜିଲା ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାରାୟଣ ପଣ୍ଡା, ଚମ୍ପମାଳ ସରପଞ୍ଚ ମହେନ୍ଦ୍ର ଜଗଦଳା, ହିଲୁଙ୍ଗ ସମିତି ସଭ୍ୟ ଶୈଳ ରଞ୍ଜନ ବାଦୀ, ରମେଶ ଦେହୁରୀ, ସୁରୁ ନାରାୟଣ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ ।


ବିଜେପୁର ବ୍ଲକ ଗୁଡ଼ିମୁଣ୍ଡା ଗ୍ରାମ ବନ୍ଧାକୋବି କିଆରିରେ ଛେଳି ଚରୁଛନ୍ତି।

# ବନ୍ଧାକୋବି କିଆରିରେ ଗୋରୁ, ଛେଳି ଛାଡ଼ିଲେ ଚାଷୀ

**ବରଗଡ଼,୫।୩(ପ୍ରେମାନନ୍ଦ ଖମାରୀ)**

- ଟମାଟୋ ଭଳି ବନ୍ଧାକୋବିରେ ବି ଅଭାବୀବିକ୍ରି
- ବିଲରେ କିଲୋ ୨ଟଙ୍କା, ବଜାରରେ ୧୦ଟଙ୍କା
- ଶୀତଳ ଭଣ୍ଡାର ଅଭାବ ହିଁ ଅଭାବିବିକ୍ରିର କାରଣ

କୃଷିବହୁଳ ବରଗଡ଼ ଜିଲାରେ ଅଣଧାନ ଫସଲ କରିବାକୁ କୃଷି ବିଭାଗ ପରାମର୍ଶ ଦେଉଛି। ହେଲେ ପରିବା ସଂରକ୍ଷିତ ରଖିବା ପାଇଁ ଜିଲାରେ ସେଭଳି ଶୀତଳ ଭଣ୍ଡାର ବ୍ୟବସ୍ଥା ନାହିଁ। ଫଳରେ ପରିବା ଚାଷ କରି ମଧ ଜିଲାର ଚାଷୀମାନଙ୍କୁ କ୍ଷତିଗ୍ରସ୍ତ ହେବାକୁ ପଡ଼ିଛି। ଜିଲାରେ ଏଥର ଟମାଟୋ ଚାଷ କରି ଚାଷୀଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିଛି। ଅନୁରୂପଭାବେ ବନ୍ଧାକୋବି ଚାଷରେ ମଧ ଚାଷୀମାନଙ୍କୁ ସମଦଶା ଭୋଗିବାକୁ ପଡ଼ିଛି। ଟମାଟୋ ଭଳି ବନ୍ଧାକୋବିକୁ ମଧ ବେପାରୀମାନେ କିଲୋ ପ୍ରତି ୨ଟଙ୍କା ଦରରେ କିଣୁଛନ୍ତି। ଫଳରେ ଚାଷୀ ଭାଙ୍ଗି ପଡ଼ି ଶେଷରେ ପରିବା କିଆରିରେ ଗାଈଗୋରୁ ଏବଂ ଛେଳି ଛାଡ଼ି ଦେଉଛନ୍ତି। ଜିଲାର ବିଜେପୁର ବ୍ଲକ ଅନ୍ତର୍ଗତ ଗୁଡ଼ିମୁଣ୍ଡା ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। କେବଳ ଗୁଡ଼ିମୁଣ୍ଡା ନୁହେଁ, ଜିଲାର ଯେଉଁଠି ବି ଚାଷୀମାନେ ଟମାଟୋ କିମ୍ବା ବନ୍ଧାକୋବି ଚାଷ କରିଛନ୍ତି, ସେମାନଙ୍କୁ ଏଭଳି କ୍ଷତି ସହିବାକୁ ପଡୁଛି। ଜିଲାରେ ପରିବା ସଂରକ୍ଷିତ ରଖିବା ପାଇଁ ଶୀତଳ ଭଣ୍ଡାର ଥିଲେ ସେମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇ ନଥାନ୍ତେ ବୋଲି ଚାଷୀମାନେ କହିଛନ୍ତି।

ଜିଲାରେ ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ବନ୍ଧାକୋବି ଚାଷ କରିଥାନ୍ତି। ତେବେ ସେତେ ବେଶୀ ପାଣି ଆବଶ୍ୟକ କରୁ ନଥିବା ଏବଂ ଡ଼ିପ ଜମି କୋବି ଫସଲ ପାଇଁ ଅନୁକୂଳ ହୋଇଥିବା ଯୋଗୁ ଅଣଜଳସେଚିତ ଅଞ୍ଚଳରେ ଅଧିକ ପରିମାଣରେ ଏହି ଚାଷ ହୋଇଥାଏ। ଏହି କ୍ରମରେ ଜିଲାର ପଦ୍ମପୁର ଉପଖଣ୍ଡର ବିଜେପୁର, ପଦ୍ମପୁର, ସୋହେଲା ଆଦି ଅଞ୍ଚଳରେ ଏହି ଚାଷ ଚାଷୀମାନେ କରିଥିଲେ। ବରଗଡ଼ ଉପଖଣ୍ଡର ଜମୁର୍ଡ଼ା, ସର୍ଲା, ଜାମପାଲି, ବରଗାଁ ଆଦି ଅଞ୍ଚଳରେ ମଧ ବନ୍ଧାକୋବି ଚାଷ ହୋଇଥିଲା। ଫସଲ ଭଲ ହୋଇଥିଲା। ଚାଷୀମାନେ ବେଶ୍ ଦିପଇସା ରୋଜଗାର କରିବୁ ବୋଲି ମନରେ ଆଶା ବାନ୍ଧିଥିଲେ। କିନ୍ତୁ ଟମାଟୋ ଭଳି ବନ୍ଧାକୋବି ଯେତେବେଳେ ଅମଳ ଅବସ୍ଥାକୁ ଆସିଲା, ସେତେବେଳେ ବିଲରେ ବନ୍ଧାକୋବି ଦର କିଲୋ ପ୍ରତି ଦେଢ଼, ୨ଟଙ୍କାରୁ ଅଧିକ ଦାମ୍‌ରେ ନେବାକୁ ବେପାରୀମାନେ ରାଜି ହେଉ ନାହାନ୍ତି। ଏଭଳି ସ୍ଥିତିରେ ଚାଷୀମାନେ ସେମାନଙ୍କ ବନ୍ଧାକୋବି କିଆରିରେ ଗୃହପାଳିତ ଗୋରୁ, ଛେଳି ଛାଡ଼ି ଦେବାକୁ ବାଧ ହୋଇଛନ୍ତି।

ବିଜେପୁର ବ୍ଲକ ଗୁଡ଼ିମୁଣ୍ଡାର ଚାଷୀ ପ୍ରହଲ୍ଲାଦ ନାଏକ କହିଛନ୍ତି, ସେ ୮୦ଡେସିମିଲ ଜମିରେ ବନ୍ଧାକୋବି ଚାଷ କରିଥିଲେ। ତାହା ଭଲ ମଧ ହୋଇଥିଲା। ହେଲେ ଅମଳ ସମୟକୁ ବେପାରୀମାନେ ବିଲକୁ ପହଞ୍ଚିଥିଲେ ଏବଂ କିଲୋ ପ୍ରତି ଦେଢ଼ରୁ ୨ଟଙ୍କା ଦରରେ ନେବାକୁ କହିଥିଲେ। ଫଳରେ ତାଙ୍କ କିଆରିରେ ସେ ଛେଳି, ଗାଈଗୋରୁ ଛାଡ଼ି ଦେଇଥିବା ସେ କହିଥିଲେ। ପରିବାକୁ ସଂରକ୍ଷିତ ରଖିବା ପାଇଁ ସରକାର ଶୀତଳ ଭଣ୍ଡାର କରିଥିଲେ ସେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇ ନଥାନ୍ତେ ବୋଲି ପ୍ରହଲ୍ଲାଦ କହିଛନ୍ତି। ସେହିପରି ଅନ୍ୟଜଣେ ମହିଳା ଚାଷୀ ଫଟୁ ମହାନନ୍ଦ କହିଛନ୍ତି, ବନ୍ଧାକୋବି, ଟମାଟର, ବାଇଗଣ ସବୁ ପରିବା ଦର କମି ଯାଇଛି। ବଜାରକୁ ବିକ୍ରି କରିବାକୁ ନେଲେ ସେଠାରେ ବେପାରୀମାନେ ଶସ୍ତାରେ ମାଗୁଛନ୍ତି। ଫଳରେ ଚାଷୀମାନେ ନିରାଶରେ ଘରକୁ ଫେରୁଛନ୍ତି। ଆମେ ଗରିବ ଲୋକ, ପରିବା ଚାଷ କରି ସେଥିରୁ କିଛି ରୋଜଗାର କରିବୁ ବୋଲି ଆଶା କରିଥିଲୁ। କିନ୍ତୁ ବନ୍ଧାକୋବି ଅମଳ ହେବା ପରେ ଦର ଶସ୍ତା ହୋଇଗଲା। ତାକୁ ବିକିଲେ ମଧ ମୂଳ ମିଳୁ ନାହିଁ। ଫଳରେ ପରିବା କିଆରିରେ ଛେଳି, ଗାଈଗୋରୁ ଛାଡ଼ି ଦେଉଛୁ। ସରକାର ଏଥିପାଇଁ କିଛି ବ୍ୟବସ୍ଥା କରିବା ଦରକାର ବୋଲି ସେ କହିଥିଲେ।

ଜିଲାରେ ପରିବା ସଂରକ୍ଷିତ ରଖିବାକୁ ଶୀତଳ ଭଣ୍ଡାର ଥିଲେ ଚାଷୀମାନଙ୍କୁ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ି ନଥାନ୍ତା ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। କିନ୍ତୁ ଏ ଯାଏ ଜିଲାରେ ଗୋଟିଏ ମଧ ସରକାରୀ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହୋଇପାରି ନାହିଁ। ବରଗଡ଼ ବ୍ଲକର ଏକାମ୍ର ଛକ ଏବଂ ସୋହେଲା ବ୍ଲକର ଛୁରିଆପାଲିରେ ୧ଏକର ପରିମିତ ଜମିରେ ଗୋଟିଏ ଲେଖାଏ ଶୀତଳ ଭଣ୍ଡାର ନିର୍ମାଣ କରିବାର ପ୍ରସ୍ତାବ ରହିଛି। ସେହିପରି ଭେଡ଼େନ ଓ ଗାଇସିଲେଟ୍ ବ୍ଲକରେ ଓରେଡ଼ା ୧୦ମେଟ୍ରିକ ଟନ୍ କ୍ଷମତା ସମ୍ପନ୍ନ ଶୀତଳ ଭଣ୍ଡାର ନିର୍ମାଣ କରିବାର ଯୋଜନା ରହିଛି। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ୨ଟି ସୋଲାର ଶୀତଳ ଭଣ୍ଡାର ରହିଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଅନ୍ୟପଟେ ବରଗଡ଼ ବ୍ଲକ କୁରୁଆଁ ଗ୍ରାମରେ ୨୫୦୦ ମେଟ୍ରିକ ଟନ୍ କ୍ଷମତା ସମ୍ପନ୍ନ ଏକ ଘରୋଇ ଶୀତଳ ଭଣ୍ଡାର ରହିଥିବାବେଳେ ଗୋବିନ୍ଦପୁରରେ ଆଉ ଏକ ଘରୋଇ ଶୀତଳ ଭଣ୍ଡାର ନିର୍ମାଣାଧୀନ ରହିଛି। ତେବେ କୃଷିବହୁଳ ଜିଲାଭାବେ ବରଗଡ଼ର ଏକ ସ୍ୱତନ୍ତ୍ର ପରିଚୟ ଥିବାବେଳେ ଏଠାରେ ଶୀତଳ ଭଣ୍ଡାର ଅଭାବ ଯୋଗୁ ଚାଷୀମାନେ ପରିବା ବିକ୍ରିରେ ଅଭାବିବିକ୍ରିର ସମ୍ମୁଖୀନ ହେବା ବିଡ଼ମ୍ବନାର ବିଷୟ ବୋଲି ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି।

### ଖବରଦାତାଙ୍କ ସମସ୍ୟା ସମାଧାନ ପାଇଁ ଦାବିପତ୍ର

**ସରଣ୍ଡା,୫।୩(ଯୁଧିଷ୍ଠିର ମହାପାତ୍ର)**

ଖବରଦାତାମାନେ ସତ୍ୟତାର ଅନୁସନ୍ଧାନ କରି ଖବର ପ୍ରକାଶନ କରିବା ଦରକାର ବୋଲି ବୁଧବାର ଅତାବିରା ବ୍ଲକ ଡିଭାଇନ ଗାର୍ଡେନ ସଭାଗୃହରେ ଅନୁଷ୍ଠିତ ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ଼ (ଜାବ)ର ସାଧାରଣ ପରିଷଦ ବୈଠକରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ କହିଛନ୍ତି। ଜାବର ସଭାପତି ରବି ପଣ୍ଡାଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ବଦ୍ରୀ ପ୍ରସାଦ ସାହୁଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ମହାନନ୍ଦ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇ ତାର ସମାଧାନ ପାଇଁ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେ ଏହି ଅବସରରେ ଅତାବିରା ଓ ଭେଡେନ ଖବରଦାତା ଭବନ ନିର୍ମାଣ ପାଇଁ ପ୍ରଥମ କିସ୍ତିରେ ୫ ଲକ୍ଷ ଟଙ୍କାର ଅନୁଦାନ ରାଶି ଯୋଗାଇ ଦେବାକୁ ଘୋଷଣା କରିଥିଲେ। ବୈଠକରେ ଖବରଦାତା ସୁରକ୍ଷା ଆଇନ ଲାଗୁ କରିବା, ଖବରଦାତାଙ୍କୁ ପେନସନ ଯୋଗାଇ ଦେବା ଓ ଖବରଦାତାଙ୍କ ଅଧିସୀକୃତି ବ୍ୟବସ୍ଥାକୁ ପୁଣି ଆରମ୍ଭ କରାଯିବା ଆଦି ଦାବି ସମ୍ବଳିତ ଏକ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ସଭା ଆରମ୍ଭରେ ଅତାବିରା ୟୁନିଟର ସଂଯୋଜକ କୀର୍ତ୍ତନ ବିଶାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଯୁଧିଷ୍ଠିର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅତାବିରା ୟୁନିଟ ପକ୍ଷରୁ ବିଧାୟକଙ୍କ ସହ ଜିଲା ସଂଘର ସମସ୍ତ କର୍ମକର୍ତ୍ତା ଓ ସମସ୍ତ ବ୍ଲକର ସଂଯୋଜକ ମାନଙ୍କୁ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ ମିଶ୍ର, ଉପ ସଭାପତି ବ୍ୟୋମକେଶ କର ଓ ବ୍ଲକ ସଂଯୋଜକ କୀର୍ତ୍ତନ ବିଶାଳ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ହେମନ୍ତ ପ୍ରଧାନ, ସତ୍ୟଜିତ ପ୍ରଧାନ, ମେଘନାଦ ସାହୁ, ରଞ୍ଜନ ଦେବତା, ପ୍ରଦୀପ ମହାନ୍ତି ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

## ପ୍ରଭାବିତ ଧାନ ଫସଲ ଦେଖିଲେ କୃଷି ବିଭାଗ ଟିମ୍

**ଧରିତ୍ରୀ ପ୍ରଭାବ**

**ବରଗଡ଼,୫।୩(ପ୍ରେମାନନ୍ଦ ଖମାରୀ)**


କୃଷି ଅଧିକାରୀମାନେ ଗାଇସୀମା ଗ୍ରାମର ପ୍ରଭାବିତ ଫସଲ ନିରୀକ୍ଷଣ କରୁଛନ୍ତି ।

ବରଗଡ଼ ଜିଲାର ଧାନ ଫସଲରେ ରୋଗପୋକ ଉପଦ୍ରବ ହୋଇଛି। ଫସଲ ପ୍ରାଥମିକ ପର୍ଯ୍ୟାୟରେ ଥିବା ସମୟରେ ଏଭଳି ସ୍ଥିତି ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମା ସମେତ ବିଭିନ୍ନ ଗ୍ରାମର ଧାନ ଫସଲେ କାଣ୍ଡବିନ୍ଧା ପୋକ (ଗଣ୍ଡିପୋକ) ବ୍ୟାପି ବସିଛନ୍ତି। କୀଟନାଶକ ପ୍ରୟୋଗ ସତ୍ତ୍ୱେ କିଛି ସୁଫଳ ମିଳୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଧାନ ଫସଲ ଉଜୁଡି ବସିଛି । ଏ ନେଇ ବୁଧବାର ଧରିତ୍ରୀରେ 'ଧାନ ଫସଲରେ ରୋଗପୋକ, କାମ କରୁନି କୀଟନାଶକ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ମିନିଟରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ କୃଷି ବିଭାଗର ଏକ ଟିମ ଗାଇସୀମା ଗ୍ରାମକୁ ପହଞ୍ଚି ଚାଷୀ କାର୍ତ୍ତିକ ସାହୁଙ୍କୁ ଭେଟି କ୍ଷେତ୍ର ପରିଦର୍ଶନ ସହିତ ପ୍ରଭାବିତ ଧାନ ଫସଲ ଅନୁଧ୍ୟାନ କରିଥିଲେ। ଏହା ସହିତ ସମ୍ପୃକ୍ତ ଚାଷୀ ବ୍ୟବହାର କରିଥିବା କୀଟନାଶକ ଦେଖିଥିଲେ ଏବଂ ଚାଷୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।

### ଜାମସେଠରେ ପଞ୍ଚାୟତ ସ୍ତରୀୟ ପଦଯାତ୍ରା

**ପାଇକମାଳ,୫।୬(ବଢ଼ ଶତପଥୀ):** ବରଗଡ଼ ଜିଲା ପାଇକମାଳ ବ୍ଲକ ଜାମସେଠରେ, ଜାମସେଠ ସେକ୍ଟର ସୁପରଭାଇଜର ପ୍ରଣତି ମିଶ୍ରଙ୍କ ତତ୍ତ୍ୱାବଧାନରେ ସୁଭଦ୍ରା ଯୋଜନା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପଞ୍ଚାୟତସ୍ତରୀୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଏଚ୍‌ଜିର ମହିଳା, ସୁଭଦ୍ରା ଯୋଜନାରେ ସହାୟକ ରାଶି ପାଇଥିବା ମା ମାଉସୀଙ୍କ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ତଥା ସହାୟିକାମାନେ ରାଲିରେ ଉପସ୍ଥିତ ଥାଇ ସୁଭଦ୍ରା ଯୋଜନା ଉପରେ ଲୋକଙ୍କୁ ସଚେତନତ କରାଇଥିଲେ। ସେହିପରି ଛିନ୍ଦେଇକେଲା ସମେତ ମାଣ୍ଡୋସିଲ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ପଦଯାତ୍ରା ହୋଇଯାଇଛି।

## ଅଙ୍ଗନଦୀ ଜଳସେଚନ ପ୍ରକଳ୍ପ ବିରୋଧରେ ପ୍ରତିବାଦ ସଭା

**ପଦ୍ମପୁର,୫।୩(ପ୍ରଦୀପ୍ତ ଦାଶ)**


ପ୍ରତିବାଦ ସଭାରେ ଉପସ୍ଥିତ ଗ୍ରାମବାସୀ।

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସରେଇକେଲା ଗ୍ରାମବାସୀଙ୍କ ତରଫରୁ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଅଙ୍ଗନଦୀ ଜଳସେଚନ ପ୍ରକଳ୍ପ ବିରୋଧରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଗତ ମଙ୍ଗଳବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଳସମ୍ପଦ ବିଭାଗର ସମୀକ୍ଷା ବୈଠକରେ ରାଜ୍ୟର ୫ଟି ବୃହତ ଜଳସେଚନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବରଗଡ଼ ଜିଲାର ବୃହତ୍ ଅଙ୍ଗ ଜଳସେଚନ ପ୍ରକଳ୍ପ ରହିଛି। ବୁଢ଼ି ଅଞ୍ଚଳ ଅଧୀନରେ ଆସୁଥିବା ସରେଇକେଲା ଗ୍ରାମରେ ତୀବ୍ର ପ୍ରତିକ୍ରିୟା ସହ ବିରୋଧରେ ଗ୍ରାମବାସୀ ଏକ ପ୍ରତିବାଦ ସଭା କରିଥିଲେ। ଆଗାମୀ ଶୁକ୍ରବାର ପରବର୍ତ୍ତୀ ବୈଠକ ହୋଇ ପ୍ରକଳ୍ପ ବିରୋଧରେ ରଣନୀତି ପାଇଁ ନିଷ୍ପତ୍ତି ନିଆଯିବ। ବୈଠକରେ, ନିରଞ୍ଜନ ପ୍ରଧାନ,ବିକାଶ ସାହୁ,ତପନ ସାହୁ, ବେଦପ୍ରକାଶ ପଟେଲ, ସୁନୀଲ ପ୍ରଧାନ,ଟିଙ୍କୁନୁ ବରିହା, ସୁନ୍ଦର ସାହୁ, ତୀର୍ଥ ସାହୁ, ପ୍ରତାପ ସାହୁ, ବାବୁଲାଲ ବାରିକଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

## ପଞ୍ଚାୟତିରାଜ ବ୍ୟବସ୍ଥାରେ ବିଜୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବରଗଡ଼, ୫।୩(ପ୍ରେମାନନ୍ଦ ଖମାରୀ)**


ବରଗଡ଼ ନାଗରିକ ମଞ୍ଚ ପକ୍ଷରୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

ବରଗଡ଼ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ଜିଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରିଷ୍ଠ ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଭୀଷ୍ମଦେବ ସରାଫ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ଜିଲା ଛାତ୍ର ବିଜେଡି ସଭାପତି କରନ ସିକନ୍ଦର ଜିତୁ ଭୋଇ, ଅରୁଣ ପ୍ରଧାନ, ରବି ସାହୁ, ସୁଶାନ୍ତ ମିଶ୍ର, ସୁରୁ ପଧାନ, ବେଲାର ମେହେର, ନିରଞ୍ଜନ ମଲ୍ଲିକ, ଭରତ ମହାନ୍ତି, ଲୁଲୁ ଦଲେଇଙ୍କ ସମେତ ପୌର ପରିଷଦର ସମସ୍ତ କାଉନସିଲର ଓ ବିଜେଡିର ସାଂଗଠନିକ ନେତୃ ମଣ୍ଡଳୀ ଉପସ୍ଥିତ ରହି ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥାକୁ ଓଡ଼ିଶାରେ ସୁଦୃଢ଼ କରିବାରେ ବିଜୁବାବୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଓଡ଼ିଶାରେ ୧୯୯୩ ମସିହାରୁ ତାଙ୍କ ଜନ୍ମ ଦିବସକୁ ପଞ୍ଚାୟତିରାଜ ଦିବସ ଭାବେ ପାଳିତ ହୋଇ ଆସୁଥିଲା। ମାତ୍ର ବେଳେ ରାଜ୍ୟର ଭାଜପା ସରକାର ଚଳିତ ବର୍ଷ ମାର୍ଚ୍ଚ ୫ ତାରିଖ ବିଜୁବାବୁଙ୍କ ଜନ୍ମଦିନରେ ପାଳିତ ହେଉଥିବା ପଞ୍ଚାୟତିରାଜ ଦିବସକୁ ବାତିଲ କରିବା ଅତ୍ୟନ୍ତ ହୀନ ମାନସିକତା ବୋଲି ବିଜେଡି ନେତୃମଣ୍ଡଳୀ କହି ରାଜ୍ୟର ଭାଜପା ସରକାରକୁ କଟୁ ସମାଲୋଚନା କରିଥିଲେ। ଏହି ପ୍ରସଙ୍ଗରେ ବିଜେଡି ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ବିଜେଡି ନେତୃମଣ୍ଡଳୀ ଓ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ବରଗଡ଼ ନାଗରିକ ମଞ୍ଚ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ନୂଆ ଓଡ଼ିଶାର ବିଶ୍ୱକର୍ମା ଭାବେ ପରିଚିତ, ରାଜନୀତି, ଶିଳ୍ପ ବିପ୍ଳବ, ପଞ୍ଚାୟତିରାଜ ବ୍ୟବସ୍ଥା କ୍ଷେତ୍ରରେ ବିଜୁ ବାବୁଙ୍କ ଅତୁଳନୀୟ ଭୂମିକା ରହି ଆସିଛି । ତେଣୁ ଏହି ଯୁଗଜନ୍ମାଙ୍କ ସ୍ମୃତି ଆଜି ମଧ ଓଡିଶାବାସୀଙ୍କୁ ପ୍ରେରଣା ଦେଇ ଆସୁଛି ବୋଲି ମଞ୍ଚର ଭବାନୀ ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ଉପନଗରପାଳ ଭରତ ମହାନ୍ତି, ଶିଳ୍ପୀ ରାଜେନ୍ଦ୍ର ସିକନ୍ଦର, ଶିବାନନ୍ଦ ମଟାରୀ, ଶୟନ ପଣ୍ଡା, ଟିଙ୍କୁ ନନ୍ଦ, ପବିତ୍ର ଦେହେରି, ଗୋବିନ୍ଦ ଶର୍ମା, ଜି.ଭି ରାଓ,ନିରଞ୍ଜନ ବାରିକ, ଲତିଫ ଖାନ, ଦେବାନନ୍ଦ ପଣ୍ଡା, ସୁବାଷ ପଧାନ, ଲୋକନାଥ ପ୍ରଧାନ, ଲାଲା ଦୀପ ଉପସ୍ଥିତ ଥିଲେ।

# ମିଳିନି ମିଗ୍‌ଜୋମ୍ ବୀମା କ୍ଷତିପୂରଣ, ତାତିଲେ ଚାଷୀ

**ବରଗଡ଼,୫।୩(ପ୍ରେମାନନ୍ଦ ଖମାରୀ)**


ବୀମା କ୍ଷତିପୂରଣ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକ।

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇ ପଡ଼ିଛି। ଏଠାରେ ଅନେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସହାୟତା ମିଳୁ ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ୨୦୨୩ରେ ମିଗଜୋମ୍ ବାତ୍ୟା ସମୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସହାୟତା ମିଳିପାରି ନାହିଁ। ଅନ୍ୟପଟେ ବିଭିନ୍ନ ଚାଷୀଙ୍କୁ ନାନା ଆଳ ଦେଖାଇ ସେଥିରୁ ବଞ୍ଚିତ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ବୁଧବାର ବରଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚାଷୀ, ପ୍ରଶାସନିକ ଅଧିକାରୀ ଏବଂ ବୀମା କମ୍ପାନୀ ପ୍ରତିନିଧିଙ୍କୁ ନେଇ ତ୍ରିପାକ୍ଷିକ ବୈଠକ ବସିଥିଲା। ବାଦ୍ ପଡ଼ିଥିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସବସିଡ଼ି ସହାୟତା ପ୍ରଦାନ ଦିଗରେ ଉପସ୍ଥିତ ବୀମା କମ୍ପାନୀର ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ କିଛି ଠୋସ୍ ପ୍ରତିଶ୍ରୁତି ଦେଇପାରି ନଥିଲେ। ତେବେ ଆସନ୍ତା ୯ତାରିଖ ସୁଦ୍ଧା ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସବସିଡ଼ି ସହାୟତା ନ ମିଳିଲେ ୧୦ତାରିଖ ଚାଷୀମାନେ ବାଧ ହୋଇ ରେଳରୋକୋ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ୨୦୨୩ ଡିସେମ୍ବରରେ ମିଗଜୋମ୍ ପ୍ରଭାବରେ ବରଗଡ଼ ଜିଲାରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ସେହି ସମୟରେ ଜିଲାର ପ୍ରାୟ ୪୪ହଜାର ହେକ୍ଟର ଜମିର ଧାନ ଫସଲ ୩୩ପ୍ରତିଶତରୁ ଅଧିକ କ୍ଷତି ହୋଇଥିବା ବିଭାଗୀୟ ଅଧିକାରୀମାନେ ଆକଳନ କରିଥିଲେ। ଏହି ଦୃଷ୍ଟିରୁ ଜିଲାର ଚାଷୀମାନେ ୧୨୮କୋଟି ଟଙ୍କା ବୀମା କ୍ଷତିପୂରଣ ଏବଂ ୫୬କୋଟି ଟଙ୍କା ଇନପୁଟ୍ ସବସିଡ଼ି ସହାୟତା ପାଇବା କଥା ବୋଲି ଜିଲା ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି। ମାତ୍ର ଶେଷରେ ବିଭିନ୍ନ ଆଳ ଦେଖାଇ କ୍ଷତିଗ୍ରସ୍ତ ଧାନ ଫସଲକୁ ମାତ୍ର ୪ହଜାର ହେକ୍ଟରକୁ ଖସାଇ ଦିଆଗଲା। ଅନ୍ୟପଟେ ଜିଲାର ୩୦ହଜାର ଚାଷୀଙ୍କୁ ୨୩କୋଟି ବୀମା କ୍ଷତିପୂରଣ ସହାୟତା ପ୍ରଦାନ କରାଯାଇଥିବା ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। କିନ୍ତୁ ଏ ଯାଏ କ୍ଷତିଗ୍ରସ୍ତ ଚାଷୀଙ୍କୁ ୧୯କୋଟିବୀମା କ୍ଷତିପୂରଣ ସହାୟତା ମିଳିଥିବାବେଳେ ଆହୁରି ୪କୋଟି ଟଙ୍କା ଚାଷୀଙ୍କ ପାଖକୁ ଅପହଞ୍ଚ ହୋଇ ପଡ଼ିଛି। ଇନପୁଟ୍ ସବସିଡ଼ି ସହାୟତା ପ୍ରଦାନ କ୍ଷେତ୍ରରେ ମଧ ଚାଷୀଙ୍କୁ ସେଭଳି ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି।

**୯ ସୁଦ୍ଧା ନ ମିଳିଲେ ୧୦ରେ ରେଳରୋକୋ**

ଏ ସମ୍ପର୍କରେ ସଂଯୁକ୍ତ କୃଷକ ସଂଗଠନ, ବୀମା କମ୍ପାନୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ତ୍ରୁହାକୁ ତ୍ରୁହା ବୈଠକ ବସିଛି। ଚାଷୀ ସଂଗଠନ ଆନ୍ଦୋଳନ ଚେତାବନୀ ଦେବା ପରେ ଚିରାଚରିତ ଢ଼ଙ୍ଗରେ ଏଭଳି ତ୍ରିପାକ୍ଷିକ ବୈଠକ ବସୁଛି ଏବଂ ନାନା ଆଳ, ଆଶ୍ୱାସନା ଦେଖାଇ ସମୟ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ଅନୁରୂପଭାବେ ବୁଧବାର ତ୍ରିପାକ୍ଷିକ ବୈଠକ ବସିଥିଲା। ବୈଠକରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ଉପଜିଲାପାଳ ପ୍ରସନ୍ନ ପାଣ୍ଡେ, ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ଉତ୍ପନ୍ନ ଭୋଇ ଏବଂ ବୀମା କମ୍ପାନୀର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ। ଆଲୋଚନା ଫଳପ୍ରଦ ହୋଇ ପାରି ନଥିଲା। ଏହାପରେ ଚାଷୀମାନେ ଆସନ୍ତା ୯ତାରିଖ ସୁଦ୍ଧା ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସହାୟତା ସମ୍ପୂର୍ଣ୍ଣଭାବେ ନ ମିଳିଲେ ବରଗଡ଼ରେ ରେଳରୋକୋ ଆନ୍ଦୋଳନ କରିବେ ବୋଲି ବୈଠକରେ ରୋକଠୋକ୍ ଶୁଣାଇଥିଲେ।

## ସଂକ୍ଷେପରେ

### ବୋଲେର ଧକ୍କାରେ ବାଇକ୍ ଆରୋହୀ ମୃତ

**ଲହୁଣୀପଡା,୫।୩(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଫୁଲଝର ପଞ୍ଚାୟତ ପଟ୍ଟାମୁଣ୍ଡାଠାରେ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ପ୍ରଶାନ୍ତ ନାଏକ(୩୫)। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସେହେଲେ ବୁଧୁରାମ ଦେହୁରୀ(୩୦)। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ୍ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ,ଫୁଲଝର ପଞ୍ଚାୟତ ନଗରିଆ ଗ୍ରାମରୁ ଏକ ବାଇକ ଯୋଗେ ରୁଗୁଡି ଗ୍ରାମର ପ୍ରଶାନ୍ତ ଓ ବୁଧୁରାମ ନିଜ ଗ୍ରାମ ରୁଗୁଡିକୁ ଯାଉଥିବା ବେଳେ କେନ୍ଦୁଝର ପଟୁ ବଣେଇକୁ ଆସୁଥିବା ଏକ ବୋଲେର ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ବାଇକ ଆରୋହୀ ୨ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଚିକିତ୍ସା ପାଇଁ ବଣେଇ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧୁରାମ ଗୁରୁତର ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ରାଉରକେଲାକୁ ସ୍ଥାନାନ୍ତରିତ କରିଛନ୍ତି।

### ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା

**ଖଡ଼ିଆଳ,୫।୩(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଏକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପଣ୍ଡା ସମାଜରେ ଦେଖାଯାଉଥିବା ସମସ୍ୟା, ସାଇବର ଅପରାଧ, ଠକେଇ ସମ୍ପର୍କରେ ସୂଚନା ଦେବା ସହ ନୂତନ ଆଇନର ବ୍ୟବହାରିକ ଦିଗ ସମ୍ପର୍କରେ ଅବଗତ କରାଇଥିଲେ। ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଓ ଅନ୍ୟମାନେ ଛାତ୍ରୀଛାତ୍ରଙ୍କୁମୋବାଇଲର ଠିକ୍‌ଉପଯୋଗିତା ସମ୍ପର୍କରେ ସଚେତନ କରିଥିଲେ।



ରାଜଗାଙ୍ଗପୁରରେ ବିଜୁ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ବିଜେଡି କର୍ମୀମାନେ।


କୁଆଁରମୁଣ୍ଡାରେ ବିଜୁଜୟନ୍ତୀ।

# ବିଜୁବାବୁଙ୍କ ଅବଦାନ ଓଡ଼ିଶାବାସୀଙ୍କ ପାଇଁ ଅତୁଳନୀୟ

**ସୁନ୍ଦରଗଡ, ୫।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସକାଳ ସାଢେ ୮ଟାରେ ରାଣୀବଗିଚା ବାଇପାସସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ, ପୂର୍ବତନ ଜିଲା ବିଜେଡି ସଭାପତି ବିନୟ କୁମାର ଟପ୍ପୋ, ବରିଷ୍ଠନେତା ଜୟ ନାରାୟଣ ତ୍ରିପାଠୀଙ୍କ ସମେତ ସମସ୍ତ ଦଳୀୟ ନେତୃବୃନ୍ଦ, କର୍ମୀଙ୍କ ଉପସ୍ଥିତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସୁବଲୟା ରୋଡ଼ସ୍ଥିତ ଆଦୃତ ଶିଶୁଗୃହକୁ ଯାଇ ସେଠାରେ ରହି ପାଠ ପଢୁଥିବା ଛୋଟଛୋଟ ବାଳିକାବାଳକଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହାସହିତ ଲୁହୁରିଢ଼ିପାସ୍ଥିତ ବୃଦ୍ଧାଶ୍ରମକୁ ଯାଇ ସେଠାରେ ରହୁଥିବା ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏଥିସହିତ ଆୟୋଜିତ ସଭାରେ ବିଧାୟକ ଯୋଗେଶ କୁମାର ସିଂହ ବିଜୁ ପଟ୍ଟନାୟକଙ୍କ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡ଼ିଶା ପ୍ରତି ଅବଦାନକୁ ଓଡ଼ିଶାବାସୀ କେବେ ହେଲେ ଭୁଲିପାରିବେ ନାହିଁ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି କୁନ୍ତି ପ୍ରଧାନ, ପୂର୍ବତନ ରାଜ୍ୟ ଯୁବବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ସୁମନ୍ତ ପଣ୍ଡା, ଅଶୋକ ସ୍ୱାଇଁ, ସୁମନ୍ତ ସାହୁ, ନରଦୀପ ସିଂ, ଗୌରାଙ୍ଗ ଧଳ, ଅନିଲ ମହାପାତ୍ର, ବୀଣା ସାହୁ, ରଜନୀ ରୋହିଦାସ, ସୁଶୀଳା ନାଗ, ଦୁଷିଲା ଦଣ୍ଡସେନା, ରିତା ସାହୁ, ସରୋଜ ନାଏକ, ସଞ୍ଜୟ ପଟ୍ଟନାୟକ, କିଶୋର ପଟେଲ, ମିତ୍ର ସେଠ, ପ୍ରିନ୍ସ ସିଂ, ମୁକେଶ ମାଝୀ, ବିଶ୍ୱଜିତ ସ୍ୱାଇଁ, ଆଶିଷ ଶାହଙ୍କ ସହିତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।


ସୁନ୍ଦରଗଡ଼ରେ ବିଜୁ ଜୟନ୍ତୀ ।

**କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ) :** ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରେ ବିଜେଡି ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁରଙ୍କ ନେତୃତ୍ୱରେ କୁଆଁରମୁଣ୍ଡା ରାଧାଗୋବିନ୍ଦ ମନ୍ଦିରରେ କୁଆଁରମୁଣ୍ଡା କ ଜିଲା ପରିଷଦ ସଭ୍ୟ ନେଭିଲ କେରକେଟା,କୁଆଁରମୁଣ୍ଡା ସମିତି ସଭ୍ୟା ତିଳୋତ୍ତମା ତନ୍ତୀ, କୁଆଁରମୁଣ୍ଡା ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟକର୍ତ୍ତା ଅଜୟ ସାହୁ, ମହେଶ୍ୱର ମିଶ୍ର, ଶୀତଳ ପ୍ରସାଦ ଦାସ, ଯୁବ ବିଜେଡି ସଭ୍ୟ ଦିଲ୍ଲୀପ ଲେହେରି, ସୁରେଶ ମହାଲି, ରାହୁଲ ରାଏ, ବିଶାଳ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପରିଷଦ ସଭ୍ୟ କୁଜୁରଙ୍କ ନେତୃତ୍ୱରେ ଯୁବ କର୍ମୀମାନେ କୁଆଁରମୁଣ୍ଡା ଓ ବୀରମିତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଅନ୍ତେବାସୀଙ୍କ ସମେତ ପ୍ରସୂତିମାନଙ୍କୁ ଫଳ ବଣ୍ଟନ କରିଥିଲେ।

**ବଣାଇଁ,(ପ୍ରଦୀପ ତ୍ରିପାଠୀ):** ବଣାଇଁ ନିର୍ବାଚନ ମଣ୍ଡଳୀରେ ସକାଳ ୯ଟାରେ ବିଜୁ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୂର୍ବାହ୍ନ ୧୧ଟାରେ ଆଇଟିଡିଏ ସମ୍ମିଳନୀ କକ୍ଷରେ ଜିଲା କାର୍ଯ୍ୟକାରୀ ସଭାପତି ଡ. ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ନେତା ଜୟନ୍ତ କୁମାର ମିଶ୍ର ଯୋଗଦେଇ ଥିଲେ। ବିଜୁ ଜନତା ଦଳ ସାଙ୍ଗଠନିକ ଜିଲା ପାଇଁ ନିର୍ବାଚନ ଅଧିକାରୀ ଭାବେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିଯୁକ୍ତ ହୋଇଥିବାରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସଭା ପରିଚାଳନା କୁମାର ଗୌତମ ବାରିକ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ରଞ୍ଜିତ କିଶାନ, ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ବଣାଇଁ ବ୍ଲକ ସଭାପତି ରଘୁନାଥ ସାହୁ, ସରପଞ୍ଚ ସୁମିତ୍ରା ବେହେରା, ଜିଲା ପରିଷଦ ସଭ୍ୟ ରାମ ଚନ୍ଦ୍ର ସାହୁ, ସୁଶୀଳା ନାଏକ, ଯୁବ ସଭାପତି ଟିଙ୍କୁନ ଦାସ, ଲକ୍ଷ୍ମୀ କିଶାନ, ଦ୍ରୌପଦୀ କିଶାନ, ବାଣେଶ୍ୱର ସାହୁ, ଗୁରୁଚରଣ ସ୍ୱାଇଁ, ବିନିତା ବେହେରା, ବାସୁଦେବ ଛଦିଆ, ରସୱାଲ ଓରାମ,କୁଳମଣି ପ୍ରଧାନ, ସିପୁନ ମିଶ୍ର, ଅଶୋକ ବେହେରା, ସୁରଜ ଶେଠ ପ୍ରମୁଖ ଭାଗ ନେଇଥିଲେ।

**ରାଜଗାଙ୍ଗପୁର,(ଅଶୋକ ପାଣି):** ରାଜଗାଙ୍ଗପୁର ବିଜୁ ପଟ୍ଟନାୟକ ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏକ ସଭାକାର୍ଯ୍ୟ ଆୟୋଜିତ ହୋଇଥିଲା। ଏହି ସଭାରେ ଓଡ଼ିଶା ମାଟି ଏବଂ ଓଡ଼ିଆ ଜାତି ନିମନ୍ତେ ବିଜୁ ବାବୁଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁରର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବିଜୁ ବାବୁଙ୍କର ଅନୁଗତ ମଙ୍ଗଳା କିସାନ, ରାଜଗାଙ୍ଗପୁର ପୌରପାଳିକାର ଅଧ୍ୟକ୍ଷା ମାଧୁରୀ ଲୁଗୁନ, ପୌରପାଳିକାର ଉପନଗରପାଳ ଏମଡି. ଇରଫାନ, ରାଜଗାଙ୍ଗପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷା ସବିନା ମିଞ୍ଜ, ଜିଲାପରିଷଦ ସଭ୍ୟ ଜ୍ୟୋତି କୁଜୁର ଓ ସୁଶୀଳା ଟପ୍ପୋ, ପୂର୍ବତନ ରାଜଗାଙ୍ଗପୁର ପୌରପାଳିକାର ଅଧ୍ୟକ୍ଷା ସୁଶ୍ରୀତା ପାଇକରାୟ, ପୂର୍ବତନ ବ୍ଲକ ସଭାପତି ରାମ ଚନ୍ଦ୍ର କୁଜୁର, ପୂର୍ବତନ ନଗର ସଭାପତି ଅମରେଶ ପଣ୍ଡା, ଲ୍ୟାମ୍ପ ସଭାପତି ବସନ୍ତ ଟପ୍ପୋ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ରାଜେନ୍ଦ୍ର ବେହେରା, ପ୍ରଶ୍ମନା ବାଗ, ପୂର୍ବତନ ଲାଠିକଟା ବ୍ଲକ ସଭାପତି ଛୋଟା ବାବୁ, ପୂର୍ବତନ ରାଜ୍ୟ କାଉନସିଲ ମେମ୍ବର ଜିତୁ ଦାସ, ପୂର୍ବତନ ବିଜେଡି ଜିଲା ଉପଦେଶ କମିଟିର ସଦସ୍ୟ ସଞ୍ଜୀବ ବେହୁରା, ବୀରେନ୍ଦ୍ର ରଥ, ବାବନ ରବାନି, ରୋଶନ ବାର୍ଲା ସହ ବହୁ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତଥିଲେ। ସାଙ୍ଗଠନିକ ନିର୍ବାଚନ ପାଇଁ ଦଳ ପକ୍ଷରୁ ଶରତ ଦାସ, ରମେଶ ଏକ୍କାଙ୍କୁ ମଙ୍ଗଳା କିସାନ ଓ ଇଫତଖାର ଅହମଦ ଉଭୟ ଫୁଲହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଶୋକ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବ୍ଲକ ଚେୟାରମ୍ୟାନ ସବିନା ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।


ବଣାଇଁରେ ବିଜୁ ଜୟନ୍ତୀ।

**ବଡ଼ଗାଁ,(ଅଶୋକ ଷଡ଼ଙ୍ଗୀ) :** ବଡ଼ଗାଁ ଡାକବଙ୍ଗଳାଠାରେ ବିଜେଡି ବ୍ଲକ ସଭାପତି ଦେବାଶିଷ ମିଶ୍ରଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସଭାରେ ବିଜେଡ଼ି ଜିଲା ସଭାପତି ବିନୟ ଟପ୍ପୋ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ଓ କର୍ମୀମାନେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଆୟୋଜିତ ଆଲୋଚନା ଚକ୍ରରେ ବିଜେଡି ନେତା ଓ କର୍ମୀମାନେ ବିଜୁ ବାବୁଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା କରିଥିଲେ। ଜିଲା ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ ସଭାକୁ ପରିଚାଳନା କରିଥିବାବେଳେ ବ୍ଲକ ସ୍ତରୀୟ ବହୁ ବିଜେଡି କର୍ମୀ ଉପସ୍ଥିତି ଥିଲେ। କାର୍ଯ୍ୟକ୍ରମରେ ବଡ଼ଗାଁ ସମିତି ସଭ୍ୟା ସାରିକା କେରକେଟା, ବରଙ୍ଗାକଛାର ସମିତି ସଭ୍ୟା ସଞ୍ଜୁକ୍ତା ସୋରେଙ୍ଗ, ଦଳୀୟ କାର୍ଯ୍ୟକର୍ତ୍ତା ପିତବାସ ପଣ୍ଡା, ଧରଣୀଧର ସା, ଦୋଳଗୋବିନ୍ଦ ବେହେରା, ଗୟା କିସାନ, ଉମାଶଙ୍କର ରାଉତ, ଅମୀୟ ମୁଦୁଲି, ମୁକ୍ତେଶର ସା, କେଶବ କର୍ସେଲ, ହୀରା ବେହେରା, ଆଲୋକ ପଟ୍ଟନାୟକ ପ୍ରମୁଖ ଦଳୀୟ କର୍ମୀମାନେ ଯୋଗଦେଇଥିଲେ। ଶେଷରେ ଭୋଲାନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରୁଙ୍ଗ୍‌ଟା ପକ୍ଷରୁ ନୂତନ ପ୍ରକଳ୍ପର ଲୋକାର୍ପଣ



ନୂତନ ଗୃହ।

**ଟେନସା,୫।୩(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ ଅଡାଘାଟ ଲୌହ ଖଣି ତରଫରୁ ସାମାଜିକ ଦାୟିତ୍ୱବୋଧ ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି। ଅଡାଘାଟ ଗ୍ରାମରେ ଗମନା ଗମନର ସୁବିଧା ପାଇଁ କଂକ୍ରିଟ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାକୁ ଆଖି ଆଗରେ ରଖି ଅଡାଘାଟ ଗ୍ରାମରେ ଥିବା ଗାଧୁଆ ତୁଠର ମରାମତି ସହିତ ଲୁଗା ବଦଳାଇବା ଗୃହ, ଗୋପିସାହି ଗ୍ରାମରେ ନୂତନ ଭାବେ ଗାଧୁଆ ତୁଠ ସହିତ ଲୁଗା ବଦଳାଇବା ଗୃହର ନିର୍ମାଣ କରାଯାଇଛି। ଏହାସହିତ ଅଡାଘାଟ ଗ୍ରାମରେ ଥିବା କ୍ଲବର ଛାତକୁ ଭଙ୍ଗା ଯାଇ ନୂତନ ଭାବେ ଛାତ ପକା କାର୍ଯ୍ୟ ଜାରି ରହିଛି। ସାମାଜିକ ଓ ସାଂସ୍କୃତିକ ମଣ୍ଡପର ପଲସ୍ତରା କାର୍ଯ୍ୟ କରାଯାଇଛି। ଶିକ୍ଷାର ବିକାଶ ପାଇଁ ଅଡାଘାଟ ବିଦ୍ୟାଳୟ ପରିସରରେ ପଲସ୍ତରା କରାଯାଇଛି। ପାଇପ ଲାଇନ ଜରିଆରେ ଅଡାଘାଟ, ଗୋପୀ ସାହି ଓ ଜଡ଼ିପଦା ଗ୍ରାମକୁ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି। ଏହା ସହିତ ଜଡ଼ିପଦା ଗ୍ରାମରେ ଏକ ନୂତନ କମ୍ୟୁନିଟି ସେଣ୍ଟର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହା ସହିତ ମାଳଦା, ଚୋରମାଲଦା ଓ କାକରପାଣି ଗ୍ରାମରେ ନୂତନ ବୋରିଂ ସହିତ ପାଇପ ଲାଇନ ଜରିଆରେ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି। ଚୋରମାଲଦା ଗ୍ରାମରେ ହ୍ୟୁମ ପାଇପ, କଲଭଟ ସହିତ ରାସ୍ତା ଓ ପୂଜାମଣ୍ଡପ କାର୍ଯ୍ୟ କରାଯାଇଛି। ଏହାସହିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ବଡ଼ବିଲଠାରେ ବୋରିଂ କରାଯାଇ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି। ସନୁବାହଲ ପିଏଚଡି କଲୋନୀ ସାମାଜିକ ଓ ସାଂସ୍କୃତିକ ମଣ୍ଡପର ପ୍ରାଚୀର ନିର୍ମାଣ କାର୍ଯ୍ୟ କରାଯାଇଛି। ପୂର୍ବରୁ ମଧ ଗ୍ରାମାଞ୍ଚଳରେ ଅଡାଘାଟ ଖଣି ତରଫରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି। ଅଡାଘାଟ ଗ୍ରାମରେ ଏକ ସଭାର ଆୟୋଜନ କରାଯାଇ ଉକ୍ତ ପ୍ରକଳ୍ପ ଗୁଡିକୁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଡାଘାଟ ଲୌହ ଖଣି ତରଫରୁ ଖଣି ପରିଚାଳକ ଅଞ୍ଜନ କୁମାର ଲେଙ୍କା, ସମୀର ରଞ୍ଜନ ଦାସ, ତାପସ କୁମାର ରାୟ, ଜ୍ୟୋତି ରଞ୍ଜନ ଜେନା, ରାମେଶ୍ୱର ପାଇକରାୟ, ଏସ.ଏସ.ସାହୁ, ସୁରେନ୍ଦ୍ର କୁମାର ଯୋଗୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କମ୍ପାନୀର ଏହି ଉନ୍ନତି ମୂଳକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିଲା।

# ପ୍ରଭାବିତ ଧାନ ଫସଲ ଦେଖିଲେ କୃଷି ବିଭାଗ ଟିମ୍

**ଧରିତ୍ରୀ ପ୍ରଭାବ**

**ବରଗଡ଼,୫।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ଧାନ ଫସଲରେ ରୋଗପୋକ ଉପଦ୍ରବ ହୋଇଛି। ଫସଲ ପ୍ରାଥମିକ ପର୍ଯ୍ୟାୟରେ ଥିବା ସମୟରେ ଏଭଳି ସ୍ଥିତି ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମା ସମେତ ବିଭିନ୍ନ ଗ୍ରାମର ଧାନ ଫସଲେ କାଣ୍ଡବିନ୍ଧା ପୋକ (ଗଣ୍ଡିପୋକ) ବ୍ୟାପି ବସିଛନ୍ତି। କୀଟନାଶକ ପ୍ରୟୋଗ ସତ୍ତ୍ୱେ କିଛି ସୁଫଳ ମିଳୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଧାନ ଫସଲ ଉଜୁଡି ବସିଛି । ଏ ନେଇ ବୁଧବାର ଧରିତ୍ରୀରେ 'ଧାନ ଫସଲରେ ରୋଗପୋକ, କାମ କରୁନି କୀଟନାଶକ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ମିନିଟରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ କୃଷି ବିଭାଗର ଏକ ଟିମ ଗାଇସୀମା ଗ୍ରାମକୁ ପହଞ୍ଚି ଚାଷୀ କାର୍ତ୍ତିକ ସାହୁଙ୍କୁ ଭେଟି କ୍ଷେତ୍ର ପରିଦର୍ଶନ ସହିତ ପ୍ରଭାବିତ ଧାନ ଫସଲ ଅନୁଧ୍ୟାନ କରିଥିଲେ। ଏହା ସହିତ ସମ୍ପୃକ୍ତ ଚାଷୀ ବ୍ୟବହାର କରିଥିବା କୀଟନାଶକ ଦେଖିଥିଲେ ଏବଂ ଚାଷୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।


କୃଷି ଅଧିକାରୀମାନେ ଗାଇସୀମା ଗ୍ରାମର ପ୍ରଭାବିତ ଫସଲ ନିରୀକ୍ଷଣ କରୁଛନ୍ତି ।

# ଖବରଦାତାଙ୍କ ସମସ୍ୟା ସମାଧାନ ପାଇଁ ଦାବିପତ୍ର

**ସରଣ୍ଡା,୫।୩(ଯୁଧିଷ୍ଠିର ମହାପାତ୍ର)**

ଖବରଦାତାମାନେ ସତ୍ୟତାର ଅନୁସନ୍ଧାନ କରି ଖବର ପ୍ରକାଶନ କରିବା ଦରକାର ବୋଲି ବୁଧବାର ଅତାବିରା ବ୍ଲକ ଡିଭାଇନ ଗାର୍ଡେନ ସଭାଗୃହରେ ଅନୁଷ୍ଠିତ ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ଼ (ଜାବ)ର ସାଧାରଣ ପରିଷଦ ବୈଠକରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ କହିଛନ୍ତି। ଜାବର ସଭାପତି ରବି ପଣ୍ଡାଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ବଦ୍ରୀ ପ୍ରସାଦ ସାହୁଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ମହାନନ୍ଦ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇ ତାର ସମାଧାନ ପାଇଁ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେ ଏହି ଅବସରରେ ଅତାବିରା ଓ ଭେଡେନ ଖବରଦାତା ଭବନ ନିର୍ମାଣ ପାଇଁ ପ୍ରଥମ କିସ୍ତିରେ ୫ ଲକ୍ଷ ଟଙ୍କାର ଅନୁଦାନ ରାଶି ଯୋଗାଇ ଦେବାକୁ ଘୋଷଣା କରିଥିଲେ। ବୈଠକରେ ଖବରଦାତା ସୁରକ୍ଷା ଆଇନ ଲାଗୁ କରିବା, ଖବରଦାତାଙ୍କୁ ପେନସନ ଯୋଗାଇ ଦେବା ଓ ଖବରଦାତାଙ୍କ ଅଧିସୀକୃତି ବ୍ୟବସ୍ଥାକୁ ପୁଣି ଆରମ୍ଭ କରାଯିବା ଆଦି ଦାବି ସମ୍ବଳିତ ଏକ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟଙ୍କୁ ପ୍ରଦାନ କରାଯାଇଥିଲା। ସଭା ଆରମ୍ଭରେ ଅତାବିରା ୟୁନିଟର ସଂଯୋଜକ କୀର୍ତ୍ତନ ବିଶାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଯୁଧିଷ୍ଠିର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଏକାଭିମୁଖତା କାର୍ଯ୍ୟକ୍ରମ

**ସୁନ୍ଦରଗଡ,୫।୩(ଜୟ ନାରାୟଣ ମେଣ୍ଡୁଲି)**

ସାମ୍ପ୍ରତିକ ପରିସ୍ଥିତିରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସହଯୋଗ ଫଳରେ କୃଷକ ଉତ୍ପାଦକ ସଙ୍ଗଠନ ଗୁଡ଼ିକର ଦ୍ରୁତ ଅଭିବୃଦ୍ଧି ଘଟି ଜାତୀୟ ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେଉଛି। ତଥାପି କିଛି ସଙ୍ଗଠନ ସେମାନଙ୍କର ଲକ୍ଷ୍ୟ ବିଭିନ୍ନ କାରଣ ଯୋଗୁ ପୂରଣ କରିପାରୁନାହାନ୍ତି । ଏହାକୁ ପରିଲକ୍ଷିତ କରି ଓଡ଼ିଶା ସରକାରଙ୍କ ସହଯୋଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର ଅଧିନ ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଠାରେ ଏକ କୃଷକ ଉତ୍ପାଦକ ସଙ୍ଗଠନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସଙ୍ଗଠନ ଗୁଡ଼ିକର ଦକ୍ଷତା ବୃଦ୍ଧି, ଜ୍ଞାନର ପ୍ରସାରଣ, ବୈଷୟିକ ସହାୟତା, ମିଳିତ ସହଯୋଗ, କମ୍ପ୍ୟୁଟର ଭିତ୍ତିକ ସୂଚନା ପ୍ରସାରଣ ପାଇଁ ସ୍ଥାନୀୟ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ଜିଲା ସ୍ତରୀୟ ଏକାଭିମୁଖତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାର ୧୦ଟି କୃଷକ ଉତ୍ପାଦକ ସଙ୍ଗଠନର ୨୫ରୁ ଉର୍ଦ୍ଧ୍ୱ ମୁଖ୍ୟ ନିର୍ବାହୀ ଅଧିକାରୀ, ନିର୍ଦ୍ଦେଶକ ବୋର୍ଡ଼ର ସଦସ୍ୟ, କୃଷି, ଜଳ ବିଭାଜିକା, କୃଷି ଗବେଷଣା କେନ୍ଦ୍ର, ନାବାର୍ଡ଼ର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ ଜେମସ ବାଗେ ପ୍ରାରମ୍ଭିକ ଭାଷଣ ରଖିଥିଲେ। କୃଷକ ଉତ୍ପାଦକ ସଙ୍ଗଠନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାର ଲକ୍ଷ୍ୟ, ପ୍ରକଳ୍ପର କାର୍ଯ୍ୟଶୈଳୀ ଓ କାର୍ଯ୍ୟକଳାପ ଆଦି ବିଷୟରେ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ(ସୂଚନା) ଡ. ସର୍ବାଣୀ ଦାସ ଆଭାସୀ ମାଧ୍ୟମରେ ଦିଗଦର୍ଶନ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ କୃଷିଉତ୍ପାଦର ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ପଦାର୍ଥ ଏବଂ ବ୍ରାଣ୍ଡିଂ ବିଷୟରେ ଆଲୋକପାତ କରିଥିଲେ। ଆଞ୍ଚଳିକ କୃଷି ଗବେଷଣା ଉପକେନ୍ଦ୍ରର ମୁଖ୍ୟ ଡ. ସଜୀବ କୁମାର ବିଶ୍ୱାସୀ ସମନ୍ୱିତ କୃଷି ପଦ୍ଧତିକୁ ଅଗ୍ରାଧିକାର ଦେବା ନିମନ୍ତେ ଆହ୍ୱାନ ଦେଇଥିଲେ। କୃଷି ଓ କୃଷକ ଶସକ୍ତିକରଣ ବିଭାଗର କୃଷି ଜିଲା ଅଧିକାରୀ ରଜତ କୁମାର ମିଶ୍ର ଏବଂ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶ ଅରୁଣ ଆଚାର୍ଯ୍ୟ ଏଫପିଓ ସହିତ ସରକାରୀ ଯୋଜନାର ସମନ୍ୱୟ ଓ ଉତ୍କୃଷ୍ଟ ବିପଣନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ଜିଲା ଗ୍ରାମୀଣ ବିକାଶ ପ୍ରବନ୍ଧକ (ନାବାର୍ଡ଼)ର ତାପସ ବେହେରା କୃଷକ ଉତ୍ପାଦକ ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ସ୍ଥାନୀୟ ସମସ୍ୟାର ଆଶୁ ସମାଧାନ ସହିତ ବିଭିନ୍ନ ସଫଳ ସଙ୍ଗଠନର ଉଦାହରଣ ଦେଇଥିଲେ। ଛେଦଲଗନ କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ ଗଙ୍ଗାଧର କିଷାନ ନିଜର ସଫଳତାକୁ ପ୍ରତିପାଦନ ଜିଲାର ସମସ୍ତ ସଙ୍ଗଠନ ଗୁଡିକ ଏକତ୍ରିତ ହୋଇ ବିପଣନ କରିବା ପାଇଁ ଆହ୍ୱାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦର ଅଧ୍ୟକ୍ଷା କୁନ୍ତି ପ୍ରଧାନ ଯୋଗଦେଇ ମହିଳାଙ୍କ ସଶକ୍ତିକରଣ ନିମନ୍ତେ ବିଭିନ୍ନ ଜ୍ଞାନ କୌଶଳ ଗ୍ରହଣ କରି ସରକାରୀ ଯୋଜନାକୁ ଉପଲବ୍ଧି କରିବା ନିମନ୍ତେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଉପଲକ୍ଷେ ଜିଲା ଗ୍ରାମୀଣ ବିକାଶ ପ୍ରବନ୍ଧକ (ନାବାର୍ଡ଼)ର ତାପସ ବେହେରା ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ୧୦ ଟି ମହିଳା ଚାଷୀ ଏବଂ ୨ଜଣ ମହିଳା ଅଧିକାରୀଙ୍କୁ ସମ୍ମାନିତ କରିଥିଲେ। ଏହି କର୍ମଶାଳାକୁ କେନ୍ଦ୍ରର ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡୁ, ଅରୁଣ କୁମାର ମିଶ୍ର, କ୍ଷେତ୍ର ଅଧିକାରୀ ମୟୁଖ ଅଧିକାରୀ ଓ କର୍ମଚାରୀ କମଳ ଲୋଚନ ମହାନ୍ତ, ଭ୍ରମରବର ସା, ଜିତେନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଲକ୍ଷ୍ମୀପ୍ରିୟା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# କଂକ୍ରିଟ ରାସ୍ତା, କଲଭର୍ଟ ନିର୍ମାଣ ନାଁରେ ସରକାରୀ ଅର୍ଥ ଲୁଟ୍

**ଦେବଗଡ଼,୫।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଡାପାଲି ଗ୍ରାମପଞ୍ଚାୟତ ଡଙ୍ଗାପାଳ ଗ୍ରାମରେ ନିର୍ମାଣାଧୀନ କଂକ୍ରିଟ ରାସ୍ତା ଓ କଲଭର୍ଟ ନିର୍ମାଣରେ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ କାର୍ଯ୍ୟ ଦାୟିତ୍ୱରେ ଥିବା ବାରକୋଟ ବ୍ଲକ କନିଷ୍ଠ ଯନ୍ତ୍ରୀ ଓ ତଦାରଖ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ସେହିପରି ଉକ୍ତ ରସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ ବାରକୋଟ ପଞ୍ଚାୟତ ସମିତି ପକ୍ଷରୁ କଣ୍ଡାପାଲି ଗ୍ରାମ ପଞ୍ଚାୟତର ଡଙ୍ଗାପାଳ ଗ୍ରାମ ହାଟପଦା ନିକଟରେ ପୂର୍ତ୍ତ ବିଭାଗକୁ ସଂଯୋଗ କରୁଥିବା ଏକ କଂକ୍ରିଟ ରାସ୍ତା ଓ କଲଭର୍ଟ ନିର୍ମାଣ କରାଯାଉଛି। ହେଲେ ଏହାର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଆବଶ୍ୟକତାଠାରୁ ଅଧିକ ମୋଟେଇର ବ୍ୟବହାର ଅନୁପଯୋଗୀ ତଥା ନିମ୍ନମାନର ମେଟାଲ ବ୍ୟବହାର କରାଯାଉଛି। ଏପରି କି ଉକ୍ତ ରାସ୍ତାର ଅନେକ ଅଂଶରେ ବଡ ବଡ ଚିକ୍କଣ ପଥର ମଧ୍ୟ ବ୍ୟବହାର ହୋଇଛି।





ନିର୍ମାଣାଧୀନ କଂକ୍ରିଟ ରାସ୍ତା । ସୂଚନା ଫଳକର ଉଭୟ ପାର୍ଶ୍ୱରେ ଚୂନ ମରାଯାଇଛି।

ଫଳରେ ଏହାର ବିଭିନ୍ନ ସ୍ଥାନରେ ଫାଙ୍କ ସୃଷ୍ଟି ହୋଇଛି। ସେହିପରି ଉପରେ ଢଳେଇ କରାଯାଇଥିବା ଢଳେଇରେ ଚିପ୍ସ ଓ ସିମେଣ୍ଟର ମାତ୍ରା ମଧ୍ୟ ଆବଶ୍ୟକତାଠାରୁ ଢେର କମ ରହିଥିବାରୁ ଠାଏଁ ଠାଏଁ ଏହା ଉଠିଯାଉଥିବା ଦେଖିବାକୁ ମିଳୁଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, କଲଭର୍ଟରେ ବ୍ୟବହୃତ ୨ଟି ହ୍ୟୁମ ପାଇପ ମଧ୍ୟରୁ ଗୋଟିଏ ଭଙ୍ଗା ପାଇପ ବ୍ୟବହାର ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଇତିମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ବସିଥିବା ବେଳେ ନିର୍ମାଣ ଦାୟିତ୍ୱରେ ଥିବା କନିଷ୍ଠ

- ବ୍ୟବହାର ହୋଇଛି ଭଙ୍ଗା ହ୍ୟୁମ ପାଇପ, ବଡ଼ବଡ଼ ଚିକ୍କଣ ପଥର
- ଅଭିଯୋଗ କଲେ ଶୁଣୁନାହାନ୍ତି ବିଭାଗୀୟ ଅଧିକାରୀ
- ଭିଜିଲାନ୍ସ ତଦନ୍ତ ଦାବି
- ସୂଚନା ଫଳକରେ ସୂଚନା ନାହିଁ

ଯନ୍ତ୍ରୀ କିମ୍ବା ତଦାରଖ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପାଦ ପଡିନାହିଁ। ନିର୍ମାଣ ସ୍ଥଳରେ ପୂର୍ବରୁ ସ୍ଥାପିତ ସୂଚନା ଫଳକର ଉଭୟ ପାର୍ଶ୍ୱରେ ଚୂନ ମରାଯାଇଥିଲେ ହେଁ ବର୍ତ୍ତମାନ ପର୍ଯ୍ୟନ୍ତ ସେଠାରେ କୌଣସି ସୂଚନା ଉଲ୍ଲେଖ କରାଯାଇନାହିଁ। ଫଳରେ ଲୋକଙ୍କ ଆଖିରେ ଧୂଳିଦେଇ ବିଭାଗ ପକ୍ଷରୁ ନିମ୍ନମାନର କାର୍ଯ୍ୟ କରି ସରକାରୀ ଅର୍ଥ ଲୁଟ୍ କରିବାକୁ ଉଦ୍ୟମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିସହ ଇତିମଧ୍ୟରେ ନିର୍ମିତ କଂକ୍ରିଟ ରାସ୍ତା ଏବଂ ଭଙ୍ଗା ହ୍ୟୁମ ପାଇପ ବ୍ୟବହୃତ ହୋଇଥିବା କଲଭର୍ଟକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଠିକ୍ ଢଙ୍ଗରେ ଏହାର ପୁନଃନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଜିଲାପାଳ ନିଜେ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ମତାମତ ପାଇଁ ନିର୍ମାଣ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦୀପକ କେର୍କେଟ୍ଟା ଓ ତଦାରଖ ଦାୟିତ୍ୱରେ ବାରକୋଟ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ମାଝିଙ୍କୁ ମୋବାଇଲରେ ଏକାଧିକ ବାର ଚେଷ୍ଟା କରାଯାଇଥିଲା। ମାତ୍ର ଉଭୟେ କଲ ରିସିଭ କରୁ ନ ଥିବାରୁ ସେମାନଙ୍କ ମତାମତ ମିଳିପାରିନାହିଁ।

## ହାଇୱା ଧକ୍କାରେ ଜଣେ ମୃତ, ଜଣେ ଆହତ

**ଝାରସୁଗୁଡ଼ା,୫।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଳ-ମେଘନା ବିଡି ଛକଠାରେ ମଙ୍ଗଳବାର ରାତ୍ରିରେ ହାଇୱା ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ସମ୍ବଲପୁର ନାକ୍ଟିଡ଼ିହି ଅଞ୍ଚଳର ସତ୍ୟନାରାୟଣ ଦାଶ (୨୩) ଓ ଆହତ ଦେବଗଡ଼ କୁଣ୍ଡେଇଗୋଲା ଅଞ୍ଚଳର ରତିନ୍ଦ୍ର ସାହୁ (୨୮)। ପ୍ରକାଶ ଯେ, ସତ୍ୟନାରାୟଣ ଓ ରତିନ୍ଦ୍ର ବାଇକ୍ (ନଂ.ଓଡି-୨୫ଏ ୧୮୫୯) ଯୋଗେ ଝାରସୁଗୁଡ଼ାରୁ ବଡ଼ମାଳ ଫେରୁଥିଲେ। ପଛରେ ଆସୁଥିବା ହାଇୱା (ନଂ.ଓଡି-୨୩ଆର୬୭୮୭) ଧକ୍କା ଦେଇଥିଲା। ଫଳରେ ସତ୍ୟନାରାୟଣ ଓ ରତିନ୍ଦ୍ର ଗାଡିରୁ ଛିଟିକି ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୨ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସତ୍ୟନାରାୟଣଙ୍କୁ ମୃତ ଘୋଷଣା କରିବା ସହିତ ରତିନ୍ଦ୍ରଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବଡ଼ମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭୪/୨୫) ରୁଜୁ ହୋଇଛି।

## ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ



ବଡ଼ମାଳସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି କର୍ମକର୍ତ୍ତା।

**ଝାରସୁଗୁଡ଼ା,୫।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ବିଜେଡି ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ଟାରେ ବଡ଼ମାଳ ବିଜୁ ପଟ୍ଟନାୟକ ଛକଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବଡ଼ମାଳ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସହିତ ଜିଲା ବିଜେଡିର ବହୁ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ ବାବୁଙ୍କ ଜୟନ୍ତୀ ସ୍ମରଣ କରିଥିଲେ। ବିଜୁ ବାବୁଙ୍କ ଲାଗି ହିଁ ଓଡ଼ିଶା ସାରା ବିଶ୍ୱରେ ପରିଚିତ ବୋଲି ଦୀପାଳି ତାଙ୍କ ମନ୍ତବ୍ୟରେ କହିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ରବି ସିଂ, ରଘୁମଣି ପଟେଲ, ପୌର ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ଦାମୋଦର ନାଥ, ବାସୁଦେବ ଭାଇଂସା, ରାଜୀବ ପାଣିଗ୍ରାହୀ, ପୱନ୍ ସିଂ ଯାଦବ, ପ୍ରତାପ ନନ୍ଦ, ପିଣ୍ଟୁ ପାଢୀ, ଅଶୋକ ଦାସ, ଜୟନ୍ତ ଦୀକ୍ଷିତ, ନୀଳାମ୍ବର ଡନସେନା, ଲାଲା ଶର୍ମା, ମଣ୍ଟୁ ପଣ୍ଡା, ଚିରଞ୍ଜିବୀ ପତି, ଏମଡି ଅର୍ଶଦ, ଆଲୋକ ପ୍ରଧାନ, ଲିଙ୍ଗରାଜ ମହାପାତ୍ର, ଦିପା ନାଏକ, ନବନିତ କୋର, ଲକ୍ଷ୍ମୀ ଥାପା, ବେଲା ଥାପା, ଗୀତାଞ୍ଜଳୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୁଭଦ୍ରା ଯୋଜନା ସଫଳତା ପାଇଁ ପଥପ୍ରାନ୍ତ ଶୋଭାଯାତ୍ରା

**ଝାରସୁଗୁଡ଼ା,୫।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ଶିଳ୍ପାଞ୍ଚଳରେ ବୁଧବାର ପୂର୍ବାହ୍ନ ୧୦ଟାରେ ସୁଭଦ୍ରା ସମ୍ପର୍କିତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାନ୍ଧବାହାଲ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମଚାରୀ ସହଯୋଗରେ ପଥପ୍ରାନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା କର୍ମୀ ଯୋଗଦେଇ ସୁଭଦ୍ରା ସଚେତନତା କାର୍ଯ୍ୟକ୍ରମ ସଫଳ କରିଛନ୍ତି। ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ସାଧୁବାଦ ଜଣାଇଛନ୍ତି।

### ଲୋକଙ୍କ ମୌଳିକ ସୁବିଧା ପାଇଁ ବ୍ଲକ ପ୍ରଶାସନର ତଦାରଖ



**ଦେବଗଡ଼,୫।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ପାହାଡ଼ ପର୍ବତ ଘେରା ରିଆମାଳ ବ୍ଲକ ଆଡ଼ସ ଗ୍ରାମପଞ୍ଚାୟତ ନିଷ୍ଠୁରଦୁମା ଗ୍ରାମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା ଦୁଇ କିଲୋମିଟର ରାସ୍ତା ପାଦରେ ଅତିକ୍ରମ କରି ଗାଁରେ ପହଞ୍ଚି ଥିଲେ। ପ୍ରାୟ ୧୦ଟି ପରିବାରକୁ ନେଇ ଗ୍ରାମ ଗଠିତ। ସମସ୍ତେ ଏଠାରେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଲୋକମାନେ ଅଟନ୍ତି। ସେମାନଙ୍କର ମୁଖ୍ୟ ଜୀବିକା ହେଲା ଗୋରୁ ଗାଈ ପାଳିବା, ଛେଳି, କୁକୁଡ଼ା ରଖିବା ଓ ଚାଷ କାର୍ଯ୍ୟରେ ନିୟୋଜିତ ଅଟନ୍ତି। ଗାଁରେ ନଳକୂପ ନ ଥିବାରୁ ସେମାନେ ଖୋଲା କୂପରୁ ପାଣି ଆଣି ବ୍ୟବହାର କରନ୍ତି। ପରିଦର୍ଶନରେ ପ୍ରଧାନମନ୍ତ୍ରୀଙ୍କ ଯୋଗ୍ୟତା ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ପାନୀୟ ଜଳ, ରାସ୍ତା ଓ ସରକାରଙ୍କ ବିଭିନ୍ନ ସହାୟତା ଯୋଗାଇ ଦେବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଏଡିଇଓ, କନିଷ୍ଠ ଯନ୍ତ୍ରୀ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଓ ବ୍ଲକର ବିଭିନ୍ନ ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ।

### ରାଜ୍ୟସ୍ତରୀୟ ସୁଭଦ୍ରା ସମ୍ପର୍କିତ ରାଲି

**ଦେବଗଡ଼,୫।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାରେ ୭୦ଟି ଗ୍ରାମପଞ୍ଚାୟତ ଏବଂ ଗୋଟିଏ ମ୍ୟୁନିସିପାଲିଟିରେ ସୁଭଦ୍ରା ଯୋଜନାର ୧ କୋଟି ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ ସୁଭଦ୍ରା ସମ୍ପର୍କିତ ପଦଯାତ୍ରା ପ୍ରତି ପଞ୍ଚାୟତରେ କରାଯାଇଛି। ଏଥିରେ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସୁଭଦ୍ରା ହିତାଧିକାରୀ, ମିଶନଶକ୍ତିର ସମସ୍ତ କର୍ମକର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଝାରସୁଗୁଡ଼ା,୫।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅନ୍ତର୍ଗତ ବରହାମୂଷା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀକର କିଷାନଙ୍କ ସଭାପତିତ୍ୱରେ ତାଳମୁଣ୍ଡା ସିଆର୍‌ସିସି ମନୋରଞ୍ଜନ କଣ୍ଟା ମୁଖ୍ୟଅତିଥି, ସାହସପୁର ସିଆର୍‌ସିସି ପ୍ରଦୀପ କୁମାର ନାଏକ ମୁଖ୍ୟବକ୍ତା, ଶିକ୍ଷକ ଛତ୍ରଲାଲ କିଷାନ, ଗ୍ରାମ ମୁଖିଆ ସୁନ୍ଦରମଣି ମାଝି, ୱାର୍ଡମେମ୍ବର ଅଞ୍ଜନା କିଷାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାନନ୍ଦିଆ ମଞ୍ଚ ପରିଚାଳନା କରିଥିଲେ ଏବଂ ସଭା ଶେଷରେ ବିଦ୍ୟାଳୟର ଶିକ୍ଷକ ଆଜାଦ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବପ୍ରଥମେ ଅତିଥିଗଣ ଛାତ୍ରୀଛାତ୍ରଙ୍କ ଅଭିନ କାର୍ଯ୍ୟକୁ ପ୍ରଦର୍ଶିତ କରିବା ନିମିତ୍ତ ଏକ 'ୱାଲ ମେଗାଜିନ' ଉନ୍ମୋଚନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଗଲା ଏବଂ ଗୀତାଞ୍ଜଳି ମହାନନ୍ଦିଆଙ୍କ ଦ୍ୱାରା ବିଦ୍ୟାଳୟର ବିବରଣୀ ପାଠ କରାଯାଇଥିଲା। ମୁଖ୍ୟ ଅତିଥି ବାର୍ଷିକସ୍ତବ ପାଳନର ଆଭିମୁଖ୍ୟ ତଥା ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ବିଷୟରେ ଗଳ୍ପକଥନ କରି ସୁନ୍ଦର ଭାବେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ସରକାରଙ୍କ ଯୋଜନାଗୁଡିକ ବିଷୟରେ ଅଭିଭାବକମାନଙ୍କୁ ଅବଗତ କରିଥିଲେ। ପରେ ଅତିଥିଗଣ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସାପତ୍ର, ଟ୍ରଫି ତଥା ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଛତ୍ରଲାଲ କିଷାନଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ ବିଦ୍ୟାଳୟ ଶିକ୍ଷକ କେଶବ କିଷାନ, କମିଟି ସଭ୍ୟାସଭ୍ୟ ଏବଂ ଗ୍ରାମର ବ୍ୟକ୍ତିଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

## ଝାରସୁଗୁଡ଼ା ରାସ୍ତା ସମ୍ପ୍ରସାରଣ ପାଇଁ ଜାଗା ଦେବ ରେଲୱେ



ବିଧାୟକ ଓ ଜିଲାପାଳ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟୁଛନ୍ତି।

**ଝାରସୁଗୁଡ଼ା,୫।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରର ଟ୍ରାଫିକ ସମସ୍ୟା ଦୂର କରିବା ଏବଂ ସମ୍ପ୍ରସାରଣ ପାଇଁ ଜାଗା ଦେବାକୁ ରେଳ ବିଭାଗ ଘୋଷଣା କରିଛି। ବିଧାୟକ ଟଙ୍କଧର ତ୍ରିପାଠୀ ଓ ଜିଲାପାଳ ସୁନୀଲ ଆବୋଲି ନାରାୱାଣେ ବୁଧୁବାର ନୂଆଦିଲ୍ଲୀ ଗସ୍ତ କରି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଝାରସୁଗୁଡ଼ା ସହରରେ ଦେଖାଦେଇଥିବା ଟ୍ରାଫିକ ସମସ୍ୟା ବିଷୟରେ ଅବଗତ କରିଥିଲେ। ପରେ ରେଳ ବିଭାଗ ପକ୍ଷରୁ ଝାରସୁଗୁଡ଼ା ମୁଖ୍ୟ ରାସ୍ତା ସମ୍ପ୍ରସାରଣ କରିବା ପାଇଁ ଜମି ପ୍ରଦାନ କରାଯିବ ବୋଲି ରେଳ ମନ୍ତ୍ରୀ ବୈଷ୍ଣବ ଘୋଷଣା କରିଥିଲେ। ଏଥିପାଇଁ ଝାରସୁଗୁଡ଼ା ବିଧାୟକ ତ୍ରିପାଠୀ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଧାୟକ ଓ ଜିଲାପାଳଙ୍କ ଏହି ପ୍ରୟାସ ପାଇଁ ଝାରସୁଗୁଡ଼ା ସହରବାସୀ ଧନ୍ୟବାଦ ଜଣାଇଛନ୍ତି।

## ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟାନ୍ୟ ପଦବୀ ପୂରଣ ଦାବି

## ତୃତୀୟ ଦିନରେ ଠିକାଦାର ସଂଘର ଧାରଣା ଜାରି

**ଦେବଗଡ଼,୫।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାରେ ଖାଲି ପଡ଼ିଥିବା ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ ଏବଂ ଅନ୍ୟ କର୍ମଚାରୀ ନିଯୁକ୍ତି ଦାବିରେ ଗତ ସୋମବାରଠାରୁ ଜିଲା ଠିକାଦାର ସଂଘ ଚଳାଇଥିବା ଆନ୍ଦୋଳନ ବୁଧବାର ତୃତୀୟ ଦିବସରେ ପହଞ୍ଚିଛି। ଦାବି ପୂରଣ ନେଇ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବୁଧବାର ଦେବଗଡ଼ ଉପ ଜିଲାପାଳ ପରକ୍ଷୀତ ସାହୁ ଧାରଣାସ୍ଥଳକୁ ଆସି ଠିକାଦାର ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ ହେଁ କୌଣସି ସମାଧାନର ବାଟ ବାହାରି ପାରିନାହିଁ। ଫଳରେ ଗୁରୁବାର ମଧ୍ୟ ଆନ୍ଦୋଳନ ଜାରି ରହିବା ନେଇ ଆଶଙ୍କା ଦେଖାଦେଇଛି। ସଂଘର ଏହି ଆନ୍ଦୋଳନକୁ ସୁବର୍ଣ୍ଣପୁର ଜିଲା କଂଟ୍ରାକ୍ଟର ସଂଘ ମଧ୍ୟ ସମର୍ଥନ ଜଣାଇଥିବା ବେଳେ ଉକ୍ତ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ପହଞ୍ଚି କିଛି ସମୟ ପାଇଁ ଧାରଣାରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ସଂଘ କର୍ମକର୍ତ୍ତାମାନେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ସକ୍ଷାତ କରିଥିବା ବେଳେ ସେ ଗୁରୁବାର ବିଭାଗୀୟ ସିସିଙ୍କୁ ଏଠାକୁ ଡାକି ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜିଲା ଠିକାଦାର ସଂଘ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପଦବୀ ଖାଲି ପଡିଥିବାରୁ ଜିଲାର ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଦାବି ପୂରଣ ହୋଇ ନ ଥିବାରୁ ଗତ ସୋମବାରଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି। ଇଂ. ସୁଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ତୃତୀୟ ଦିବସରେ ମଧ୍ୟ ସଂଘ ବହୁ ସଦସ୍ୟ ଓ କର୍ମକର୍ତ୍ତା ଦେବଗଡ଼ ପୂର୍ତ୍ତ ବିଭାଜନ (ରାସ୍ତା ଓ ସୌଧ) କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପାକଇବା ସହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

## ବିଶ୍ୱଶାନ୍ତି ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



ନାମଯଜ୍ଞ ଉଦ୍‌ଯାପନୀରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

**କୋଲାବିରା,୫।୩(ଚିନ୍ମୟ କୁମାର ବହିଦାର)**

ଝାରସୁଗୁଡ଼ା ଜିଲା କୋଲାବିରା ତେଲେଙ୍ଗାପଡା ଯାତ୍ରା ମଣ୍ଡପଠାରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ କୋଲାବିରା ଗୌରଭକ୍ତ ବୃନ୍ଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ କର୍ତ୍ତା ଭାବେ ଭାସ୍କର ସମର୍ଥା ଓ ସ୍ତ୍ରୀ ତିଲୋତ୍ମା ସମର୍ଥା ତେଲେଙ୍ଗାପଡା ଗୌରଭକ୍ତ ବୃନ୍ଦଙ୍କ ନେତୃତ୍ୱ ତଥା ଆଖପାଖ ଅଞ୍ଚଳର ଶତାଧିକା ମହିଳା ସ୍ଥାନୀୟ ତେଲେନ ନଦୀରୁ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ବୁଧବାର ଅପରାହ୍ନରେ ନାମସମାପନ, ନଗରଭ୍ରମଣ, ଦଧିଭାଣ୍ଡ ଭଞ୍ଜନ, ଯମୁନା ସ୍ନାନ, ମହାପ୍ରସାଦ ସେବନ ଓ ଭକ୍ତମହନ୍ତ ବିଦାୟ ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ପଡାର ମହିଳାମାନଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ସଭାପତି ଚୌକାନ୍ତି ସାହୁ, ସୁସ୍ମିତା କୁମୁରା, ପଙ୍କଜିନି ସମର୍ଥା, କୁମାରୀ ମାଝି ଓ ସଭ୍ୟାସଭ୍ୟମାନେ ପରିଚାଳନାରେ ଅଂଶଗ୍ରହଣ କରିଥିଲେ। ଛଡ ବୈଷ୍ଣବ ଭାବେ ଶିବ କୁମୁରା, ଶଙ୍କର ମରାଇ, ଢୁଲି ସାହୁ, ଶୁସାନ୍ତ ଧୁରୁଆ, ଆନନ୍ଦ ପଧାନ ପ୍ରମୁଖଙ୍କ ସମେତ ଗୌରବୃନ୍ଦ ଉପସ୍ଥିତ ରହିଥିଲେ। ଏହି ଅବସରରେ ପୂଜକ କ୍ଷୀରୋଦ ପୂଜାରୀ ମୁଖ୍ୟ ମୁଜକ କାର୍ଯ୍ୟନିର୍ବାହ କରିଥିବା ବେଳେ ଆଲୋକ ମହାପାତ୍ର ସହଯୋଗ କରିଥିଲେ। ରେଙ୍ଗାଲବେଡା, ରାଜାମୁଣ୍ଡା, କୁଳିତା ସମାସିଂହା-୧, ତରେଇକେଲା, କେଶଇବାହାଲ, ଖୁନଂଟାମାଲ ଏବଂ କୁଳିତା ସମାସିଂହା-୨ରୁ ଆସିଥିବା କିର୍ତ୍ତନ ଦଳ ନାମସଂକିର୍ତ୍ତନ ପରିବେଷଣ କରିଥିଲେ।

## ଟ୍ରାକ୍ଟର ଋଣ କରି ସର୍ବସ୍ୱାନ୍ତ ହେଲେ ପରିବାର

**ଝାରସୁଗୁଡ଼ା,୫।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବେଲପାହାଡ ପୌର ପରିଷଦ ୮ ନମ୍ବର ୱାର୍ଡର ସନ୍ତୋଷ ବେରିହାଙ୍କ ବଡ଼ପୁଅ ଗୌତମ ବେରିହା ଚାଷ ପାଇଁ ବ୍ୟାଙ୍କରୁ ଋଣ କରି ଟ୍ରାକ୍ଟର କିଣିଥିଲେ। ହେଲେ ଟ୍ରାକ୍ଟର ଚୋରି ହେବାରୁ ଋଣ ସୁଝି ପାରିଲେନି। ଏହାପରେ ବ୍ୟାଙ୍କ ପକ୍ଷରୁ ନୋଟିସ ଦେଇ ଘର ଶିଲ୍ କରାଯିବା ସହ ନିଲାମ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ବ୍ୟାଙ୍କ ଘର ଶିଲ୍ କରିବାରୁ ୧ ମାସରୁ ଊର୍ଦ୍ଧ୍ୱ ହେବ ଜରି ତଳେ ଗଛମୂଳେ ରହୁଛନ୍ତି ୯ପ୍ରାଣୀ କୁଟୁମ୍ବ।

ସୂଚନା ଅନୁଯାୟୀ, ବେଲପାହାଡ଼ ପୌର ପରିଷଦ ୮ନଂ. ୱାର୍ଡରେ ରହୁଥିବା ସନ୍ତୋଷ ବେରିହାଙ୍କ ବଡ଼ ପୁଅ ଗୌତମ ଚାଷ ପାଇଁ ୨୦୦୭ରେ ବେଲପାହାଡ଼ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖାରୁ ଏକ ଟ୍ରାକ୍ଟର ଋଣ କରିଥିଲେ। ଏହି ଟ୍ରାକ୍ଟର ଚାଷ କାର୍ଯ୍ୟରେ ନିୟୋଜିତ କରି ପରିବାର ପ୍ରତିପୋଷଣ କରିବା ସହ ଋଣ ଟଙ୍କା ମଧ୍ୟ ଧୀରେ ଧୀରେ ଶୁଝୁଥିଲେ। ହେଲେ ୨୦୧୨ରେ ଟ୍ରାକ୍ଟର ଚୋରି ହେବା ପରେ ରୋଜଗାର ହରାଇବା ସହ ଋଣ ଟଙ୍କା ମଧ୍ୟ ପରିଶୋଧ କରି ପାରିଲେ ନାହିଁ ଗୌତମ। ଟ୍ରାକ୍ଟର ଚୋରି ନେଇ ଗୌତମ ଥାନାରେ ଅଭିଯୋଗ କରିଥିଲେ ବି ଆଉ ଟ୍ରାକ୍ଟର ଫେରି ପାଇ ନ ଥିଲେ। ଫଳରେ ଟ୍ରାକ୍ଟର କିଣିବା ପାଇଁ ନେଇଥିବା ୪ ଲକ୍ଷ ୯୭ ହଜାର ଟଙ୍କା ଏବେ ସୁଧସହ ୪୬ ଲକ୍ଷ ୪୦ ହଜାର ୫୪୮ ଟଙ୍କାରେ ପହଞ୍ଚିଛି। ଏହା ପରିଶୋଧ କରିପାରିନାହାନ୍ତି ଗୌତମ। ଗୌତମ ଋଣ ଟଙ୍କା ପରିଶୋଧ କରି ନ ପାରିବାରୁ ବ୍ୟାଙ୍କ ପକ୍ଷରୁ ଗତ ଜାନୁୟାରୀ ୨୧ରେ ସନ୍ତୋଷ ବେରିହାଙ୍କ ୯ ଡେସିମିଲ ଜମିରେ ଥିବା ସମସ୍ତ ଘରକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଶିଲ୍ କରି ଏହାକୁ ଆଗାମୀ ମାର୍ଚ୍ଚ ୧୨ ତାରିଖରେ ଇ ନିଲାମ କରିବା ପାଇଁ ଇସ୍ତିହାର ଜାରି କରିଛି। ବ୍ୟାଙ୍କ ଗତ ଜାନୁୟାରୀ ୨୧ରେ ସନ୍ତୋଷଙ୍କ ଘରେ ତାଲା ପକାଇବା ପରେ ୯ ପ୍ରାଣୀ କୁଟୁମ୍ବ ଏବେ ଗଛ ତଳେ ଜାରି ମୂଳେ ରହୁଛନ୍ତି। ଘର ଆସବାବପତ୍ର ସବୁ ସାମଗ୍ରୀ ଖୋଲା ଆକାଶ ତଳେ ଏଣେତେଣେ ପଡିରହିଛି। ସନ୍ତୋଷଙ୍କ ଏହି ୯ ଡେସିମିଲ ପୈତୃକ ଜାଗାରେ ତାଙ୍କ ୨ପୁଅ ଏବଂ ଜଣେ ଡିଭୋର୍ସି ଝିଅ ରୁହନ୍ତି। ଝିଅଙ୍କୁ ସ୍ୱାମୀ ଛାଡି ଦେବା ପରେ ସନ୍ତୋଷ କିଛି ଜାଗା ନିଜ ଝିଅ ମମତାଙ୍କୁ ଦେଇଥିଲେ। ମମତାଙ୍କ ସମସ୍ତ କାଗଜପତ୍ର ଦାଖଲ ପରେ ଏହି ସ୍ଥାନରେ ପ୍ରଧାନମନ୍ତ୍ରୀ ଆବାସ ଘର ପାଇଥିଲେ। ଆବାସ ଘର ନିର୍ମାଣ ହେବା ପରେ ପ୍ରାୟ ୬ ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ରହି ଆସୁଥିଲେ। ହେଲେ ବ୍ୟାଙ୍କ ପକ୍ଷରୁ ସନ୍ତୋଷଙ୍କ ଏହି ୯ ଡେସିମିଲ ପୈତୃକ ଜମିକୁ ଶିଲ୍ କରିବା ସହ ମମତାଙ୍କ ପ୍ରଧାନମନ୍ତ୍ରୀ ଆବାସ ଘର ମଧ୍ୟ ଶିଲ୍ କରିଛି ବ୍ୟାଙ୍କ। ଫଳରେ କୌଣସି ଉପାୟ ନ ପାଇ ଜରି ତଳେ ରହୁଛନ୍ତି ମାମତା। ବ୍ୟାଙ୍କ ପକ୍ଷରୁ ଘର ଶିଲ୍ କରାଯିବା ପରେ ବୃଦ୍ଧ ସନ୍ତୋଷ ତାଙ୍କ ବୃଦ୍ଧା ସ୍ତ୍ରୀ ୨ପୁଅ ବୋହୁ, ଝିଅ ଏବେ ନିରାଶ୍ରୟ ହୋଇପଡିଛନ୍ତି। ଚାଷ କରିବା ପାଇଁ ଟ୍ରାକ୍ଟର କିଣିବାକୁ ନେଇଥିବା ୪ ଲକ୍ଷ ୯୭ ହଜାର ଋଣ ଟଙ୍କା ଏବେ ୪୬ ଲକ୍ଷରେ ପହଞ୍ଚି ଯାଇଥିବାରୁ କେମିତି ପରିଶୋଧ କରିବେ ଏବଂ ପୁଣି ନିଜ ଘର ଫେରି ପାଇବେ ସେ ଚିନ୍ତାରେ ଅଛନ୍ତି ପରିବାରବର୍ଗ।



ତାରପୋଲିନ ତଳେ ବେରିହା ପରିବାର।

- ଟ୍ରାକ୍ଟର ଚୋରି ପରେ ଋଣ ଶୁଝିଁ ପାରିଲେନି
- ଘର ସିଲ କରିଛି ବ୍ୟାଙ୍କ, ତାରପୋଲିନ ତଳେ ପରିବାର

## ସଂକ୍ଷେପରେ

### ଉଦନ୍ତୀ ମହୋତ୍ସବ ପାଇଁ କମିଟି ଗଠିତ

**ସିନାପାଲି,୫ା୩ (ମନଫୁଲ ମେହେର):** ନୂଆପଡ଼ା ଜିଲା ସିନାପାଲି ମାଟିର କଳା, ସାହିତ୍ୟ, ପରମ୍ପରାକୁ ନେଇ ପାଳିତ ହୋଇଆସୁଥିବା ଉଦନ୍ତୀ ମହୋତ୍ସବ ୨୦୨୫ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ସିନାପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନୀଳମଣି ମେହେରଙ୍କ ଅଧ୍ୟକ୍ଷତାରେ ମହୋତ୍ସବ କମିଟି ଗଠନ କରାଯିବା ସହ ମାର୍ଚ୍ଚ ଶେଷ ସୁଦ୍ଧା ମହୋତ୍ସବ ପାଳନ କରିବାକୁ ସ୍ଥିର କରାଯାଇଛି । କମିଟି ସଭାପତି ଭାବରେ ବୈଷ୍ଣବ ମେହେର, ଉପସଭାପତି ଅଜିତ ଜୋଷୀ, ତ୍ରିନାଥ ମେହେର, ରଜନୀ ମାଝୀ, ସମ୍ପାଦକ ପ୍ରିୟରଞ୍ଜନ ମେହେର, ସହସମ୍ପାଦକ ବଂଶୀଧର ଜଗତ, ମନୋରଞ୍ଜନ ମେହେର, ସୁରଜ ମେହେର ଓ କୋଷାଧ୍ୟକ୍ଷ ଭାବରେ ଦିବ୍ୟରଞ୍ଜନ ନାଏକଙ୍କୁ ସର୍ବସମ୍ମତିରେ ମନୋନୀତ କରାଯାଇଛି । ସେହିଭଳି କମିଟି ଉପଦେଷ୍ଟା ଭାବରେ ସାଂସଦ ମାଳବିକା ଦେବୀ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସହ ବୈଶମ୍ପାୟନ ମେହେର, ନୀଳମଣି ମେହେର, ଡମ୍ବରୁଧର ମେହେର, ଲିଙ୍ଗରାଜ ଘିଭେଲା, ତୁଳସୀରାମ ମେହେର, ରବୀନ୍ଦ୍ରନାଥ ଜୋଷୀ, ସୁବ୍ରତ ଠାକୁର, ନରହରି ମେହେର ପ୍ରମୁଖ ରହିଛନ୍ତି । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଥାନାଧିକାରୀ ରଶ୍ମିତା ପ୍ରଧାନ, ତରୁଣ କୁମାର ମେହେର, ମନୀଷ ପଟେଲ, ଶିବପ୍ରସାଦ ମେହେର, ଲଳିତ ମୋହନ ମାଝୀ, ଆଲୋକ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

### ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା

**ଖଡ଼ିଆଲ,୫ା୩(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଏକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପଣ୍ଡା ସମାଜରେ ଦେଖାଯାଉଥିବା ସମସ୍ୟା, ସାଇବର ଅପରାଧ, ଠକେଇ ସମ୍ପର୍କରେ ସୂଚନା ଦେବା ସହ ନୂତନ ଆଇନର ବ୍ୟବହାରିକ ଦିଗ ସମ୍ପର୍କରେ ଅବଗତ କରାଇଥିଲେ। ଖଡ଼ିଆଲ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଓ ଅନ୍ୟମାନେ ଛାତ୍ରୀଛାତ୍ରଙ୍କୁ ମୋବାଇଲର ଠିକ୍ ଉପଯୋଗିତା ସମ୍ପର୍କରେ ସଚେତନ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂ ଆପରାଧିକ ଆଇନର ଗୁରୁତ୍ୱ ବିଷୟରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ର କଲ୍ୟାଣ ଅଧିକାରୀ ଅଧାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାୟ ୧୦୦ରୁ ଅଧିକ ଛାତ୍ରୀଛାତ୍ରୀ ଯୋଗଦେଇ ଆଇନଶୃଙ୍ଖଳା ରକ୍ଷା ଦିଗରେ ଜ୍ଞାନ ଆହରଣ କରିଥିଲେ।

### ଏସ୍ଏସ୍ଡି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଥୁଆମୂଳ ରାମପୁର,୫ା୩ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଅନ୍ତର୍ଗତ କାଠକୁରାସ୍ଥିତ ଏସ୍ଏସ୍ଡି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଡମ୍ବରୁଧର ଗଡତିଆଙ୍କ ଅଧ୍ୟକ୍ଷତାରେ ଥୁଆମୂଳ ରାମପୁର ପଞ୍ଚାୟତ ସରପଞ୍ଚ ବିଜୟା ମାଝୀ ମୁଖ୍ୟ ଅତିଥି, ଗୋପାଳପୁର ସରକାରୀ ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ନାୟକ ମୁଖ୍ୟବକ୍ତା ଓ ଗୋପାଳପୁର ଯୁକ୍ତ ୨ ବିଜ୍ଞାନ କଲେଜ ଅତିରିକ୍ତ ଅଧ୍ୟକ୍ଷ ମହେନ୍ଦ୍ର ବିଶ୍ୱାଳ, ଡୁମେରପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ, ଗୋପାଳପୁର ସରକାରୀ ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଜଗଦୀଶ ଶବର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଗଡତିଆ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠକରି ବିଦ୍ୟାଳୟର ଶ୍ରେଣୀଗୃହ ମରାମତି, ନୂତନ ଶ୍ରେଣୀଗୃହର ନିର୍ମାଣ, ଛାତ୍ରୀମାନଙ୍କ ସକାଶେ ସ୍ୱତନ୍ତ୍ର ଶୌଚାଳୟ, ହଷ୍ଟେଲ ଗୃହ ଓ ଶିକ୍ଷକଙ୍କ ରହଣି ନିମନ୍ତେ ଗୃହ ନିର୍ମାଣ ପାଇଁ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଧନବଳ ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ତାପସ ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକଙ୍କ ନିକଟତର ହେବାକୁ ଚାହୁଁଛି ଭାଜପା ସରକାର

**ଖବରଦାତା ସମ୍ମିଳନୀରେ କହିଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ**



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ମନ୍ତ୍ରୀ।

**ଭବାନୀପାଟଣା,୫ା୩(ଉତ୍ତମ କୁମାର ଦାଶ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ୨୦୨୫-୨୬ବର୍ଷ ପାଇଁ ୨ଲକ୍ଷ ୯୦ହଜାର କୋଟି ଆର୍ଥିକ ବଜେଟ ଉପସ୍ଥାପନା କରାଯାଇଛି। ଏହା ଓଡ଼ିଶାର ସାଧାରଣ ଲୋକଙ୍କ ବଜେଟ। ଭାଜପା ସରକାର ଲୋକଙ୍କ ନିକଟତର ହେବାକୁ ଚାହୁଁଛି ବୋଲି ବୁଧବାର ଭବାନୀପାଟଣା ସର୍କିଟ ହାଉସରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ଏହି ବଜେଟରେ ଚାଷୀ, ମହିଳା, ଯୁବବର୍ଗ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଓ ଜଳସେଚନ, ନଗର ଉନ୍ନୟନ, ପୁଞ୍ଜି ନିବେଶ, ଶିଳ୍ପାୟନ, ଭିତ୍ତିଭୂମି ଭଳି ସମସ୍ତ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି। ରାଜ୍ୟର ୫୮ଟି ସବ୍‌ଡିଭିଜନରେ ୬୦କୋଟି ବ୍ୟୟରେ ଶୀତଳଭଣ୍ଡାର ନିର୍ମାଣ କରାଯିବ। ଏଥିରେ କଳାହାଣ୍ଡି ଜିଲାର ଭବାନୀପାଟଣା ଓ ଧର୍ମଗଡ ସବ୍‌ଡିଭିଜନରେ ଗୋଟିଏ ଲେଖାଏ ଶୀତଳ ଭଣ୍ଡାର ନିର୍ମାଣ କରାଯିବ। ସେହିପରି ସୁଭଦ୍ରା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୯୮ଲକ୍ଷ ମହିଳା ଉପକୃତ ହୋଇଥିବାବେଳେ ଆସନ୍ତା ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ପୁଣି ୨ଲକ୍ଷ ମହିଳାଙ୍କୁ ସଂଯୋଗ କରାଯିବ। ଏହିସବୁ ଯୋଜନା କିଭଳି ଠିକ୍ ଭାବେ ରୂପାୟନ ହୋଇପାରିବ ଓ ଏହାଦ୍ୱାରା ସାଧାରଣ ଲୋକେ କିଭଳି ଫାଇଦା ପାଇପାରିବେ ସେ ଉପରେ ଆମେ ଯତ୍ନବାନ ଅଛୁ ବୋଲି ମନ୍ତ୍ରୀ ଖୁଣ୍ଟିଆ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଲୋକ ସଭା ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜିଲା ସଭାପତି ଯୁଗଳ କିଶୋର ପୋଢ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର ପ୍ରମୁଖ ଯୋଗଦେଇଥିଲେ। ଜିଲା ଉପସଭାପତି ପ୍ରଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ।

## ଭାଜପାରେ ଯୋଗଦେଲେ ୧୦ ସରପଞ୍ଚ, ସମିତିସଭ୍ୟ

**ଗୋଲାମୁଣ୍ଡା,୫ା୩(ବଟକୃଷ୍ଣ ପଣ୍ଡା):** ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକର ବିଜେଡି ସମର୍ଥିତ ୧୦ ସରପଞ୍ଚ ଓ ସମିତିସଭ୍ୟ ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ଭବାନୀପାଟଣାସ୍ଥିତ ଟାଉନହଲଠାରେ ଆୟୋଜିତ ମିଶ୍ରଣ ପର୍ବରେ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଲୋକ ସଭା ସାଂସଦ ମାଳବିକା ଦେବୀ, ରାଜ୍ୟ ସଭା ସାଂସଦ ସୁଜିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ରେଙ୍ଗସାପାଲି ସରପଞ୍ଚ ରଜନୀ ବୁଢ଼ିଆ, ବଡ଼ଚେରଗାଁ ସରପଞ୍ଚ ମୀରା ମଞ୍ଜରୀ ସା, ଉଛଲା ସରପଞ୍ଚ ପୂର୍ଣ୍ଣିମା ଶବର, ଧାମନପୁର ସରପଞ୍ଚ ଦିଗମ୍ବର ତାଣ୍ଡି, ଉଦେଶୃଙ୍ଗ ସରପଞ୍ଚ ନାରାୟଣ ଅଘରିଆ, ସିନାପାଲି ଗ୍ରା.ପ. ସମିତିସଭ୍ୟ ଲୋଚନ ସାହୁ, ଟିଁଆ ଗ୍ରା.ପ. ସମିତିସଭ୍ୟ ସନ୍ତୋଷ ପୁଟେଲ, ଚପରିଆ ଗ୍ରା.ପ. ସମିତି ସଭ୍ୟ ଦେବକୀ ଖୁରା, ଫଟଙ୍ଗ ଗ୍ରା.ପ. ସମିତିସଭ୍ୟ ଅପର୍ଣ୍ଣା ବାରିକ, ରେଙ୍ଗସାପାଲି ଗ୍ରା.ପ. ସମିତିସଭ୍ୟ ସଂଗୀତା ଜାନି ଭାଜପାରେ ଯୋଗଦେଇଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**କର୍ଲାମୁଣ୍ଡା,୫ା୩ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସାପଲହରା ପଞ୍ଚାୟତ କଣ୍ଡରେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଲିମାଚାର୍ଯ୍ୟ ସାହୁଙ୍କ ସଭାପତିତ୍ୱରେ ନର୍ଲା ବିଧାୟିକା ମନୋରମା ମହାନ୍ତି ମୁଖ୍ୟ ଅତିଥି ଓ ପ୍ରଧାନ ଶିକ୍ଷକ ଅରୁଣ କୁମାର ପଧାନ, କର୍ଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କର୍ଲାମୁଣ୍ଡା ଖ ଜୋନ୍ ଜିଲା ପରିଷଦ ସଭ୍ୟ ସୁରେଶ ଚୈଧୁରୀ, ସାପଲହରା ସରପଞ୍ଚ ରାଜେଶ୍ୱରୀ ସେନାପତି, ସିଆର୍‌ସିସି ପ୍ରଭାବ ରଞ୍ଜନ ବନଛୋର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନ ଶିକ୍ଷକ ମେଘନାଦ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କେସିଙ୍ଗା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର କୁମାର ଦୋରା ଓ ପୂର୍ବତନ ସମ୍ପାଦକ କୁଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ।

# ନୂତନ ଆପରାଧିକ ଆଇନ ସଚେତନତା କାର୍ଯ୍ୟକ୍ରମ

**ବେହେରା,୫ା୩(ଭୂପେଶ ତିୱାରୀ)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୋଲିସ ଅଧିକାରୀ।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରା ଗ୍ରାମ ପଞ୍ଚାୟତ ପରିସରରେ କୋକସରା ପୋଲିସ ଦ୍ୱାରା ନୂତନ ଆପରାଧିକ ଆଇନ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସଂସଦ ତିନୋଟି ଐତିହାସିକ ଆଇନ ଯଥା ଭାରତୀୟ ଦଣ୍ଡବିଧି ସଂହିତା ୧୮୬୦, କ୍ରିମିନାଲ ପ୍ରୋସିଜର କୋଡ୍ ୧୯୭୩ ଏବଂ ଭାରତୀୟ ପ୍ରମାଣ ଆଇନ ୧୮୭୨କୁ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଓ ଭାରତୀୟ ସାକ୍ଷ୍ୟ ସଂହିତା ୨୦୨୩ ସହିତ ବଦଳାଇ ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ଏକ ପରିବର୍ତ୍ତନମୂଳକ ପଦକ୍ଷେପ ଆରମ୍ଭ କରିଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଏକ ଆପରାଧିକ ନ୍ୟାୟ ବ୍ୟବସ୍ଥା ସୃଷ୍ଟି କରିବା ଯାହା କେବଳ ନାଗରିକଙ୍କ ଅଧିକାରକୁ ସୁରକ୍ଷିତ କରେ ନାହିଁ ବରଂ ଆଇନ ବ୍ୟବସ୍ଥାକୁ ବଜାୟ ରଖେ ବୋଲି ପୋଲିସ ଅଧିକାରୀମାନେ ଲୋକଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମ କୋକସରା ଥାନା ଆଇଆଇସି ସ୍ନିଗ୍ଧାରାଣୀ ସୁନାଙ୍କ ଅଧ୍ୟକ୍ଷତାରେ ଏସ୍ଆଇ ହେମନ୍ତ ପାତ୍ର, ହାବିଲଦାର ପୂର୍ଣ୍ଣ ନାଏକ, ଏଏସ୍ଆଇ ମନୋରଞ୍ଜନ ଆଚାର୍ଯ୍ୟ ପରିଚାଳନା କରିଥିଲେ। ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବଳରାମ ପୂଜାରୀ ସମେତ ଅଞ୍ଚଳର ସାମାଜିକ କର୍ମୀ, ବିଭିନ୍ନ ସାମାଜିକ ସଙ୍ଗଠନ, ମହିଳା ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଖେଳଣା ତିଆରି କର୍ମଶାଳା

**ନୂଆପଡ଼ା,୫ା୩ (ମକାରୁ ବେମାଲ)**

ନୂଆପଡ଼ା କ୍ଲଷ୍ଟର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭେରା କାଳାଠାରେ ଖେଳଣା ତିଆରି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନମିତା ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିତେନ୍ଦ୍ର କୁମାର ଖମାରୀ ମୁଖ୍ୟଅତିଥି, ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ମିଶ୍ର, ସାମାଜିକ କର୍ମୀ ଶୋଭନ ଲାଲ ସାହୁ, ଭୁକୁରାମ ପଟେଲ, ମନୋହର ମାଝି, କୁନ୍ତି ସାହୁ, ସ୍ୱପିଳ ଯାଦବ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ପ୍ରାଥମିକ ବିଭାଗରେ ୧୮ ଓ ଉଚ୍ଚ ପ୍ରାଥମିକ ବିଭାଗରେ ୧୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପର୍ଯ୍ୟବେକ୍ଷକମାନେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ୩ ଜଣ ଲେଖାଏ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବରେ ଚୟନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ମାନପତ୍ର ସହ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଘନଶ୍ୟାମ ଯାଦବ ମଞ୍ଚ ପରିଚାଳନା ଓ ଶିକ୍ଷୟିତ୍ରୀ ସାଜିଦା ରହମାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂତନ ତହସିଲଦାରଙ୍କୁ ସମସ୍ୟା ଜଣାଇଲା ସଚେତନ ନାଗରିକ ମଞ୍ଚ

**କୋକସରା,୫ା୩(ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରାରେ ନୂତନ ତହସିଲଦାର ଭାବେ କ୍ଷୀରୋଦ ବିହାରୀ ଭାରତ ନାଗ ଗତ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ମଙ୍ଗଳବାର କୋକସରା ବ୍ଲକ୍ ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତା ତହସିଲଦାରଙ୍କୁ ସ୍ୱାଗତ ଜଣାଇବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କୋକସରା ସଦର ମହକୁମାରେ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ପୂର୍ବ ସରକାରଙ୍କ ପକ୍ଷରୁ ଅନୁଦାନ ମିଳିଥିବା ବେଳେ ଜାଗା ଜବରଦଖଲ ସମସ୍ୟା ଥିବାରୁ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। କୋକସରାରେ ଆଦର୍ଶ ଶ୍ମଶାନ ପାଇଁ ଅନୁଦାନ ଆସିଥିବା ବେଳେ ତାହା ନିର୍ମାଣ ହୋଇପାରୁନାହିଁ। ମିନି ଷ୍ଟାଡିୟମ ନିର୍ମାଣ ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ଜାଗାକୁ ପରିବର୍ତ୍ତନକରି କୋକସରା ଗ୍ରାମ ନିକଟରେ ଦେବାକୁ ଆଲୋଚନା କରିଥିଲେ। ତହସିଲଦାର ନାଗ ଏହିସବୁ କାର୍ଯ୍ୟ ସମ୍ପାଦନ ଦିଗରେ ବିଭାଗ ଉଚିତ ପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶ୍ରୀନିବାସ ପ୍ରଧାନୀ, ତ୍ରିଭୁବନ ନାଏକ, ଭାଜପା ନେତା ପ୍ରମୋଦ କୁମାର ପ୍ରଧାନୀ, ଲକ୍ଷ୍ମୀନାରାୟଣ ପ୍ରଧାନୀ, ଯୁବ ସଙ୍ଗଠକ ମହେଶ ଗୁପ୍ତା, ସ୍ପୋର୍ଟସ୍ କ୍ଲବ ସମ୍ପାଦକ କ୍ଷୀରସିନ୍ଧୁ ନେଗି, ସାମ୍ବାଦିକ ସନତ କୁମାର ପ୍ରଧାନୀ, ଦୁଷ୍ମନ୍ତ ପାଟଯୋଷୀ, କିଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ



ଜୟନ୍ତୀ ସମାରୋହରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

**ଭବାନୀପାଟଣା,୫ା୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଭବାନୀପାଟଣା ହସ୍ପିଟାଲ ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରିଥିଲେ। ବିଜୁ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସମାରୋହରେ ନେତୃବୃନ୍ଦ ବିଜୁ ବାବୁଙ୍କ ସ୍ମୃତିଚାରଣ କରିବା ସହ ପଞ୍ଚାୟତିରାଜ ଦିବସ ପାଳନ କରି ନ ଥିବାରୁ ଭାଜପା ସରକାରକୁ ସମାଲୋଚନା କରିଥିଲେ। ଜିଲା ବିଜେଡି ମହାସଚିବ ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ଜାକୀର ହୁସେନ, ଭାରପ୍ରାପ୍ତ ପୋରାଧକ୍ଷ ବିଷ୍ଣୁ ପ୍ରଧାନ, ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର, ସାରଦା ପ୍ରସନ୍ନ ସ୍ୱାଇଁ, ପୂର୍ବତନ ପୋରାଧକ୍ଷା ସଂଯୁକ୍ତା ବେହେରା, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ଧର୍ମେନ୍ଦ୍ର ନାଏକ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ମନିନ୍ଦ୍ର ମହାନ୍ତି, ଜିଲା ପରିଷଦ ସଦସ୍ୟ ଦୟାନିଧି ନାଏକ, କାଉନସିଲର କ୍ଷୀରସିନ୍ଧୁ ନାଏକ, ଶିବା ସାହୁ, ଜୟଶ୍ରୀ ଅଗ୍ରୱାଲ, ରଞ୍ଜୁକ୍ତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ବିଜୁବାବୁଙ୍କ ଜୟନ୍ତୀ

**ଲାଞ୍ଜିଗଡ଼,୫ା୩(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ବ୍ଲକ୍ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜୟନ୍ତୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ହିମାଦ୍ରୀ ପେସନିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ବ୍ଲକ୍ ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ଜୋନ୍-୧ ଜିଲା ପରିଷଦ ସଦସ୍ୟା ଅଞ୍ଜଳି ମାଝୀ, ଜୋନ୍-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ସୁଜାତା ଘଡ଼େଇ, ବରିଷ୍ଠ ନେତା ହରିଶଙ୍କର ବୁଢ଼ିଆ, ଜିଲା ବିଜେଡି ସାଧାରଣ ସମ୍ପାଦକ ପାତ୍ର ମାଝୀ, ବ୍ଲକ୍ ବିଜେଡି ଏସ୍‌ସି ସେଲ୍ ସଭାପତି ବୈଦ୍ୟନାଥ ନାଏକ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ସମିତି ସଭ୍ୟ ସଂଘ ସଭାପତି ଜଗଦୀଶ ବେନିଆଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭତରା ସମାଜ ପକ୍ଷରୁ ଭୈରବ ଦେବଙ୍କ ବାର୍ଷିକ ଉତ୍ସବ


ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**କୋକସରା,୫ା୩ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ଶିଉନି ଗ୍ରାମ ଭୈରବ ଦେବ ମନ୍ଦିର ପରିସରରେ ଭତରା ସମାଜ ପକ୍ଷରୁ ଇଷ୍ଟଦେବ ଭୈରବଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ହିମାଞ୍ଚଳ ପୂଜାରୀଙ୍କ ଘରୁ ଜୁଗାର ଆସିବା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ସମାଜର ପତାକା ଉତ୍ତୋଳନ କରାଯାଇଥିଲା। ଜିଲା ସଭାପତି କୈଳାଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ନାଟ୍ୟଗୁରୁ ବନମାଳୀ ମାଝୀ, ସମ୍ମାନିତ ଅତିଥି ଭାବେ ଗୋପିଚନ ନାଏକ, କ୍ଷୀରୋଦ ମାଝୀ, ପୂର୍ବତନ ଜିଲା ସଭାପତି ନୀଳକଣ୍ଠ ମାଝୀ, ଗରୁଡ଼ଧ୍ୱଜ ମାଝୀ, ରଣସାଏ ପାତ୍ର, ସୁଧୀର କୁମାର ପାତ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଭାବେ ନିର୍ମାଣ ହୋଇଥିବା ଭୈରବ ଭବନକୁ ଅତିଥିମାନେ ଉଦଘାଟନ କରିଥିଲେ। ଜିଲା ଭତରା ସମାଜ ସମ୍ପାଦକ ରତୁରାଜ ମାଝୀ ଓ ସୁଧୀର ଧଙ୍ଗଡାମାଝୀ ମଞ୍ଚ ପରିଚାଳନା କରିଥିଲେ।

## ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

**ନୂଆପଡ଼ା,୫ା୩ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଭରୁଆମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ଅରୁଣ ବିଶ୍ୱାଳ ମୁଖ୍ୟଅତିଥି, ଗୋପାଳ ବେଶ୍ରା, ଜିତେନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରିଥିଲା। ବନ୍ୟଜନ୍ତୁ ଦେଖିଲେ ସହଯୋଗ କରିବା, ସେମାନଙ୍କ ରହିବା ଓ ଖାଇବା ପାଇଁ ଆବଶ୍ୟକ ଫଳ ଗଛ ରୋପଣ କରିବା ସହ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଅତିଥିମାନେ ସଚେତନତା ବାର୍ତ୍ତା ଦେଇଥିଲେ। ସେହିପରି ଗୃହ ନିର୍ମାଣ ଓ ଜାଳେଣି କାଠ ଅଭାବ ଯୋଗୁ ଲୋକେ ଜଙ୍ଗଲ କାଟି ସଫା କରୁଛନ୍ତି। ଜଙ୍ଗଲ ନ କାଟି ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଲୋକଙ୍କୁ ସଚେତନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।


ସଚେତନତା ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ର।

# ରାଜ୍ୟ ସଭା ସଦସ୍ୟଙ୍କ ଦ୍ୱାରା ୨ ଆମ୍ବୁଲାନ୍ସ ଲୋକାର୍ପିତ

**ଲାଞ୍ଜିଗଡ଼,୫ା୩(ରମେଶ ଚନ୍ଦ୍ର ନାୟକ)**



ଆମ୍ବୁଲାନ୍ସ ଲୋକାର୍ପଣ କରୁଛନ୍ତି ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର।

କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କ ପ୍ରଦତ୍ତ ପାଣ୍ଠିରୁ ଦୁଇଗୋଟି ଆମ୍ବୁଲାନ୍ସର ଲୋକାର୍ପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାଂସଦ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରୁ ଗୋଟିଏ ଆମ୍ବୁଲାନ୍ସ ଲାଞ୍ଜିଗଡ଼ ବ୍ଲକ୍ ଓ ଅନ୍ୟଟି କେସିଙ୍ଗା ବ୍ଲକ୍‌ର ଜନସାଧାରଣଙ୍କୁ ସେବା ଯୋଗାଇବ। କାର୍ଯ୍ୟକ୍ରମରେ ସାଂସଦଙ୍କ ସହିତ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ଯୋଜନା ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ୨୦୨୧-୨୨ ଆର୍ଥିକ ବର୍ଷରେ ସାଂସଦ କୁମାର ଦୁଇଟି ଆମ୍ବୁଲାନ୍ସ ପାଇଁ ନିଜ ପାଣ୍ଠିରୁ ୧୮ ଲକ୍ଷ ଟଙ୍କା ମଞ୍ଜୁର କରିଥିବାବେଳେ ବିଭିନ୍ନ ଆଳ ଦେଖାଇ ସ୍ୱାସ୍ଥ୍ୟ ବିଭାଗ ଅର୍ଥରାଶିକୁ ପକାଇ ରଖିଥିଲା। ଏପରି ସମୟରେ ଗତ ନଭେମ୍ବରରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ନାବାଳିକା ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିବା ଓ ଆମ୍ବୁଲାନ୍ସ ଅଭାବରୁ ବାଇକ୍‌ରେ ମୃତଦେହ ବୁହାହେବା ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରି କି ଲାଞ୍ଜିଗଡ଼ ପ୍ରେସ୍ କ୍ଲବ ନେତୃତ୍ୱରେ ବ୍ଲକ୍ ସାମ୍ବାଦିକ ସମୂହ ଖର୍ଚ୍ଚ ନ ହୋଇ ପଡ଼ିରହିଥିବା ସାଂସଦ ପାଣ୍ଠି ବିନିଯୋଗ କରି ଆମ୍ବୁଲାନ୍ସ କିଣା ନ ଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହାପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସାମ୍ବାଦିକ ସମୂହ ଓ ସାଂସଦ ପ୍ରତିନିଧିଙ୍କ ଉପସ୍ଥିତିରେ ଗତ ନଭେମ୍ବରରେ ସ୍ୱାସ୍ଥ୍ୟ ବିଭାଗ ଏକ ବୈଠକ ଡକାଇ ଆଲୋଚନା କରିଥିଲା। ବୈଠକର ନିଷ୍ପତ୍ତି ପରେ ଆମ୍ବୁଲାନ୍ସ କିଣାଯାଇ ଲୋକାର୍ପିତ କରାଯାଇଛି।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୬/୨୦୨୫ Bhubaneswar, Thursday, March 6/ 2025

# ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ

## ରବୀନ୍ଦ୍ର, ୱିଲିୟମସନଙ୍କ ଶତକ

- ଆଇସିସି ଚାମ୍ପିୟନ୍ସ ଟ୍ରଫି ଇତିହାସରେ ସର୍ବାଧିକ ସ୍କୋର
- ଦକ୍ଷିଣ ଆଫ୍ରିକାକୁ ୫୦ ରନ୍‌ରେ ହରାଇଲା ନ୍ୟୁଜିଲାଣ୍ଡ

ଲାହୋର, ୫।୩

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ବୁଧବାର ଗଦାଫି ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ୫୦ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ମଙ୍ଗଳବାର ପ୍ରଥମ ସେମିଫାଇନାଲରେ ଭାରତ ୪ ଉଇକେଟରେ ଅଷ୍ଟ୍ରେଲିଆକୁ ହରାଇଥିଲା। ରାଚିନ ରବୀନ୍ଦ୍ର ଓ କେନ୍ ୱିଲିୟମସନଙ୍କ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ୫୦ ଓଭରରେ ୬ ଉଇକେଟ ହରାଇ ୩୬୨ ରନ କରିଥିଲା। ଚାମ୍ପିୟନ୍ସ ଟ୍ରଫି ଇତିହାସରେ ଏହାଥିଲା ସର୍ବାଧିକ ଦଳଗତ ସ୍କୋର। ଜବାବରେ ଡେଭିଡ ମିଲରଙ୍କ ଲଢୁଆ ଅପରାଜିତ ଶତକ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୯ ଉଇକେଟ ହରାଇ ୩୧୨ ରନ କରିବାକୁ ସକ୍ଷମ ହୋଇଥିଲା। ଶେଷ ବଲ୍‌ରେ ଶତକ ପୂରଣ କରିଥିବା ମିଲର ୬୭ ବଲ୍‌ରୁ ୧୦ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୧୦୦ ରନ କରିଥିଲେ। ତାଙ୍କ ସହ ରସି ଭାନ୍ ଡର୍ ଡୁସେନ ୬୯, ଅଧିନାୟକ ଟେମ୍ବା ବଭୁମା ୫୬ ଓ ଏଡେନ ମାରକ୍ରମ ୩୧ ରନ କରିଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ ସାଣ୍ଟନର ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଏଥି ସହ ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ମୁକାବିଲା ଶେଷ ହୋଇଛି। ଆସନ୍ତା ୯ ତାରିଖରେ ଫାଇନାଲ ଦୁବାଇରେ ଅନୁଷ୍ଠିତ ହେବ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର। ଦଳ ଭଲ ଆରମ୍ଭ କରିଥିଲେ ହେଁ ୱିଲ୍ ୟଙ୍ଗ୍ ୨୧ ରନକରି ଆଉଟ ହେବାରୁ ୪୮ ରନରେ ପ୍ରଥମ ଉଇକେଟର ପତନ ଘଟିଥିଲା। ତେବେ ରାଚିନ ରବୀନ୍ଦ୍ର ଓ କେନ୍ ୱିଲିୟମସନ ଦ୍ୱିତୀୟ ଉଇକେଟରେ ୧୬୪ ରନର ଭାଗୀଦାରି ଗଢ଼ି ଦଳକୁ ବଡ଼ ସ୍କୋର ଦିଗରେ ଆଗେଇ ନେଇଥିଲେ। ଏହି ଅବସରରେ ରବୀନ୍ଦ୍ର ୫ମ ଦିନିକିଆ ଶତକ ହାସଲ କରିଥିଲେ। ସେ ୧୦୧ଟି ବଲ୍‌ର ସମ୍ମୁଖୀନ ହୋଇ ୧୩ ଚୌକା ଓ ୧ ଛକା ସହାୟତାରେ ୧୦୮ ରନ କରିଥିଲେ। ଅଭିଜ୍ଞ ୱିଲିୟମସନ ମଧ୍ୟ ପଛରେ ପଡ଼ି ନ ଥିଲେ। ସେ ଦିନିକିଆରେ ୧୫ତମ ଶତକ ହାସଲ କରିବା ସହ ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ୯୪ଟି ବଲ୍‌ର ସାମ୍ନାକରି ସେ ୧୦ ଚୌକା ଓ ୨ ଛକା ସହ ୧୦୨ ରନ ସ୍କୋର କରିଥିଲେ। ପରେ ଡାରିଲ ମିଚେଲ ୩୭ ବଲ୍‌ରୁ ୪୯ ଏବଂ ଗ୍ଲେନ୍ ଫିଲିପ୍ସ ୨୭ ବଲ୍‌ରୁ ୪୯ ରନରେ ଅପରାଜିତ ରହିବାରୁ ନ୍ୟୁଜିଲାଣ୍ଡ ରେକର୍ଡ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ୪୦ ଓଭର ବେଳକୁ ନ୍ୟୁଜିଲାଣ୍ଡ ୨୫୦ ରନରେ ଥିବାବେଳେ ଶେଷ ୧୦ ଓଭରରେ ୧୧୨ ରନ ସଂଗ୍ରହ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁଙ୍ଗି ଏନଗିଡ ୩ଟି, କାଗିସୋ ରାବାଡ଼ା ୨ଟି ଏବଂ ୱିଆନ ମୁଲଡର ଗୋଟିଏ ଉଇକେଟ ନେଇଥିଲେ। ଦିନିକିଆ କ୍ରିକେଟ ଇତିହାସରେ କେବଳ ଦକ୍ଷିଣ ଆଫ୍ରିକା ଏହା ପୂର୍ବରୁ ୨ ଥର ଏହାଠାରୁ ଅଧିକ ରନ ଚେଜ୍ କରିଥିଲା। ମାତ୍ର ଏଥର ଦଳ ବିଫଳ ହୋଇ ସେମିଫାଇନାଲରୁ ବିଦାୟ ନେଇଛି।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୫୦ ଓଭରରେ ୩୬୨/୬ (ରାଚିନ ରବୀନ୍ଦ୍ର-୧୦୮, କେନ୍ ୱିଲିୟମସନ-୧୦୨, ଡାରିଲ ମିଚେଲ-୪୯, ଗ୍ଲେନ୍ ଫିଲିପ୍ସ-୪୯, ଲୁଙ୍ଗି ଏନ୍‌ଗିଡ-୩/୭୨, କାଗିସୋ ରାବାଡ଼ା-୨/୭୦, ୱିଆନ ମୁଲଡର-୧/୪୮)। ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୧୨/୯ (ଡେଭିଡ ମିଲର-୧୦୦*, ରସି ଭାନ୍ ଡର୍ ଡୁସେନ-୬୯, ଟେମ୍ବା ବଭୁମା-୫୬, ମିଚେଲ ସାଣ୍ଟନର-୩/୪୩, ଗ୍ଲେନ ଫିଲିପ୍ସ-୨/୨୭, ମ୍ୟାଟ୍ ହେନରି-୨/୪୩, ମିଚେଲ ବ୍ରାସୱେଲ-୧/୫୩, ରାଚିନ ରବୀନ୍ଦ୍ର-୧/୨୦)।





ଶତକ ହାସଲ ପରେ କେନ୍ ୱିଲିୟମସନ ଓ ରାଚିନ ରବୀନ୍ଦ୍ର ।

### ଚାମ୍ପିୟନ୍ସ ଟ୍ରଫିଃ ପ୍ରଥମ ଇନିଂସରେ ସର୍ବାଧିକ ସ୍କୋର

୩୬୨/୬: ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା, ଲାହୋର, ୨୦୨୫ ସେମିଫାଇନାଲ
୩୫୧/୮: ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ, ଲାହୋର, ୨୦୨୫ (ପରାଜିତ)
୩୪୭/୭: ନ୍ୟୁଜିଲାଣ୍ଡ ବନାମ ଆମେରିକା, ଓଭାଲ, ୨୦୧୭
୩୩୮/୪: ପାକିସ୍ତାନ ବନାମ ଭାରତ, ଓଭାଲ, ୨୦୧୭ ଫାଇନାଲ
୩୩୧/୭: ଭାରତ ବନାମ ଦକ୍ଷିଣ ଆଫ୍ରିକା, କାର୍ଡିଫ, ୨୦୧୩

### ଆଇସିସି ଦିନିକିଆ ନକ୍‌ଆଉଟରେ ସର୍ବାଧିକ ସ୍କୋର

୩୯୭/୪: ଭାରତ ବନାମ ନ୍ୟୁଜିଲାଣ୍ଡ, ମୁମ୍ବାଇ, ୨୦୨୩ ବିଶ୍ୱକପ ସେମିଫାଇନାଲ
୩୯୩/୬: ନ୍ୟୁଜିଲାଣ୍ଡ ବନାମ ୱେଷ୍ଟଇଣ୍ଡିଜ, ୱେଲିଂଟନ, ୨୦୧୫ ବିଶ୍ୱକପ କ୍ୱାର୍ଟର ଫାଇନାଲ
୩୬୨/୬: ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା, ଲାହୋର, ୨୦୨୫ ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲ
୩୫୯/୨: ଅଷ୍ଟ୍ରେଲିଆ ବନାମ ଭାରତ, ଜୋହାନ୍ସବର୍ଗ, ୨୦୦୩ ବିଶ୍ୱକପ ଫାଇନାଲ
୩୩୮/୪: ପାକିସ୍ତାନ ବନାମ ଭାରତ, ଓଭାଲ, ୨୦୧୭ ଫାଇନାଲ

# ଟାଉନ୍ କ୍ଲବ ସେମିଫାଇନାଲରେ

## ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ

ଭୁବନେଶ୍ୱର, ୫।୩ (ତପନ ସ୍ୱାଇଁ)

ଆୟୋଜକ ଟାଉନ୍ କ୍ଲବ ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚରେ ଏହି ଦଳ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ୧ ଉଇକେଟରେ ହରାଇ ଦେଇଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଗୁରୁବାର ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ ଓ ସହିଦ ସ୍ପୋର୍ଟିଂ ଏବଂ ଶୁକ୍ରବାର ଦ୍ୱିତୀୟ ସେମିରେ ଟାଉନ୍ କ୍ଲବ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ। ମୁକ୍ତେଶ୍ୱର ପ୍ରଥମେ ବ୍ୟାଟିଂ କରି ୩୩.୪ ଓଭରରେ ୧୭୨ ରନରେ ସମସ୍ତ ଉଇକେଟ ହରାଇଥିଲା। ବିସ୍ମୟ ରାଉତ ସର୍ବାଧିକ ୪୦, ତନୟ ବିଶ୍ୱାଳ ୩୭ ଓ ବି. ଶିବା ୩୩ ରନ କରିଥିଲେ। ବିପକ୍ଷ ଦଳର ବାଦଲ ଭୋଳ ୪ଟି ଓ ରାଜେଶ ବାରିକ ୨ଟି ଉଇକେଟ ନେଇଥିଲେ। ୧୭୩ ରନର ବିଜୟ ଲକ୍ଷ୍ୟକୁ ଟାଉନ୍ କ୍ଲବ ୩୪.୪ ଓଭରରେ ୯ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଧିନାୟକ ବିଶାଲ କର ୫୯ ଓ ରାକେଶ ବାରିକ ୩୬ ରନରେ ଅପରାଜିତ ରହି ଦଳକୁ ରୋମାଞ୍ଚକ ବିଜୟ ଦେଇଥିଲେ। ବରିଷ୍ଠ ଭାଜପା ନେତ୍ରୀ ତୃପ୍ତିମୟୀ ମକଦମ ଅତିଥିଭାବେ ଯୋଗଦେଇ ବିଶାଲ କରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ଟିଟି ତାରକା ଶରଥଙ୍କ ଅବସର ସୂଚନା

ଚେନ୍ନାଇ, ୫।୩(ପି.ଟି.)

ଭାରତର ଟେବୁଲ ଟେନିସ (ଟିଟି) କିମ୍ବଦନ୍ତୀ ଏ ଶରଥ କମଲ ଅବସର ଘୋଷଣା କରିଛନ୍ତି। ଆସନ୍ତା ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଚେନ୍ନାଇରେ ହେବାକୁ ଥିବା ଡବ୍ଲ୍ୟୁଟିଟି (ବିଶ୍ୱ ଟେବୁଲ ଟେନିସ)ରେ ଅନ୍ତିମ ଥର ପାଇଁ ଖେଳିବା ପରେ ପେସାଦାର ଟେବୁଲ ଟେନିସରୁ ଅବସର ନେବେ ବୋଲି ସେ ପ୍ରକାଶ କରିଛନ୍ତି। ଶରଥ ୫ ଥର ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବା ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୭ ସ୍ୱର୍ଣ୍ଣ ସହିତ ୩ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ଏସିଆନ ଗେମ୍ସରେ ଦୁଇଟି ବ୍ରୋଞ୍ଜ ପଦକ ତାଙ୍କ ନାମରେ ରହିଛି। ଗତ ବର୍ଷ ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ ଶରଥଙ୍କୁ ଭାରତର ପତାକା ବହନ କରିବାର ସମ୍ମାନ ମିଳିଥିଲା। ଅବଶ୍ୟ, ଫଳାଫଳ ତାଙ୍କ ସପକ୍ଷରେ ଯାଇ ନ ଥିଲା, କିନ୍ତୁ ସେ ୪୨ ବର୍ଷ ବୟସରେ ବି ଭାରତ ପାଇଁ ସର୍ବୋଚ୍ଚ ର୍ୟାଙ୍କିଂ ପ୍ରାପ୍ତ ଖେଳାଳି ହୋଇ ରହିଛନ୍ତି। ଦୀର୍ଘ ୨୨ ବର୍ଷ ହେଲା ଖେଳୁଥିବା କମଲ ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ନଂ-୪୨ରେ ଅଛନ୍ତି।

ମୁଁ ଟେବୁଲ ଟେନିସକୁ ସମ୍ପୂର୍ଣ୍ଣ ଛାଡୁଥିବା କହୁ ନାହିଁ। କିନ୍ତୁ ନିଶ୍ଚିତ ଭାବେ ବଡ଼ ଟେବୁଲରେ ବଡ଼ ସଂଖ୍ୟାରେ ଦର୍ଶକଙ୍କ ଆଗରେ ଆଉ ଖେଳିବି ନାହିଁ। ମୋ ର୍ୟାକେଟକୁ ବିଶ୍ରାମ ଦେବାର ସମୟ ଆସିଯାଇଛି। ଏହି ଖେଳ ମୋତେ ଦେଇଥିବା ଆନନ୍ଦ, ଶିକ୍ଷା, ଯନ୍ତ୍ରଣା ଓ ଏତେ ଲୋକଙ୍କ ଭଲପାଇବା ପାଇଁ ମୁଁ କୃତଜ୍ଞ। ମୁଁ ଚେନ୍ନାଇରେ ମୋର ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳିଥିଲି ଏବଂ ମୋର ଅନ୍ତିମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ମଧ୍ୟ ଚେନ୍ନାଇରେ ଖେଳିବି। ଜଣେ ପେସାଦାର ଆଥଲେଟ ଭାବେ ଏହା ମୋର ଅନ୍ତିମ ଟୁର୍ନାମେଣ୍ଟ ହେବ। ମୋ ପାଖରେ ରାଜ୍ୟଗୋଷ୍ଠୀ ଓ ଏସିଆନ ଗେମ୍ସ ପଦକ ରହିଛି। କେବଳ ଅଲିମ୍ପିକ ପଦକ ମୁଁ କ୍ୟାରିୟରରେ ଜିତି ପାରି ନାହିଁ। ମୁଁ ଆଶା କରୁଛି, ମୋର ସେହି ସ୍ୱପ୍ନକୁ ଆମ ଦେଶର ଯୁବ ପ୍ରତିଭା ପୂରଣ କରିବେ ବୋଲି ଶରଥ କହିଛନ୍ତି। ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ, ପଦ୍ମଶ୍ରୀ ଓ ଅର୍ଜୁନ ପୁରସ୍କାର ଭଳି ସମ୍ମାନ ମିଳିଛି। ଶରଥ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ (ଆଇଟିଟିଏଫ) ଆଥ୍‌ଲେଟଙ୍କ କମିଶନରେ ନିର୍ବାଚିତ ହୋଇଥିଲେ। ସେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ଆଥ୍‌ଲେଟ ସଂସ୍ଥାର ଅଂଶ ମଧ୍ୟ ଅଛନ୍ତି। ଭବିଷ୍ୟତରେ ସେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଆଥ୍‌ଲେଟଙ୍କ କମିଶନରେ ବସିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ଛଡ଼ା ସେ ଭାରତୀୟ ଟେବୁଲ ଟେନିସ ଫେଡେରେଶନ (ଟିଟିଏଫଆଇ)ର ଜଣେ ପ୍ରଶାସକ ଭାବେ କାର୍ଯ୍ୟ କରିବାକୁ ଚାହୁଁଛନ୍ତି। କିନ୍ତୁ ତାଙ୍କ ଅବସରରେ ଟେବୁଲ ଟେନିସ କୋର୍ଟରେ ଏକ ବଡ଼ ଖାଲି ସ୍ଥାନ ସୃଷ୍ଟି କରିଛି।




## ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍ସ
# ନଂ-୪ରେ କୋହଲି

**ନୂଆଦିଲ୍ଲୀ,୫।୩:** ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏ ନେଇ ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ଦର୍ଶାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ୮୪ ରନର ଦର୍ଶନୀୟ ଇନିଂସ ଖେଳିଥିବା କୋହଲିଙ୍କ ରେଟିଂ ପଏଣ୍ଟ ୭୪୭ରେ ପହଞ୍ଚିଛି। ଭଲ ଫର୍ମରେ ଥିବା କୋହଲି ଚଳିତ ଟୁର୍ନାମେଣ୍ଟରେ ୭୨.୩୩ ଆଭରେଜରେ ଏକ ଶତକ ଓ ଏକ ଅର୍ଦ୍ଧଶତକ ସହ ୨୧୭ ରନ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଦଳର ଯୁବ ଓପନର ଶୁବମନ ଗିଲ ୭୯୧ ରେଟିଂ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ଦିନିକିଆ ଅଲରାଉଣ୍ଡରଙ୍କ ର୍ୟାଙ୍କିଙ୍ଗ୍‌ରେ ଆଫଗାନିସ୍ତାନର ଆଜମାତୁଲା ଓମାରଜାଇ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସେ ନିଜ ଦେଶର ମହମ୍ମଦ ନବିଙ୍କୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇଛନ୍ତି।

# ଜାମଶେଦପୁରକୁ ହରାଇଲା ଓଏଫ୍‌ସି

**ଭୁବନେଶ୍ୱର, ୫।୩ (ତପନ ସ୍ୱାଇଁ):** ଓଡ଼ିଶା ଏଫ୍‌ସି ବିଜୟ ସହ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ନିଜର ଲିଗ୍ ପର୍ଯ୍ୟାୟ ଶେଷ କରିଛି। ତେବେ ଦଳ ପ୍ଲେ-ଅଫ୍‌କୁ ଯୋଗ୍ୟତା ହାସଲ କରିବ କି ନାହିଁ ତାହା ମୁମ୍ବାଇ ସିଟି ଏଫ୍‌ସିର ପରବର୍ତ୍ତୀ ୨ଟି ମ୍ୟାଚ ଫଳାଫଳ ଉପରେ ନିର୍ଭର କରିବ। ଜାମଶେଦପୁରର ଜେଆରଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ୩-୨ ଗୋଲରେ ଜାମଶେଦପୁର ଏଫ୍‌ସିକୁ ପରାସ୍ତ କରିଛି। ଦଳ ପକ୍ଷରୁ ଡୋରିଏଲଟନ ଗୋମ୍ସ ୨୧ତମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିବାବେଳେ ହ୍ୟୁଗୋ ବୌମସ ୩୭ ଓ ୫୩ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ। ଜାମଶେଦପୁର ପକ୍ଷରୁ ଜୋର୍ଡାନ ଡେଭିଡ ମୁରେ ୮୪ ଓ ଷ୍ଟିଫେ୍ ଇଜେ ୯୦+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଓଡ଼ିଶା ଏଫ୍‌ସି ୨୪ଟି ଯାକ ମ୍ୟାଚ ଖେଳି ସାରିଥିବାବେଳେ ୮ ବିଜୟ, ୯ ଡ୍ର ଓ ୭ ପରାଜୟ ସହ ୩୩ ପଏଣ୍ଟ ପାଇ ଟେବୁଲର ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ଦଳର ଗୋଲ ବ୍ୟବଧାନ +୭ ରହିଛି। ମୁମ୍ବାଇ ସିଟି ଏଫ୍‌ସି ୨୨ ମ୍ୟାଚରୁ ୩୩ ପଏଣ୍ଟ ପାଇଛି। ଯଦି ଏହି ଦଳ ପରବର୍ତ୍ତୀ ୨ଟି ଯାକ ମ୍ୟାଚ ହାରେ ତେବେ ଓଡ଼ିଶା ଏଫ୍‌ସି ପାଇଁ ପ୍ଲେ-ଅଫ୍ ସୁଯୋଗ ସୃଷ୍ଟି ହେବ।

# ଦୃଷ୍ଟିବାଧିତ ମହିଳା ତୀରନ୍ଦାଜୀ ଲୋଗୋ ଉନ୍ମୋଚିତ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଲୋଗୋ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୫।୩ (ତପନ ସ୍ୱାଇଁ)

ଚଳିତବର୍ଷ ଅନ୍ତର୍ଜାତୀୟ ମହିଳା ଦିବସରେ ଦୃଷ୍ଟିବାଧିତ ମହିଳା ତୀରନ୍ଦାଜୀ ପ୍ରତିଯୋଗିତା ପୋଖରୀପୁଟସ୍ଥିତ ଭାରତ ସରକାରଙ୍କ ନିଯୁକ୍ତି ମହାନିର୍ଦ୍ଦେଶାଳୟ ପରିସରରେ ଆୟୋଜନ ହେବ। ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଭାରତ ସରକାରଙ୍କ ନିଯୁକ୍ତି ମହାନିର୍ଦ୍ଦେଶାଳୟ ଏବଂ ସାମାଜିକ ଅନୁଷ୍ଠାନ 'ବୁଲସ୍‌ଆଇ'ର ମିଳିତ ଆନୁକୂଲ୍ୟରେ ଏହାକୁ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରତିଯୋଗିତାର ଲୋଗୋକୁ ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିଜ ସରକାରୀ ବାସଭବନରେ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିବା ସହ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଲୋଗୋର ନିମ୍ନ ଭାଗରେ ଇଂରାଜୀ ଭାଷାରେ ଫୋକସ ଅନ୍ ଆବିଲିଟି, ନଟ୍ ଡିସାବିଲିଟିର ଏକ ପ୍ରେରଣାଦାୟୀ ଟ୍ୟାଗ୍ ଲାଇନ୍ ରହିଛି । ଉନ୍ମୋଚନ କାର୍ଯ୍ୟକ୍ରମରେ 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ଉପଦେଷ୍ଟା ରଶ୍ମୀ ରଞ୍ଜନ ସାହୁ, ଶିବାନୀ ଶଶୀକାନ୍ତା ମହାନ୍ତି ଏବଂ କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫୦ରୁ ଉର୍ଦ୍ଧ୍ୱ ଖେଳାଳି ଏହି ତୀରନ୍ଦାଜୀ ପ୍ରତିଯୋଗିତାରେ ଭାଗନେବା ପାଇଁ ଇତି ମଧ୍ୟରେ ନାମ ପଞ୍ଜୀକରଣ କରିଥିବା ଜଣାପଡିଛି।

# ଭାରତ ପୂର୍ବ ଅପେକ୍ଷା ଅଧିକ ସ୍ୱର୍ଣ୍ଣ ଜିତିବ: ମାଣ୍ଡଭିୟ

## ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ୱିଣ୍ଟର ଗେମ୍ସ

ନୂଆଦିଲ୍ଲୀ, ୫।୩ (ପି.ଟି.)

ଆସନ୍ତା ୭ରୁ ୧୭ ତାରିଖ ପର୍ଯ୍ୟନ୍ତ ଇଟାଲୀର ତୁରିନଠାରେ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ୱିଣ୍ଟର ଗେମ୍ସ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଭାରତ ପୂର୍ବ ଅପେକ୍ଷା ଅଧିକ ସ୍ୱର୍ଣ୍ଣ ପଦକ ଜିତିବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ବୁଧବାର ଆଶାବ୍ୟକ୍ତ କରିଛନ୍ତି। ଏହି ୱିଣ୍ଟର ଗେମ୍ସ ପାଇଁ ୩୦ ସ୍ୱତନ୍ତ୍ର ଆଥ୍‌ଲେଟଙ୍କ ସହିତ ଭାରତ ୪୯ ଜଣିଆ ଦଳ ପଠାଉଛି। ଅନ୍ତିମ ଥର ୨୦୧୭ରେ ୱିଣ୍ଟର ଗେମ୍ସ ହୋଇଥିଲା ଏବଂ ଏଥିରେ ଭାରତ ୩୭ ସ୍ୱର୍ଣ୍ଣ ସମେତ ମୋଟ ୭୩ ପଦକ ଜିତିଥିଲା। ଏହି ପ୍ରତିଯୋଗିତାରେ ଆଥଲେଟମାନେ ଆଲପାଇନ ସ୍କିଂ, କ୍ରସ-କଣ୍ଟ୍ରୀ-ସ୍କିଂ, ଫ୍ଲୋରବଲ, ଶର୍ଟ ସ୍ପିଡ ସ୍କେଟିଂ, ସ୍ନୋ ବୋର୍ଡିଂ, ସ୍ନୋ ଶୁଇଙ୍ଗ ଆଦି ୬ଟି ଇଭେଣ୍ଟରେ ଭାଗ ନେବେ।

ମୁଁ ଆଥ୍‌ଲେଟଙ୍କ ମଧ୍ୟରେ ଅହେତୁକ ଉତ୍ସାହ ଦେଖିପାରୁଛି। ଗତ ସ୍ପେଶାଲ ୱାର୍ଲ୍ଡ ୱିଣ୍ଟର ଗେମ୍ସରେ ଭାରତ ୩୭ ସ୍ୱର୍ଣ୍ଣ ପଦକ ଜିତିଥିଲା। ମୁଁ ନିଶ୍ଚିତ ଯେ, ଆମେ ଏଥର ଆହୁରି ଭଲ ପ୍ରଦର୍ଶନ କରିବୁ। ମୁଁ ସତରେ ଏହି ଆଥଲେଟଙ୍କ ବାପା-ମା'ଙ୍କୁ ଏବଂ ସେମାନଙ୍କୁ ଏଠାରେ ପହଞ୍ଚାଇବାରେ ସାହାଯ୍ୟ କରିଥିବା ସ୍ପେଶାଲ ଅଲିମ୍ପିକ୍ସ ଭାରତକୁ ସାଲ୍ୟୁଟ କରୁଛି। ଏହି ଆଥ୍‌ଲେଟମାନେ ଆମ ପାଇଁ ଖୁବ ସ୍ୱତନ୍ତ୍ର। କାରଣ ସେମାନେ ଯାହା କରୁଛନ୍ତି, ତାହା ସମସ୍ତେ କରିପାରିବେ ନାହିଁ। ତୁମେମାନେ ପୂରା ଦେଶ ପାଇଁ ପ୍ରେରଣା ବୋଲି ଧ୍ୟାନ ଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ଆୟୋଜିତ ବିଦାୟୀ କାର୍ଯ୍ୟକ୍ରମରେ ମାଣ୍ଡଭିୟ କହିଛନ୍ତି। ଦଳରେ ସ୍ଥାନ ପାଇଥିବା ଆଥଲେଟଙ୍କୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ଦେଶର ବିଭିନ୍ନ ସହରରେ ୧୧ ଜାତୀୟ କୋଚିଂ କ୍ୟାମ୍ପ ଯୋଗାଇ ଦିଆଯାଇଥିଲା। ଏଥିସହିତ ସାଇ ପକ୍ଷରୁ ଟ୍ରେନିଂ ଓ ପ୍ରତିଯୋଗିତା ଲାଗି ସରଞ୍ଜାମ ମଧ୍ୟ ଯୋଗାଇ ଦିଆଯାଇଛି। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଫ୍ଲାଇଟ, ବୋର୍ଡିଂ ଓ ଲଜିଂ ଲାଗି ଅର୍ଥ ମଞ୍ଜୁର କରାଯାଇଛି।


ଆଥଲେଟ୍ ଓ ଅଫିସିଆଲମାନେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ଓ ଅନ୍ୟ ଅତିଥିଙ୍କ ଗହଣରେ।

# ଦିନିକିଆରୁ ସ୍ମିଥଙ୍କ ଅବସର

ଦୁବାଇ, ୫।୩(ପି.ଟି.)

ଅଷ୍ଟ୍ରେଲିଆର କାମଚଳା ଅଧିନାୟକ ଷ୍ଟିଭ ସ୍ମିଥ ବୁଧବାର ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଚାମ୍ପିୟନ୍ସ ଟ୍ରଫିର ସେମିଫାଇନାଲରେ ଭାରତଠାରୁ ୪ ଉଇକେଟରେ ଅଷ୍ଟ୍ରେଲିଆ ପରାଜିତ ହେବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଅଷ୍ଟ୍ରେଲିଆର ଏହି ତାରକା ବ୍ୟାଟର ଅନ୍ତର୍ଜାତୀୟ ଟେଷ୍ଟ ଓ ଟି୨୦ କ୍ରିକେଟରେ ଖେଳିବା ଜାରି ରଖିବେ। ପାଟ କମିନ୍ସଙ୍କ ଅନୁପସ୍ଥିତିରେ ବିଶ୍ୱ ଚାମ୍ପିୟନ ଦଳର ନେତୃତ୍ୱ ନେଉଥିବା ୩୫ ବର୍ଷୀୟ ସ୍ମିଥ ମ୍ୟାଚ ପରେ ଦଳୀୟ ଖେଳାଳିଙ୍କୁ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଜଣାଇଥିଲେ।

ଏହା ମୋ ପାଇଁ ଏକ ଖୁବ ଭଲ ଅଭିଯାନ ଥିଲା ଏବଂ ଏହି ଅଭିଯାନର ପ୍ରତିଟି ମୁହୂର୍ତ୍ତ ମୋର ପସନ୍ଦ। ଏଥିରେ ଅନେକ ସ୍ମରଣୀୟ ମୁହୂର୍ତ୍ତ ରହିଛି। ଦୁଇଟି ବିଶ୍ୱକପ୍ ଜିତିବା ସହ ଅନେକ ଚମତ୍କାର ସାଥୀ ଖେଳାଳି ଏହି ଅଭିଯାନର ଅଂଶ ଥିଲେ। ୨୦୨୭ ବିଶ୍ୱକପ ଲାଗି ପ୍ରସ୍ତୁତି କରିବା ପାଇଁ ଆମକୁ ବର୍ତ୍ତମାନ ଭଲ ସୁଯୋଗ ମିଳିଛି। ଏଣୁ ବାଟ ଛାଡ଼ିବା ଲାଗି ଏହା ଉଚିତ ସମୟ ବୋଲି ସ୍ମିଥ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କହିଛନ୍ତି। ୨୦୧୫ ଓ ୨୦୨୩ ଦିନିକିଆ ବିଶ୍ୱକପ୍ ଚାମ୍ପିୟନ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ସ୍ମିଥ ୨୦୧୫ ଓ ୨୦୨୧ରେ ଶ୍ରେଷ୍ଠ ଦିନିକିଆ ଖେଳାଳି ପୁରସ୍କାର ପାଇଥିଲେ। ୨୦୧୫ ବିଶ୍ୱକପ ପରେ ଦିନିକିଆ ଦଳର ନେତୃତ୍ୱ ନେଇଥିଲେ ଏବଂ କ୍ୟାରିୟରର ଅନ୍ତିମ ମ୍ୟାଚରେ ମଧ୍ୟ ନେତୃତ୍ୱ ଭାର ସମ୍ଭାଳି ଥିଲେ।


ଷ୍ଟିଭ ସ୍ମିଥ

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ